# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ପୃଷ୍ଠା–୮+୮

ଭୁବନେଶ୍ୱର, ରବିବାର, ନଭେମ୍ବର ୧୬/୨୦୨୫ (୮+୮= ୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 16/2025 | Page 16 | ₹ 7.00

୫୧ଶ ଭାଗ ୩୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 350 | ମୂଲ୍ୟ₹୭/-






Celebrating
60
Years of
Anokha Swad
DIAMOND JUBILEE
KAMLA PASAND®
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ରବିବାର, ନଭେମ୍ବର ୧୬/୨୦୨୫ Bhubaneswar, Sunday, November 16/2025




**ଜାଡ଼େଜାଙ୍କ ପ୍ରଭାବୀ ବୋଲିଂ**
ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ପ୍ରଭାବୀ ବୋଲିଂ କରି ୪ଉଇକେଟ ହାସଲ କରିଛନ୍ତି ଭାରତର ରବୀନ୍ଦ୍ର ଜାଡ଼େଜା।
୦୬

୦୨
**ବିବାହ ବାର୍ଷିକୀରେ ବାପା ହେଲେ ରାଜକୁମାର**
ଅଭିନେତା ରାଜକୁମାର ରାଓ ଏବଂ ସ୍ତ୍ରୀ ପତ୍ରଲେଖାଙ୍କ ବିବାହ ବାର୍ଷିକୀରେ ସେମାନେ ମାତାପିତା ହୋଇଛନ୍ତି। ପତ୍ରଲେଖା ଏକ କନ୍ୟାସନ୍ତାନ ଜନ୍ମ ଦେଇଛନ୍ତି।





ପାରାଦୀପରେ ତଟ ସୁରକ୍ଷା ବାହିନୀ ପକ୍ଷରୁ ଶନିବାର ସାମୁଦ୍ରିକ ସନ୍ଧାନ ଅଭ୍ୟାସ।

# ଓଡ଼ିଶାର ସବୁ ବନ୍ଦରରେ ରହିବ କୋଷ୍ଟଗାର୍ଡ ବର୍ଥ

- ଗୋପାଳପୁରରେ ମୁତୟନ ହେବ କୋଷ୍ଟଗାର୍ଡ ଶିପ୍
- ପାରାଦୀପରେ ଶିପ୍ ସଂଖ୍ୟା ବଢ଼ିବ
- ଧାମରା ବନ୍ଦରରେ ରହିବ ଡ୍ରୋନ୍ ୟୁନିଟ୍

ପାରାଦୀପ ୧୫।୧୧
(ଶରତ ରାଉତ)

ସାମ୍ପ୍ରତିକ ଭୂ-ରାଜନୈତିକ ଓ ସାମରିକ ଘଟଣାକ୍ରମକୁ ଦେଖିଲେ ଉପକୂଳ ଅଞ୍ଚଳ ଓ ବନ୍ଦରଗୁଡ଼ିକର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଏହାକୁ ହୃଦୟଙ୍ଗମ କରାଯାଇ ଓଡ଼ିଶା ସମେତ ପୂର୍ବ ଭାରତର ଉପକୂଳ ନିରାପତ୍ତା ନିମନ୍ତେ କେତେକ ବର୍ଦ୍ଧିତ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବାକୁ ତଟ ସୁରକ୍ଷା ବାହିନୀ(କୋଷ୍ଟଗାର୍ଡ) ପକ୍ଷରୁ ଯୋଜନା କରାଯାଇଛି। ତଦନୁଯାୟୀ ଓଡ଼ିଶାର ସବୁ ବନ୍ଦରରେ କୋଷ୍ଟଗାର୍ଡ ବର୍ଥ ସହିତ ପାଟ୍ରୋଲିଂ ଜାହାଜ ରହିବ। ଗୋପାଳପୁର ବନ୍ଦରରେ ମୁତୟନ ହେବ କୋଷ୍ଟ ଗାର୍ଡ ଶିପ୍। ସେହିପରି ପାରାଦୀପ ବନ୍ଦରରେ କୋଷ୍ଟଗାର୍ଡ ଶିପ୍ ସଂଖ୍ୟା ବଢ଼ାଯିବ। ଧାମରା ବନ୍ଦରରେ ଏକ ଡ୍ରୋନ୍ ୟୁନିଟ୍ ରହିବ। ଏନେଇ କୋଷ୍ଟଗାର୍ଡ କମାଣ୍ଡାଣ୍ଟ ଇକବାଲ ସିଂହ ଚୌହ୍ୱାନ ଶନିବାର ପାରାଦୀପରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମ ପରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ସବୁ ପ୍ରକଳ୍ପ ଓ ସୁରକ୍ଷା ସମ୍ପର୍କରେ କମାଣ୍ଡାଣ୍ଟ ଚୌହ୍ୱାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଆଲୋଚନା କରିଥିବା ଜଣାପଡିଛି।

ପାରାଦୀପରେ କୋଷ୍ଟଗାର୍ଡ ଆଞ୍ଚଳିକ ମୁଖ୍ୟାଳୟ (ଉତ୍ତର-ପୂର୍ବ) ଏବଂ କମାଣ୍ଡର ତଟ ସୁରକ୍ଷା ବାହିନୀ (ଓଡ଼ିଶା) ଦ୍ୱାରା ସମନ୍ୱିତ ଆଞ୍ଚଳିକ ସ୍ତରୀୟ ସାମୁଦ୍ରିକ ସନ୍ଧାନ ଏବଂ ଉଦ୍ଧାର କର୍ମଶାଳା ସମେତ ସମୁଦ୍ର ଅଭ୍ୟାସ ଶନିବାର କରାଯାଇଥିଲା। ଏଥିରେ ଅଂଶୀଦାର ଏବଂ ଓଡ଼ିଶାର ସମ୍ବଳ ସଂସ୍ଥା ଯଥା ଓସ୍‌ଡମା, ଜିଲା ପ୍ରଶାସନ, ବନ୍ଦର, କଷ୍ଟମ୍ସ, ଭାରତୀୟ ନୌସେନା, ସାମୁଦ୍ରିକ ପୋଲିସ, ଓଡ଼ିଶା ☞ପୃଷ୍ଠା-୨

# ନୌଗାମ୍ ଥାନାରେ ଫୁଟିଲା ଜବତ ବିସ୍ଫୋରକ: ୯ ମୃତ



- ୩୨ ଆହତ, ବଢ଼ିପାରେ ମୃତ୍ୟୁସଂଖ୍ୟା
- ଫରିଦାବାଦରୁ ମିଳିଥିଲା ୩୬୦ କେ.ଜି. ଆମୋନିୟମ୍ ନାଇଟ୍ରେଟ୍

ଶ୍ରୀନଗର,୧୫।୧୧(ପି.ଟି.)

ଜମ୍ମୁ-କଶ୍ମୀରର ଶ୍ରୀନଗର ଅନ୍ତର୍ଗତ ନୌଗାମ୍ ଥାନାରେ ଶୁକ୍ରବାର ରାତିରେ ଏକ ଆକସ୍ମିକ ବିସ୍ଫୋରଣ ଘଟି ୯ ଜଣଙ୍କ ମୃତ୍ୟୁ ଘଟିବା ସହ ୩୨ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଗତ ୯ ତାରିଖରେ ହରିୟାଣାର ଫରିଦାବାଦରେ ହ୍ୱାଇଟ୍ କଲାର ଟେରର ମଡ୍ୟୁଲ୍‌ର ପର୍ଦ୍ଦାଫାଶ୍ ହେବା ସହ ସେଠାରୁ ଜବତ ହୋଇଥିବା ବିସ୍ଫୋରକ ସାମଗ୍ରୀକୁ ଉକ୍ତ ଥାନାରେ ରଖାଯାଇଥିଲା। ପୋଲିସ ଓ ଫୋରେନ୍‌ସିକ୍ ଟିମ୍‌ର ଅଧିକାରୀମାନେ ପରୀକ୍ଷା ପାଇଁ ସେଥିରୁ ନମୁନା ବାହାର କରୁଥିବାବେଳେ ହଠାତ୍ ବିସ୍ଫୋରଣ ହୋଇଥିଲା। ରାସାୟନିକ ସାମଗ୍ରୀଗୁଡ଼ିକର ଅସ୍ଥିର ପ୍ରକୃତି ଯୋଗୁ ବିସ୍ଫୋରଣ ଘଟିଲା ବୋଲି କୁହାଯାଉଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ☞ପୃଷ୍ଠା-୨

ଅକ୍ଟୋବର ୧୯ରେ ଜମ୍ମୁ-କଶ୍ମୀର ନୌଗାମ୍‌ସ୍ଥିତ ବନପୋରା ଅଞ୍ଚଳରେ ପୋଲିସ ଓ ସୁରକ୍ଷା ବଳକୁ ଧମକ ଦେଇ ପୋଷ୍ଟର ଲଗାଯାଇଥିଲା। ଏହି ପୋଷ୍ଟର ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ସହ ଜଡ଼ିତ ବୋଲି ପୋଲିସ ଦାବି କରିବା ସହ ନୌଗାମ୍ ଥାନାରେ ଏଫ୍ଆଇଆର୍ କରିଥିଲା। ନଭେମ୍ବର ୮ରେ ହ୍ୱାଇଟ୍ କୋଲାର ଆତଙ୍କବାଦ ସହ ଜଡ଼ିତ ଡାକ୍ତର ମୁଜାମ୍ମିଲ ଗନାଇଙ୍କ ହରିୟଣା ଫରିଦାବାଦସ୍ଥିତ ବାସଭବନରୁ ୩୬୦ କେ.ଜି. ଆମୋନିୟମ୍ ନାଇଟ୍ରେଟ୍ ଜବତ ହୋଇଥିଲା। ନୌଗାମ୍ ଥାନାରେ ଏନେଇ ପ୍ରଥମ ମାମଲା ରୁଜୁ ହୋଇଥିବାରୁ ଜବତ ବିସ୍ଫୋରକ ସାମଗ୍ରୀକୁ ନଭେମ୍ବର ୧୩ରେ ସେଠାକୁ ନିଆଯାଇଥିଲା। ୧୪ ତାରିଖ ରାତି ୧୧ଟା ୩୦ରେ ଆମୋନିୟମ୍ ନାଇଟ୍ରେଟ୍‌ର ନମୁନା ଯାଞ୍ଚ ପାଇଁ ବାହାର କରାଯାଉଥିବାବେଳେ ହଠାତ୍ ତାହା ବିସ୍ଫୋରଣ ଘଟିଥିବା ପୋଲିସ କହିଛି। ଏଥିରେ ଥାନା ଓ ଆଖପାଖ ଅଞ୍ଚଳ ଜଳିପୋଡ଼ି ଛାରଖାର ହୋଇଯାଇଛି। ଜଣେ ଇନ୍‌ସ୍ପେକ୍ଟର, ଫୋରେନ୍‌ସିକ୍ ଟିମ୍‌ର ୩ ସଦସ୍ୟ, ୨ କ୍ରାଇମ୍‌ବ୍ରାଞ୍ଚ ଫଟୋଗ୍ରାଫର, ୨ ରାଜସ୍ୱ ଅଧିକାରୀ ଓ ଜଣେ ଟେଲରଙ୍କ ମୃତ୍ୟୁ ଘଟିଥିବାବେଳେ ୩୨ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଏହି ଘଟଣା ଜବତ ବିସ୍ଫୋରକ ପରିଚାଳନା କ୍ଷେତ୍ରରେ ବିଧିବ୍ୟବସ୍ଥାର ଦୁର୍ବଳତାକୁ ପଦାରେ ପକାଇଛି ବୋଲି ଅନେକେ ମତ ଦେଇଛନ୍ତି।

# ଶିମିଳିପାଳରେ ବାଘ ଗଣନା ଆରମ୍ଭ

ବାରିପଦା,୧୫।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଜାତୀୟ ଉଦ୍ୟାନ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଭାରତୀୟ ବ୍ୟାଘ୍ର ଆକଳନ-୨୦୨୬ ଶନିବାରଠାରୁ ଆରମ୍ଭ ହୋଇଛି। ନ୍ୟାଶନାଲ ଟାଇଗର କଞ୍ଜରଭେଶନ ଅଥରିଟି (ଏନ୍‌ଟିସିଏ)ର ଗାଇଡ୍‌ଲାଇନ ଅନୁଯାୟୀ ଶିମିଳିପାଳର ଦକ୍ଷିଣ ଓ ଉତ୍ତର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ୨ଟି ପର୍ଯ୍ୟାୟରେ ମହାବଳ ବାଘ ଗଣନା ପରିଚାଳନା ହେବ। ପର୍ଯ୍ୟାୟ-୧ ଓ ୩ ଅନୁଯାୟୀ ବାଘ ଗଣନା କରାଯିବ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ☞ପୃଷ୍ଠା-୨




# କ୍ଷତିଗ୍ରସ୍ତଙ୍କୁ ନାଲ୍‌କୋର ସ୍ୱାସ୍ଥ୍ୟସେବା ପ୍ରହସନ

## ଓପିଡି ସେଣ୍ଟରକୁ ଗଲେ ଧରାଇ ଦିଆଯାଉଛି ଥଣ୍ଡା, ଜ୍ୱର ବଟିକା

ଅନୁଗୋଳ, ୧୫।୧୧ (ମାନସ ବିଶ୍ୱାଳ)

ଅନୁଗୋଳସ୍ଥିତ ନାଲ୍‌କୋ କାରଖାନା ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଇଛି ସ୍ୱାସ୍ଥ୍ୟକାର୍ଡ। ଏହି କାର୍ଡଧାରୀଙ୍କ ପାଇଁ ଅନୁଗୋଳ ଜିଲା ନାଲ୍‌କୋ କଲୋନୀରେ ରହିଛି ଏକ ବହିର୍ଚ୍ଚିକିତ୍ସା କେନ୍ଦ୍ର ବା ଓପିଡି ସେଣ୍ଟର। ହେଲେ ଏଠାକୁ ଚିକିତ୍ସା ପାଇଁ ଆସୁଥିବା ସ୍ୱାସ୍ଥ୍ୟକାର୍ଡଧାରୀଙ୍କ ମଧ୍ୟରୁ ଅନେକଙ୍କୁ ନିରାଶ ହେବାକୁ ପଡୁଛି। କାରଣ ଏହି ଓପିଡି ସେଣ୍ଟରରେ କେବଳ ଥଣ୍ଡା, କାଶ ଓ ଜ୍ୱର ବ୍ୟତୀତ ଅନ୍ୟ କୌଣସି ରୋଗର ଚିକିତ୍ସା ବ୍ୟବସ୍ଥା ନାହିଁ। ଏପରିକି ସାମାନ୍ୟ ଦୁର୍ଘଟଣାରେ ଆହତଙ୍କ ପାଇଁ ଏଠାରେ ଫାଷ୍ଟଏଡ୍ ସୁବିଧା ନ ଥିବାବେଳେ କୌଣସି ରୋଗରେ ଗୁରୁତର ହୋଇ ଆସୁଥିବା ରୋଗୀଙ୍କୁ ଅନ୍ୟ ହସ୍ପିଟାଲକୁ ପଠାଇବା ବ୍ୟବସ୍ଥା ନାହିଁ। ତେଣୁ କ୍ଷତିଗ୍ରସ୍ତଙ୍କୁ ଚିକିତ୍ସା ସେବା ଯୋଗାଇଦେବା ନାମରେ ନାଲ୍‌କୋ କେବଳ ଏକ ପ୍ରହସନ ଚଳାଇଛି ବୋଲି ଓପିଡି ସେଣ୍ଟରକୁ ଆସିଥିବା ଅନେକ ରୋଗୀ ଅଭିଯୋଗ କରୁଛନ୍ତି।

କେତେଜଣ କ୍ଷତିଗ୍ରସ୍ତଙ୍କ କହିବା ଅନୁଯାୟୀ, ବଁଅରପାଳରେ ନାଲ୍‌କୋ କାରଖାନା ପ୍ରତିଷ୍ଠା ☞ପୃଷ୍ଠା-୨

# ରାଜନୀତି, ପରିବାର ଛାଡ଼ିଲେ ଲାଲୁଙ୍କ ଝିଅ

ନୂଆଦିଲ୍ଲୀ/ପାଟନା,୧୫।୧୧

ବିହାର ବିଧାନସଭା ନିର୍ବାଚନରେ ବିରୋଧୀ ମହାମେଣ୍ଟର ଶୋଚନୀୟ ପରାଜୟ ପରେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ପ୍ରତିଷ୍ଠାତା ଲାଲୁ ପ୍ରସାଦ ଯାଦବଙ୍କ ସାନଝିଅ ରୋହିଣୀ ଆଚାର୍ଯ୍ୟ ଶନିବାର ରାଜନୀତି ଛାଡ଼ିଦେଇଛନ୍ତି। ଏଥିସହ ପରିବାର ସହ ମଧ୍ୟ ସବୁ ସମ୍ପର୍କ ଛିନ୍ନ କରିଥିବା ରୋହିଣୀ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି। ପୂର୍ବତନ


ଲାଲୁ ପ୍ରସାଦ ଯାଦବଙ୍କ ସହ ସାନଝିଅ ରୋହିଣୀ ଆଚାର୍ଯ୍ୟ।

ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ଭଉଣୀ ରୋହିଣୀ ବୃତ୍ତିରେ ଜଣେ ଡାକ୍ତର। ସେ ୨୦୨୪ରେ ବିହାରର ସରନ ଲୋକ ସଭା ଆସନରୁ ଆର୍‌ଜେଡି ଟିକେଟରେ ନିର୍ବାଚନ ଲଢ଼ି ଭାଜପାର ରାଜୀବ ପ୍ରତାପ ରୁଡ଼ିଙ୍କଠାରୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
**ନୂତନ ଭାରତର ସ୍ଥିତି**



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଓୟୁଡବ୍ଲ୍ୟୁଜେ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ହୋଟେଲ କେଶରୀ, ସମୟ: ପୂର୍ବାହ୍ନ ୧୧ଟା।
- ରାଜଧାନୀ ପୁସ୍ତକ ମେଳା, ସ୍ଥାନ: ଶହୀଦ ନଗର ଦୁର୍ଗାପୂଜା ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୩ଟା।
- ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ ଉଦ୍‌ଯାପନୀ, ସ୍ଥାନ: ହୋଟେଲ ଲାଇଫ୍, ସମୟ: ଅପରାହ୍ନ ୪ଟା।
- ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୪ଟା।
- ଲାସ୍ୟ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ୫ମ ଲାସ୍ୟ ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଅଞ୍ଜଳି ଅନ୍ତର୍ଜାତୀୟ ଶିଶୁ ଓ ଯୁବ ଉତ୍ସବ, ଆଦିବାସୀ ପଡ଼ିଆ, ୟୁନିଟ୍-୧, ସମୟ: ସନ୍ଧ୍ୟା ୭ଟା।

## କଟକ

- ଟାଙ୍ଗୀ-ଚୌଦ୍ୱାର ବ୍ଲକ ଆଥ୍‌ଲେଟିକ ମିଟ୍-୨୦୨୫ ଉଦ୍‌ଯାପନ, ସ୍ଥାନ: ଗୋପବନ୍ଧୁ ଖେଳ ପଡିଆ, ଓଟିଏମ୍ କଲୋନୀ, ସମୟ: ଅପରାହ୍ନ ୩ ଟା।

## ଖୋର୍ଦ୍ଧା

- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଯୁବ ସମ୍ମିଳନୀ,ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜଟଣୀ, ସମୟ: ସକାଳ ୯ଟା ୧୫।

## ବାଲେଶ୍ୱର

- ଜାତୀୟ ପ୍ରେସ ଦିବସ, ସ୍ଥାନ: ବାହାର୍ଦ୍ଧା ପଞ୍ଚାୟତ ଅଫିସ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଜିଲାସ୍ତରୀୟ ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସ, ସ୍ଥାନ: ବାଲେଶ୍ୱର କଲେଜ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି, ସେରଗଡ଼, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ତ୍ରିଦିବସୀୟ ଧର୍ମ ପ୍ରବଚନର ତୃତୀୟ ସନ୍ଧ୍ୟା, ସ୍ଥାନ: ଟାଉନ ହଲ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ

- ରାଷ୍ଟ୍ରୀୟ ଯୁବ ସମ୍ମିଳନୀ, ସ୍ଥାନ: ଏବି କଲେଜ, ବାସୁଦେବପୁର, ସମୟ: ସକାଳ ୯ଟା।

## ବ୍ରହ୍ମପୁର

- ବଜରଙ୍ଗ ଦଳ ପକ୍ଷରୁ ଗଣ ଦୌଡ, ସ୍ଥାନ: ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖ, ସମୟ: ସକାଳ ୮ଟା।
- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ପ୍ରେସ କ୍ଲବ ବ୍ରହ୍ମପୁର, ସମୟ: ସକାଳ ୮ଟା ୩୦ ।
- ବ୍ରହ୍ମପୁର ଚଳଚ୍ଚିତ୍ର ଉତ୍ସବ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରେସ ଦିବସ ପାଳନ, ସ୍ଥାନ: ରାଜସ୍ୱ ଡାକ ବଙ୍ଗଳା, ସମୟ: ପୂର୍ବାହ୍ନ ୧୧.୩୦ ।

## ଗଞ୍ଜାମ

- ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ତପସ୍ୟାଧାମ, ଓମ୍ ଶାନ୍ତିନଗର, ଆସିକା: ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ଖମ୍ବେଶ୍ୱରୀ କଲ୍ୟାଣ ମଣ୍ଡପ, ଆସିକା, ସମୟ: ଅପରାହ୍ନ ୧ ଟା ୩୦।
- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ବରିଷ୍ଠ ନାଗରିକ ଚିତ୍ତବିନୋଦନ କେନ୍ଦ୍ର, ଆସିକା, ସମୟ: ଅପରାହ୍ନ ୪ ଟା।

## ଗଜପତି

- ଜିଲାସ୍ତରୀୟ ଯୁବ ରେଡ଼କ୍ରସ ତାଲିମ ଶିବିର ଉଦ୍‌ଯାପନ, ସ୍ଥାନ: ମୋହନା ପିଏମ ଶ୍ରୀ ଏସଏସଡି ହାଇସ୍କୁଲ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ

- ଆରଏସ୍‌ଏସ୍ ପକ୍ଷରୁ ଯୁବା ସମ୍ମିଳନୀ, ସ୍ଥାନ: ଆର୍ଟ ଆଣ୍ଡ କ୍ରାଫ୍ଟ ସେଂଟର, ସଂସ୍କୃତି ଭବନ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ପ୍ରେସ୍ ଦିବସ, ସ୍ଥାନ: ସଦଭାବନା ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।
- ବଟବିହାରୀ ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସ, ସ୍ଥାନ: ବଟ ବିହାରୀ ବିଦ୍ୟାପୀଠ ପରିସର, ତରଭା, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।
- ଲେଖକ ସଂସଦର ସାମ୍ବତ୍ସରୀକ ମହୋତ୍ସବ, ସ୍ଥାନ: ଶାଣ୍ଡିଲ୍ୟ ବସନ୍ତ ଭବନ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।
- ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ ଉଦଯାପନ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା।
- କପିଳାସ ମହୋତ୍ସବର ଉଦ୍‌ଯାପନ ସମାରୋହ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ

- ପଞ୍ଚାଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ବଁଶରପାଳ ପଞ୍ଚାୟତ ସମିତି ସଭାଘର, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପ୍ରେସ୍ ଦିବସ, ସ୍ଥାନ : ଅନୁଗୋଳ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ଓୟୁଜେ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ଅନୁଗୋଳ ପ୍ରଶାନ୍ତି ହୋଟେଲ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର

- ପାରାଦୀପ ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ସମାରୋହ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ସତ୍ୟସାଇ ବହୁମୁଖୀ ସେବା ସଂଗଠନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ:ସାଇ ମନ୍ଦିର, ଆଠବାଟିଆ, ମାର୍ଶାଘାଇ, ସମୟ:ସକାଳ ୮ଟା ।
- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୧ଟା, ରାମଚଣ୍ଡୀ ମନ୍ଦିର ପୀଠ, ମହାକାଳପଡା, ସମୟ:ଅପରାହ୍ନ ୩ଟା, ଓରିଏଣ୍ଟାଲ କ୍ଲବ, ମାର୍ଶାଘାଇ, ସମୟ: ଅପରାହ୍ନ ୪ଟା ।
- କାର୍ତ୍ତିକେଶ୍ୱର ପୂଜାଉତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ବାଲିଆ ବଜାର, ଭାଗବତପୁର, କେନ୍ଦ୍ରାପଡା, ସମୟ:ସଂଧ୍ୟା ୭ଟା ।

## ଯାଜପୁର

- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଯୁବ ସମ୍ମିଳନୀ, ସ୍ଥାନ: ବ୍ୟାସନଗର ଟାଉନ୍ ହଲ୍, ସମୟ: ସକାଳ ୮ଟା ୩୦।
- ୧୪ମ ବ୍ୟାସ ମିଡିଆ କପ୍ ଫାଇନାଲ, ସ୍ଥାନ: ଯାଜପୁର ରୋଡ୍ ଏନ୍‌ସି ହାଇସ୍କୁଲ ପଡ଼ିଆ, ସମୟ: ସକାଳ ୯ଟା।
- ଏସ୍‌ୟୁଜେ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ, ସ୍ଥାନ: କଳିଙ୍ଗନଗର ଦାନଗଦି ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ ସମାରୋହ, ସ୍ଥାନ: ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ୮୮ତମ କାର୍ତ୍ତିକେଶ୍ୱର ପୂଜାର କଳସ ଯାତ୍ରା, ସ୍ଥାନ: ମାଲଗୋଦାମ, ଡୋଳିପୁର ଯାଜପୁରରୋଡ୍,ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ହାଉସିଂ ବୋର୍ଡ କଲୋନୀ ନିକଟସ୍ଥ ଶ୍ରୀ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ, ସମୟ: ସକାଳ ୯ଟା ।
- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ତୀର୍ଥଯାତ୍ରା ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା, ସ୍ଥାନ:ନୟାଗଡ ନୂଆ ବସ୍‌ଷ୍ଟାଣ୍ଡ, ସମୟ:ସକାଳ ୯ଟା ୩୦ ।
- ଖଣ୍ଡପଡା ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ପ୍ରେସ ଦିବସ, ସ୍ଥାନ:ଖଣ୍ଡପଡା ସାମ୍ବାଦିକ ଗୃହ, ସମୟ:ପୂର୍ବାହ୍ନ ୧୦ଟା
- ନାରାୟଣୀ ଏକାଡେମୀର ବାର୍ଷିକ ଉତ୍ସବ, ସ୍ଥାନ:କଣ୍ଟିଲୋ ମେଡିକାଲ ଛକ ନିକଟ, ସମୟ:ପୂର୍ବାହ୍ନ ୧୦ଟା ।
- ସଡକ ସୁରକ୍ଷା ସଚେତନତା ରଥ ଓ ବାଇକ୍ ଶୋଭାଯାତ୍ରା, ସ୍ଥାନ: ନୟାଗଡ ପୁରୁଣା ସହର ଜଗନ୍ନାଥ ମନ୍ଦିରରୁ ବ୍ରଜେନ୍ଦ୍ର ହାଇସ୍କୁଲ ପର୍ଯ୍ୟନ୍ତ, ସମୟ:ପୂର୍ବାହ୍ନ ୧୦ଟା ୩୦ । ଜାତୀୟ ପ୍ରେସ ଦିବସ, ସ୍ଥାନ:ଦଶପଲ୍ଲା ପ୍ରେସ କ୍ଲବ ଗୃହ, ସମୟ:ପୂର୍ବାହ୍ନ ୧୧ଟା ।
- ନୀଳମାଧବ ସାମ୍ବାଦିକ ସଂଘ ପକ୍ଷରୁ ପ୍ରେସ ଦିବସ, ସ୍ଥାନ:କଣ୍ଟିଲୋ ଫାଣ୍ଡି ନିକଟ ସଂଘ ଗୃହ ସମୟ:ପୂର୍ବାହ୍ନ ୧୧ଟା ।
- ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ, ସ୍ଥାନ:ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ:ମଧ୍ୟାହ୍ନ ୧୨ଟା ।
- ୬୪ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ ମ୍ୟାଚରେ ସିୟୁଟିଏମ ଆଫ୍ରିକା ୧୧ ସହ ଉତ୍କଳ ସ୍ପୋର୍ଟିଂ ଜଟଣୀ, ସ୍ଥାନ: ଶରଣକୁଳ ନାରାୟଣ ହାଇସ୍କୁଲ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା ।

# ବିବାହ ବାର୍ଷିକୀରେ ବାପା ହେଲେ ରାଜକୁମାର



**ମୁମ୍ବାଇ:** ଅଭିନେତା ରାଜକୁମାର ରାଓ ପିତା ହୋଇଛନ୍ତି। ସ୍ତ୍ରୀ ପତ୍ରଲେଖା ଏକ କନ୍ୟାସନ୍ତାନ ଜନ୍ମ ଦେଇଛନ୍ତି। ରାଜକୁମାର ଏବଂ ପତ୍ରଲେଖାଙ୍କ ବିବାହର ଚାରିବର୍ଷ ପୂରଣ ହେଉଥିବା ଦିନ ଏକ କନ୍ୟାସନ୍ତାନର ଆଗମନ ଅଭିନେତାଙ୍କ ଖୁସିକୁ ଦ୍ୱିଗୁଣିତ କରିଛି। ୪୧ ବର୍ଷ ବୟସରେ ପିତା ହୋଇଥିବା ରାଜକୁମାର ଇନ୍‌ଷ୍ଟାଗ୍ରାମରେ ଏହି ଖୁସି ଖବର ଶେୟାର କରି ଲେଖିଛନ୍ତି, ଆମର ଚତୁର୍ଥ ବିବାହ ବାର୍ଷିକୀରେ ଭଗବାନ୍ ଆମକୁ ସବୁଠାରୁ ବଡ଼ ଆଶୀର୍ବାଦ 'କନ୍ୟାସନ୍ତାନ' ରୂପେ ଦେଇଛନ୍ତି। ପତ୍ରଲେଖାଙ୍କୁ ୧୫ ନଭେମ୍ବର ୨୦୨୧ରେ ବିବାହ କରିଥିଲେ ରାଜକୁମାର।

# ଊଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଊଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆତଙ୍କ ବେଳେ ଯାଚନ୍ତି କୁକୁଡ଼ା**
**ଆତଙ୍କ ଗଲେ ଦିଅନ୍ତି ନେଫେଡା ।**

ସାଧାରଣତଃ ଜନସାଧାରଣଙ୍କର ଭଗବାନଙ୍କ ପ୍ରତି ବିଶ୍ୱାସ ରହିଥାଏ। ଅନେକ ସମୟରେ କିଛି ବ୍ୟକ୍ତି ବିପଦରେ ପଡ଼ିଥିବାବେଳେ ଏଥିରୁ ବର୍ତ୍ତିବା ନିମନ୍ତେ ଭଗବାନଙ୍କ ପାଖରେ କିଛି ମାନସିକ ଯାଚୁଥିବାର ଦେଖିବାକୁ ମିଳିଥାଏ। ବିପଦ ଟଳିଗଲା ପରେ ସେମାନେ କିନ୍ତୁ ଏଥିପ୍ରତି ଆଉ ସେତେଟା ଧ୍ୟାନ ବା ନଜର ଦେଇ ନ ଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଆଗୁଲି ଚଳେ, ପଛୁଲି ବୋଲେ,**
**ମଝୁଲି ବନ୍ଧୁ ଦର୍ଶନ କରେ ।**

ଗୋଡ଼ର ଆଗ ଅଂଶ କୁଣ୍ଡାଇ ହେଲେ ଭ୍ରମଣ ଯୋଗ ରହିଥାଏ। ସେହିପରି ଗୋଡ଼ର ପଛ ଅଂଶ କୁଣ୍ଡାଇ ହେଲେ କଳି ଏବଂ ମଝି ଅଂଶ କୁଣ୍ଡାଇ ହେଲେ ବନ୍ଧୁ ଦର୍ଶନ କରାଏ ବୋଲି ଲୋକ ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଊଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଶିମିଳିପାଳରେ ବାଘ...

ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି। ପ୍ରକାଶ ଯେ, ରୟାଲ ବେଙ୍ଗଲ ଟାଇଗର ସମେତ କଳାବାଘକୁ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ବିଶ୍ୱ ପରିଚିତ। ପ୍ରତି ୪ବର୍ଷରେ ମହାବଳ ବାଘ ଗଣନା ହେଉଥିବାରୁ ବନ ବିଭାଗ ତଥା ପ୍ରକଳ୍ପର ଅଧିକାରୀମାନେ ଏନ୍‌ଟିସିଏର ନିୟମ ଅନୁଯାୟୀ ଗଣନା ଆରମ୍ଭ କରିଛନ୍ତି। ପର୍ଯ୍ୟାୟ-୧ରେ ମାଂସାଶୀ ଓ ଶାକାହାରୀ ପ୍ରାଣୀଙ୍କ ସାଇନ ସର୍ଭେ ୩ ଦିନ ଧରି ହେବାକୁ ଥିବା ବେଳେ ୪ ଦିନ ଧରି ଲାଇନ ଟ୍ରାନେକ୍ସ(ନମୁନା ସଂଗ୍ରହ), ଗୋଟିଏ ଦିନ ଶାଗୁଣା ଓ ଅନ୍ୟାନ୍ୟ ପ୍ରଜାତିର ପକ୍ଷୀ ଗଣନା କରାଯିବ। ଏଥିପାଇଁ ୧୦୩ଟି ବିଟ୍ ହାଉସରେ ପ୍ରଶିକ୍ଷିତ ସର୍ଭେ ଦଳ ନିୟୋଜିତ ହୋଇଛନ୍ତି। ପର୍ଯ୍ୟାୟ-୨ ନଭେମ୍ବର୨୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଏହା ମାଧ୍ୟମରେ ମାଂସାଶୀ ପ୍ରାଣୀଙ୍କ ବାସସ୍ଥାନ ଏବଂ ଶାକାହାରୀ ପ୍ରାଣୀଙ୍କ ଘନତ୍ୱକୁ ଗଣନା କରାଯିବ। ସେହିପରି ପର୍ଯ୍ୟାୟ-୧ଶେଷ ହେବା ପରେ ଡିସେମ୍ବରଠାରୁ ପର୍ଯ୍ୟାୟ-୩ ଆରମ୍ଭ ହେବ। ଏଥିରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ପ୍ରତି ୨ବର୍ଗ କି.ମି. ଗ୍ରୀଡ୍‌ରେ ମୋଟ ୧୩୨୧ଟି ଗ୍ରୀଡ୍ ଟ୍ରାକିଂ କ୍ୟାମେରାର ଅଭ୍ୟାସ କରାଯିବା ସହ ପ୍ରତି ୨୫ଦିନରେ ୨ଟି ଚକ୍ରରେ ୧୫ଶହ ଟ୍ରାପ୍ କ୍ୟାମେରା ଜରିଆରେ ଗଣନା କରାଯିବ। ଏହି ଗଣନା ବାଘ ସଂରକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଶିମିଳିପାଳର ଜୈବ ବିବିଧତା ସମ୍ପର୍କରେ ନୂଆ ତଥ୍ୟ ପ୍ରଦାନ କରିବ ବୋଲି ଅଧିକାରୀମାନେ ଆଶା ପ୍ରକଟ କରିଛନ୍ତି। ପୂର୍ବ ଗଣନା ଅନୁଯାୟୀ ଅଦ୍ୟାବଧି ଶିମିଳିପାଳରେ ୩୯ଟି ମହାବଳ ବାଘ ରହିଥିବା ବେଳେ ରିପୋର୍ଟ ପ୍ରକାଶ ପାଇବା ବେଳକୁ ଏହା ୬୦ପାରକରିବ ବୋଲି ବିଭାଗ ପକ୍ଷରୁ ଅନୁମାନ କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### କ୍ଷତିଗ୍ରସ୍ତଙ୍କୁ ନାଲ୍‌କୋର ...

ହେବାର ପ୍ରାୟ ୪୪ ବର୍ଷ ବିତିଯାଇଛି। କମ୍ପାନୀ ସ୍ଥାପନ ବେଳେ କ୍ଷତିଗ୍ରସ୍ତଙ୍କୁ ନାଲ୍‌କୋ ପକ୍ଷରୁ ଯେଉଁସବୁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା ପୂରଣ କରିବାରେ ବିଫଳ ହୋଇଛି। କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ନାଲ୍‌କୋ ଚତୁଃପାର୍ଶ୍ୱରେ ଥିବା ଗ୍ରାମଗୁଡ଼ିକର ଲୋକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାରିପାର୍ଶ୍ୱିକ ଅଞ୍ଚଳର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଅତୀତରେ ନାଲ୍‌କୋ ନିଜସ୍ୱ ଡାକ୍ତରଖାନା ଖୋଲି ଚିକିତ୍ସା ଯୋଗାଇ ଦେଉଥିଲା। ଏହାର କିଛି ବର୍ଷ ପରେ ଏଥିପାଇଁ ଏକ ଏନ୍‌ଜିଓକୁ ନାଲ୍‌କୋ ଦାୟିତ୍ୱ ଦେଇଥିଲା। ଉକ୍ତ ଏନ୍‌ଜିଓ ପକ୍ଷରୁ ଜଣେ ଡାକ୍ତର ଓ ୨ଜଣ ଫାର୍ମାସିଷ୍ଟ ବିଭିନ୍ନ ସମୟରେ ଗାଁ ଗୁଡ଼ିକରେ କ୍ୟାମ୍ପ ପକାଇ କେବଳ ଥଣ୍ଡା, କାଶ ଓ ଜ୍ୱରରେ ପୀଡ଼ିତଙ୍କୁ ଔଷଧ ପ୍ରଦାନ କରୁଥିଲା। ପ୍ରାୟ ୧୦ ବର୍ଷ ହେବ ନାଲ୍‌କୋ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ ବନ୍ଦ ହୋଇଯାଇଥିବା ବେଳେ ନାଲ୍‌କୋ କଲୋନି ପରିସରରେ ଏକ ଓପିଡି ସେଣ୍ଟର ଖୋଲାଯାଇଛି। ପାରିପାର୍ଶ୍ୱିକ ଅଞ୍ଚଳର ଯେଉଁ ପ୍ରଜା ନାଲ୍‌କୋ ଦ୍ୱାରା ବହିର୍ଚିକିତ୍ସା ପଞ୍ଜୀକରଣ ପତ୍ର ବା ସ୍ୱାସ୍ଥ୍ୟକାର୍ଡ ହାସଲ କରିଛନ୍ତି, ସେହିମାନେ ଏହି ଓପିଡି ସେଣ୍ଟରରୁ ସ୍ୱାସ୍ଥ୍ୟସେବା ପାଇବାର ବ୍ୟବସ୍ଥା ରହିଛି। ଓପିଡି ସେଣ୍ଟରରେ ମାତ୍ର ୨ରୁ ୩ଜଣ ଡାକ୍ତର ନିଯୁକ୍ତି ପାଇଛନ୍ତି। ଏହି ଡାକ୍ତରମାନେ ନିୟମିତ ଓପିଡି ସେଣ୍ଟରକୁ ଆସୁ ନ ଥିବା ବେଳେ ରୋଗୀମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ସଂଗୃହୀତ ବଳକା ଔଷଧ ଓ କମ୍ ଦିନର ଅବଧି ଥିବା ଔଷଧ ଦିଆଯାଉଥିବା ଅଭିଯୋଗ ହେଉଛି। ଅନେକ ସମୟରେ ଯେକୌଣସି ରୋଗ ହୋଇଥିଲେ ମଧ୍ୟ ସେହି ଥଣ୍ଡା, କାଶ ଓ ଜ୍ୱର ଔଷଧ ଦିଆଯାଉଛି। ବହୁ ରୋଗୀଙ୍କୁ ବାହାରୁ ଔଷଧ କିଣି ନେବାକୁ ମଧ୍ୟ ଚିଠା ଧରାଇ ଦିଆଯାଉଛି। ନାଲ୍‌କୋ ନିଜର କର୍ମଚାରୀଙ୍କ ଉନ୍ନତ ଚିକିତ୍ସା ସୁବିଧା ପାଇଁ ସ୍ୱତନ୍ତ୍ର ଡାକ୍ତରଖାନା, ମାଗଣା ଔଷଧ, ରେଫର ଆଦି ବ୍ୟବସ୍ଥା ସହ ବହୁକୋଟି ଟଙ୍କା ବ୍ୟୟ କରୁଥିବା ବେଳେ ପାରିପାର୍ଶ୍ୱିକ ଅଞ୍ଚଳର ଜନସାଧାରଣଙ୍କ ଚିକିତ୍ସା ବ୍ୟବସ୍ଥା ପ୍ରତି ଘୋର ଅବହେଳା ପ୍ରଦର୍ଶନ କରୁଥିବା କେତେଜଣ ରୋଗୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। କାଣ୍ଡସର ଗ୍ରାମର ଟିକମ ବେହେରା କହିଛନ୍ତି, ଓପିଡି ସେଣ୍ଟରକୁ ଗଲେ ରୋଗୀଙ୍କୁ ମେଡିଶିନ ନାହିଁ, ବାହାରୁ ନେଇଯିବ ବୋଲି କହି ଡାକ୍ତରମାନେ ମୁହଁ ବୁଲାଇ ଦେଉଛନ୍ତି। ଭଲ ବ୍ୟବହାର କରୁନାହାନ୍ତି। ତେଣୁ ବାଧ୍ୟ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଚିକିତ୍ସିତ ହେଉଛୁ। କାଙ୍ଗୁଲାର ବେବି ସେଠ କହିଛନ୍ତି, ସପ୍ତାହେ ହେଲା ଜ୍ୱର ଛାଡୁନି। ନାଲ୍‌କୋ ଓପିଡି ସେଣ୍ଟରକୁ ଯାଇଥିଲି। ଡାକ୍ତର ରକ୍ତ ପରୀକ୍ଷା କଲେ ନାହିଁ। କେବଳ ଜ୍ୱର ଔଷଧ ଲେଖି ବାହାରୁ ନେବାକୁ କହି ବିଦା କରିଦେଲେ। ନାଲ୍‌କୋରୁ ମିଳିଥିବା ବହିର୍ଚିକିତ୍ସା ପଞ୍ଜୀକରଣ ପତ୍ର ମୂଲ୍ୟହୀନ ବୋଲି ବେବି ପ୍ରକାଶ କରିଛନ୍ତି। ଗୋତମରା ସରପଞ୍ଚ ମଣ୍ଟୁ ବରାହ କହିଛନ୍ତି, ସ୍ୱାସ୍ଥ୍ୟସେବା ତ ଦୂରର କଥା ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ପ୍ରତି ନାଲ୍‌କୋ ଆଦୌ ଧ୍ୟାନ ଦେଉନାହିଁ। ଗାଁ ସ୍କୁଲ, ରାସ୍ତା ତିଆରି, ପାନୀୟ ଜଳ, ପରିମଳ, ବିଜୁଳି, ଖେଳପଡ଼ିଆ ଓ ପୁରୁଣା କାର୍ଯ୍ୟ ଗୁଡ଼ିକର ରକ୍ଷଣାବେକ୍ଷଣ ଆଦି ଦାବି ନେଇ ବହୁବାର ନାଲ୍‌କୋ କର୍ତ୍ତୃପକ୍ଷଙ୍କ ନିକଟକୁ ଯାଇଛୁ। ହେଲେ ସମାଧାନ ଦିଗରେ କେହି କର୍ଣ୍ଣପାତ କରୁନାହାନ୍ତି। ଅଭିଯୋଗ ସମ୍ପର୍କରେ ନାଲ୍‌କୋ ଲୋକସମ୍ପର୍କ ବିଭାଗ ଅଧିକାରୀ କହିଛନ୍ତି, ଆମେ ତାହା ବୁଝୁନାହୁଁ। କର୍ପୋରେଟ କମ୍ୟୁନିକେଶନ ସହ ଯୋଗାଯୋଗ କରନ୍ତୁ।





ଅନୁଗୋଳ ଜିଲା ନାଲ୍‌କୋ କଲୋନୀରେ ଥିବା ଓପିଡି ସେଣ୍ଟର।

### ନୌଗାମ୍ ଥାନାରେ...

ମୃତଦେହ ୩୦୦ ମିଟର ଦୂରକୁ ଛିଟିକି ପଡ଼ିଥିବା ଦେଖାଯାଇଛି। ଏହା ଆତଙ୍କବାଦୀ ଆକ୍ରମଣ ବୋଲି ହେଉଥିବା କଳ୍ପନାଜଳ୍ପନାକୁ ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ନଳୀନ ପ୍ରଭାତ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଯୁଗ୍ମ ସଚିବ ପ୍ରଶାନ୍ତ ଲୋଖଣ୍ଡେ ଖଣ୍ଡନ କରିଛନ୍ତି। ଏହା ଏକ ଦୁର୍ଭାଗ୍ୟଜନକ ଦୁର୍ଘଟଣା ଥିଲା ବୋଲି ସେମାନେ ଗଣମାଧ୍ୟମକୁ କହିଛନ୍ତି। ବିସ୍ଫୋରଣରେ ଫୋରେନ୍‌ସିକ୍ ସାଇନ୍ସ ଲାବରେଟୋରି(ଏଫ୍‌ଏସ୍‌ଏଲ୍) ଟିମ୍‌ର ୩ ଅଧିକାରୀ, ମାଜିଷ୍ଟ୍ରେଟ୍ ଟିମ୍‌ର ୨ ରାଜସ୍ୱ ଅଧିକାରୀ, ରାଜ୍ୟ ତଦନ୍ତକାରୀ ସଂସ୍ଥାର ଜଣେ ଅଫିସର ଏବଂ ଟିମ୍ ସହ ଜଡ଼ିତ ଜଣେ ଦରଜିଙ୍କର ମୃତ୍ୟୁ ଘଟିଛି। ମୃତଦେହଗୁଡ଼ିକୁ ଶ୍ରୀନଗରସ୍ଥିତ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ନିଆଯାଇଛି। ଏହା ବ୍ୟତୀତ ୨୭ ଜଣ ପୋଲିସ କର୍ମଚାରୀ, ୨ ରାଜସ୍ୱ ଅଧିକାରୀ ଏବଂ ନିକଟରେ ଥିବା ୩ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନାଯୋଗ୍ୟ, ଫରିଦାବାଦରୁ ଗିରଫ ଡା. ମୁଜାମ୍ମିଲ ଗନାଇଙ୍କ ଭଡ଼ାଘରୁ ଆମୋନିୟମ୍ ନାଇଟ୍ରେଟ୍ ସମେତ ୩୬୦ କିଲୋଗ୍ରାମ ବିସ୍ଫୋରକ ଜବତ ହୋଇଥିଲା। ଏହାକୁ ନୌଗାମ୍ ଥାନାରେ ଗଚ୍ଛିତ ରଖାଯାଇଥିଲା। ବିସ୍ଫୋରଣରେ ଥାନା ବିଲ୍ଡିଂ ଧ୍ୱଂସହେବା ସହ ଥାନା ପରିସରରେ ଥିବା ଅନେକ ଗାଡ଼ି ଜଳିଯାଇଛି। ଆଖପାଖରେ ଥିବା ଘରଗୁଡ଼ିକର ଝରକା କାଚ ଭାଙ୍ଗିଯାଇଛି। ବିସ୍ଫୋରଣର ପ୍ରଭାବ ଅନେକ କିଲୋମିଟର ପର୍ଯ୍ୟନ୍ତ ଅନୁଭୂତ ହୋଇଥିଲା। ରାତିଅଧିଆ ବିସ୍ଫୋରଣ ପରେ ପୋଲିସ ଉକ୍ତ ଅଞ୍ଚଳକୁ ସିଲ୍ କରିଦେଇଛି। ବିସ୍ଫୋରଣକୁ ନେଇ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ଓ ଅନ୍ୟ ନେତାମାନେ ଦୁଃଖ ପ୍ରକାଶ କରିଛନ୍ତି। ଉପରାଜ୍ୟପାଳ ମନୋଜ ସିହ୍ନା ଜମ୍ମୁରେ ଥିବା ଏକ ବୈଠକକୁ ବାତିଲ କରିଦେଇଛନ୍ତି। ସିହ୍ନା ବିସ୍ଫୋରଣର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ମଧ୍ୟଭାଗରେ ବୁନପୋରା ଏବଂ ନୌଗାମ୍‌ରେ ପୋଲିସ ଓ ସୁରକ୍ଷା ବଳ ବିରୋଧରେ ଧମକପୂର୍ଣ୍ଣ ପୋଷ୍ଟର ଲଗାଯିବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ସିସିଟିଭି ଫୁଟେଜ୍ ଯାଞ୍ଚ ପରେ ପ୍ରଥମେ ଆରିଫ୍ ନିସାର ଦର ଓରଫ ସାହିଲ, ୟାସିର ଉଲ୍-ଅଶ୍ରଫ୍ ଏବଂ ମକ୍‌ସୁଦ୍ ଅହମଦ ଦର ଓରଫ ଶହିଦଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ମିଳିଥିବା ସୂଚନାକ୍ରମେ ପୋଷ୍ଟର ଯୋଗାଣକାରୀ ମୌଲବୀ ଇର୍‌ଫାନ ଅହମଦ୍‌ଙ୍କୁ ଗିରଫ କରାଯାଇଥିଲା। ଶେଷରେ ତଦନ୍ତର ଚେର ଫରିଦାବାଦର ଅଲ୍ ଫଲାହ ୟୁନିଭର୍ସିଟି ବୋଲି ଜଣାପଡ଼ିଥିଲା, ଯେଉଁଠୁ ଡା. ଗନାଇ ଏବଂ ଡା. ଶାହିନ ସୟିଦଙ୍କୁ ଗିରଫ କରାଯିବା ସହ ବିପୁଳ ବିସ୍ଫୋରଣ ଜବତ ହୋଇଥିଲା। ୧୦ ତାରିଖରେ ଏହି ଖବର ପ୍ରକାଶ ପାଇବାର କିଛି ଘଣ୍ଟା ପରେ ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ଏକ କାର୍ ବିସ୍ଫୋରଣରେ ୧୩ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଉକ୍ତ କାର୍‌କୁ ଡା. ଉମର ନବୀ ଚଳାଉଥିଲେ। ଡା. ନବୀ, ଡା. ଗନାଇ ଏବଂ ଫେରାର ଥିବା ମୁଜାଫର ରାଠେର ହ୍ୱାଇଟ୍ କଲାର ଟେରର ମଡ୍ୟୁଲ ଚଳାଉଥିଲେ ବୋଲି ବିଶ୍ୱାସ କରାଯାଉଛି। ମୁଜାଫରଙ୍କ ଭାଇ ଡା. ଆଦିଲ ରାଠେରଙ୍କ ସମେତ ୮ ଜଣଙ୍କର ଉକ୍ତ ବିସ୍ଫୋରଣ ଘଟଣା ସହ ସମ୍ପୃକ୍ତି ନେଇ ତଦନ୍ତ ଚାଲିଛି।

### ରାଜନୀତି, ପରିବାର ...

ହାରିଯାଇଥିଲେ। ରୋହିଣୀ ଶନିବାର 'X'ରେ ଏକ ପୋଷ୍ଟ କରି ଲେଖିଛନ୍ତି, ସେ ରାଜନୀତି ଛାଡୁଛନ୍ତି ଏବଂ ପରିବାର ସହ ସମ୍ପର୍କ ତୁଟାଉଛନ୍ତି। ତେଜସ୍ୱୀଙ୍କ ଘନିଷ୍ଠ ସହଯୋଗୀ ସଞ୍ଜୟ ଯାଦବ ଓ ରମିଜ୍ ତାଙ୍କୁ ଏପରି କରିବାକୁ କହିଛନ୍ତି। ତେଣୁ ସବୁ ଦୋଷ ନିଜ ମୁଣ୍ଡକୁ ନେଇଥିବା ସେ ଉକ୍ତ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ୨୦୨୨ରେ ଲାଲୁଙ୍କ କିଡ୍‌ନୀ ଖରାପ ହୋଇଯାଇଥିବାବେଳେ ରୋହିଣୀ ତାଙ୍କୁ ନିଜର ଗୋଟିଏ କିଡ୍‌ନୀ ଦାନ କରିଥିଲେ। ଇତିମଧ୍ୟରେ ବଡ଼ପୁଅ ତେଜପ୍ରତାପ ଯାଦବ ଜଣେ ମହିଳାଙ୍କ ସହ ସମ୍ପର୍କ ରଖିଥିବା ନେଇ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ଲାଲୁ ତାଙ୍କୁ ନିର୍ବାଚନ ପୂର୍ବରୁ ପରିବାରରୁ ବିଦା କରିବା ସହ ଆର୍‌ଜେଡିରୁ ୬ ବର୍ଷ ପାଇଁ ନିଲମ୍ବନ କରିଥିଲେ। ତେଜପ୍ରତାପ ଜନଶକ୍ତି ଜନତା ଦଳ ଗଢ଼ି ବିଧାନସଭା ନିର୍ବାଚନ ଲଢ଼ିଥିଲେ। ତାଙ୍କ ଦଳ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବାବେଳେ ତେଜପ୍ରତାପ ନିଜେ ମଧ୍ୟ ମହୁଆ ଆସନରେ ୩ ନମ୍ବରକୁ ଖସିଯାଇଥିଲେ। ଏବେ ରୋହିଣୀଙ୍କ ଦଳତ୍ୟାଗ ଓ ପରିବାର ସହ ସମ୍ପର୍କ ଛିନ୍ନ ଘଟଣା କେବଳ ଲାଲୁଙ୍କ ପାରିବାରିକ କଳହକୁ ବଢ଼ାଇବ ତାହା ନୁହେଁ, ବରଂ ଆର୍‌ଜେଡି ପାଇଁ ଆହୁରି ବଡ଼ ବିପର୍ଯ୍ୟୟକୁ ଡାକିଆଣିବ ବୋଲି କୁହାଯାଉଛି। ନିର୍ବାଚନରେ ଉଭୟ ତେଜସ୍ୱୀ ଓ ତେଜପ୍ରତାପ ପରସ୍ପର ବିରୋଧରେ ପ୍ରାର୍ଥୀ ଦେଇଥିଲେ। ବିହାର ବିଧାନସଭାର ୨୪୩ ନିର୍ବାଚନମଣ୍ଡଳୀ ମଧ୍ୟରୁ ୧୪୩ଟିରେ ନିର୍ବାଚନ ଲଢ଼ିଥିବା ଆର୍‌ଜେଡି ମାତ୍ର ୨୫ରେ ସୀମିତ ରହିଯାଇଛି। ଏହା ପରେ ଲାଲୁ ପରିବାରରେ ବଡ଼ ବିଭ୍ରାଟ ସୃଷ୍ଟି ହୋଇଥିବାରୁ ରୋହିଣୀ ଏପରି ନିଷ୍ପତ୍ତି ନେଇଥିବା ମନେ କରାଯାଉଛି।

### ଓଡ଼ିଶାର ସବୁ ବନ୍ଦରରେ ...

ପୋଲିସ, ସିଆଇଏସ୍‌ଏଫ୍, ମତ୍ସ୍ୟ ବିଭାଗ, ଜଙ୍ଗଲ ବିଭାଗ ଏବଂ ଜିଲା ଚିକିତ୍ସା ବିଭାଗ ଆଦି ସାମିଲ ହୋଇଥିଲା। କର୍ମଶାଳାରେ ଟେବୁଲ୍ ଟପ ଅଭ୍ୟାସ ଅନ୍ତର୍ଭୁକ୍ତ ଥିଲା। ପାରାଦୀପରେ ସମୁଦ୍ର ଅଭ୍ୟାସବେଳେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ଏଜେନ୍ସିଗୁଡ଼ିକ କିଭଳି ବାସ୍ତବ ସମୟରେ ସାମୂହିକ ଉଦ୍ଧାର କାର୍ଯ୍ୟ, ଚିକିତ୍ସା ଏବଂ ଉଦ୍ଧାର କାର୍ଯ୍ୟ କରିବେ ତାହାର କୌଶଳ ପ୍ରଦର୍ଶନ କରାଯାଇଥିଲା। ଜାହାଜ ମଧ୍ୟରେ ଓଡିଶା କୋଷ୍ଟଗାର୍ଡ ମୁଖ୍ୟ ତଥା ଡିଆଇଜି ସଞ୍ଜୟ ନେଗୀ ସର୍ଚ୍ଚ ଅପରେଶନ ସମ୍ପର୍କରେ ସୂଚନା ଦେଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶନି ଦୃଷ୍ଟ ଚନ୍ଦ୍ରଙ୍କ ଯୋଗୁ ମାନସିକ ସ୍ତରରେ ଶିଥିଳତା ଅନୁଭବ କରିବେ। ବନ୍ଧୁଙ୍କ ସହାୟତାରେ ଅର୍ଥ, ଜମିଜମା, ବିଦ୍ୟୁତ୍ ଉପକରଣାଦି ଲାଭର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡ଼ିପାରେ। ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାର କଥା କହୁଥିବାର ଶୁଣିବାକୁ ପାଇବେ।

**ବୃଷ** କର୍ମସ୍ଥାନରେ ରାହୁଙ୍କ ଅବସ୍ଥିତିଜନିତ ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିପାରେ। ପଡ଼ୋଶୀ ସହଯୋଗରୁ ଆପଣଙ୍କର କୌଣସି କାମ ଅଟକିବ ନାହିଁ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରିପାରନ୍ତି।

**ମିଥୁନ** ମଙ୍ଗଳ ସହ ବୁଧ ଷଷ୍ଠ ସ୍ଥାନରେ ରହିଥିବାରୁ ତିକ୍ତତା ସୃଷ୍ଟିର ଆଶଙ୍କା ରହିଛି। ଅବଶ୍ୟ ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମଟି ମଧ୍ୟ କରିବେ। ସାହିତ୍ୟ, ରାଜନୀତି ଓ ସାଂଗଠନିକ କ୍ଷେତ୍ରରେ ଶୁଭଫଳ ପାଇବେ। ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହୋଇପାରନ୍ତି।

**କର୍କଟ** ଭାଗ୍ୟାଧିପତି ବୃହସ୍ପତି ଆର୍ଥିକ ଉନ୍ନତି କରାଇଲେ ମଧ୍ୟ ଶାରୀରିକ ଅସୁସ୍ଥତା ସୃଷ୍ଟି କରିପାରନ୍ତି। ସବୁ କଥା ଚିନ୍ତା କରି କାମ ନ କଲେ କଳହ ଲାଗିପାରେ। ନିଜ ଭାଇ,ବନ୍ଧୁ ଓ କୁଟୁମ୍ବ ଲୋକଙ୍କ ସହ ସାଧାରଣ କଥାରେ ପାଟିତୁଣ୍ଡ ହୋଇପାରେ। ସଭାସମିତିରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରି ଆତ୍ମବିଭୋର ହୋଇପାରନ୍ତି।

**ସିଂହ** ରାଶିରେ କେତୁ ଅବସ୍ଥାନ କରିଥିବାରୁ ନିଜର ଅସାମର୍ଥ୍ୟଜନିତ ଅସହାୟତାକୁ ବନ୍ଧୁଙ୍କ ସାହାଯ୍ୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ। କୃତ୍ତିକା ନକ୍ଷତ୍ର ଋଣ ଭାରରେ ଅତିଷ୍ଠ ହେବେ, କିନ୍ତୁ ପରିଶୋଧ କରିବାର ରାସ୍ତା ଖୋଜି ପାଇବେ ନାହିଁ। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**କନ୍ୟା** ଆଜି ବ୍ୟୟଭାର ବୃଦ୍ଧିଜନିତ ମାନସିକ ଅସ୍ଥିରତା ସୃଷ୍ଟି ହେବ। କିଛି ପାଇବାର ଆଶା ରଖିଲେ କିଛି ଦେବା ପାଇଁ ଚେଷ୍ଟା କରନ୍ତୁ। ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ସାଙ୍ଗକୁ କଳହର ଆଶଙ୍କା ମଧ୍ୟ ରହିଛି।

**ତୁଳା** ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ସୁଖ, ସମ୍ମାନ ପାଇବା ସାଙ୍ଗକୁ ସମସ୍ୟା ସମାଧାନର ମାର୍ଗ ଉନ୍ମୁକ୍ତ ହୋଇଯିବ। କର୍ମକ୍ଷେତ୍ରରେ କିଛି ଦେବା ସକାଶେ ପ୍ରତିଶ୍ରୁତି ଦେଇଥିବା କୌଣସି ବନ୍ଧୁଙ୍କୁ ହଁ କରିପାରିବେନି କିମ୍ବା ନାହିଁ ମଧ୍ୟ କରି ପାରିବେନି। ଅବଶ୍ୟ ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ, ନତୁବା ହଇରାଣ ହେବାକୁ ପଡିପାରେ ।

**ବିଛା** ଅନୁକୂଳ ସମୟର ଆଗମନରେ ମାନସିକ ସ୍ତରରେ ଆନନ୍ଦ ଅନୁଭବ କରିବେ। ଯାହା ଦୀର୍ଘଦିନ ହେଲା ହୋଇ ପାରି ନ ଥିଲା ଆଜି ତାହା ହୋଇଯିବ। ଦୋକାନ, ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇଯିବ। ରାହୁଙ୍କ ପ୍ରଭାବରେ ପରିବାର ସଦସ୍ୟଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ** ତୃତୀୟଭାବ ପ୍ରାପଗ୍ରହ ପ୍ରଭାବଗ୍ରସ୍ତ ଯୋଗୁ ନିଜ ଲୋକ ବିରୋଧ କରିପାରନ୍ତି। ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇପାରେ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାର୍ଯ୍ୟ ସାଧନ କରିବେ।


**ମକର** କର୍ମସ୍ଥାନରେ ରବି ଓ ଶୁକ୍ରଙ୍କ ଅବସ୍ଥିତି କାରଣରୁ କର୍ମାରମ୍ଭ କରି ଆତ୍ମତୃପ୍ତି ଲାଭ କରିବେ। ପାରିବାରିକ ସହଯୋଗରୁ କାର୍ଯ୍ୟସିଦ୍ଧି ହେତୁ ମାନସିକ କ୍ଷେତ୍ରକୁ ସ୍ଥିରତା ପ୍ରଦାନ କରିବ। ଉପରିସ୍ଥ ଅଧିକାରୀ କାମ ହାସଲ ସକାଶେ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ, ନିର୍ମାଣ, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ** ଆଜି ଯେଉଁ କାମ ଆରମ୍ଭ କରିବେ ତାହା ନିର୍ବିଘ୍ନରେ ସମାପନ ହେବ। ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ଶନିଙ୍କ କୁପ୍ରଭାବରୁ ଦୀର୍ଘକାଳୀନ ନୀରବତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ ।

**ମୀନ** କୋଣଭାବସ୍ଥ ଦେବଗୁରୁଙ୍କ ଶୁଭ ପ୍ରଭାବ ଆର୍ଥିକ ଓ ସାମାଜିକ ସ୍ତରରେ ଉନ୍ନତି ଘଟାଇପାରେ। ପିଲାଙ୍କ ସମସ୍ୟା ସମାଧାନଜନିତ ମନ ଅସ୍ଥିର ରହିପାରେ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ସାହିତ୍ୟ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଉପୁଜିପାରେ।

ଆଜି ବିଛା ସଂକ୍ରାନ୍ତି, ନଭେମ୍ବର ୧୬ ତାରିଖ, ଜାତୀୟ ପ୍ରେସ୍ ଦିବସ, ମାର୍ଗଶିର କୃଷ୍ଣ ଦ୍ୱାଦଶୀ ରବିବାର, ରାମାନୁଜ ବୈଷ୍ଣବ ସମ୍ମତ ଉତ୍ପନ୍ନା ଏକାଦଶୀ, ରାଶି/ନକ୍ଷତ୍ର- ହସ୍ତା/କନ୍ୟା। ଦ୍ୱାଦଶୀରେ ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୪୩ ଗତେ ଘ. ୦୮।୫୬ ମଧ୍ୟେ, ଘ.୧୨।୫୪ ଗତେ ଘ.୦୨।୫୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୩।୪୦ ଗତେ ଘ.୦୫।୦୩ ମଧ୍ୟେ ରାହୁ କାଳ ।

## କୋଟିଆରୁ ତଡ଼ା ଖାଇଲା ଆନ୍ଧ୍ର ଟିମ୍




# ଜୟଙ୍କ ନେତୃତ୍ୱରେ ୧ ନମ୍ବର ଜିଲା ହେବ ନୂଆପଡ଼ା: ମୁଖ୍ୟମନ୍ତ୍ରୀ

- ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଲେ ଜୟ ଢୋଲକିଆ
- ଭାଜପା ଯାହା ପ୍ରତିଶ୍ରୁତି ଦିଏ ତାହା ପୂରଣ କରେ: ମନମୋହନ
- ନୂଆପଡ଼ାର ଜନସାଧାରଣଙ୍କ ବିଜୟ ହୋଇଛି: ଜୟ

ଭୁବନେଶ୍ୱର,୧୫।୧୧(ସୁନିତ୍ ମିଶ୍ର)



ନୂଆପଡ଼ା ଉପନିର୍ବାଚନରେ ବିଜୟ ଲାଭ ପରେ ଜୟ ଢୋଲକିଆ ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମିଠା ଖୁଆଉଛନ୍ତି। ନିକଟରେ ଅଛନ୍ତି ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ।

ଭାଜପା ନୂଆପଡ଼ା ଉପନିର୍ବାଚନରେ ବିଜୟ ଲାଭ କରି ଇତିହାସ ରଚିଛି। ନୂଆପଡ଼ାବାସୀ ଭାଜପା ଉପରେ ଭରସା ଓ ବିଶ୍ୱାସ ରଖିଛନ୍ତି। ନୂଆପଡ଼ାରେ ଏଥର ବିକାଶ ହେବ। ଭାଜପା ସରକାର ସେଠାରେ ୧୪୨୧ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଛନ୍ତି। ଜୟ ଢୋଲକିଆଙ୍କ ନେତୃତ୍ୱରେ ନୂଆପଡ଼ା ରାଜ୍ୟର ୧ ନମ୍ବର ଜିଲା ହେବ। ନୂଆପଡ଼ାକୁ ନବନିର୍ବାଚିତ ବିଧାୟକ ନୂଆ ରୂପ ଦେବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଜୟ ଢୋଲକିଆ ଶନିବାର ପହଞ୍ଚି ମୁଖ୍ୟମନ୍ତ୍ରୀ ଏବଂ ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଭେଟିଛନ୍ତି। ତାଙ୍କ ପାଇଁ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଶୁକ୍ରବାର ସନ୍ଧ୍ୟାରେ ବିଜୟ ଉତ୍ସବ ପାଳନ କରାଯାଇଥିଲା, ଏବେ ଜୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଭାଜପା ସରକାର ୧୬ ମାସ ଅତିକ୍ରମକରି ଏବେ ୧୭ ମାସରେ ପଦାର୍ପଣ କରିଛି। ଗତ ୬ ମାସ ପୂର୍ବରୁ ନୂଆପଡ଼ା ଜିଲା ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେବାବେଳେ ଭାଜପା ସରକାର ପ୍ରତି ନୂଆପଡ଼ାବାସୀଙ୍କ ସମର୍ଥନ ଦେଖିଥିଲି ବୋଲି ସେ କହିଛନ୍ତି। ଏହି ଅବସରରେ ମନମୋହନ ସାମଲ କହିଛନ୍ତି, ନୂଆପଡ଼ାବାସୀଙ୍କ ଆଶୀର୍ବାଦ କାରଣରୁ ଜୟ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି। ନୂଆପଡ଼ାର ବିକାଶ ପାଇଁ ଜଗନ୍ନାଥ ତାଙ୍କୁ ଶକ୍ତି ଦିଅନ୍ତୁ। ଭାଜପା ଯାହା ପ୍ରତିଶ୍ରୁତି ଦିଏ ତାହା ପୂରଣ କରେ ବୋଲି ସେ କହିଛନ୍ତି। ଏହି ବିଜୟ ପାଇଁ ଢୋଲକିଆ ନୂଆପଡ଼ାବାସୀଙ୍କୁ ଅଶେଷ ଧନ୍ୟବାଦ ଦେଇ କହିଛନ୍ତି, ୧୧ ତାରିଖରେ ନୂଆପଡ଼ାବାସୀ ଗଣତନ୍ତ୍ରର ଏହି ମହାପର୍ବକୁ ପାଳନ କରି ପାଖାପାଖି ୮୩% ଭୋଟିଂ କରିଛନ୍ତି। ନୂଆପଡ଼ା ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ବିଜୟ ହୋଇଛି। ଭାଜପାର ଡବଲ ଇଞ୍ଜିନ ସରକାରର ବିଜୟ ହୋଇଛି। ମୁଖ୍ୟମନ୍ତ୍ରୀ ଯିଏ ନୂଆପଡ଼ା ଜିଲାର ବିକାଶ ଦାୟିତ୍ୱ ନେଇଛନ୍ତି ଏହା ହେଉଛି ତାଙ୍କର ବିଜୟ। ଭାଜପା ଶୀର୍ଷ ନେତୃମଣ୍ଡଳୀ ଯେଉଁଭଳି ଜଣେ ନୂଆ ସଦସ୍ୟଙ୍କୁ ଗୋଟିଏ ପରିବାର ଭଳି ପଥପ୍ରଦର୍ଶନ କଲେ, ଉପନିର୍ବାଚନ ସଞ୍ଚାଳନ କଲେ ଓ ଦଳୀୟ କାର୍ଯ୍ୟକର୍ତ୍ତାମାନେ ନୂଆପଡ଼ାବାସୀ ଲୋକଙ୍କୁ ଏକତ୍ରିତ କରି ଯେଉଁଭଳି ଉପନିର୍ବାଚନ ଶେଷକଲେ ସେଥିପାଇଁ ସମସ୍ତଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

# ଭଞ୍ଜ ରାଜବଂଶ ପ୍ରତିଷ୍ଠା କରିଥିବା ମନ୍ଦିରରୁ କୋଟିଏ ଟଙ୍କାର ମୂର୍ତ୍ତି ଚୋରି

ଭଞ୍ଜନଗର,୧୫।୧୧(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ନାରାୟଣପାରାଶସ୍ଥିତ ନାରାୟଣ ସ୍ୱାମୀ ମନ୍ଦିରରୁ ଶୁକ୍ରବାର ରାତିରେ ଏକ ବଡଧରଣର ଚୋରି ହୋଇଛି। ପ୍ରାୟ ୩ଶହ ବର୍ଷ ତଳର ଅଷ୍ଟଧାତୁ ନିର୍ମିତ ୪ଟି ରାଧାକୃଷ୍ଣ ମୂର୍ତ୍ତି, ୨ଟି ଟଙ୍କୀ ମୂର୍ତ୍ତି ସମେତ ଅନ୍ୟାନ୍ୟ ଜିନିଷ ଚୋରି ହୋଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଖବର ପାଇ ତାରସିଂ ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ, ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନା, ଏସ୍‌ଡିପିଓ ଡ. ଦୀପକ ମିଶ୍ର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଚୋରିରେ ଏକ ବଡଧରଣର ରାକେଟ ଜଡ଼ିତ ଥିବା ଆଶଙ୍କା କରାଯାଉଛି। ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରିଥିବା ଜଣାପଡ଼ିଛି। ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ଘୁମୁସର ରାଜା ଭଞ୍ଜ ରାଜବଂଶ ପକ୍ଷରୁ ୧୭୭୦ରେ ଘୁମୁସରର ରାଜଧାନୀ କୁଲାଡ ଏବଂ କୁଲାଡକୁ ଲାଗି ଥିବା ନାରାୟଣ ପାରାଶରେ ଏକାଧିକ ମନ୍ଦିର ନିର୍ମାଣ ହୋଇଥିଲା। ସେଥିମଧ୍ୟରୁ କୁଲାଡ ଜଗନ୍ନାଥ ମନ୍ଦିର ଏବଂ ନାରାୟଣ ମନ୍ଦିର ଅନ୍ୟତମ ଥିଲା। ୧୯୯୩ରେ କୁଲାଡ ଜଗନ୍ନାଥ ମନ୍ଦିରରୁ ସମସ୍ତ ଅଳଙ୍କାର ଚୋରି ହୋଇଯାଇଥିଲା। ଏପର୍ଯ୍ୟନ୍ତ ଉକ୍ତ ଲୁଟ୍ ଅଳଙ୍କାରର କୌଣସି ସନ୍ଧାନ ମିଳୁନାହିଁ। ଏଭଳି ପରିସ୍ଥିତିରେ ଶୁକ୍ରବାର ରାତିରେ ନାରାୟଣସ୍ୱାମୀ ମନ୍ଦିରରୁ ଚୋରି ହୋଇଛି। ଚୋରି ମୂର୍ତ୍ତିଗୁଡ଼ିକ ପ୍ରାୟ ସାଢ଼େ ୪ ଫୁଟରୁ ଅଢେଇ ଫୁଟ ମଧ୍ୟରେ ହେବ। ରାତି ସାଢ଼େ ୮ଟାରେ ନୀତି ଶେଷ ପରେ ପୂଜାରୀ ମନ୍ଦିର ତାଲା ପକାଇ ଯାଇଥିଲେ। ଶନିବାର ସକାଳେ ମନ୍ଦିର ଖୋଲିବାକୁ ଆସିବା ସମୟରେ ମନ୍ଦିରରୁ ଚୋରି ହୋଇଥିବା ଜାଣିଥିଲେ। ପରେ ସେ ଥାନାରେ ଏନେଇ ଅଭିଯୋଗ କରିଥିଲେ। ତଦନ୍ତ ଆରମ୍ଭ କରିଥିବା ପୋଲିସ ଚୋରର କ୍ଲିପିଂ ସୁରାକ ପାଇଛି। ସପ୍ତାହେ ମଧ୍ୟରେ ଘଟଣାର ରହସ୍ୟ ଉନ୍ମୋଚିତ ହେବ ବୋଲି ପୋଲିସ କହିଛି।

# ୬ ସ୍ଥାନରେ ଖୋଲିଲା ଇକୋ ରିଟ୍ରିଟ୍

ଦାରିଙ୍ଗବାଡ଼ି/ଚିକିଟି,୧୫।୧୧ (ଅରୁଣ ସାହୁ/ପ୍ରକାଶ ଚନ୍ଦ୍ର ସାହୁ)

ରାଜ୍ୟରେ ଶନିବାର ୬ଟି ଇକୋ ରିଟ୍ରିଟ୍ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ସେଗୁଡ଼ିକ ହେଲା କେନ୍ଦ୍ରାପଡ଼ାର ଭିତରକନିକା, ଅନୁଗୋଳର ସାତକୋଶିଆ, ସମ୍ବଲପୁରର ହୀରାକୁଦ, କନ୍ଧମାଳର ଦାରିଙ୍ଗବାଡ଼ି, ଗଞ୍ଜାମର ସୁନାପୁର ଓ କୋରାପୁଟର ପୁଟସିଲ। ଦାରିଙ୍ଗବାଡ଼ି ଇକୋ ରିଟ୍ରିଟ୍ ପରିସର ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କନ୍ଧମାଳ ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥିଭାବେ କନ୍ଧମାଳ ଜିଲାପାଳ ଦେବଭୂଷଣ, ଏସ୍‌ପି ହରିଶ ବିଏଚ, ବାଲିଗୁଡ଼ା ଉପଜିଲାପାଳ ପ୍ରଣୀତା ଦାସ, ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାୟକ, ରମେଶ ଚନ୍ଦ୍ର ଜେନା, ଫୁଲବାଣୀ ଉପଜିଲାପାଳ ଭିକାରି ସାହୁ, ବାଲିଗୁଡ଼ା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ, ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ବିଡିଓ ପ୍ରତିରଞ୍ଜନ ରଥ, ତହସିଲଦାର ଧୀରୋଜ ପାତ୍ର, ଓଏସ୍‌ଡି କନକ ମାଝୀ, ଏସ୍‌ପି ପ୍ରତିନିଧି ବିଷ୍ଣୁ ଚରଣ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ, ସରପଞ୍ଚ ଚନ୍ଦ୍ରିକା ମଲ୍ଲିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲା ପର୍ଯ୍ୟଟନ ଅଧିକାରୀ କୁସୁମ୍ନୀ ମଲିକ ପରିଚାଳନା କରିଥିଲେ।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶନିବାର ଭିଡିଓ କନ୍‌ଫରେନ୍ସରେ ଇକୋ ରିଟ୍ରିଟ୍‌ଗୁଡ଼ିକ ଉଦ୍‌ଘାଟନ କରୁଛନ୍ତି।

ପ୍ରକାଶ ଯେ, ଦାରିଙ୍ଗବାଡ଼ି ଇକୋ ରିଟ୍ରିଟ୍‌କୁ ଉପମୁଖ୍ୟମନ୍ତ୍ରୀ ପ୍ରଶଂସା କରି କହିଛନ୍ତି ଯେ, କୁଦୁରି ପାହାଡ଼ ସହ ସୌନ୍ଦର୍ଯ୍ୟକୁ ପର୍ଯ୍ୟଟକ ଅଧିକ ପସନ୍ଦ କରିଥାନ୍ତି। ଏହି ଅବସରରେ କନ୍ଧମାଳ ଜିଲାପାଳ ଦେବଭୂଷଣ କହିଲେ, ରାଜ୍ୟର ଅନ୍ୟତମ ପର୍ଯ୍ୟଟନ କ୍ଷେତ୍ର ଭାବେ ପର୍ଯ୍ୟଟକ ଦାରିଙ୍ଗବାଡ଼ିକୁ ପସନ୍ଦ କରନ୍ତି। ଜିଲାର ଅନ୍ୟ ପର୍ଯ୍ୟଟନକେନ୍ଦ୍ରଗୁଡ଼ିକ ଯଥା ମୁଣ୍ଡିଗଡ଼, ରାଇକିଆ ମଣ୍ଡାସରୁ ଓ ଫୁଲବାଣୀ, କୋଟଗଡ଼ ଆଦି ଅଞ୍ଚଳରେ ରହିଥିବା ପର୍ଯ୍ୟଟନ କ୍ଷେତ୍ରକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଦିଗରେ କାର୍ଯ୍ୟ କରାଯାଉଛି। ଦାରିଙ୍ଗବାଡ଼ିକୁ ଆସୁଥିବା ପର୍ଯ୍ୟଟକ ଏଠାରେ ରହଣି କଲେ ବ୍ୟବସାୟୀଙ୍କ ରୋଜଗାର ବୃଦ୍ଧି ହୋଇପାରିବ। ଫଳରେ ଅଞ୍ଚଳର ବିକାଶ ହୋଇପାରିବ ବୋଲି ଜିଲାପାଳ କହିଥିଲେ। ସୂଚନା ଯୋଗ୍ୟ, ଦାରିଙ୍ଗବାଡ଼ି ଇକୋ ରିଟ୍ରିଟ୍‌ରେ ମୋଟ ୨୫ଟି ବିଳାସପୂର୍ଣ୍ଣ ସ୍ୱିସ୍ ତମ୍ବୁ ରଖାଯାଇଛି। ସେଥିରେ ପର୍ଯ୍ୟଟକଙ୍କ ପାଇଁ ଡିଲକ୍ସ ତମ୍ବୁ ୪ ହଜାର ଓ ୫ଟି ପ୍ରିମିୟମ ତମ୍ବୁ ୫ ହଜାର ରହିଛି। ଏଥିରେ ଜିଏସ୍‌ଟି ସଂଯୁକ୍ତ ରହିଛି। ଏହି ତମ୍ବୁ ଭିତରେ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା ସହ ଗରମପାଣି, କଫି, ଚା' ସହ ଯେତେସବୁ ବ୍ୟବହାରିକ ସାମଗ୍ରୀ ଶାର୍ଟ, କ୍ୟାପ୍, ଫୋଲଡର ପ୍ରଦାନ କରାଯାଉଛି। ସେହିପରି ଦାରିଙ୍ଗବାଡ଼ି ଓ ତା'ର ପଡୋଶୀ ବ୍ଲକରେ ରହିଥିବା ପର୍ଯ୍ୟଟନ କ୍ଷେତ୍ର ଭ୍ରମଣ ପାଇଁ ଯାନବାହାନ ବ୍ୟବସ୍ଥା ରହିଛି। ସେହିପରି ଗଞ୍ଜାମ ଜିଲା ଚିକିଟି ବ୍ଲକ ଅନ୍ତର୍ଗତ ସୁନାପୁର ବେଳାଭୂମିରେ ଶୁଭାରମ୍ଭ ହୋଇଥିବା ଇକୋ ରିଟ୍ରିଟ୍ ଆସନ୍ତା ବର୍ଷ ଫେବୃଆରୀ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ବେଳାଭୂମିରେ ଆୟୋଜିତ ଏକ ସଭାରେ ବ୍ରହ୍ମପୁର ଏମ୍‌ପି ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗ ଦେଇଥିଲେ। ସୁନାପୁରର ଏହି ବେଳାଭୂମିରେ ହୋଇଥିବା ଇକୋ ରିଟ୍ରିଟ୍‌ରୁ ପର୍ଯ୍ୟଟକମାନେ ପ୍ରକୃତିର ସୌନ୍ଦର୍ଯ୍ୟକୁ ଭଲ ରୂପେ ଉପଭୋଗ କରିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବେଳାଭୂମିରେ ପର୍ଯ୍ୟଟକମାନଙ୍କ ପାଇଁ ୨୫ଟି ତମ୍ବୁ ଘର ନିର୍ମାଣ କରାଯାଇଛି। ସେଥିରୁ ୨୦ଟି ଡିଲକ୍ସ, ୫ଟି ପ୍ରିମିୟମ ବର୍ଗର ରହିଛି। ଏହା ଶୀତତାପ ନିୟନ୍ତ୍ରିତ କକ୍ଷ ହୋଇଥିବା ବେଳେ ରେଷ୍ଟୁରାଣ୍ଟ ଓ ସମ୍ମିଳନୀ କକ୍ଷ ସୁବିଧା ରହିଛି। ଚଳିତ ବର୍ଷ ଭଡା ଯଥାକ୍ରମେ ୪୫୦୦ ଓ ୬ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଶନିବାର ପ୍ରଥମ ଦିନରେ ୧୩ଟି ରୁମ ବୁକିଂ ହୋଇଥିବା ଜଣାପଡ଼ିଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର, ଜିଲାପାଳ ଭି.କିର୍ତ୍ତୀ ଭାସନ, ଜିଲା ପର୍ଯ୍ୟଟକ ଅଧିକାରୀ ସାରଥୀ ପାର୍ଥ, ଓଡିସି କନିଷ୍ଠ ଯନ୍ତ୍ରୀ ସନ୍ତୋଷ ଜେନା, ବ୍ରହ୍ମପୁର ଉପଜିଲାପାଳ ଅଭିନାଶ କୁମାର, ବିଡିଓ ବିବେକାନନ୍ଦ ମିଶ୍ରଙ୍କ ସମେତ ଜନପ୍ରତିନିଧି ଉପସ୍ଥିତ ଥିଲେ।

# ହାତୀ ଶାବକର ମୃତଦେହ ଠାବ

ବାରିପଦା,୧୫।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ବାରିପଦା ରେଞ୍ଜ୍ ହଳଦୀବଣୀ ଜଙ୍ଗଲରେ ଠାବ ହୋଇଥିବା ମୃତ ହାତୀ ଶାବକ।

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ତଥା ରେଞ୍ଜ୍ ଅଧୀନ ହଳଦୀବଣୀ ଜଙ୍ଗଲରେ ଏକ ହାତୀ ଶାବକର ମୃତଦେହ ଶନିବାର ଠାବ ହୋଇଛି। ବନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ହାତୀ ଶାବକର ମୃତଦେହ ବ୍ୟବଚ୍ଛେଦ କରାଇ ନମୁନା ସଂଗ୍ରହ କରିଛନ୍ତି। ୧୫ ଦିନ ମଧ୍ୟରେ ୨ଟି ହାତୀ ଶାବକର ଅସ୍ୱାଭାବିକ ମୃତ୍ୟୁକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଶିମିଳିପାଳ ଅଭୟାରଣ୍ୟରୁ ଆସିଥିବା ୧୩ଟିକିଆ ହାତୀପଲ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଚଳପ୍ରଚଳ କରୁଛନ୍ତି। ହାତୀପଲରେ ଥିବା ଏକ ଶାବକର କୌଣସି କାରଣରୁ ମୃତ୍ୟୁ ଘଟିଛି। ଏନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଗତ ଅକ୍ଟୋବର ୩୦ରେ ବାଙ୍ଗିରିପୋଷି ଅଞ୍ଚଳରେ ସେହି ହାତୀପଲରୁ ଏକ ଶାବକର ମୃତ୍ୟୁ ଘଟିଥିଲା। ଗୋଟିଏ ପରେ ଗୋଟିଏ ହାତୀ ଶାବକଙ୍କ ମୃତ୍ୟୁ ଘଟୁଥିବାରୁ ହାତୀଙ୍କ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ହାତୀ ମୃତ୍ୟୁର କାରଣ ଖୋଜିବା ସହ ସୁରକ୍ଷା ଓ ସଂଖ୍ୟା ବୃଦ୍ଧି ଦିଗରେ ବନ ବିଭାଗ ପକ୍ଷରୁ ପଦକ୍ଷେପ ଜରୁରୀ ହୋଇପଡ଼ିଛି ବୋଲି ପରିବେଶବିତ୍‌ମାନେ ଦାବି କରିଛନ୍ତି। କାରଣ ଖୋଜି ଏହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଶିମିଳିପାଳ ଅଭୟାରଣ୍ୟ ହାତୀଶୂନ୍ୟ ହୋଇପଡ଼ିବ ବୋଲି ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ମତପ୍ରକାଶ କରିଛନ୍ତି।

# ଜାତି ପାଇଁ ଦିନେ ପଡ଼ିରହିଲା ମୃତଦେହ


ଫାଉଣ୍ଡେସନ ପକ୍ଷରୁ ଅନ୍ତିମ ସଂସ୍କାର ପାଇଁ ନିଆଯାଉଛି।

ଜଳେଶ୍ୱର,୧୫।୧୧(ନବୀନ ସାହୁ)

## ମୁଖାଗ୍ନି ଦେବା ପାଇଁ ଆସିଲେନି ପୁଅ

ଏବେବି ଲୋକଙ୍କ ମନରେ ବସା ବାନ୍ଧିଛି ଛୁଆଁଅଛୁଆଁ ମନୋଭାବ। ଜାତିଭେଦ ପାଇଁ ଗୋଟିଏ ଦିନ ମୃତଦେହ ପଡି ରହିଥିଲେ ମଧ୍ୟ ଗ୍ରାମବାସୀ କାନ୍ଧ ଦେଲେନାହିଁ। ଅନ୍ୟପଟେ ପୁଅ ମଧ୍ୟ ମୁଖାଗ୍ନି ଦେବାକୁ ଆସିଲେନି। ଶେଷରେ ଖବରପାଇ ଶନିବାର ସକାଳେ ହେଲ୍ପ ଫର୍ ୟୁ ଫାଉଣ୍ଡେଶନ କର୍ମକର୍ତ୍ତା ପହଞ୍ଚି ମୃତଦେହକୁ କାନ୍ଧ ଦେବା ସହ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରିଛନ୍ତି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ଧାନ ସିମୁଳିଆ ଗ୍ରାମରେ।

ଗ୍ରାମର ବିଶ୍ୱନାଥ ଦେହୁରୀ (୬୦) ଜ୍ୱର ଓ କାଶରେ ପୀଡ଼ିତ ହୋଇ ମାସେ ହେବ ବିଛଣାରେ ପଡ଼ି ରହିଥିଲେ। ଶୁକ୍ରବାର ଅପରାହ୍ନରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବିଶ୍ୱନାଥଙ୍କ ସ୍ତ୍ରୀ ମାନସିକ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବା ବେଳେ କିଛି ଶୁଣିପାରନ୍ତି ନାହିଁ। ତାଙ୍କର ପୁଅ ଥାଇ ବି ନ ଥିଲା ଭଳିଆ। ସେ ବାପାଙ୍କୁ ମୁଖାଗ୍ନି ଦେବା ପାଇଁ ଆସିଲେ ନାହିଁ। ବିଶ୍ୱନାଥ ଅନୁସୂଚିତ ଜାତିର ହୋଇଥିବାରୁ ଏପରିକି ପଡ଼ୋଶୀ ତଥା ଗ୍ରାମବାସୀ ଅନ୍ତିମ ସଂସ୍କାର କରିବାକୁ ମନା କରି ଦେଇଥିଲେ। ହେଲ୍ପ ଫର ୟୁ ଫାଉଣ୍ଡେଶନ କର୍ମକର୍ତ୍ତାମାନେ ଅନ୍ତିମ ସଂସ୍କାର କରି ମହାନତାର ପରିଚୟ ଦେଇଛନ୍ତି।

# ଶିମିଳିପାଳରେ ୩ ଡିଗ୍ରୀ

ବାରିପଦା, ୧୫।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଶୀତର ଲହରୀ ବୃଦ୍ଧି ପାଉଛି। ଶିମିଳିପାଳରେ ପାରଦ ୩ ଡିଗ୍ରୀକୁ ଖସି ଆସିଛି। ତାପମାତ୍ରା ହ୍ରାସ ପାଇ ତୁହିନର ଆସ୍ତରଣ(ତୁଷାରପାତ) ପଡିଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି।

ଜିଲାର ୨୬ଟି ବ୍ଲକ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ଡିଗ୍ରୀ ପାଖାପାଖି ରହୁଥିବା ବେଳେ ୨୪ଘଣ୍ଟା ମଧ୍ୟରେ ଶିମିଳିପାଳରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରେକର୍ଡ ହୋଇଛି। ଶୁକ୍ରବାର ସକାଳ ୬ଟାରେ ଶିମିଳିପାଳ ଅଭୟାରଣ୍ୟ ଉତ୍ତର ଡିଭିଜନର ଉପରବାରହାକାମୁଡାରେ ୩ ଡିଗ୍ରୀ, ଚହଲାରେ ୭ ଡିଗ୍ରୀ, ବରେହିପାଣିରେ ୯ଡିଗ୍ରୀ, ଗୁଡୁଗୁଡିଆରେ ୧୦ଡିଗ୍ରୀ, ରାମତୀର୍ଥ ଓ ସାତକୋଶିଆରେ ୧୪ଡିଗ୍ରୀ ଓ କିଆଝରୀରେ ୧୩ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଯାହାକି ଚଳିତବର୍ଷର ଅଦ୍ୟାବଧିର ସର୍ବନିମ୍ନ ତାପମାତ୍ରା ଅଟେ। ସେହିପରି ବାରିପଦା ସହରରେ ତାପମାତ୍ର ଦିନକୁ ଦିନ ଖସିବାରେ ଲାଗିଛି। ରାତିରେ କୁହୁଡ଼ି ପାଇଁ ଗାଡି ଚଳାଚଳ ବାଧାପ୍ରାପ୍ତ ହେଉଛି। ପାଣିପାଗ ବିଭାଗ ପକ୍ଷରୁ କୌଣସି ସତର୍କତା ସୂଚନା ଜାରି କରାଯାଇ ନ ଥିବା ବେଳେ ପ୍ରତିଦିନ ଶୀତ ବଢିବାରେ ଲାଗିଛି। ଏପରିକି ଜିଲାରେ ତାପମାତ୍ରା ୧୫ଡିଗ୍ରୀ ପାଖାପାଖି ରହୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ସନ୍ଧ୍ୟା ହେଲେ ଗାଁଗଣ୍ଡା ଶୂନଶାନ ହୋଇଯାଉଛି।

ଧରିତ୍ରୀ DHARITRI
ON THIS NATIONAL PRESS DAY
Our Newspaper reiterates its commitment to free, fair and ethical journalism
November 16, 2025

Khadi India
ସ୍ୱଦେଶୀ ଏବଂ ସୂକ୍ଷ୍ମ ଉଦ୍ୟୋଗ ପ୍ରତି ଆତ୍ମନିର୍ଭର
ଆନ୍ତରିକ କୃତଜ୍ଞତା
ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ
ଗର୍ବରେ କୁହନ୍ତୁ - ଏହା ସ୍ୱଦେଶୀ






- ବ୍ୟବସାୟ କରିବାରେ ସହଜତା ସିଧାସଳଖ ଜନସାଧାରଣଙ୍କୁ ପ୍ରଦାନ କରି ଆତ୍ମନିର୍ଭରଶୀଳତା ଏବଂ ଆତ୍ମନିର୍ଭର ଭାରତକୁ ପ୍ରୋତ୍ସାହନ।
- ହସ୍ତତନ୍ତ ଓ ହାତବୁଣା ଉତ୍ପାଦନକୁ ସହାୟତା ଯୋଗାଇବା ପାଇଁ ଏଭଳି ଉତ୍ପାଦଗୁଡ଼ିକ ଉପରେ ଜିଏସ୍‌ଟି ଛାଡ଼।
- ତୃଣମୂଳ ସ୍ତରର ଉଦ୍ୟୋଗୀଙ୍କ ସଶକ୍ତୀକରଣ: ଗ୍ରାମୀଣ କାରିଗରଙ୍କ ଦ୍ୱାରା ନିର୍ମିତ ଉତ୍ପାଦଗୁଡ଼ିକ ଉପରେ ମାତ୍ର ୫% ଜିଏସ୍‌ଟି, ଯଥା: ସାବୁନ, ପ୍ରସାଧନ ଏବଂ ବ୍ୟକ୍ତିଗତ ଯତ୍ନ ଓ ଖାଦ୍ୟ, କୃଷି ଓ ପ୍ରକ୍ରିୟାକୃତ ଉତ୍ପାଦ ତଥା ହସ୍ତଶିଳ୍ପ ଉତ୍ପାଦ।

ଜିଏସ୍‌ଟି ସଞ୍ଚୟ ଉତ୍ସବ
ସରଳତର ଜିଏସ୍‌ଟି ସହିତ ଅଧିକ ସଞ୍ଚୟ

ପ୍ରଥମ ପ୍ରକାଶିତ ଲାଭ

ଖଦି ରେଡିମେଡ୍ ପୋଷାକ ସ୍ଲାବ୍ ପରିମାଣକୁ ବୃଦ୍ଧି କରାଯାଇଛି (ଟ.୧୦୦୦/-ରୁ ଟ.୨୫୦୦/-)
ପୂର୍ବବର୍ତ୍ତୀ ଜିଏସ୍‌ଟି: ଟ.୧୦୦୦/- ପର୍ଯ୍ୟନ୍ତ ପାଇଁ ୫% ଓ ଟ.୧୦୦୦ରୁ ଊର୍ଦ୍ଧ୍ୱ ପାଇଁ ୧୨%, ବର୍ତ୍ତମାନ: ଟ.୨୫୦୦/- ପର୍ଯ୍ୟନ୍ତ ପାଇଁ ୫% ଓ ଟ.୨୫୦୦/-ରୁ ଅଧିକ ପାଇଁ ୧୮%

| | ପୁରୁଣା ଜିଏସ୍‌ଟି ହାର | ନୂଆ ଜିଏସ୍‌ଟି ହାର |
|---|---|---|
| ଧୋତି ଓ ତଉଲିଆ | ୫% | ୦% |
| **ସାବୁନ, ପ୍ରସାଧନ ଓ ବ୍ୟକ୍ତିଗତ ଯତ୍ନ ସାମଗ୍ରୀ** | ପୁରୁଣା ଜିଏସ୍‌ଟି ହାର | ନୂଆ ଜିଏସ୍‌ଟି ହାର |
| ସାବୁନ | ୧୨% | ୫% |
| ହର୍ବାଲ ଶାମ୍ପୁ | ୧୮% | ୫% |
| ଟୁଥପେଷ୍ଟ | ୧୨-୧୮% | ୫% |
| ସିସାମ୍ ଅଏଲ୍ କାଜଲ | ୧୮% | ୦% |
| ହେୟାର କଣ୍ଡିସନର | ୧୨% | ୫% |
| ଆୟୁର୍ବେଦିକ ଔଷଧି ହେୟାରୱାଶ୍ | ୧୨% | ୫% |
| ହର୍ବାଲ ମେହେନ୍ଦୀ | ୧୨% | ୫% |
| ଭୃଙ୍ଗରାଜ ହେୟାର ଅଏଲ୍ | ୧୨% | ୫% |
| ଫେସ୍ ପାଉଡର | ୧୮% | ୫% |
| ଟଏଲେଟ୍ କ୍ଲିନର୍ | ୧୮% | ୫% |
| **ଖାଦ୍ୟ, କୃଷିଗତ ଓ ପ୍ରକ୍ରିୟାକୃତ ଉତ୍ପାଦ** | ପୁରୁଣା ଜିଏସ୍‌ଟି ହାର | ନୂଆ ଜିଏସ୍‌ଟି ହାର |
| ଖାଖ୍‌ରା | ୫% | ୦% |
| ପାମ୍ପଡ଼ (ହାତତିଆରି) | ୫% | ୦% |
| ଆଚାର, ସସ୍ | ୧୨% | ୫% |
| ଅଁଳା ଉତ୍ପାଦ (କ୍ୟାଣ୍ଡି, ଜୁସ୍) | ୧୨-୧୮% | ୫% |
| ଚ୍ୟବନପ୍ରାଶ | ୧୨% | ୫% |
| ହିଙ୍ଗୱାଷ୍ଟିକ ଚୂରନ୍ | ୧୨% | ୫% |
| ଜୱାର ଭୁଜିଆ | ୧୨% | ୫% |
| ଚିପ୍ସ | ୧୮% | ୫% |
| ମସଲା | ୧୨% | ୫% |
| **ହସ୍ତଶିଳ୍ପ ସାମଗ୍ରୀ** | ପୁରୁଣା ଜିଏସ୍‌ଟି ହାର | ନୂଆ ଜିଏସ୍‌ଟି ହାର |
| କାଠ ସାମଗ୍ରୀ | ୧୨% | ୫% |
| ମହମବତି (ମହମ) | ୧୨% | ୫% |

VOCAL FOR LOCAL

ଖଦି ସଂକଳ୍ପ
ମାତୃଭୂମିର ଅଭିବନ୍ଦନା ସହ, ସ୍ୱଦେଶୀର ଭାବନା ଦ୍ୱାରା ପ୍ରେରିତ ହୋଇ, **ଆମେ ଖଦି ଓ ଗ୍ରାମୋଦ୍ୟୋଗକୁ ଆପଣାଇବା ପାଇଁ ସଂକଳ୍ପ ନେଉଛୁ।** ଏକ ଆତ୍ମନିର୍ଭର ଏବଂ ବିକଶିତ ରାଷ୍ଟ୍ର ଗଢ଼ିବା ପାଇଁ ଆମେ ଶାରୀରିକ ଏବଂ ଆର୍ଥିକ ଯୋଗଦାନ ପ୍ରଦାନ କରିବୁ। ଭୋକାଲ୍ ଫର୍ ଲୋକାଲ୍‌ର ଭାବନାରେ ଆମେ ସ୍ଥାନୀୟ ଉତ୍ପାଦଗୁଡ଼ିକୁ ପ୍ରସାରିତ କରିବୁ। ଖଦି ପିନ୍ଧି ଆମେ ଆମ କାରିଗରମାନଙ୍କୁ ନ୍ୟାଯ୍ୟ ସ୍ୱୀକୃତି ପ୍ରଦାନ କରିବୁ ଏବଂ ରାଷ୍ଟ୍ରର ଅର୍ଥନୈତିକ ଶକ୍ତିକୁ ସୁଦୃଢ଼ କରିବୁ। ସ୍ୱଦେଶୀ ଉତ୍ପାଦ ଆପଣାଇ, **ଆମେ ଏକ ସମୃଦ୍ଧ, ଆତ୍ମନିର୍ଭର ଏବଂ ନୂଆ ଭାରତ ଗଢ଼ିବାରେ ସହଯୋଗ କରିବୁ।**

ପ୍ରତି ଘର ସ୍ୱଦେଶୀ | ଘରେ ଘରେ ସ୍ୱଦେଶୀ
Visit Khadi India's e-com portal | Please visit us kvic.gov.in
ଅଧିକ ବିବରଣୀ ପାଇଁ ଅନୁସରଣ କରନ୍ତୁ @kvicindia | kvic.gov.in
ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗ
ସୂକ୍ଷ୍ମ, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ, ଭାରତ ସରକାର

> ଯେଉଁମାନେ ଧନାକାଂକ୍ଷୀ ବା ଧନର ରକ୍ଷକ –ସେମାନେ ପ୍ରାୟ ଯେତେ ଧନର ଅଧିକାରୀ ନୁହନ୍ତି–ଧନ ହିଁ ସେତେ ସେମାନଙ୍କୁ ଅଧିକାର କରିରଖିଥାଏ। ଅସୁରମାନେ ଦୀର୍ଘକାଳ ଧନକୁ ସେମାନଙ୍କ କବଳରେ ରଖି ଆସିଛନ୍ତି – ଅପବ୍ୟବହାର କରି ଚାଲିଛନ୍ତି। ତା'ଫଳରେ ଧନ ଉପରେ ଯେଉଁ ଦୂଷିତ ପ୍ରଭାବର ଛାଗ ରହିଛି ସେଥିରୁ ଖୁବ୍ ଅଳ୍ପ ଲୋକ ହିଁ ନିଜକୁ ପୂର୍ଣ୍ଣଭାବରେ ରକ୍ଷା କରିପାରିଛନ୍ତି। – ଶ୍ରୀଅରବିନ୍ଦ

ବିଛା ସଂକ୍ରାନ୍ତି, କାର୍ତ୍ତିକେୟ ପୂଜା



# ନୂତନ ଭାରତର ସ୍ଥିତି



ଆକାର ପଟେଲ

କିଛିବର୍ଷ ପୂର୍ବେ ନୀତି ଆୟୋଗ କହିଥିଲେ, ଭାରତର ର୍‍ୟାଙ୍କ ସୂଚିତ ହୋଇଥିବା ସମସ୍ତ ଅଣତିରିଶ(ପରବର୍ତ୍ତୀ ସମୟରେ ୩୨ ହୋଇଛି) ବିଶ୍ୱ ସୂଚକାଙ୍କ ପାଇଁ ଗୋଟିଏ ଏକକ, ସୂଚନାପ୍ରଦାନକାରୀ ବୋର୍ଡ ପ୍ରସ୍ତୁତ କରିବେ। ଏହି ନିରୀକ୍ଷଣ କାର୍ଯ୍ୟ କେବଳ ସ୍ଥାନାଙ୍କରେ ଉନ୍ନତି ପାଇଁ ନୁହେଁ ବରଂ ବ୍ୟବସ୍ଥାରେ ଉନ୍ନତି ଓ ସଂସ୍କାର ଦ୍ୱାରା ନିବେଶକୁ ଆକର୍ଷିତ କରିବା ତଥା ବିଶ୍ୱସ୍ତରରେ ଭାରତର ଦୃଷ୍ଟିକୋଣର ବିକାଶ ସକାଶେ ଉଦ୍ଦିଷ୍ଟ ଥିଲା। କିନ୍ତୁ ଏହା ଘଟିଲା ନାହିଁ। ମୋର ଏକ ପୁସ୍ତକରେ, ୨୦୧୪ ତୁଳନାରେ ଭାରତର ସ୍ଥିତି ଏବେ କେଉଁଠି ଅଛି ତାହା ତୁଳନା କରିବା ପାଇଁ ମୁଁ ଚାରି ଡଜନରୁ ଅଧିକ ବିଶ୍ୱ ସୂଚକାଙ୍କ ଉପରେ ଅନୁଧ୍ୟାନ କରିଥିଲି। ତେବେ ଦେଶର ସ୍ଥିତି ସମ୍ପର୍କରେ ଜାଣିବା ଅତ୍ୟନ୍ତ ଶିକ୍ଷଣୀୟ। ଆସନ୍ତୁ ସେହି ସୂଚକାଙ୍କଗୁଡ଼ିକୁ ଦେଖିବା। ମାନବ ବିକାଶ ସୂଚକାଙ୍କରେ, ୨୦୧୪ରେ ଭାରତର ସ୍ଥାନ ଥିଲା ୧୩୦ ଏବଂ ଆଜି ତାହା ଅପରିବର୍ତ୍ତିତ ଅଛି। ଜାତିସଂଘ ରିପୋର୍ଟରେ କୁହାଯାଇଛି, ଅସମାନତା ଭାରତର ମାନବ ବିକାଶ ସୂଚକାଙ୍କକୁ ୩୦.୭% ହ୍ରାସ କରିଛି, ଯାହା ଦେଶର ସବୁଠୁ ବଡ଼ କ୍ଷତି। ଅନ୍ୟପଟେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଅସମାନତାରେ ଉନ୍ନତି ଘଟିଥିବାବେଳେ ଆୟ ଏବଂ ଲିଙ୍ଗଗତ ବୈଷମ୍ୟ ଅତ୍ୟଧିକ ରହିଛି। ସିଭିକସ୍ ମନିଟର ଦର୍ଶାଇଛି, ଭାରତର 'ଅବରୋଧିତ' ନାଗରିକ ସୁଯୋଗ ଏବେ 'ଦମିତ' ହୋଇ ରହିଛି। ଏହା ବ୍ୟତୀତ କୁହାଯାଇଛି, ବିଶ୍ୱରେ ମୋଟ ୪୯ଟି ଦେଶ ଏହି 'ଦମିତ' ବର୍ଗରେ ଅଛନ୍ତି। ଏହି ବର୍ଗରେ ଥିବା ଦେଶଗୁଡ଼ିକରେ ନାଗରିକ ସୁଯୋଗକୁ କ୍ଷମତାଧାରୀମାନେ ଅତ୍ୟଧିକ ସୀମିତ କରିଦେଇଥାନ୍ତି।

ଲୋୱି ଇନ୍‌ଷ୍ଟିଚ୍ୟୁଟ୍‌ର ଏସିଆ ପାୱାର ଇଣ୍ଡେକ୍ସ ଦୃଢ଼ ଶକ୍ତିର ମୂଲ୍ୟାଙ୍କନ କରିଥାଏ। ଏଥିରେ ଭାରତର ସ୍କୋର ବା ପ୍ରାପ୍ତାଙ୍କ ୪୧.୫ରୁ ୩୯.୧କୁ ଖସି ଆସିଛି, ଫଳରେ ଏହା 'ପ୍ରମୁଖ ଶକ୍ତି' ମାନ୍ୟତା ହରାଇଛି। ଫ୍ରିଡମ୍ ହାଉସ୍‌ର ଫ୍ରିଡମ୍ ଇନ୍ ଦି ୱାର୍ଲ୍ଡ ବିଶେଷକରି ଆଇନର ଶାସନ, ଶାନ୍ତିପୂର୍ଣ୍ଣ ରାଜନୈତିକ ସହାବସ୍ଥାନ ଓ ନିର୍ବାଚନ, ସରକାରଙ୍କ କାର୍ଯ୍ୟଦକ୍ଷତା, ନାଗରିକ ସ୍ୱାଧୀନତା ଇତ୍ୟାଦିକୁ ଅନୁଧ୍ୟାନ କରିଥାଏ। ୨୦୧୪ରେ ଭାରତ ଏଥିରେ ୭୭ ର୍‍ୟାଙ୍କ୍‌ରେ ଥିଲା ଓ ଏହାକୁ 'ସ୍ୱାଧୀନ' ଭାବରେ ଚିହ୍ନିତ କରାଯାଇଥିଲା। ୨୦୨୫ରେ ଏହା ୬୩କୁ ଖସି 'ଆଂଶିକ ସ୍ୱାଧୀନ' ବର୍ଗରେ ଅଛି। ଫ୍ରିଡମ୍ ହାଉସ୍ ପ୍ରକାଶ କରିଥିଲା, ଭାରତ ଏକ ବହୁଦଳୀୟ ଗଣତନ୍ତ୍ର ହୋଇଥିଲେ ମଧ୍ୟ ସରକାର ପକ୍ଷପାତପୂର୍ଣ୍ଣ ନୀତି ଏବଂ ମୁସଲିମ ଜନସଂଖ୍ୟାକୁ ପ୍ରଭାବିତ କରୁଥିବା ନିର୍ଯାତନା ବୃଦ୍ଧିକୁ ପ୍ରଶ୍ରୟ ଦେଇଛି। ୱାର୍ଲ୍ଡ ଜଷ୍ଟିସ ପ୍ରୋଜେକ୍ଟ ଆଇନର ଶାସନ ସୂଚକାଙ୍କ ପ୍ରକାଶ କରେ। ଏହା ଦେଶଗୁଡ଼ିକର ଅପରାଧ ଏବଂ ନାଗରିକ ନ୍ୟାୟ ବ୍ୟବସ୍ଥା, ମୌଳିକ ଅଧିକାର, ସରକାରୀ କ୍ଷମତା ଉପରେ ପ୍ରତିବନ୍ଧକ, ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ସରକାର, ଶୃଙ୍ଖଳା ଓ ସୁରକ୍ଷା ଏବଂ ନିୟାମକ ପ୍ରବର୍ତ୍ତନ ଅନୁଧ୍ୟାନ କରେ। ୨୦୧୪ରେ ଭାରତ ବିଶ୍ୱସ୍ତରରେ ୬୬ ସ୍ଥାନରେ ଥିଲା, ଏବେ ଖସି ୮୬ରେ ପହଞ୍ଚିଛି। ଜାତିସଂଘର ସ୍ଥାୟୀ ବିକାଶ ସମାଧାନ ନେଟୱର୍କର ବିଶ୍ୱ ଖୁସି ରିପୋର୍ଟ ମୋଟ ମୁଣ୍ଡପିଛା ଉତ୍ପାଦ(ଜିଡିପି), ସାମାଜିକ ସମର୍ଥନ, ସୁସ୍ଥ ଜୀବନ ଆଶା, ଜୀବନ ପାଇଁ ପସନ୍ଦ କରିବାର ସ୍ୱାଧୀନତା, ସହାନୁଭୂତି, ଦୁର୍ନୀତି ଓ ଅନ୍ୟାୟ ଅତ୍ୟାଚାରର ଅବଧାରଣା ଉପରେ ଅନୁଧ୍ୟାନ କରିଥାଏ। ଏଥିରେ ଭାରତ ୨୦୧୪ରେ ୧୧୧ସ୍ଥାନରେ ଥିଲା ଏବଂ ଏବେ ୧୧୮କୁ ଖସିଛି। ରିପୋର୍ଟର୍ସ ୱିଦାଉଟ ବର୍ଡରର ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ସୂଚକାଙ୍କରେ ଭାରତ ୨୦୧୪ରେ ୧୪୦ ସ୍ଥାନରେ ଥିଲା, ଏବେ ୧୫୧କୁ ଖସି ଆସିଛି। ଏହା ପ୍ରକାଶ କରିଛି, ସାମ୍ବାଦିକଙ୍କ ବିରୋଧରେ ହିଂସା, ଅତ୍ୟଧିକ ମାଲିକାନାକୈନ୍ଦ୍ରିକ ଗଣମାଧ୍ୟମ ଏବଂ ରାଜନୈତିକ ବୁଝାମଣା ଯୋଗୁ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରରେ ଗଣମାଧ୍ୟମ ସ୍ୱାଧୀନତା ସଙ୍କଟରେ ଅଛି। କାଟୋ ସଂସ୍ଥାର ମାନବ ସ୍ୱାଧୀନତା ସୂଚକାଙ୍କରେ ଭାରତ ୮୭ (୨୦୧୪ରେ) ସ୍ଥାନରୁ ଏବେ ୧୧୦କୁ ଖସି ଆସିଛି। ବିଶ୍ୱ ଅର୍ଥନୈତିକ ଫୋରମ୍‌ର ବିଶ୍ୱ ଲିଙ୍ଗଗତ ପ୍ରଭେଦ ସୂଚକାଙ୍କରେ, ଭାରତ ୨୦୧୪ରେ ୧୧୪ ସ୍ଥାନରୁ ଖସି ୧୩୧ରେ ପହଞ୍ଚିଛି। ୨୦୨୫ରେ ସଂସଦରେ ମହିଳା ପ୍ରତିନିଧିତ୍ୱ ୧୪.୭%ରୁ ୧୩.୮%କୁ ହ୍ରାସପାଇଛି। ସେହିପରି, ମନ୍ତ୍ରୀ ଭାବେ ମହିଳାମାନଙ୍କ ଶେୟାର ୬.୫%ରୁ ୫.୬%କୁ ହ୍ରାସ ଘଟିଛି। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲର ଗ୍ଲୋବାଲ କରପ୍‌ସନ ପରସେପ୍ସନ ସୂଚକାଙ୍କ ବିଷୟରେ ପୂର୍ବରୁ ଭାରତର ଗଣମାଧ୍ୟମରେ ନିୟମିତ ଭାବେ ରିପୋର୍ଟ ପ୍ରକାଶ ପାଉଥିଲା, କିନ୍ତୁ ଏବେ ତାହା ଘଟୁନାହିଁ। ଏଥିରେ ଭାରତ ୮୫ (୨୦୧୪ରେ)ସ୍ଥାନରୁ ଖସିଆସି ୯୬ରେ ରହିଛି।

ହେରିଟେଜ ଫାଉଣ୍ଡେଶନର ଗ୍ଲୋବାଲ ଇକୋନୋମିକ ଫ୍ରିଡମ୍ ଇଣ୍ଡେକ୍ସ ଆଇନର ଶାସନ, ସରକାରୀ ଆକାର, ନିୟାମକ ଦକ୍ଷତା ଏବଂ ମୁକ୍ତ ବଜାର ସମ୍ପର୍କରେ ଅନୁଧ୍ୟାନ କରେ। ଭାରତ ୨୦୧୪ରେ ୧୨୦ ସ୍ଥାନରେ ଥିଲା ଏବଂ ଏବେ ଏହାର ସ୍ଥାନ ୧୨୮। ବଜାରକୈନ୍ଦ୍ରିକ ସଂସ୍କାରଗୁଡ଼ିକରେ ପ୍ରଗତିରେ ଅସମାନତା ଯୋଗୁ ଏହା ହୋଇଛି। ଏକ ଦକ୍ଷ କାର୍ଯ୍ୟକ୍ଷମ ଆଇନଗତ ଢାଞ୍ଚାର ଅଭାବରେ ଦୀର୍ଘକାଳୀନ ଅର୍ଥନୈତିକ ବିକାଶର ମୂଳଦୁଆ ଦୁର୍ବଳ ରହିଛି। ଉଦ୍ୟୋଗୀମାନେ ଗମ୍ଭୀର ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଭାରତର ନିୟାମକ ଢାଞ୍ଚା ଏବେ ଅବଦମିତ। ଏହାସହ ବିଶ୍ୱ କ୍ଷୁଧା ସୂଚକାଙ୍କ କ୍ଷୁଧା, ବୟସ ଅନୁଯାୟୀ ଶିଶୁଙ୍କ ଉଚ୍ଚତା କମ୍ ତଥା ଅପପୁଷ୍ଟି ଉପରେ ଅନୁଧ୍ୟାନ କରେ। ୨୦୧୪ରେ ଭାରତ ୭୬ଟି ଦେଶ ମଧ୍ୟରୁ ୫୫ ସ୍ଥାନରେ ଥିଲା। ଏବେ ୧୨୩ଟି ଦେଶ ମଧ୍ୟରୁ ୧୦୨ତମ ସ୍ଥାନରେ ଅଛି। ରିପୋର୍ଟରେ କୁହାଯାଇଛି, ଭାରତରେ କ୍ଷୁଧା ସ୍ତର ଅତି ଗମ୍ଭୀର। ଯେତେବେଳେ କ୍ଷୁଧା ସୂଚକାଙ୍କରେ ଭାରତ ତଳକୁ ଖସିବା ଆରମ୍ଭ କଲା, ସେତେବେଳେ ୨୦୨୧ରେ ସରକାର ସଂସଦରେ କହିଥିଲେ ଯେ, ଭାରତୀୟମାନେ ଭୋକିଲା ରହିବା ସମ୍ଭବ ନୁହେଁ ଏବଂ ଆମେ ଏପରି ରିପୋର୍ଟ ପ୍ରତି ସମ୍ବେଦନଶୀଳ ହେବା ଉଚିତ ନୁହେଁ। ସମୟକ୍ରମେ ଏହି ସୂଚକାଙ୍କଗୁଡ଼ିକରୁ ଆମର ସ୍ଥିତି ସାମ୍ନାକୁ ଆସିଛି। ପ୍ରଥମେ ଆମେ ଧରିନେଇଥିଲୁ ଯେ, ସୁଶାସନ ଏକ ପରିବର୍ତ୍ତନ ଆଣିବ। ତା'ପରେ କହିଲୁ ଏହିସବୁ ସୂଚକାଙ୍କରେ ଖରାପ ତଥ୍ୟ ଅଛି ଏବଂ ଏଗୁଡ଼ିକୁ ପ୍ରସ୍ତୁତ କରୁଥିବା ସଂସ୍ଥାଗୁଡ଼ିକ ଆମ ପ୍ରତି ପକ୍ଷପାତ ନୀତି ଆପଣାଇଥିଲେ। ପରେ ଖବରଗୁଡ଼ିକୁ ଅଣଦେଖା କରିବାକୁ ନିଷ୍ପତ୍ତି ନିଆଯାଇଥିଲା; ଯଦିଓ ତଥ୍ୟ ବାରମ୍ବାର ଆସିଛି ଏବଂ ଏବେ ବି ଆସୁଛି। ହେଲେ ସାଧାରଣ ଗଣମାଧ୍ୟମର ଏଥିପ୍ରତି ଆଗ୍ରହ ରହୁନାହିଁ। ଏଣୁ ଦେଶର ସ୍ଥିତିରେ କ'ଣ ପରିବର୍ତ୍ତନ ଆସିଛି ଏବଂ ନୂତନ ଭାରତ କେଉଁ ଦିଗରେ ଗତି କରୁଛି ତାହା ଜାଣିବା ନାଗରିକ ଉପରେ ଛାଡ଼ି ଦିଆଯାଇଛି।

Email:aakar.patel@gmail.com

# ବାଜେଲୋକଙ୍କ ଜୟଗାନ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ପ୍ରଚଣ୍ଡ ଘୃଣା ସହ ଅଜସ୍ର ବିରକ୍ତି ସୂଚକ 'ବାଜେଲୋକ'ର ଏ ଉଚ୍ଚାରଣ ଯେଉଁ ଚରିତ୍ର ପାଇଁ ଅଭିପ୍ରେତ, ତାଙ୍କର ପୁଣି ଜୟଗାନ। ଜଣଙ୍କ ପ୍ରତି ଅତୃପ୍ତି ଓ ଅସନ୍ତୋଷ ସେତିକି ଉତ୍କଟ ନ ହେଲେ ତାଙ୍କୁ 'ବାଜେଲୋକ' କହି ସାଧାରଣତଃ ନାକ ଟେକାଯାଏନା। ତାଙ୍କ ମୁହଁ ଉପରେ ହେଉ ଅବା ପଛରେ, ଯାହାଙ୍କ ପାଇଁ କଥକର ତୂଣୀରର ନିକ୍ଷିପ୍ତ ଏହି ଶାଣିତ ଶବ୍ଦଶର ଉଦ୍ଦିଷ୍ଟ ସେ ଯେ ସବୁବେଳେ ଏହି ଶରାଘାତରେ ଆହତ ହୁଅନ୍ତି। ତାହା ନୁହେଁ, କିଛି ଲୋକଙ୍କ ମୋଟା ଚମଡ଼ା ଭେଦ କରୁ କରୁ ଶରମୁନ ବଙ୍କା ହୋଇଯାଏ ସିନା, ସେମାନେ ସେମାନଙ୍କ ବାଜେ ପଣିଆକୁ ସାଙ୍ଗରେ ଧରି ଆଗେଇ ଚାଲିଥାନ୍ତି। ମାତ୍ର ଆଉ ଏକ ଜାତୀୟ ବାଜେଲୋକଙ୍କୁ 'ବାଜେଲୋକ'ର ଏହି ଶବ୍ଦାଘାତ ଭୀଷଣ ଆହତ କରେ। ବାହାରକୁ ଅନାହତ, ଅବିଚଳିତ ଜଣାପଡୁଥିଲେ ବି ଭିତରେ ଏକ ଅବ୍ୟକ୍ତ ବେଦନାରେ ଦେହମନରେ କମ୍ପନ ସୃଷ୍ଟି ହୁଏ। ପ୍ରଶ୍ନ ଉଙ୍କିମାରେ– ମୁଁ କ'ଣ ସତରେ ବାଜେଲୋକଟାଏ! ମାତ୍ର ପରକ୍ଷଣରେ ସେ ସହଜ ହୋଇଯାଏ। ଆକ୍ଷେପର ଆକ୍ରମଣରେ ଆହତ ହୋଇଥିବା ତା' ବ୍ୟକ୍ତିତ୍ୱ ଦେହରେ ସମର୍ଥନ ଓ ସମ୍ବେଦନର ଚନ୍ଦନ ବୋଳିଦେବାକୁ କେହି ଯେ ଆଗେଇ ଆସିବେ। ଏଥିପାଇଁ ସେ ଅପେକ୍ଷା କରେନାହିଁ। ନିଜ ତଥାକଥିତ ବାଜେପଣିଆକୁ ଅନ୍ତର ମଧ୍ୟରେ ଲାଳିତ କରି ଅପସ୍ୱୀକୃତିର ଏହି ସନ୍ତକ ନାମାଟିକୁ ଗଳାରେ ଝୁଲାଇ ସେ ତା' ନିଜ ରାସ୍ତାରେ ଆଗେଇ ଚାଲେ। ସାମ୍ପ୍ରତିକ ସମୟରେ ସାମାଜିକ ଜୀବନର ବିବର୍ତ୍ତନ ବିଘଟନ ମଧ୍ୟରେ ତଥାପି ନିଜ ବାଜେପଣିଆକୁ ଛାଡ଼ି ପାରୁ ନ ଥିବା କେଇଜଣ ବାଜେଲୋକଙ୍କ କଥା।

ନିକଟରେ ସରିଥିବା ଗଣେଶ ପୂଜା ଉପଲକ୍ଷେ ଚାନ୍ଦା ଆଦାୟ କରିବାକୁ କଲୋନୀସାରା ବୁଲୁଥାନ୍ତି କେଇଜଣ ଯୁବକ। ଆଜିକାଲି ଯେଉଁଠି ଚାନ୍ଦା ଦେଉଥିବା ଦାନକର୍ତ୍ତାଙ୍କ ଭକ୍ତି ଅପେକ୍ଷା ଚାନ୍ଦା ମାଗୁଥିବା ଆଦାୟକାରୀଙ୍କ ଶକ୍ତି ହିଁ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିଥାଏ। ସେଠି ଚାନ୍ଦା ଦେବାକୁ ପଛକରି ଉପଦେଶ ଦେଉଥିବା ଲୋକଙ୍କର ଯେ ଜଞ୍ଜାଳ ବଢ଼ିଯାଏ। ଏହି ସରଳ ସତ୍ୟଟିକୁ ଭୁଲି ଯାଇଥିଲେ କଲୋନୀର ସବୁଠୁ ବରିଷ୍ଠ ନାଗରିକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହୋଦୟ। ଯୁବକସଂଘର ନବଯୁବକଙ୍କୁ ସେ ନିଜର ଛାତ୍ର ଜ୍ଞାନ କରି ଗଣେଶଙ୍କ ଆରାଧନା ସକଳ ପବିତ୍ରତା ମଧ୍ୟରେ ଶୁଦ୍ଧ ଚେତନାର ସହ ସମ୍ପନ୍ନ କରିବାକୁ ପରାମର୍ଶ ଦେଇଥିଲେ। ଏକଥା ବି କହିଥିଲେ ଯେ ପୂଜାମଣ୍ଡପରେ ଉଚ୍ଚଧ୍ୱନି ସୃଷ୍ଟିକାରୀ ଅଶ୍ଳୀଳ ସଙ୍ଗୀତ ବା ଭସାଣିରେ ଉଦଣ୍ଡ ନୃତ୍ୟ ନ କରିବାକୁ ବଚନବଦ୍ଧ ହେଲେ ସେ ସେମାନଙ୍କୁ ଚାନ୍ଦା ଦେବେ। ବାସ୍ ଏତିକି। ତାଙ୍କ ପରି ବାଜେଲୋକଙ୍କଠୁ ଚାନ୍ଦା ନେଇ ସେମାନେ ପୂଜା କରିବେନି ବୋଲି ସ୍ପଷ୍ଟ ଶୁଣାଇ ଦେଇ ଫେରିଯାଇଥିଲେ ଯୁବକମାନେ।

ଆଉ ଜଣେ ବାଜେଲୋକଙ୍କ କଥା। ସେ ଜଣେ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀ। ଅନ୍ୟ ଅଫିସରଙ୍କ ପରି ତାଙ୍କ ଟେବୁଲ ଉପରେ ଗଦା ଗଦା ଫାଇଲ ଶ୍ରୀହସ୍ତର ସ୍ୱାକ୍ଷର ପାଇଁ ଅପେକ୍ଷା କରେ ନାହିଁ। ମାତ୍ର ଆଶ୍ଚର୍ଯ୍ୟର କଥା କିଛି ନ୍ୟସ୍ତସ୍ୱାର୍ଥ ଲୋକଙ୍କ ପାଇଁ ତାଙ୍କର ପରିଚୟ ଥିଲା 'ନିହାତି ତେଡ଼ା ବାଜେଲୋକଟାଏ'! ପ୍ରଶାସନରେ ଯାହା କିଛି ଲୋକକଲ୍ୟାଣ ପାଇଁ ସମର୍ପିତ ତଥା ଆଇନ ଅନୁମୋଦନ ତାହା କରିବାକୁ ତାଙ୍କୁ କହିବାକୁ ପଡ଼େ ନାହିଁ। ମାତ୍ର ଯାହା କିଛି ଅକରଣୀୟ, ବ୍ୟକ୍ତିସ୍ୱାର୍ଥ ସମ୍ବଳିତ ବା ଆଇନର ପରିପନ୍ଥୀ, ତାହା କରିବାକୁ କହିବା ପାଇଁ କେହି କ୍ଷମତା, ପ୍ରଭାବ ବା ପ୍ରତିପତ୍ତିଶାଳୀ ନେତା ବା ଜନତା ସାହସ କରିପାରନ୍ତି ନାହିଁ। ଏଇ ଅଫିସର ଜଣଙ୍କ ପ୍ରତି ସାଧାରଣ ଲୋକଙ୍କ ଅଶେଷ ଶୁଭେଚ୍ଛା ଝରିପଡୁଥିଲା ସିନା ନିଜ ଚାକିରିକାଳ ମଧ୍ୟରେ ସବୁଠୁ ବେଶି ଯାହା ଅର୍ଜନ କରିଥିଲେ ତାହା ଥିଲା ବାଜେଲୋକର ଏକ ସର୍ଭିସ ସାର୍ଟିଫିକେଟ୍।

ଏ ବାଜେଲୋକ ଜଣକ ଜଣେ ଅଧ୍ୟାପକ। ଶ୍ରେଣୀଗୃହରେ ଅଧ୍ୟାପନା କାଳରେ ସେ ବିଦ୍ୟାର୍ଥୀଙ୍କ ପାଇଁ ସାକ୍ଷାତ୍ ବ୍ରହ୍ମା ପାଲଟି ଯାଇଥାନ୍ତି। ଏମିତି ବୋଧେ କେହି ଜଣେ ଛାତ୍ରୀ ବା ଛାତ୍ର ମିଳିବେ ନାହିଁ, ଯିଏ ତାଙ୍କ ଶିକ୍ଷାଦାନରେ ମୁଗ୍ଧ ହୋଇ ନ ଥିବେ। କେବଳ ପାଠପଢ଼ା ନୁହେଁ କଲେଜର ଯେ କୌଣସି ଗଠନମୂଳକ କାର୍ଯ୍ୟରେ ତାଙ୍କ ସକ୍ରିୟତା ପାଇଁ ସେ ତାଙ୍କ ସହକର୍ମୀଙ୍କ ଲାଗି ପାଲଟି ଯାଇଥାନ୍ତି ଈର୍ଷାର ଈଶ୍ୱର। ନିଜ ଛାତ୍ରୀଛାତ୍ରଙ୍କ ମନରେ ଶୁଦ୍ଧ ଚେତନାର ବିକାଶ ନିମନ୍ତେ ସଦାସର୍ବଦା ସମର୍ପିତ ଥାଏ ତାଙ୍କ ଉଚ୍ଚାରଣ ଓ ଆଚରଣ। ଏ ସକଳ ସ୍ୱୀକୃତି ସତ୍ତ୍ୱେ ବେଶ୍ କିଛି ଛାତ୍ର ଓ ଅଧ୍ୟାପକଙ୍କ ପାଇଁ ତାଙ୍କର ପରିଚୟ ହେଉଛି– 'ସେ ଜଣେ ବାଜେଲୋକ'! ତା'ର ଏକମାତ୍ର କାରଣ ହେଉଛି ପରୀକ୍ଷା ମାମଲାରେ ସେ ବେଶ୍ କଠୋର ଓ ସାଲିସବିହୀନ। କୌଣସି ପିଲାଙ୍କୁ କପି କରାଇ ଦିଅନ୍ତି ନାହିଁ କି ପରୀକ୍ଷକ ଭାବେ କୋଡ଼ିଏ ମାର୍କକୁ ତିରିଶ କରନ୍ତି ନାହିଁ।

ଆଉ ଜଣେ ବାଜେଲୋକଙ୍କ କଥା ପ୍ରସଙ୍ଗରେ କୌଣସି ଏକ ରେଳଯାତ୍ରା ସମୟର ଘଟଣା।



ଦୁଇଜଣ ସାଙ୍ଗ ବିନା ଟିକେଟ୍‌ରେ ରେଳଯାତ୍ରା କରୁଥିବା ବେଳେ ଭିନ୍ନ ଭିନ୍ନ ବଗିରେ ଦୁଇଜଣ ଭିନ୍ନ ଭିନ୍ନ ଟିକେଟ ପରୀକ୍ଷକଙ୍କ ହାତରେ ଧରାପଡ଼ିଲେ। ରେଳଯାତ୍ରା ଶେଷରେ ଦୁହେଁ ଯେତେବେଳେ ମିଳିତ ହୋଇ ନିଜ ନିଜର ଦୁର୍ଭାଗ୍ୟ ସମ୍ପର୍କରେ ସ୍ମୃତିଚାରଣ କରୁଥିଲେ, ଜଣେ କହିଲା ପ୍ରଥମେ ଟିଟିଇ ଭଡ଼ା ଓ ଜରିମାନା ବାବଦକୁ ପାଞ୍ଚଶହ ଟଙ୍କା ମାଗୁଥିଲା। ମାତ୍ର ପକେଟ୍‌ରେ ଶହେ ଟଙ୍କା ଗୁଞ୍ଜି ଦେବାରୁ ଚୁପ୍‌ଚାପ ଚାଲିଗଲା। ପ୍ରଥମ ଯୁବକର ଅନୁଭୂତି ପୁଣି ଦ୍ୱିତୀୟ ସାଙ୍ଗ କପାଳରେ ହାତମାରି ନିଜ ଭାଗ୍ୟକୁ ନିନ୍ଦିଲା ଓ କହିଲା – ତୋ ଭାଗ୍ୟ ସଲଖ, ତୁ ଜଣେ ଭଲ ଟିଟିଇ ହାବୁଡ଼ରେ ପଡ଼ିଲୁ। ମୋର ଦୁର୍ଭାଗ୍ୟ, ନିହାତି ବାଜେଲୋକଟା ହାତରେ ପଡ଼ିଗଲି। ଶହେ ଟଙ୍କା କ'ଣ ଦୁଇଶହ, ପୁଣି ଦୁଇଶହରୁ ତିନିଶହ ଯାଚିଲା ପରେ ବି ସେ ରାଜି ହେଲାନି। ଓଲଟି ଧମକ ଦେଲା ପାଞ୍ଚଶହ ଟଙ୍କା ପଇଠ କରି ରସିଦ ନିଅ, ନ ହେଲେ ଲାଞ୍ଚ ଯାଚୁଥିବା ଅଭିଯୋଗରେ ପୋଲିସରେ ଦେଇଦେବି। ପ୍ରଥମେ ବିନା ଟିକେଟ୍ ଯାତ୍ରା ତ ତାହା ସାଙ୍ଗକୁ ଲାଞ୍ଚ ଯାଚିବାର ଅପରାଧ। ଜାଣିଛ ତ ପରିଣାମ କ'ଣ ହେବ। ଛିଃ ଏତେ ବାଜେଲୋକଟା।

ଲକ୍ଷ୍ୟ କରିବାର କଥା, ସହରର ଛକ ରାସ୍ତାରେ ଗାଡ଼ି ଚାଳକମାନଙ୍କୁ ଯାବତୀୟ ବେନିୟମ କାମ କରିବାକୁ ଛାଡି ଦେଇ ବଟି ଆଦାୟ କରି ନିଜ ପକେଟ୍ ଭରୁଥିବା ଟ୍ରାଫିକ୍ ପୋଲିସ ଅତି ଭଲଲୋକର ସାର୍ଟିଫିକେଟ ପାଉଥିବା ବେଳ ବିନା ହେଲ୍‌ମେଟ ବା ସିଟ୍ ବେଲ୍ଟରେ ଗାଡି ଚାଳନା କରୁଥିବା ଅମାନିଆ ଚାଳକଙ୍କୁ ଦଣ୍ଡିତ କରୁଥିବା କର୍ତ୍ତବ୍ୟନିଷ୍ଠ ପୋଲିସ କର୍ମଚାରୀ ବାଜେଲୋକର ସମ୍ମାନ ପାଏ। ଜଙ୍ଗଲରୁ ଚୋରାରେ କାଠ କାଟି ଆଣୁଥିବା କେହି ତସ୍କର କୌଣସି ସାଧୁ, କର୍ତ୍ତବ୍ୟପରାୟଣ ବନ ରକ୍ଷକଙ୍କ ପ୍ରତିରୋଧର ସମ୍ମୁଖୀନ ହେଲେ ନିଃଶବ୍ଦରେ ମନ ମଧ୍ୟରେ ଉଚ୍ଚାରିତ ହୁଏ– ନିହାତ ବାଜେ ଲୋକଟା। ଏହାଙ୍କ ପୂର୍ବ ବାବୁ କେତେ ଭଲ ନ ଥିଲେ ! ପାଉଣା ନେଇ ଆଖି ବୁଜି ଦେଉଥିଲେ। ପୁଣି ମାସକୁ କେଇ ହଜାର ଟଙ୍କା ବଟି ନେଇ ନଦୀଗର୍ଭରୁ ଲକ୍ଷ ଲକ୍ଷ ଟଙ୍କାର ବାଲି ଉଠାଇ ନେଉଥିବା ମାଫିଆଙ୍କୁ ନିର୍ବିଘ୍ନରେ ଛାଡି ଦେଉଥିବା ବିଭାଗୀୟ କର୍ମଚାରୀ ଭଲ ଲୋକର ମାନ୍ୟତା ଅର୍ଜନ କରୁଥିବା ବେଳେ ତାକୁ ଦଣ୍ଡିତ କରୁଥିବା କର୍ମଚାରୀଙ୍କୁ କୁହାଯାଏ– 'ବାଜେଲୋକଟା'!

ସାନ୍ତ୍ୱନା ଏତିକି, ସଂଖ୍ୟାରେ ଯେତେ କମ୍ ହେଲେ ବି କପାଳରେ 'ବାଜେଲୋକ'ର ତିଳକ ଆଙ୍କି ଏହି ତଥାକଥିତ ବାଜେଲୋକମାନେ ସମାଜ ସଡ଼କରେ ଏକା ଏକା ବାଟ ଚାଲୁଥିଲେ ମଧ୍ୟ ସେମାନଙ୍କୁ ଆପଣାଇ ନେବା ପାଇଁ ଏଠାରେ ଏଯାଏ ବି କିଛି ଲୋକ ଅଛନ୍ତି। ଏମାନଙ୍କ ସଂଖ୍ୟା ସେଇ ବାଜେଲୋକଙ୍କ ସଂଖ୍ୟାଠାରୁ ଆହୁରି ନଗଣ୍ୟ ହୋଇପାରେ। ତଥାପି ଯେତେ ସୀମିତ ହେଲେ ମଧ୍ୟ ଏମାନେ ସେଇ ବାଜେ ଲୋକମାନଙ୍କୁ ଅନ୍ତର ଭିତରେ କୋଳେଇ ନିଅନ୍ତି ଓ ବଡ଼ ଆବେଗରେ ସେମାନଙ୍କ ଜୟଗାନ କରି କୁହନ୍ତି – 'ତୁମର ଏହି ବାଜେ ପଣିଆକୁ ନିଜ ଭିତରେ ବଞ୍ଚାଇ ରଖ ବାବୁ! ତୁମ ପାଇଁ ନ ହେଲେ ବି ସମାଜର ମୂଲ୍ୟବୋଧ ପାଇଁ, ଜଗତର କଲ୍ୟାଣ ପାଇଁ, ଆସନ୍ତାକାଲିର ଉଜ୍ଜ୍ୱଳ ସୂର୍ଯ୍ୟୋଦୟ ପାଇଁ।

–ପ୍ରଜ୍ଞାନିଳୟ, ବିଦ୍ୟାପତି ନଗର, ଚକେଇସିହାଣି, ଭୁବନେଶ୍ୱର
ମୋ–୮୮୯୫୬୨୪୧୦୫

# 'ଫ୍ଲେଶ୍'ର ସ୍ରଷ୍ଟା

ସାହିତ୍ୟ କ୍ଷେତ୍ରରେ ବିଶ୍ୱର ସର୍ବମାନ୍ୟ ନୋବେଲ ପୁରସ୍କାର ପରେ ବୁକର୍ ପ୍ରାଇଜ୍‌ର ମର୍ଯ୍ୟାଦା ରହିଛି। ପ୍ରତିବର୍ଷ ଏହି ସମୟକୁ ସାହିତ୍ୟିକ ଓ ସାହିତ୍ୟପ୍ରେମୀ ଅନାଇ ବସିଥାଆନ୍ତି ଦେଖିବା ପାଇଁ ସେହି ସେଲିବ୍ରେଟେଡ୍ ରାଇଟର କିଏ ହେବାକୁ ଯାଉଛନ୍ତି। ୨୦୨୫ ପାଇଁ ଭାରତୀୟଙ୍କ ଲାଗି ଆଶା ଉଜ୍ଜ୍ୱଳ କରିଥିବା ଔପନ୍ୟାସିକା କିରନ୍ ଦେଶାଇଙ୍କୁ ପଛରେ ପକାଇ କାନାଡା ଜନ୍ମିତ ହଙ୍ଗେରୀୟ–ବ୍ରିଟିଶ ଲେଖକ ଡେଭିଡ୍ ସାଲାଏ ଏହି ସମ୍ମାନର ଅଧିକାରୀ ହୋଇଛନ୍ତି। ତାଙ୍କ ଷଷ୍ଠ ଉପନ୍ୟାସ 'ଫ୍ଲେଶ୍' ଏହି ପୁରସ୍କାର ପାଇଥିବା ବେଳେ ହଙ୍ଗେରୀୟ ବଂଶୋଦ୍ଭବ ପ୍ରଥମ ଲେଖକ ଭାବେ ଡେଭିଡ୍ ନୂଆ କୀର୍ତ୍ତିମାନ ସୃଷ୍ଟି କରିଛନ୍ତି। ବୁକର୍ ପୁରସ୍କାର ପାଇବା ପରେ ତାଙ୍କ ବ୍ୟକ୍ତିତ୍ୱ ବଳୟ ବୃଦ୍ଧି ପାଇଛି।

ଡେଭିଡ୍ ଜାନୁଆରୀ ୧୯୭୪ରେ କାନାଡାର ମଣ୍ଟ୍ରିଏଲ୍‌ରେ କାନାଡୀୟ ମାତା ଓ ହଙ୍ଗେରୀୟ ପିତାଙ୍କଠାରୁ ଜନ୍ମଗ୍ରହଣ କରିଥିଲେ। ଇହୁଦୀ ପରିବାରରେ ଜନ୍ମିତ ଡେଭିଡ୍‌ଙ୍କ ପରିବାର ବେରୁଟ୍ ଚାଲିଯାଇଥିଲେ। ଲେବାନନ୍‌ରେ ଗୃହଯୁଦ୍ଧ ଆରମ୍ଭ ହେବା ପରେ ସେମାନେ ସେହି ଦେଶ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ଏହା ପରେ ସେମାନେ ଲଣ୍ଡନ ଚାଲିଯାଇଥିଲେ। ସେଠାକାର ସସେକ୍ସ ହାଉସ ସ୍କୁଲରେ ସେ ପଢ଼ିଥିଲେ। ପରବର୍ତ୍ତୀ ସମୟରେ ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଇଂଲିଶ୍ ସାହିତ୍ୟ ନେଇ ଅଧ୍ୟୟନ କରିଥିଲେ। ସେଠାରୁ ସ୍ନାତକ ହାସଲ କରିବା ପରେ ସେ ଲଣ୍ଡନର କେତେକ ସଙ୍ଗଠନରେ ସେଲ୍ସ କ୍ଷେତ୍ରରେ ଚାକିରି କରିଥିଲେ। ସେହି ଚାକିରି ତାଙ୍କୁ ଭଲ ନ ଲାଗିବାରୁ ସେ ବେଲଜିୟମ୍‌ର ବ୍ରସେଲ୍ସକୁ ଚାଲିଯାଇଥିଲେ। କିନ୍ତୁ ସେଠାରେ ସେ ବେଶି ସମୟ ରହିପାରିଲେ ନାହିଁ। ଶେଷରେ ଡେଭିଡ୍ ଲେଖକ ହେବାର ଉଚ୍ଚାକାଂକ୍ଷା ନେଇ ହଙ୍ଗେରୀର ପେକ୍ସକୁ ଚାଲିଯାଇଥିଲେ। ସେହିଠାରେ ହିଁ ତାଙ୍କ ସୃଜନଶୀଳତା ଶୀର୍ଷ ଛୁଇଁଥିଲା। ତାଙ୍କ ଉପନ୍ୟାସ 'ଅଲ୍ ଦାଟ ମ୍ୟାନ୍ ଇଜ୍' ଓ 'ଟର୍ବୁଲେନ୍ସ' ପାଠକୀୟ ସ୍ୱୀକୃତି ପାଇଥିଲା। ଏପରିକି ଅଲ୍ ଦାଟ ମ୍ୟାନ୍ ଇଜ୍ ୨୦୧୬ ମ୍ୟାନ ବୁକର୍ ପୁରସ୍କାର ପାଇଁ ସଂକ୍ଷିପ୍ତ ତାଲିକାଭୁକ୍ତ ହୋଇଥିଲା। ମାତ୍ର

ବ୍ୟକ୍ତିତ୍ୱ



ଡେଭିଡ୍ ସାଲାଏ

ତାହା ୨୦୧୬ ଗୋର୍ଡନ ବର୍ନ ପୁରସ୍କାର ଜିତିଥିଲା।

କେବଳ ଉପନ୍ୟାସ ନୁହେଁ, ଡେଭିଡ୍ ମଧ୍ୟ ବିବିସି ପାଇଁ ଅନେକ ରେଡିଓ ନାଟକ ଲେଖିଛନ୍ତି। ତାଙ୍କର ୨୦୧୮ରେ ସଂକ୍ଷିପ୍ତ କାହାଣୀ ପୁସ୍ତକ 'ଟର୍ବୁଲେନ୍ସ' ବିବିସି ରେଡିଓ–୪ ପାଇଁ ୧୫ ମିନିଟ୍ କାର୍ଯ୍ୟକ୍ରମରେ ପ୍ରସାରିତ ହୋଇ ବହୁ ଶ୍ରୋତା ସୃଷ୍ଟି କରିଥିଲା। ଟର୍ବୁଲେନ୍ସ ଅନ୍ତର୍ଭୁକ୍ତ ୧୨ଟି କାହାଣୀ ଅନ୍ତର୍ଜାତୀୟ ଉଡ଼ାଣରେ ଲୋକଙ୍କ ହାବଭାବକୁ ଅନୁସରଣ କରିଥିବା ବେଳେ ଏକବିଂଶ ଶତାବ୍ଦୀରେ ପରିବାର ଓ ବନ୍ଧୁତ୍ୱର ବିଶ୍ୱାୟନକୁ ଅନୁସନ୍ଧାନ କରିଥିବା କୁହାଯାଏ। ତେବେ ସେ ତାଙ୍କର ପ୍ରଥମ ଉପନ୍ୟାସ 'ଲଣ୍ଡନ ଆଣ୍ଡ୍ ଦି ସାଉଥ–ଇଷ୍ଟ' ପାଇଁ ବେଟି ଟ୍ରାସ୍କ ପୁରସ୍କାର ସହ ଜେଫ୍ରି ଫାବର୍ ମେମୋରିଆଲ ପୁରସ୍କାର ଜିତିଥିଲେ। ତା'ପରେ ସେ ଇନୋସେଣ୍ଟ (୨୦୦୯), ସ୍ପ୍ରିଙ୍ଗ (୨୦୧୧) ଓ ଫ୍ଲେଶ (୨୦୨୫) ନାମରେ ତିନୋଟି ଉଚ୍ଚକୋଟୀର ଉପନ୍ୟାସ ଲେଖିଛନ୍ତି। କୁହାଯାଇଥାଏ ଏକ ଟ୍ରାନ୍ସଆଟଲାଣ୍ଟିକ୍ ପୃଷ୍ଠଭୂମି ଡେଭିଡ୍‌ଙ୍କ ବ୍ୟକ୍ତିଗତ ଇତିହାସ ବହନ କରୁଥିବା ବେଳେ ତାଙ୍କ କଥାବସ୍ତୁର ବ୍ୟାପ୍ତି ଅନ୍ତରାଷ୍ଟ୍ରୀୟ। ସେ କାନାଡାରେ ଜନ୍ମ ହୋଇ ଲଣ୍ଡନ୍‌ରେ ବଢ଼ିବା ଓ ହଙ୍ଗେରୀରେ ସୃଜନଶୀଳତାକୁ ସ୍ପଷ୍ଟ ଅକାର ଦେବା ପରେ ଏବେ ଭିଏନାରେ ସହଧର୍ମିଣୀଙ୍କ ସହ ରହୁଛନ୍ତି। ଭ୍ରମଣଶୀଳ ଜୀବନ ତାଙ୍କ ସୃଜନ କାର୍ଯ୍ୟକୁ ଗଭୀର ଭାବେ ପ୍ରଭାବିତ କରିଛି ବୋଲି ସମୀକ୍ଷକମାନେ କହିଥାଆନ୍ତି। ତାଙ୍କ ବୁକର୍ ବିଜୟୀ ଉପନ୍ୟାସ 'ଫ୍ଲେଶ' ଜଣେ ହଙ୍ଗେରୀୟଙ୍କ ଜୀବନୀ ଉପରେ ଆଧାରିତ। ଏହା ଏକ ସମ୍ମୋହନକାରୀ ଉପନ୍ୟାସ, ଯେଉଁଥିରେ ନାୟକ ହେଉଛନ୍ତି ଇଷ୍ଟଭାନ୍। ସେ ପରବର୍ତ୍ତୀ ସମୟରେ ଲଣ୍ଡନ ଯାଇ ସେଠାରେ ବିପୁଳ ସମ୍ପତ୍ତିର ମାଲିକ ହୋଇଛନ୍ତି। କାହାଣୀ ହଙ୍ଗେରୀର ସେହି ଲାଜକୁଳା କିଶୋରଠାରୁ ଆରମ୍ଭ ହୁଏ, ଯାହାଙ୍କ ଜୀବନ ଜଣେ ବୟସ୍କ ତଥା ବିବାହିତା ପଡ଼ୋଶୀଙ୍କ ସହ ଏକ ଗୋପନ ସମ୍ପର୍କରେ ପରିବର୍ତ୍ତିତ ହୁଏ। ଏକ ସମ୍ପର୍କ ଯାହା ସେ ବୁଝିପାରୁ ନାହାନ୍ତି, କିନ୍ତୁ ତାହା ତାଙ୍କ ଜୀବନକୁ ଏକ ବିନାଶକାରୀ ପଥ ଆଡ଼କୁ ଠେଲି ହୋଇଯାଉଥିବା ଲେଖକ ଉପନ୍ୟାସରେ ବର୍ଣ୍ଣନା କରିଛନ୍ତି। ଇଷ୍ଟଭାନ୍ ଏକବିଂଶ ଶତାବ୍ଦୀର ଧନ ଓ କ୍ଷମତାର ଜୁଆରରେ ଭାସିଯାଉଛନ୍ତି। ନିଜର ପ୍ରେମ, ଅନ୍ତରଙ୍ଗତା, ସ୍ଥିତି ଓ ସମ୍ପତ୍ତି ପାଇଁ ପ୍ରତିଯୋଗିତାମୂଳକ ଆବେଗଗୁଡ଼ିକ ତାଙ୍କୁ ଅକଳ୍ପନୀୟ ଧନ ଜିତାଏ, ଯଦିଓ ସେଗୁଡ଼ିକ ତାଙ୍କୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଉଥିବା ଅନୁଭବ ହୁଏ। ଉଚ୍ଚାକାଂକ୍ଷା ଓ ଅଧଃପତନର ଫେଣ୍ଟାଫେଣ୍ଟି କଥାବସ୍ତୁ ଫ୍ଲେଶକୁ ଭିନ୍ନ ଏକ ପାଠକୀୟ ଆଦୃତି ଦେଇଛି ବୋଲି ସମୀକ୍ଷକମାନେ କହିଥାଆନ୍ତି।

ଡେଭିଡ୍ ତାଙ୍କ ପୁରସ୍କାର ଗ୍ରହଣ ଅବସରରେ କହିଛନ୍ତି, ପୁସ୍ତକଟି ତାଙ୍କ ପାଇଁ ଏକ ବିପଦପୂର୍ଣ୍ଣ ଉଦ୍ୟମ ଭଳି ଅନୁଭବ ହୋଇଥିଲା, ଏଇ ଯେମିତି ଅନ୍ତରଙ୍ଗ ବିଷୟବସ୍ତୁଠାରୁ ଏହାର ସିଧାସଳଖ ଶିରୋନାମା ପର୍ଯ୍ୟନ୍ତ। ରୋଡି ଡୋଇଲଙ୍କ ଅଧକ୍ଷତାରେ ବୁକର୍ ବିଚାରକମଣ୍ଡଳୀ 'ଫ୍ଲେଶ୍'କୁ ଏହାର ପୂର୍ଣ୍ଣ ଏକକତା ପାଇଁ ପ୍ରଶଂସା କରିଥିଲେ। ଡେଭିଡ୍ କହନ୍ତି ଯେ, ସେ ବର୍ଷ ବର୍ଷ ଧରି କାମ କରିଥିବା ଅନ୍ୟ ଏକ ଉପନ୍ୟାସ ପରିତ୍ୟାଗ କରିବା ପରେ ଫ୍ଲେଶ୍ ଲେଖିବା ଆରମ୍ଭ କରିଥିଲେ। କିନ୍ତୁ ଏହା ତାଙ୍କୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପୁରସ୍କାର ଦେଇଥିବାରୁ ସେ ଆଗକୁ ଆହୁରି ଅଧିକ ଭଲ ଲେଖିବେ ବୋଲି କହିଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ସାଧାରଣତଃ ବଗିଚାରେ ଔଷଧୀୟ ଗଛ ଘିକୁଆଁରୀ ରଖାଯାଇଥାଏ। ହେଲେ ଏହାର ଚାଷ ଲାଭଜନକ ବୋଲି ପ୍ରମାଣ କରିଛନ୍ତି ହୃଷୀକେଶ ଜୟସିଂହ ଧାନେ । ମହାରାଷ୍ଟ୍ର ସତାରା ଜିଲା ପଡାଲି ଗାଁର ଏହି କୃଷକ ଘିକୁଆଁରୀ ଚାଷ କରି ବର୍ଷକୁ ୩.୫ କୋଟି ଟଙ୍କା ବିଜ୍‌ନେସ କରିବା ସହ ୩୦% ଲାଭ ପାଉଛନ୍ତି। ହୃଷୀକେଶ ୮ ଏକରରେ ଘିକୁଆଁରୀ ଚାଷ କରୁଛନ୍ତି। ହାରାହାରି ୮୦୦୦ ଲିଟର ଘିକୁଆଁରୀ ରସ ସଂଗ୍ରହ କରି ସେଥିରୁ ସାବୁନ, ଶାମ୍ପୁ, ଜୁସ୍ ଓ ଜୈବିକ କୀଟନାଶକ ପ୍ରସ୍ତୁତ କରୁଛନ୍ତି। ହୃଷୀକେଶଙ୍କ ଜୀବନ ଯାତ୍ରା ଉତ୍ଥାନପତନ ଦେଇ ଗତି କରିଛି। ସେ ଅର୍ଥାଭାବ ଭିତରେ ଦଶମ ପାସ୍ କରିବା ପରେ ଏକ କମ୍ପାନୀରେ ଚାକିରି କରିଥିଲେ। ସେଥିରୁ ଯାହା ପାଉଥିଲେ ତାହା ଯଥେଷ୍ଟ ନ ହେବାରୁ ସେ ଏକ ନର୍ସରି କରିଥିଲେ। ରୋଜଗାରରେ ଏହା ମଧ୍ୟ ତାଙ୍କୁ ସହଯୋଗ କରିପାରି ନ ଥିଲା। ଫଳରେ ଘିକୁଆଁରୀ ଚାଷ କରିବାକୁ ମନସ୍ଥ କରିଥିଲେ। ୨୦୦୭ରେ ପ୍ରାୟ ୪୦୦୦ ଘିକୁଆଁରୀ ଗଛ ଲଗାଇଥିଲେ। ତାଙ୍କ ଅଞ୍ଚଳରେ ଘିକୁଆଁରୀ ଚାଷୀମାନେ ଫିଙ୍ଗି ଦେଇଥିବା ଗଛଗୁଡ଼ିକୁ ସଂଗ୍ରହ କରିଥିଲେ। ଘିକୁଆଁରୀ ଚାଷ ଓ ସେଥିରୁ ଉତ୍ପାଦ ପ୍ରସ୍ତୁତ କରିବା କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳର ଅନେକ ଲୋକଙ୍କୁ ନିଯୁକ୍ତ କରିଛନ୍ତି।

## ଚିରନ୍ତନୀ

କିପାଁଇ ସ୍ୱେଦ ବିନ୍ଦୁ ଉଠଇ ଭାଲେ
ରକତ ଛଟା ନାହିଁ ଫୁଟଇ ଗାଲେ ?
କୋମଳ ବାହୁଲତା ଦେହରେ ଅବନତା
କୁସୁମ ଗନ୍ଧ ରାଶି ପବନ ଢାଲେ,
କିପାଁଇ ସ୍ୱେଦ ତବ ଉଠଇ ଭାଲେ ?
–(ପ୍ରଭାତ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | 1 | | | 8 | |
| | | 6 | | | 4 | | 3 | |
| | 1 | | | | | | | 6 |
| | | 5 | | 3 | | 1 | 9 | 8 |
| | 8 | 9 | | | | | | |
| | | 4 | | | | 7 | 5 | |
| | 5 | | | | | | | |
| | | 1 | | | 3 | | | |
| 2 | | | 1 | | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 3 | 4 | 8 | 6 | 9 | 5 | 7 |
| 9 | 8 | 5 | 3 | 2 | 7 | 4 | 6 | 1 |
| 4 | 7 | 6 | 1 | 9 | 5 | 8 | 3 | 2 |
| 2 | 3 | 8 | 5 | 1 | 4 | 6 | 7 | 9 |
| 6 | 5 | 9 | 2 | 7 | 8 | 1 | 4 | 3 |
| 7 | 1 | 4 | 9 | 6 | 3 | 5 | 2 | 8 |
| 8 | 4 | 2 | 7 | 5 | 9 | 3 | 1 | 6 |
| 5 | 6 | 7 | 8 | 3 | 1 | 2 | 9 | 4 |
| 3 | 9 | 1 | 6 | 4 | 2 | 7 | 8 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଜାତିସଂଘ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ

ମହାଶୟ,

ବିଶ୍ୱରେ ମାନବଜାତିର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ଦେଶ ଦେଶ ମଧ୍ୟରେ ସଂହତି ସ୍ଥାପନ ଏବଂ ଯୁଦ୍ଧ–ବିଭୀଷିକାର ଦୂରୀକରଣ ନିମିତ୍ତ ବିଶ୍ୱାସର ବାତାବରଣ ପ୍ରତିଷ୍ଠାର ଆବେଗମୟ ଇଚ୍ଛାରୁ ଜନ୍ମଲାଭ କରିଥିବା ମିଳିତ ଜାତିସଂଘ ବର୍ତ୍ତମାନ ପ୍ରାୟ କ୍ଷେତ୍ରରେ କେବଳ ବିକାଶଶୀଳ ରାଷ୍ଟ୍ରମାନଙ୍କ ଦ୍ୱାରା ପରିଚାଳିତ ହୋଇ ତା'ର କାର୍ଯ୍ୟକାରିତାକୁ ସଙ୍କୁଚିତ କରାଯାଉଛି। କେତେକ ବିକାଶଶୀଳ ଦେଶର ରାଷ୍ଟ୍ରନାୟକଙ୍କର ଅନ୍ୟଦେଶ ଉପରେ ନିଜର ଆଧିପତ୍ୟ ବିସ୍ତାର କରିବାର ମନବୃତ୍ତି ପୃଥିବୀରେ ବହୁ ଖଣ୍ଡଯୁଦ୍ଧର କାରଣ ହୋଇଥିବା ଆଜି ବିଶ୍ୱକୁ କରିଛନ୍ତି ଅଶାନ୍ତମୟ। ଆମେରିକା ଏବଂ ତା' ସହଯୋଗୀ ରାଷ୍ଟ୍ରମାନଙ୍କ ହାତରେ ଜାତିସଂଘ କ୍ରୀଡ଼ନକ ସାଜିଛି। ମନେହେଉଛି, ଯେପରି ଆମେରିକା ହିଁ ଜାତିସଂଘର ଭାଗ୍ୟବିଧାତା ଏବଂ ଆମେରିକାର ନିଷ୍ପତ୍ତି ହିଁ ଜାତିସଂଘରେ ଥିବା ଆର୍ଥିକ ଓ ସାମାଜିକ ସ୍ୱାସ୍ଥ୍ୟ ନ୍ୟାୟ ସୁରକ୍ଷା ପରିଷଦ, ନିରାପତ୍ତା ପରିଷଦ ଓ ଆନ୍ତର୍ଜାତିକ ବିଚାରାଳୟର ନିଷ୍ପତ୍ତି। ବିଶ୍ୱର ବହୁରାଷ୍ଟ୍ରୀୟ ସୈନ୍ୟମାନେ ଇରାକ ଧ୍ୱଂସ କରି ଇରାକ ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କୁ ଅକାରଣେ ଯୁଦ୍ଧାପରାଧରେ ଫାଶୀ ଦେଇପାରିଲେ। ମାତ୍ର ଇସ୍ରାଏଲ ଦ୍ୱାରା ପାଲେଷ୍ଟାଇନରେ ହେଉଥିବା ଗଣହତ୍ୟା ବନ୍ଦ ନିମନ୍ତେ ପଦକ୍ଷେପ ନ ନେବା ଦୁର୍ଭାଗ୍ୟପୂର୍ଣ୍ଣ ନୁହେଁ କି ? ଏହାକୁ କେବଳ ଦୁର୍ଭାଗ୍ୟପୂର୍ଣ୍ଣ ନିନ୍ଦନୀୟ ଘଟଣା ବୋଲି କହି ନୀରବ ରହିବା ଜାତିସଂଘର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଜାତିସଂଘ ମୁଖ୍ୟତଃ କେବଳ ବିକାଶଶୀଳ ସାମରିକ କ୍ଷମତାଶାଳୀ ଦେଶଗୁଡ଼ିକର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ ବୋଲି ଭାବି ନିରପେକ୍ଷତା ସହିତ କାର୍ଯ୍ୟ ସମ୍ପାଦନ କରିବା ଉଚିତ।

– ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


ନୌଗାମ୍ ଥାନା ବିସ୍ଫୋରଣ ଘଟଣାର ମୃତକମାନଙ୍କ ପାଇଁ ଶ୍ରୀନଗରସ୍ଥିତ ପୋଲିସ କଣ୍ଟ୍ରୋଲ ରୁମ୍‌ରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରିୟଜନଙ୍କୁ ହରାଇଥିବା ଶୋକାକୁଳ ପରିବାର ସଦସ୍ୟ।

# ଆତଙ୍କବାଦର ମୂଳପୋଛ ହେବା ଜରୁରୀ: କଶ୍ମୀର ଉପମୁଖ୍ୟମନ୍ତ୍ରୀ

ଶ୍ରୀନଗର,୧୫।୧୧(ପି.ଟି.)

**କ୍ଷତିଗ୍ରସ୍ତ ଘର ପାଇଁ କ୍ଷତିପୂରଣ ପ୍ରତିଶ୍ରୁତି ଦେଲେ ଓମାର**

ନୌଗାମ୍ ଥାନାରେ ଆକସ୍ମିକ ବିସ୍ଫୋରଣ ଘଟଣାରେ ୯ ଜଣଙ୍କ ମୃତ୍ୟୁ ଘଟିବା ସହ ୩୨ ଜଣ ଆହତ ହୋଇଥିବାବେଳେ ଏହି ଘଟଣାରେ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ସମେତ ବହୁ ରାଜନେତା ଶୋକବ୍ୟକ୍ତ କରିଛନ୍ତି। ଉପରାଜ୍ୟପାଳ ସିହ୍ନା ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଓମାର ମୃତାହତଙ୍କ ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ ମୃତକମାନଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ବିସ୍ଫୋରଣରେ ଆଖପାଖର ଅନେକ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି। ଉକ୍ତ ବିଲ୍ଡିଂଗୁଡ଼ିକର ମାଲିକଙ୍କୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଓମାର ଶନିବାର ପ୍ରତିଶ୍ରୁତି ଦେଇଛନ୍ତି। ବିସ୍ଫୋରଣରେ ମୃତକଙ୍କ ପରିବାର ସହ ସରକାର ଛିଡ଼ା ହୋଇଛନ୍ତି ଓ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯିବ। ଆହତମାନଙ୍କୁ ଯେପରି ସବୁଠୁ ଭଲ ଚିକିତ୍ସା ମିଳିବ ତାହା ସୁନିଶ୍ଚିତ କରିବା ପାଇଁ ଓମାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ନୌଗାମ୍ ଥାନା ବିସ୍ଫୋରଣରେ ୯ ଜଣଙ୍କ ମୃତ୍ୟୁ ଘଟଣାରେ ଜମ୍ମୁ-କଶ୍ମୀର ଉପମୁଖ୍ୟମନ୍ତ୍ରୀ ସୁରିନ୍ଦର ଚୌଧରୀ ଗଭୀର ଦୁଃଖପ୍ରକାଶ କରିବା ସହ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦର ମୂଳପୋଛ କରାଯିବା ଜରୁରୀ ବୋଲି କହିଛନ୍ତି। ସବୁ ରାଜନୈତିକ ଦଳ ଏକାଠି ହୋଇ ଆତଙ୍କବାଦ ବିରୋଧରେ ଛିଡ଼ା ହେବା ଉଚିତ, ଯେପରି ଜମ୍ମୁ-କଶ୍ମୀର ଜନସାଧାରଣ ଶାନ୍ତିପୂର୍ଣ୍ଣ ଜୀବନ ଜିଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ନେତ୍ରୀ ମେହବୁବା ମୁଫ୍‌ତି ଏବଂ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ଆଜାଦ ପାର୍ଟି ଅଧ୍ୟକ୍ଷ ଗୁଲାମ ନବୀ ଆଜାଦ ଏହି ଦୁଃଖଦ ଘଟଣାରେ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ମୃତ ଦରଜି ଥିଲେ ପରିବାରର ଏକମାତ୍ର ରୋଜଗାରକ୍ଷମ

ଶ୍ରୀନଗର,୧୫।୧୧

ନୌଗାମ୍ ଥାନା ବିସ୍ଫୋରଣ ଘଟଣାରେ ପ୍ରାଣ ହରାଇଥିବା ଦରଜି ମହମ୍ମଦ ଶାଫି ପରାୟ ଜଣେ ସଚେତନ ନାଗରିକ ଭାବରେ ତଦନ୍ତକାରୀ ପୋଲିସ ଅଫିସରଙ୍କୁ ବିସ୍ଫୋରକ ନମୁନା ସଂଗ୍ରହରେ ସହାୟତା କରିବା ପାଇଁ ଶୁକ୍ରବାର ସକାଳେ ଘରୁ ବାହାରି ଯାଇଥିଲେ। ୪୭ ବର୍ଷୀୟ ପରାୟ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାବେଳ ତାଙ୍କର ସ୍ତ୍ରୀ ଓ ୩ ପିଲା ରହିଛନ୍ତି। ପରାୟ ପୂର୍ବରୁ ମଧ୍ୟ ଅନେକ ଥର ପୋଲିସକୁ ତଦନ୍ତରେ ସହାୟତା କରିଥିଲେ। ଶୁକ୍ରବାର ସକାଳେ ସେ ଥାନାରେ ତଦନ୍ତକାରୀ ଟିମ୍ ସହ ସାମିଲ ହୋଇ ସେଠାରେ ରହିଥିଲେ। ଘରକୁ ଯାଇ ରାତ୍ରିଭୋଜନ ପରେ ଶୀତବସ୍ତ୍ର ଧରି ପୁନର୍ବାର ଥାନାକୁ ଆସିଥିଲେ। ଫରିଦାବାଦରୁ ଜବତ ବିସ୍ଫୋରକ ସାମଗ୍ରୀରୁ ନମୁନା ସଂଗ୍ରହରେ ପୋଲିସ ଓ ଫୋରେନ୍‌ସିକ୍ ଟିମ୍‌କୁ ପରାୟ ସହାୟତା କରୁଥିବାବେଳେ ବିସ୍ଫୋରଣ ଘଟିଥିଲା।

# ଆର୍.କେ. ସିଂଙ୍କ ସମେତ ୩ ଭାଜପାରୁ ନିଲମ୍ବିତ

## ଦଳବିରୋଧୀ କାର୍ଯ୍ୟ ପାଇଁ କାର୍ଯ୍ୟାନୁଷ୍ଠାନ


ରାଜକୁମାର ସିଂ


ଅଶୋକ କୁମାର ଅଗ୍ରୱାଲ


ଉଷା ଅଗ୍ରୱାଲ

ପାଟନା,୧୫।୧୧

ବିହାରରେ ଶାସକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ବିରୋଧରେ ବିସ୍ଫୋରକ ବୟାନ ଦେଇଆସୁଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜକୁମାର ସିଂଙ୍କୁ ଦଳବିରୋଧୀ କାର୍ଯ୍ୟ ପାଇଁ ଶନିବାର ଦଳରୁ ନିଲମ୍ବନ କରାଯାଇଛି। ତାଙ୍କୁ କାହିଁକି ଦଳରୁ ବହିଷ୍କାର କରା ନ ଯିବ ଏହାର କାରଣ ଦର୍ଶାଇବାକୁ ଦଳ ପକ୍ଷରୁ ତାଙ୍କୁ କୁହାଯାଇଛି। ତେବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସିଂଙ୍କୁ ନିଲମ୍ବନ କରାଯିବାର କିଛି ସମୟ ପରେ ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ଜଣାପଡ଼ିଛି। ସେହିପରି ବିଧାନ ପରିଷଦ ସଦସ୍ୟ ଅଶୋକ କୁମାର ଅଗ୍ରୱାଲ ଏବଂ ତାଙ୍କ ସ୍ତ୍ରୀ ତଥା କଟିହାର ମେୟର ଉଷା ଅଗ୍ରୱାଲଙ୍କ ବିରୋଧରେ ମଧ୍ୟ ଅନୁରୂପ ପଦକ୍ଷେପ ନିଆଯାଇଛି। ସେମାନଙ୍କ ପୁଅ କଟିହାର ବିଧାନସଭା ଆସନରୁ ବିକାଶଶୀଳ ଇନ୍‌ସାନ୍ ପାର୍ଟି ଟିକେଟରେ ଭାଜପା ବିଧାୟକ ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତାରକିଶୋର ପ୍ରସାଦଙ୍କ ବିରୋଧରେ ଲଢୁଥିବାବେଳେ ଅଗ୍ରୱାଲ ଦମ୍ପତି ତାଙ୍କ ପାଇଁ ପ୍ରଚାର କରୁଥିଲେ।

ସୂଚନାଯୋଗ୍ୟ, ରାଜକୁମାର ସିଂ ସ୍ୱରାଷ୍ଟ୍ର ସଚିବ ପଦରୁ ଅବସର ନେବା ପରେ ୨୦୧୪ରେ ଭାଜପାରେ ଯୋଗଦେଇଥିଲେ। ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀଙ୍କ ଭଳି ସେ ଦଳର ଜଣେ ଗୁରୁତ୍ୱପୂର୍ଣ୍ଣ ନେତା ଥିଲେ। ତେବେ ଗତ ଲୋକ ସଭା ନିର୍ବାଚନରେ ସେ ତାଙ୍କ ପୂର୍ବର ଆରା ଆସନକୁ ବଜାୟ ରଖିବାରେ ବିଫଳ ହୋଇଥିଲେ। ଭାଗଲପୁରରେ ବିଦ୍ୟୁତ୍ ପ୍ଲାଣ୍ଟ ପ୍ରତିଷ୍ଠା ଲାଗି ଆଦାନୀ ଗ୍ରୁପ୍ ସହ ରାଜ୍ୟ ସରକାରଙ୍କ ଚୁକ୍ତି ସ୍ୱାକ୍ଷରରେ ସିଂଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା।

# ଉତ୍ଥାନ ପତନ ଅବଶ୍ୟମ୍ଭାବୀ

ପାଟନା,୧୫।୧୧

**ବିହାର ପରାଜୟ ପରେ ଆର୍‌ଜେଡିର ପ୍ରଥମ ପ୍ରତିକ୍ରିୟା**


ବିହାର ବିଧାନସଭା ନିର୍ବାଚନରେ ଆର୍‌ଜେଡି ପରାଜିତ ହେବା ପରେ ଉତ୍ଥାନ, ପତନ ଅବଶ୍ୟମ୍ଭାବୀ ବୋଲି ଦଳ ପ୍ରଥମ ପ୍ରତିକ୍ରିୟାରେ କହିଛି। ରାଜ୍ୟରେ କ୍ଷମତାକୁ ଫେରିବା ପାଇଁ ଲକ୍ଷ୍ୟ ରଖିଥିବା ଆର୍‌ଜେଡିକୁ ନିର୍ବାଚନ ଫଳାଫଳ ବଡ଼ ଝଟକା ଦେଇଛି। ଶାସକ ଏନ୍‌ଡିଏ ୨୦୨ ଆସନରେ ଜିତି ଐତିହାସିକ ସଫଳତା ହାସଲ କରିଥିବାବେଳେ ଆର୍‌ଜେଡି ନେତୃତ୍ୱାଧୀନ ମହାମେଣ୍ଟକୁ ୩୫ ଆସନରେ ସୀମିତ ରହିବାକୁ ପଡ଼ିଛି। ପରାଜୟ ସତ୍ତ୍ୱେ ଆର୍‌ଜେଡି ନିରାଶ ନୁହେଁ ବୋଲି ଦଳର X ହ୍ୟାଣ୍ଡେଲରେ ପୋଷ୍ଟ କରାଯାଇଛି। ଫଳାଫଳ ସାଧାରଣ ଜୀବନରେ ସ୍ୱାଭାବିକ ଉତ୍ଥାନ ପତନର ଏକ ଅଂଶ। ଜନସେବା ଏକ ନିରନ୍ତର ପ୍ରକ୍ରିୟା ଏବଂ ଅନ୍ତହୀନ ଯାତ୍ରା। ତେଣୁ ପରାଜୟରେ ହତାଶ ହେବାର କାରଣ ନାହିଁ। ଆର୍‌ଜେଡି ଗରିବମାନଙ୍କ ଦଳ ଏବଂ ସେମାନଙ୍କ ଉତ୍ଥାନ ପାଇଁ ସ୍ୱର ଉତ୍ତୋଳନ ଜାରି ରଖିବ ବୋଲି ଉକ୍ତ ବାର୍ତ୍ତାରେ କୁହାଯାଇଛି।

୨୦୨୦ ନିର୍ବାଚନରେ ଆର୍‌ଜେଡି ୭୫ ଆସନ ଜିତିଥିବାବେଳେ ଏଥର ୨୫ ଆସନରେ ସୀମିତ ରହିଛି। ୨୦୨୦ ପରେ ଏହା ଦଳର ସବୁଠୁ ନୈରାଶ୍ୟଜନକ ପ୍ରଦର୍ଶନ। ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କୁ ମହାମେଣ୍ଟ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରି ତାଙ୍କ ନେତୃତ୍ୱରେ ନିର୍ବାଚନ ଲଢୁଥିଲା ଓ କ୍ଷମତାକୁ ଫେରିବା ଲାଗି ଆଶାବାଦୀ ଥିଲା।

# ଖାର୍ଗେଙ୍କୁ ଭେଟିଲେ ରାହୁଲ

ନୂଆଦିଲ୍ଲୀ,୧୫।୧୧

ବିହାର ନିର୍ବାଚନରେ କଂଗ୍ରେସର ପରାଜୟ ପରେ ଦଳର ନେତା ରାହୁଲ ଗାନ୍ଧୀ ଶନିବାର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳଙ୍କୁ ଭେଟିଛନ୍ତି। ଦଳର ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ ଏଆଇସିସି ମୁଖ୍ୟାଳୟରେ ରାହୁଲ ଦଳର ଶୀର୍ଷ ନେତାମାନଙ୍କ ସହ ଆଲୋଚନା କରିଛନ୍ତି। ବୈଠକରେ ଦଳର କୋଷାଧ୍ୟକ୍ଷ ଅଜୟ ମାକେନ ଏବଂ ବିହାର ଦାୟିତ୍ୱରେ ଥିବା କ୍ରିଷ୍ଣା ଅଲ୍ଲାଭରୁ ଉପସ୍ଥିତ ଥିଲେ। ବିହାର ନିର୍ବାଚନରେ କଂଗ୍ରେସ ୬୧ ଆସନରେ ଲଢ଼ିଥିବାବେଳେ ମାତ୍ର ୬ଟିରେ ବିଜୟୀ ହୋଇଛି। ୨୦୧୦ ପରେ ଏହା ଦଳର ସବୁଠୁ ଖରାପ ପ୍ରଦର୍ଶନ।


ରାହୁଲ ଗାନ୍ଧୀ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ ଆଲୋଚନା କରୁଛନ୍ତି।

ବିହାର ନିର୍ବାଚନ ଫଳାଫଳ ବିସ୍ମୟକର ଏବଂ ନିର୍ବାଚନ ଆରମ୍ଭରୁ ହିଁ ସ୍ୱଚ୍ଛ ନ ଥିଲା ବୋଲି ରାହୁଲ ଶୁକ୍ରବାର କହିଥିଲେ।

# ଖାଦ୍ୟସାମଗ୍ରୀ ଶୁଳ୍କ ହଟାଇଲେ ଟ୍ରମ୍ପ୍

ୱାଶିଂଟନ,୧୫।୧୧

ଆମେରିକାରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧିକୁ ନେଇ ଜନ ଅସନ୍ତୋଷ ବଢ଼ିବା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶୁକ୍ରବାର କଫି, ଗୋମାଂସ, କଦଳୀ ଓ କମଳା ଜୁସ୍ ସମେତ ୨୦୦ରୁ ଊର୍ଦ୍ଧ୍ୱ ଖାଦ୍ୟସାମଗ୍ରୀ ଉପରୁ ଶୁଳ୍କ ଛାଡ଼ କରିଛନ୍ତି। ଟ୍ରମ୍ପ୍ ବିଦେଶରୁ ଆମଦାନୀ ସାମଗ୍ରୀ ଉପରେ ଟାରିଫ୍ ବଢ଼ାଇବା ଫଳରେ ସ୍ଥାନୀୟ ବଜାରରେ ଦରଦାମ୍ ବୃଦ୍ଧି ପାଇଥିଲା। ତେବେ ଆମଦାନୀ ଶୁଳ୍କ ବୃଦ୍ଧି ମୁଦ୍ରାସ୍ଫୀତିକୁ ପ୍ରଭାବିତ କରୁ ନ ଥିବା ଟ୍ରମ୍ପ୍ ପୂର୍ବରୁ କହିଥିଲେ। ଭର୍ଜିନିଆ, ନ୍ୟୁଜର୍ସି ଏବଂ ନ୍ୟୁୟର୍କ ସିଟିରେ ରାଜ୍ୟ ଓ ସ୍ଥାନୀୟ ନିର୍ବାଚନରେ ଡେମୋକ୍ରାଟ୍‌ଙ୍କ ବିଜୟ ହୋଇଥିଲା। ସେଠାରେ ଭୋଟରଙ୍କ ମଧ୍ୟରେ ମୁଦ୍ରାସ୍ଫୀତିକୁ ନେଇ ଅସନ୍ତୋଷର ତୀବ୍ର ପ୍ରତିଫଳନ ଦେଖିବାକୁ ମିଳିଥିଲା, ଯାହାକି ନିର୍ବାଚନର ମୁଖ୍ୟ ପ୍ରସଙ୍ଗ ଥିଲା।

# ଜାତୀୟ ପ୍ରେସ୍ ଦିବସ



## ଭ୍ରାମକ ଖବର ଓ ଗଣମାଧ୍ୟମର ବିଶ୍ୱସନୀୟତା

ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଗଣମାଧ୍ୟମ ସଦା ଦେଶ ଓ ସମାଜ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଆସୁଛି। ସତ୍ୟର ସନ୍ଧାନ, ନିରପେକ୍ଷ ଖବର ପ୍ରସାରଣ ଓ ଜନମତ ଗଠନ ହେଉଛି ଏହାର ମୂଳ ଲକ୍ଷ୍ୟ। ଆଜିର ଯୁଗ ହେଉଛି ତଥ୍ୟ ବିସ୍ଫୋରଣର ଯୁଗ। କିନ୍ତୁ ତଥ୍ୟ ଓ ପ୍ରଯୁକ୍ତି ଯୁଗରେ ଆଜିର ଗଣମାଧ୍ୟମ ଯେଉଁ ଗୁରୁତର ଆହ୍ୱାନର ସମ୍ମୁଖୀନ ହେଉଛି, ତାହା ହେଲା ଭ୍ରାମକ ଖବର ବା ଫେକ୍ ନ୍ୟୁଜ୍‌ର ବିପଜ୍ଜନକ ପ୍ରସାର। ସାମାଜିକ ଗଣମାଧ୍ୟମ ଆସିବା ପରେ ଏହା ଆହୁରି ବିସ୍ତାରିତ ହୋଇଛି ସତ, କିନ୍ତୁ ତା' ସହିତ ବଢ଼ିଛି ତଥ୍ୟ ବିକୃତି ଓ ଚାଲାକିପୂର୍ଣ୍ଣ ଖବରର ହାର। ଏବେ ତୁରନ୍ତ ଖବର ଦେବା ଓ ପ୍ରଥମେ ପ୍ରସାରଣ କରିବାର ଦୌଡ଼ ସତ୍ୟତାର ଯାଞ୍ଚ ଅନେକ ସମୟ ଉପେକ୍ଷିତ ହୋଇପଡୁଛି।

ସୋସିଆଲ ମିଡିଆ ଓ ଡିଜିଟାଲ୍ ମାଧ୍ୟମର ପ୍ରଭାବରେ ସତ୍ୟ ଓ ମିଥ୍ୟାକୁ ପରଖିବା କେତେ ଅସୁବିଧାଜନକ ତାହା ଆମେ ସମସ୍ତେ ଉପଲବ୍ଧି କରିଛନ୍ତି। ସତ୍ୟ ଓ ଭ୍ରମ ମିଶିଗଲା ପରେ ସାଧାରଣ ଜନତା ଏବେ ଅନେକ ଖବର ପ୍ରତି ସନ୍ଦେହୀ। ସତ ବୋଲି ଆମେ ଯାହାକୁ ପୂର୍ବରୁ ଭାବୁଥିଲୁ, ଏବେ ତାହା ମିଛ ବୋଲି ଜାଣିବାକୁ ପାଉଛୁ। ଏହି ପରିପ୍ରେକ୍ଷୀରେ ଭ୍ରାମକ ଖବର ହେଉଛି ଏକ ଚିନ୍ତାର ବିଷୟ। ପ୍ରତିଦିନ ବିଭିନ୍ନ ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମରେ ଗୋଟିଏ ଖବର ଉପରେ ଭିନ୍ନ ଭିନ୍ନ ତଥ୍ୟ ବା ସୂଚନା ମିଳିଥାଏ। ତା' ମଧ୍ୟରୁ କେଉଁଟା ଠିକ୍ ଆଉ କେଉଁଟି ଭୁଲ୍ ତାହା ପାଠକ ବା ଦର୍ଶକଙ୍କୁ ଦ୍ୱନ୍ଦ୍ୱରେ ପକାଏ। ବ୍ରେକିଂ ନ୍ୟୁଜ୍ ଆଜି ସଞ୍ଚାର ଜଗତର ନୂଆ ମନ୍ତ୍ର ହୋଇ ଯାଇଛି। ତ୍ୱରିତ ଖବର ଦେବାର ମୋହ ଏତେ ବଢ଼ିଛି ଯେ, ତଥ୍ୟର ସତ୍ୟତା ଯାଞ୍ଚ ଅନେକ ସମୟେ ଅବହେଳିତ ହେଉଛି। ଫଳରେ ଭ୍ରାମକ ଖବର ଲୋକମାନଙ୍କ ମନୋଭାବ ଓ ବିଶ୍ୱାସକୁ ହାନି ପହଞ୍ଚାଉଛି। ଭ୍ରାମକ ଖବର ମାତ୍ର ଏକ ତ୍ରୁଟିଯୁକ୍ତ ତଥ୍ୟ ନୁହେଁ ବରଂ ଏହା ଏକ ଅସତ୍ୟ ପ୍ରଚାର, ଯାହା ସମାଜକୁ ବିଭକ୍ତ କରୁଛି, ଘୃଣା ସୃଷ୍ଟି କରୁଛି ଓ ଜନମତକୁ ବିପର୍ଯ୍ୟସ୍ତ କରୁଛି। ଫଳରେ ଗଣମାଧ୍ୟମ ପ୍ରତି ଲୋକଙ୍କ ଆସ୍ଥା ହ୍ରାସ ପାଉଛି ଓ ଚତୁର୍ଥ ସ୍ତମ୍ଭ ପରିଭାଷା ଦୁର୍ବଳ ହେଲା ପରି ଲାଗୁଛି।



ଆଜି ଭ୍ରାମକ ଶବ୍ଦ ନିଜେ ଅସ୍ତ୍ର ପାଲଟି ଯାଇଛି। ଆଜି ଆମକୁ ବ୍ରେକିଂ ନ୍ୟୁଜ୍‌ର ଶବ୍ଦ ଅତିରଞ୍ଜିତ ଲାଗୁଛି। ଯେଉଁ ଖବର ରାଜନୀତିଜ୍ଞ ବା ଅଧିକାରୀଙ୍କ ପାଇଁ ଅସୁବିଧାଜନକ, ତାହାକୁ ଫେକ୍ ବା ଅସତ୍ୟ ବୋଲି ଅଭିହିତ କରାଯାଉଛି। ଏହା ଗଣମାଧ୍ୟମର ନିରପେକ୍ଷତାକୁ ଆହୁରି ଆଘାତ ଦେଉଛି। ଭ୍ରାମକ ଖବର ଲୋକତନ୍ତ୍ରର ମୂଳ ଧାରାକୁ ବିକୃତ କରୁଛି। ନିର୍ବାଚନ ସମୟରେ ମନଗଢ଼ା ତଥ୍ୟ ଜନମତକୁ ପ୍ରଭାବିତ କରୁଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଭ୍ରାମକ ସୂଚନା ଲୋକମାନଙ୍କୁ ଭୁଲ୍ ଚିକିତ୍ସା ଅନୁସରଣ କରିବାକୁ ପ୍ରେରିତ କରୁଛି। ବ୍ୟବସାୟ ଓ ଆର୍ଥିକ କ୍ଷେତ୍ରରେ ଏହି ଭ୍ରାମକ ଖବର ଅର୍ଥ ଓ ପ୍ରତିଷ୍ଠାନ ଉଭୟର କ୍ଷତି କରୁଛି। କେତେକ ସ୍ଥଳେ ଭୁଲ୍ ଖବର ବା ଗୁଜବ ମାନବୀୟ ହିଂସା ଓ ଦଙ୍ଗା ସୃଷ୍ଟି କରି ଜନମାନସରେ କ୍ଷତି ପହଞ୍ଚାଉଛି। ଫଳସ୍ୱରୂପ, ଲୋକମାନଙ୍କ ମନରେ ଗଣମାଧ୍ୟମ ପ୍ରତି ଆସ୍ଥା ହ୍ରାସ ପାଉଛି।

ଏଥିପାଇଁ ଆଜିର ସମୟରେ ପ୍ରଧାନ ଦାୟିତ୍ୱ ହେଉଛି ଗଣମାଧ୍ୟମର ବିଶ୍ୱସନୀୟତାକୁ ସଂରକ୍ଷିତ କରିବା। ପ୍ରତ୍ୟେକ ସମାଚାର ପ୍ରସ୍ତୁତି ପୂର୍ବରୁ ଏହାର ଉତ୍ସ ଠିକ୍ କି ନୁହେଁ ତାହାର ତଥ୍ୟ ଯାଞ୍ଚ ନିହାତି ଆବଶ୍ୟକ। ତଥ୍ୟ ଯାଞ୍ଚ ମାନେ ହେଉଛି ଖବର ପ୍ରକାଶନ ଅବା ପ୍ରସାରଣ ପୂର୍ବରୁ ସତ୍ୟ କି ମିଥ୍ୟା ତାହା ପରଖିବା ପ୍ରକ୍ରିୟା। ଯେଉଁଥିରେ ଗଣମାଧ୍ୟମ କିମ୍ବା ସମ୍ପାଦନା ମଣ୍ଡଳୀ ତଥ୍ୟଗୁଡ଼ିକୁ କେଉଁ ନିଶ୍ଚିତ ଉତ୍ସରୁ ଆସିଛି ତାହା ସମୀକ୍ଷା କରନ୍ତି। ବ୍ରେକିଂ ନ୍ୟୁଜ୍ ପରିବର୍ତ୍ତେ ଆମର ଆବଶ୍ୟକ ରହିଛି ଭେରିଫାଏଡ୍ ନ୍ୟୁଜ୍‌ର ପୁନଃ ସ୍ଥାପନ। ସେଥିପାଇଁ ପ୍ରତ୍ୟେକ ଗଣମାଧ୍ୟମ ପ୍ରତିନିଧିଙ୍କର କିଛି କର୍ତ୍ତବ୍ୟ ରହିଛି ଯାହା ଠିକ୍ ଭାବେ ଅନୁପାଳନ ହେବା ଦରକାର। ଏଠାରେ ଡିଜିଟାଲ ମିଡିଆ ସାକ୍ଷରତା କଥା ନିଶ୍ଚୟ କହିବା ଉଚିତ ମନେହେବ। ଜନସାଧାରଣ କିପରି ଭ୍ରାମକ ଖବରକୁ ଚିହ୍ନିପାରିବେ ତାହା ସେମାନଙ୍କୁ ଶିଖାଇବା ଆବଶ୍ୟକ। ଏହା ଏକ ସାମାଜିକ ଦାୟିତ୍ୱ। ଭ୍ରାମକ ତଥ୍ୟର ଶୃଙ୍ଖଳା ସେତେବେଳେ ଭାଙ୍ଗିବ ଯେତେବେଳେ ସାଧାରଣ ପାଠକ ଅବା ଦର୍ଶକଟିଏ ସତ୍ୟ ଓ ଅସତ୍ୟର ଭେଦ ଜାଣି ପାରିବ। ସାମ୍ବାଦିକତା ମାନେ କେବଳ ଖବର ଦେବା ନୁହେଁ, ଏହା ଏକ ଦାୟିତ୍ୱ, ଏକ ଆହ୍ୱାନ, ଏକ ଜନସେବା। ସତ୍ୟ କେବେ ଲୁଚିଯାଏ ନାହିଁ, ଯଦି ଗଣମାଧ୍ୟମ ତାହାକୁ ନିଷ୍ଠାରେ ପାଳନ କରେ ତେବେ ଜନତାର ଆସ୍ଥା ପୁନଃ ସ୍ଥାପନ ହୋଇପାରିବ।

**– ସରୋଜ କୁମାର ଶତପଥୀ**
ମୋ:୯୩୪୮୧୨୭୫୪୭

**ଗଣତନ୍ତ୍ରକୁ ବଜାୟ ରଖିବା ଏବଂ ସ୍ୱଚ୍ଛ ଯୋଗାଯୋଗକୁ ପ୍ରୋତ୍ସାହିତ କରିବାରେ ପ୍ରେସ୍(ଗଣମାଧ୍ୟମ)ର ଭୂମିକାକୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ନଭେମ୍ବର ୧୬ରେ ପାଳିତ ହୋଇଆସୁଛି 'ଜାତୀୟ ପ୍ରେସ ଦିବସ'। ସୂଚନାଯୋଗ୍ୟ, ୧୯୬୬ ମସିହାର ଏହି ଦିବସରେ ପ୍ରେସ୍ କାଉନ୍‌ସିଲ ଅଫ ଇଣ୍ଡିଆ ଏକ ସ୍ୱାଧୀନ, ସାମ୍ବିଧାନିକ ସଂସ୍ଥା ଭାବରେ ପ୍ରତିଷ୍ଠିତ ହୋଇଥିଲା। ଏହି ଅବସରରେ ଗଣମାଧ୍ୟମର ଭୂମିକା, ସ୍ୱାଧୀନତା, ନିରପେକ୍ଷତା ଆଦି ଦାୟିତ୍ୱଗୁଡ଼ିକୁ ଠିକ୍ ଭାବରେ ପରିବେଷଣ କରିବା ଦିଗରେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗରେ କେକେତ ବିଦ୍ୟାର୍ଥୀ ଓ ଅଧ୍ୟାପକଙ୍କ ମତାମତକୁ ନେଇ ଉପସ୍ଥାପନା...**

### ଖବର ନିରପେକ୍ଷ, ଗ୍ରହଣୀୟ ହେବା ଜରୁରୀ



ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ହିସାବରେ ପ୍ରେସ୍(ଗଣମାଧ୍ୟମ)ର ଅବଦାନ ଅତୁଳନୀୟ। ସାଂପ୍ରତିକ ପରିସ୍ଥିତିରେ ପ୍ରତ୍ୟେକ ବ୍ୟକ୍ତିବିଶେଷ ନିଜର ମତାମତ ଦେବା ସହ ସୂଚନା କମ୍ ସେକେଣ୍ଡରେ ଉପସ୍ଥାପନ କରିପାରୁଛନ୍ତି। କିନ୍ତୁ ଏହି ସୂଚନା ନିରପେକ୍ଷ, ନିର୍ଭୀକ ଓ ଗ୍ରହଣୀୟ ହେବା ଦରକାର; ଯଦ୍ଦ୍ୱାରା ଲୋକଙ୍କର ଆଶା ଓ ବିଶ୍ୱାସ ସର୍ବଦା ବଜାୟ ରହିପାରିବ।

**–ପ୍ରଜ୍ଞା ପାରମିତା ମିଶ୍ର,** ସାମ୍ବାଦିକତା ଓ ଗଣ ଯୋଗାଯୋଗ ଛାତ୍ରୀ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ

### ଗଣମାଧ୍ୟମ ସମ୍ମୁଖୀନ ହେଉଥିବା ଆହ୍ୱାନ ଉପରେ ବିସ୍ତୃତ ଆଲୋଚନା ଆବଶ୍ୟକ



ଜାତୀୟ ପ୍ରେସ ଦିବସରେ ଆମେ ମୂଲ୍ୟବୋଧ ସହିତ ପ୍ରେସ୍ ମୁକ୍ତି ଓ ନୈତିକତା ପ୍ରତି ଯତ୍ନବାନ ହେବା ଲାଗି ସମସ୍ତଙ୍କୁ ଉତ୍ସାହିତ କରିବା ଆବଶ୍ୟକ। ଏହି ଦିନ ଆମକୁ ଗଣମାଧ୍ୟମର ସ୍ୱାଧୀନତା ସହିତ ପକ୍ଷପାତ ଓ ସାଲିସବିହୀନ, ସତ୍ୟ ଓ ନିଃସ୍ୱାର୍ଥପର ଖବର ପରିବେଷଣ ପାଇଁ ଯେଉଁ ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି ତା' ଉପରେ ଚିନ୍ତନ ମନ୍ଥନ କରାଯାଏ। ପ୍ରେସ ମୁକ୍ତି ଓ ନୈତିକତାର ସମନ୍ୱୟ ଦେଶର ଉନ୍ନତ ଭବିଷ୍ୟତର ଆଧାର। ଏହି ଦିନରେ ଗଣମାଧ୍ୟମ ସମ୍ମୁଖୀନ ହେଉଥିବା ଆହ୍ୱାନ ଉପରେ ବିସ୍ତୃତ ଆଲୋଚନା କରି ଗଣତାନ୍ତ୍ରିକ ଉପାୟରେ ସେଗୁଡ଼ିକର ମୁକାବିଲା କରାଯିବା ଉଚିତ।

**–ଡ. ନଳିନୀ ପାତ୍ର,** ଅଧ୍ୟାପକ, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ,ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ

### ସ୍ୱାଧୀନ ଗଣମାଧ୍ୟମ ଗଣତନ୍ତ୍ର ପାଇଁ ଅପରିହାର୍ଯ୍ୟ



ଆଜିର ପରିବର୍ତ୍ତନଶୀଳ ସମାଜରେ ଏକ ସ୍ୱାଧୀନ, ଦାୟିତ୍ୱଶୀଳ ଓ ନୈତିକ ପ୍ରେସ୍‌ର ଅପରିହାର୍ଯ୍ୟ ଭୂମିକାକୁ ସ୍ମରଣ କରାଏ। ସାମାଜିକ ଗଣମାଧ୍ୟମର ବ୍ୟାପକ ବ୍ୟବହାର ଯୋଗୁ ଜାଲି ଖବର ବ୍ୟାପକ ବେଗରେ ପ୍ରସାରିତ ହେଉଛି। ଆଜିର ପରିସ୍ଥିତିରେ ପ୍ରେସ୍‌ର କର୍ତ୍ତବ୍ୟ କେବଳ ଖବର ପହଞ୍ଚାଇବା ନୁହେଁ, ସମାଜରେ ସତ୍ୟ, ସ୍ୱଚ୍ଛତା ଓ ଦାୟିତ୍ୱକୁ ରକ୍ଷା କରିବା ମଧ୍ୟ ଜରୁରୀ। ସେଥିପାଇଁ ସ୍ୱାଧୀନ ଗଣମାଧ୍ୟମ ଗଣତନ୍ତ୍ର ପାଇଁ ଅପରିହାର୍ଯ୍ୟ।

**–ଦେବଲିନ ବେହେରା,** ଛାତ୍ରୀ, ଆଇଆଇଏମ୍‌ସି, ଢେଙ୍କାନାଳ

### ଜାଗ୍ରତ ପ୍ରହରୀ ଦାୟିତ୍ୱ ନିଭାଇବାକୁ ପଡ଼ିବ




ସମାଜର ଉନ୍ନୟନ ଯାତ୍ରାରେ ଗଣମାଧ୍ୟମର ଅବଦାନ ଅତୁଳନୀୟ। ସ୍ୱାଧୀନତା ଆନ୍ଦୋଳନର ଜ୍ୱଳନ୍ତ ଇତିହାସ ହେଉ କି ଜମ୍ମୁ-କଶ୍ମୀରରୁ ଧାରା ୩୭୦ର ଅବସାନ ଏସବୁରେ ଗଣମାଧ୍ୟମ ଏକ ଶକ୍ତିଶାଳୀ ସେତୁ ସାଜିଛି। ସାମ୍ବାଦିକମାନେ ସମାଜର ଜାଗ୍ରତ ପ୍ରହରୀ। ଏହା କଣ୍ଟାଏ କଣ୍ଟାଏ ପାଳନ କରିବାକୁ ହେବ। ଯଦି ଏହି ପ୍ରହରୀ ନିଜ ଦାୟିତ୍ୱରୁ ବିମୁଖ ହୁଏ, ତେବେ ସମାଜର ଅଗ୍ରଗତି ବନ୍ଦ ହୋଇଯିବ । ନିର୍ଭୀକ ଓ ନିଷ୍ପତ୍ତିପୂର୍ଣ୍ଣ ସାମ୍ବାଦିକତା ପ୍ରତ୍ୟେକ ସାମ୍ବାଦିକଙ୍କ ପ୍ରତିଜ୍ଞା ହେବା ଉଚିତ।

**–ସ୍ୱାଗତିକା ମୁଦୁଲି,** ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ଛାତ୍ରୀ, ଉତ୍କଳ ବିଶ୍ୱବିଦ୍ୟାଳୟ

ରିପୋର୍ଟ– ଶୁଚିସ୍ମିତା ସାହୁ, ଭୁବନେଶ୍ୱର

# ନିର୍ଣ୍ଣାୟକ ମୋଡ଼ରେ କୋଲକାତା ଟେଷ୍ଟ


ଉଇକେଟ ନେବାପରେ ରବୀନ୍ଦ୍ର ଜାଡେଜା (ବାମ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**କୋଲକାତା, ୧୫।୧୧**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ପ୍ରଥମ ଟେଷ୍ଟ କ୍ରିକେଟ ମ୍ୟାଚ୍ ଦ୍ୱିତୀୟ ଦିନ ଶେଷ ସୁଦ୍ଧା ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ମ୍ୟାଚ୍‌ର ପ୍ରଥମ ଦିନରେ ୧୧ ଉଇକେଟ ଓ ଦ୍ୱିତୀୟ ଦିନ ୧୫ ଉଇକେଟର ପତନ ଘଟିଛି। ଏଭଳି ଫଳାଫଳ ଉଭୟ ଦଳର ବୋଲରଙ୍କ ଆଧିପତ୍ୟକୁ ଦର୍ଶାଉଛି। ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ୧୫୯ ରନ କରିଥିବା ବେଳେ ଭାରତୀୟ ଦଳ ୧୮୯ ରନରେ ଅଲଆଉଟ୍ ହୋଇଯାଇଛି। ଫଳରେ ୩୦ ରନରେ ପଛୁଆ ଥିବା ଦକ୍ଷିଣ ଆଫ୍ରିକା ତା'ର ଦ୍ୱିତୀୟ ଇନିଂସରେ ଦ୍ୱିତୀୟ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୭ ଉଇକେଟ ହରାଇ ୯୩ ରନ କରିଛି। ଘରୋଇ ଦଳ ପାଇଁ ରବୀନ୍ଦ୍ର ଜାଡେଜା ୪ ଓ କୁଲଦୀପ ଯାଦବ ୨ ଉଇକେଟ ଅକ୍ତିଆର କରିଛନ୍ତି। ଭ୍ରମଣକାରୀ ଦଳ ବର୍ତ୍ତମାନ ୬୩ ରନରେ ଆଗୁଆ ଥିବାବେଳେ ହାତରେ ୩ ଉଇକେଟ ସୁରକ୍ଷିତ ରଖିଛି। ଷ୍ଟମ୍ପ ଅପସାରଣ ବେଳକୁ ଟେମ୍ବା ବଭୁମା ୨୯ ଓ କର୍ବିନ ବୋଶ୍ଚ ୧ ରନରେ ଅପରାଜିତ ରହିଛନ୍ତି।

ମ୍ୟାଚ୍‌ର ଦ୍ୱିତୀୟ ଦିନ ତଥା ଶନିବାର ଭାରତୀୟ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୭/୧ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବ ଦିନର ଦୁଇ ଅପରାଜିତ ବ୍ୟାଟର ଲୋକେଶ ରାହୁଲ ଓ ୱାଶିଂଟନ ସୁନ୍ଦର ଧୈର୍ଯ୍ୟର ସହ ବ୍ୟାଟିଂ କରି ଦ୍ୱିତୀୟ ଉଇକେଟରେ ୫୭ ରନ ଯୋଡ଼ିଥିଲେ। ରାହୁଲ ୩୯ (୪ ଚୌକା ଓ ୧ ଛକା) ଓ ସୁନ୍ଦର ୨୯ (୨ ଚୌକା ଓ ୧ ଛକା) ରନ କରି ପାଭିଲିଅନ ଫେରିଥିଲେ। ଅଧିନାୟକ ଶୁବମନ ଗିଲ (୪) ରିଟାୟର୍ଡ ହର୍ଟ ହୋଇଥିଲେ। ଏହାପରେ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏକଦା ୧୩୨ ରନରେ ୩ ଉଇକେଟ ହରାଇଥିବା ଭାରତୀୟ ଦଳ ପରବର୍ତ୍ତୀ ୫୭ ରନ ମଧ୍ୟରେ ବଳକା ୭ ଉଇକେଟ ହରାଇଥିଲା। ଫଳରେ ଭାରତୀୟ ଦଳ ୧୮୯ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଉପ ଅଧିନାୟକ ରିଷଭ ପନ୍ତ ଓ ରବୀନ୍ଦ୍ର ଜାଡେଜା ୨୭ ଲେଖାଏ ରନ କରିଥିବା ବେଳେ ଧ୍ରୁବ ଜୁରେଲ ୧୪ ଓ ଅକ୍ଷର ପଟେଲ ୧୬ ରନ କରିଥିଲେ। ବୋଲିଂରେ ଭ୍ରମଣକାରୀ ଦଳ ପକ୍ଷରୁ ସିମନ ହାର୍ମର ୪ ଓ ମାର୍କୋ ଜାନସେନ ୩ ଉଇକେଟ ନେଇଥିବା ବେଳେ କେଶବ ମହାରାଜ ଓ କର୍ବିନ ବୋଶ୍ଚ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୫୯/ଅଲଆଉଟ୍। ଭାରତ ପ୍ରଥମ ଇନିଂସ: ୧୮୯/ଅଲଆଉଟ୍ (ଲୋକେଶ ରାହୁଲ-୩୯, ୱାଶିଂଟନ ସୁନ୍ଦର-୨୯, ରିଷଭ ପନ୍ତ-୨୭, ସିମନ ହାର୍ମର-୪/୩୦, ମାର୍କୋ ଜାନସେନ-୩/୩୫)। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୩୫ ଓଭରରେ ୯୩/୭ (ଟେମ୍ବା ବଭୁମା-୨୯*, ରବୀନ୍ଦ୍ର ଜାଡେଜା-୪/୨୯, କୁଲଦୀପ ଯାଦବ-୨/୧୨)।


ଇଡେନ ଗାର୍ଡେନ୍ସରେ ଶନିବାର ଶୁବମନ ଗିଲ୍ ରିଟାୟର୍ଡ ହର୍ଟ ହୋଇ ପଡ଼ିଆ ଛାଡୁଛନ୍ତି।

# କିଟ୍ ଷ୍ଟାଡିୟମରେ ବଦଳିବ କି ଓଡ଼ିଶାର ଭାଗ୍ୟ

**ଭୁବନେଶ୍ୱର, ୧୫।୧୧ (ତପନ ସ୍ୱାଇଁ)**

ଚଳିତ ରଣଜୀ ଟ୍ରଫି କ୍ରିକେଟ ସିଜନରେ ଓଡ଼ିଶା ଏହାର ୫ମ ମ୍ୟାଚ କିଟ୍ କ୍ରିକେଟ ଷ୍ଟାଡିୟମରେ ନାଗାଲାଣ୍ଡ ସହିତ ଖେଳିବ। ଏଲିଟ ଗ୍ରୁପ୍ 'ଏ'ର ଏହି ମ୍ୟାଚ ରବିବାର ପୂର୍ବାହ୍ନ ୯ଟାରେ ଆରମ୍ଭ ହେବ। ଚଳିତ ସିଜନରେ ଓଡ଼ିଶା ଦଳର ପ୍ରଦର୍ଶନ ଏପର୍ଯ୍ୟନ୍ତ ଅତି ଦୟନୀୟ ରହିଛି। ୪ଟି ମ୍ୟାଚ ଖେଳିସାରିଥିବା ଓଡ଼ିଶା ୩ ପରାଜୟ ଏବଂ ଗୋଟିଏ ଡ୍ର ସହ ମାତ୍ର ୧ ପଏଣ୍ଟ ପାଇଛି। ପଏଣ୍ଟ ଟେବୁଲର ନିମ୍ନ ୨ ସ୍ଥାନରେ ଓଡ଼ିଶା ଓ ନାଗାଲାଣ୍ଡ ଦଳ ରହିଛି। ଦୁଇଟି ଯାକ ଦଳ ଗୋଟିଏ ଲେଖାଏ ପଏଣ୍ଟ ପାଇଥିବାରୁ ଓଡ଼ିଶା ଲାଗି ଏହି ମ୍ୟାଚର ଗୁରୁତ୍ୱ ବଢ଼ିଛି। କାରଣ ଅପେକ୍ଷାକୃତ ଦୁର୍ବଳ ନାଗାଲାଣ୍ଡକୁ ଯଦି ଓଡ଼ିଶା ଏଠାରେ ପରାସ୍ତ କରି ନ ପାରେ ତେବେ ଆସନ୍ତା ସିଜନରେ ପ୍ଲେଟ ଡିଭିଜନକୁ ଖସିବା ବିପଦ ସୃଷ୍ଟି ହେବ। ମ୍ୟାଚ ପରେ ମ୍ୟାଚକୁ ନେଇ ଦଳର ଯୋଜନା ଓ ରଣନୀତି ସବୁକିଛି ଅସ୍ପଷ୍ଟ ରହିଛି। ପ୍ରଥମ ୩ ମ୍ୟାଚ ପରେ ଚୟନକର୍ତ୍ତାମାନେ ଦଳରେ ଖେଳାଳି ପରିବର୍ତ୍ତନ କରିଥିଲେ, ମାତ୍ର ଯଥା ପୂର୍ବଂ ତଥା ପରମ୍। ଅର୍ଥାତ୍ ବିଦର୍ଭ ବିପକ୍ଷ ଚତୁର୍ଥ ମ୍ୟାଚରେ ମଧ୍ୟ ପରାଜୟ ମିଳିଲା। ୫ମ ମ୍ୟାଚ ପାଇଁ ପୁଣି ଦଳରେ ପରିବର୍ତ୍ତନ କରାଯାଇ ଅଭିଜ୍ଞ ବିପ୍ଳବ ସାମନ୍ତରାୟ ଓ ଉଇକେଟ କିପର ସାୱନ ପହାରିଆଙ୍କୁ ସାମିଲ କରାଯାଇଛି। ବ୍ୟାଟର ସନ୍ଦୀପ ପଟ୍ଟନାୟକ, ଉଇକେଟ କିପର ରାଜେଶ ଧୂପର ଓ ବାମହାତୀ ସ୍ପିନର ଜାମଲା ଭଞ୍ଜନ ମହାପାତ୍ରଙ୍କୁ ଦଳରୁ ବାଦ୍ ଦିଆଯାଇଛି। ତେଣୁ କିଟ୍ କ୍ରିକେଟ ଷ୍ଟାଡିୟମରେ ଦଳର ଭାଗ୍ୟ ପରିବର୍ତ୍ତନ ହେବା ଆଶାରେ ରହିଛନ୍ତି ଓଡ଼ିଶାର କ୍ରିକେଟପ୍ରେମୀ। କାରଣ ଆଗକୁ ଅବଶିଷ୍ଟ ୨ଟି ମ୍ୟାଚରେ ଓଡ଼ିଶା ଶକ୍ତିଶାଳୀ ତାମିଲନାଡୁ ଓ ଝାଡ଼ଖଣ୍ଡକୁ ଭେଟିବା କାର୍ଯ୍ୟସୂଚୀ ରହିଛି। ତେଣୁ ଘରୋଇ ପିଚ୍ ଓ ପରିବେଶରୁ ଫାଇଦା ଉଠାଇ ନାଗାଲାଣ୍ଡ ବିପକ୍ଷରେ ନିଜକୁ ପ୍ରମାଣିତ କରିବାକୁ ବଡ଼ ସୁଯୋଗ ଆସିଛି ଓଡ଼ିଶା ଖେଳାଳିଙ୍କ ପାଇଁ। ଉଭୟ ଦଳ ଶନିବାର କିଟ୍ ଷ୍ଟାଡିୟମରେ କଡ଼ା ଅଭ୍ୟାସ କରିଛନ୍ତି।


ବିପ୍ଳବ ସାମନ୍ତରାୟଙ୍କ ବୋଲିଂ ଅଭ୍ୟାସ।

### ରେକର୍ଡ

ଓଡ଼ିଶା ଓ ନାଗାଲାଣ୍ଡ ମଧ୍ୟରେ ଏହା ପୂର୍ବରୁ ମାତ୍ର ଗୋଟିଏ ମ୍ୟାଚ ଅନୁଷ୍ଠିତ ହୋଇଛି। ୨୦୨୩ ଜାନୁଆରୀ ୬ରୁ ୯ ପର୍ଯ୍ୟନ୍ତ କଟକର ଡ୍ରିମ୍ସ କ୍ରିକେଟ ଷ୍ଟାଡିୟମରେ ଏହି ମ୍ୟାଚ ଡ୍ର ରହିଥିଲା। ଚେତନ ବିସ୍ତ (୧୩୩ ରନ)ଙ୍କ ଶତକ ସହାୟତାରେ ନାଗାଲାଣ୍ଡ ପ୍ରଥମ ଇନିଂସରେ ୪୩୩ ରନ ସ୍କୋର କରିଥିଲା। ମାତ୍ର ଶାନ୍ତନୁ ମିଶ୍ର(୨୦୦)ଙ୍କ ଦ୍ୱିଶତକ ଓ ପ୍ରୟାସ ସିଂ (୧୦୪)ଙ୍କ ଶତକ ସହାୟତାରେ ଓଡ଼ିଶା ୮ ଉଇକେଟ ବିନିମୟରେ ୫୩୫ ରନର ବିଶାଳ ସ୍କୋର କରି ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିବାରୁ ୩ ପଏଣ୍ଟ ପାଇଥିଲା। ଏଥର ନାଗାଲାଣ୍ଡର ପ୍ରଦର୍ଶନ ମଧ୍ୟ ଭଲ ରହିନାହିଁ। ବିଦର୍ଭ ନିକଟରୁ ଏକ ଇନିଂସ ୧୭୯, ଝାଡ଼ଖଣ୍ଡଠାରୁ ଏକ ଇନିଂସ ୧୯୬ ଏବଂ ଉତ୍ତର ପ୍ରଦେଶଠାରୁ ଏକ ଇନିଂସ ୨୬୫ ରନରେ ହାରିଥିବାବେଳେ ତାମିଲନାଡୁ ବିପକ୍ଷ ମ୍ୟାଚକୁ ଡ୍ର ରଖି ପ୍ରଥମ ଇନିଂସ ପଛୁଆ ରହିବା ଭିତ୍ତିରେ ମାତ୍ର ୧ ପଏଣ୍ଟ ପାଇଛି। ତାମିଲନାଡୁ ବିପକ୍ଷରେ ଡେଗା ନିଶ୍ଚଲ (୧୭୫) ଓ ଇମଲିୱାତି ଲେମଟୁର (୧୪୬) ବଡ଼ ଇନିଂସ ଖେଳିଥିଲେ ହେଁ ପରବର୍ତ୍ତୀ ୨ଟି ମ୍ୟାଚରେ ତାହାକୁ ପୁନରାବୃତ୍ତି କରିପାରି ନାହାନ୍ତି। ତେଣୁ ଓଡ଼ିଶା ଟିମ୍ ମ୍ୟାନେଜମେଣ୍ଟ ଯୋଜନାବଦ୍ଧ ଭାବେ ରଣନୀତି ପ୍ରସ୍ତୁତ କରି ଆଗାମୀ ମ୍ୟାଚଲାଗି ପଡ଼ିଆକୁ ଓହ୍ଲାଇବାକୁ ପଡ଼ିବ। ସେସନ ଭିତ୍ତିରେ ମ୍ୟାଚର ସ୍ଥିତିକୁ ଦୃଷ୍ଟିରେ ରଖି ରଣନୀତିରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ନ ହେଲେ ଦଳ ପାଇଁ ଏଲିଟ ଗ୍ରୁପ୍‌ରେ ତିଷ୍ଠି ରହିବା କଷ୍ଟକର ହୋଇପଡ଼ିବ।

**ଓଡ଼ିଶା ଦଳ:** ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ (ଉପ ଅଧିନାୟକ), ଗୌରବ ଚୌଧୁରୀ, ବିପ୍ଳବ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ସାୱନ ପହାରିଆ, ସୌରଭ ଗୌଡ଼ା, ଅନିଲ ପରିଡ଼ା, ସମ୍ବିତ ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ରାଜେଶ ମହାନ୍ତି, ତରନି ସା, ତାପସ ଦାସ ଓ ପ୍ରଶାନ୍ତ କୁମାର ରଣା।

**ନାଗାଲାଣ୍ଡ ଦଳ:** ରଙ୍ଗସେନ ଜୋନାଥନ (ଅଧିନାୟକ), ଚେତନ ବିସ୍ତ, ଦୀପ୍ ବୋରା, ହେମ ଚେତ୍ରି, ଓଡିଲେମ୍ଭୁ କିତୁ, ସୌରଭ କୁମାର, ଇମଲିୱାତି ଲେମଟୁର, ରୋନିତ ମୋରେ, ନାଜାନ୍ଥୁଙ୍ଗ ମୋଝୁଇ, ଡେଗା ନିଶ୍ଚଲ, ସେଦେଝାଲି ରୁପେରୋ, ତହମିଦ ରହମନ, ଯୁଗନ୍ଧର ସିଂ, ତୋହୁକା ଝିମୋ, ଭିନୋ ଝିମୋନି।

### ୨୦୨୫-୨୬ ରଣଜୀ ସିଜନ

(ଏପର୍ଯ୍ୟନ୍ତ ଖେଳିଛି ୪ ମ୍ୟାଚ)

- ବନାମ ବରୋଦା: ୭ ଉଇକେଟରେ ପରାସ୍ତ
- ବନାମ ଉତ୍ତର ପ୍ରଦେଶ: ମ୍ୟାଚ ଡ୍ର, ୧ ପଏଣ୍ଟ
- ବନାମ ଆନ୍ଧ୍ର ପ୍ରଦେଶ: ଏକ ଇନିଂସ ୫୦ ରନରେ ପରାସ୍ତ
- ବନାମ ବିଦର୍ଭ: ୧୦୦ ରନରେ ପରାସ୍ତ

# ଗିଲ୍ ଆହତ


**କୋଲକାତା, ୧୫।୧୧(ପି.ଟି.)**

ଦକ୍ଷିଣ ଆଫ୍ରିକା ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟର ଅବଶିଷ୍ଟାଂଶ ଖେଳ ଲାଗି ଭାରତୀୟ ଅଧିନାୟକ ଶୁବମନ ଗିଲ ଉପଲବ୍ଧ ହେବେ କି ନାହିଁ, ସେ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ମ୍ୟାଚ୍‌ର ଦ୍ୱିତୀୟ ଦିନ ତଥା ଶନିବାର ରିଟାୟର୍ଡ ହର୍ଟ ହୋଇଥିବା ଗିଲ ବେକରେ ସର୍ଭିକାଲ କଲାର ଲଗାଇଥିବା ଦେଖିବାକୁ ମିଳିଥିଲା। ଭାରତୀୟ ଇନିଂସର ୩୫ତମ ଓଭରରେ ଦକ୍ଷିଣ ଆଫ୍ରିକୀୟ ସ୍ପିନର ସିମନ ହାର୍ମରଙ୍କ ଏକ ବଲ୍‌କୁ ସ୍ଲଗ-ସୁଇପ୍ ମାରିବାକୁ ଉଦ୍ୟମ କଲାବେଳେ ଗିଲ୍‌ଙ୍କ ବେକରେ ଆଘାତ ଲାଗିଥିଲା। ଫିଜିଓ ତାଙ୍କର ଚିକିତ୍ସା କରିବା ପରେ ସେ ପଡ଼ିଆ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ସନ୍ଧ୍ୟାରେ ପରିସ୍ଥିତି ଅଧିକ ଜଟିଳ ହୋଇଯାଇଥିଲା। ଗିଲ୍ ବେକ୍‌ରେ ସର୍ଭିକାଲ କଲାର ଲଗାଇଥିବା ନଜର ଆସିଥିଲା। ଏ ସମ୍ପର୍କରେ ଭାରତୀୟ ଦଳର ଆସିଷ୍ଟାଣ୍ଟ କୋଚ୍ ମର୍ନି ମୋର୍କେଲ କହିଛନ୍ତି, ଆମକୁ ପ୍ରଥମେ ନିର୍ଣ୍ଣୟ କରିବାକୁ ପଡ଼ିବ ଯେ ତାଙ୍କ ବେକରେ ଆଘାତ କେଉଁ ଭଳି ଲାଗିଲା। ମୋ ମତରେ ସେ ଗତ ରାତିରେ ଠିକ୍ ଭାବେ ଶୋଇ ନାହାନ୍ତି। ସେ ଜଣେ ଖୁବ୍ ଫିଟ୍ ଖେଳାଳି। ସେ ନିଜର ଭଲ ଯତ୍ନ ନିଅନ୍ତି। ଦୁର୍ଭାଗ୍ୟର ବିଷୟ ଯେ, ଶନିବାର ସକାଳେ ଉଠିଲା ବେଳେ ସେ ବେକରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏହି ସମସ୍ୟା ସହିତ ସେ ଖେଳିଥିଲେ। କାରଣ ଶନିବାର ମ୍ୟାଚ୍‌ଟି ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା।

# ମନ୍ଧାନାଙ୍କୁ ୫୦ ଲକ୍ଷ ପୁରସ୍କାର

**ମୁମ୍ବାଇ, ୧୫।୧୧(ପି.ଟି.)**

ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ପକ୍ଷରୁ ଶନିବାର ବିଶ୍ୱକପ୍‌ରେ ଭାରତୀୟ ମହିଳା ଦଳର ଓପନର ତଥା ଉପଅଧିନାୟିକା ସ୍ମୃତି ମନ୍ଧାନାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଏମ୍‌ସିଏ ପକ୍ଷରୁ ମନ୍ଧାନାଙ୍କୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଭାରତୀୟ ମହିଳା ଦଳର ବିଶ୍ୱକପ୍ ବିଜୟରେ ମନ୍ଧାନାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ସେ ୮ ମ୍ୟାଚ୍‌ରେ ୫୪.୩୫ ଆଭରେଜରେ ୪୩୪ ରନ କରିଥିଲେ।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା-୮+୮
ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ନଭେମ୍ବର ୧୬/୨୦୨୫ (୮+୮=୧୬ ପୃଷ୍ଠା+କ୍ରୋଡ଼ପତ୍ର) Bhubaneswar, Sunday, November 16/2025 Page 16 ₹ 7.00
୫୧ଶ ଭାଗ ୩୫୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 350 ମୂଲ୍ୟ ₹୭/-


# ରାଜନୈତିକ ପରିବର୍ତ୍ତନର ସମ୍ଭାବନା

**ଭୁବନେଶ୍ୱର,୧୫।୧୧(ସୁନିତ୍ ମିଶ୍ର)**

ନୂଆପଡ଼ା ଉପନିର୍ବାଚନ ଫଳାଫଳ ଆସିବା ପରେ ଓଡ଼ିଶା ରାଜନୀତିରେ ଅନେକ ରାଜନୈତିକ ଅଙ୍କ ବଦଳିବା ନେଇ ଏବେଠାରୁ ଚର୍ଚ୍ଚା ହେଲାଣି। ଯଦିଓ ଏବେ ବିରୋଧୀ ଆସନରେ ବସୁଛି ତଥାପି ବିଜେଡିର ଭବିଷ୍ୟତ ଏବଂ ଆଭ୍ୟନ୍ତରୀଣ ରାଜନୀତି ବିଷୟରେ ଜାଣିବା ପାଇଁ ଅଧିକାଂଶ ଲୋକ ବିଶେଷ ରୁଚି ରଖୁଥିବା ଦେଖିବାକୁ ମିଳିଛି। ଏଭଳି ସ୍ଥିତିରେ ଉପନିର୍ବାଚନରେ ବିଜେଡି ଫଳାଫଳ ଦେଖିବା ପରେ ଗାଁ ଗହଳିରେ ମଧ୍ୟ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏହାର ଏକ ଗଭୀର ପ୍ରଭାବ ରାଜ୍ୟବ୍ୟାପୀ ବିଜେଡି ନେତା ଓ କର୍ମୀଙ୍କ ଉପରେ ପଡ଼ିଥିବା କୁହାଯାଉଛି। ଧରିତ୍ରୀ ପକ୍ଷରୁ ନୂଆପଡ଼ା ଉପନିର୍ବାଚନକୁ ନେଇ ଅନେକ ଖବର ପ୍ରକାଶ କରାଯାଇଥିଲା। ଜୟ ଢୋଲକିଆ ବିଜେଡିରୁ ପ୍ରାର୍ଥୀ ହେଉନାହାନ୍ତି, ଏପରି ଏକ ଖବର ଧରିତ୍ରୀରେ ଅକ୍ଟୋବର ୯ ରେ 'ଢୋଲକିଆ ଯିବେ କୁଆଡ଼େ' ଶୀର୍ଷକରେ ପ୍ରକାଶ ପାଇଥିଲା। ଏହାର ଗୋଟିଏ ଦିନ ପରେ ୧୧ ତାରିଖରେ ଢୋଲକିଆ ଭାଜପାରେ ସାମିଲ ହୋଇଥିଲେ। ସେହିପରି ଧରିତ୍ରୀ ପକ୍ଷରୁ ଅକ୍ଟୋବର ୧୮ରେ ଆଉ ଏକ ଖବର '୩ ନମ୍ବର ହେଲେ ସରିଲା' ଶୀର୍ଷକରେ ପ୍ରକାଶ ପାଇଥିଲା। ଏଥିରେ ଉଲ୍ଲେଖ କରାଯାଇଥିଲା, ବିଜେଡି ଏହି ଉପନିର୍ବାଚନରେ ଯଦି ୩ ନମ୍ବର ସ୍ଥାନକୁ ଖସିଯାଏ ତେବେ ସାଧାରଣ ଲୋକମାନେ ଭବିଷ୍ୟତରେ ଯଦି କୌଣସି ନିର୍ବାଚନରେ ସରକାର ବିରୋଧରେ ଭୋଟ୍ ଦେବାକୁ ଚିନ୍ତା କରନ୍ତି ତେବେ ୨ ନମ୍ବର ଦଳ ପ୍ରତି ଅଧିକ ଆକୃଷ୍ଟ ହେବା ସମ୍ଭାବନା ବଢ଼ିଯାଇପାରେ।

ରାଜନୈତିକ ମହଲରେ ନୂଆପଡ଼ା ଫଳାଫଳକୁ ନେଇ ଚାଲିଥିବା ଚର୍ଚ୍ଚା ମୁତାବକ, ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ୧,୨୩,୮୬୯ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି। କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ୪୦ ହଜାର ୧୨୧ ଖଣ୍ଡ ଭୋଟ୍ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ୩୮,୪୦୮ ଖଣ୍ଡ ଭୋଟ୍ ପାଇ ୩ ନମ୍ବର ହୋଇଛନ୍ତି। ଅର୍ଥାତ୍ ଘାସିରାମ ୮୩ ହଜାର ୭୪୮ ଖଣ୍ଡ ଭୋଟ୍‌ରେ ଜୟଙ୍କଠାରୁ ପରାଜିତ ହୋଇଛନ୍ତି। ଯେଉଁଠି ସ୍ନେହାଙ୍ଗିନୀଙ୍କଠାରୁ ଘାସିରାମ ମାତ୍ର ୧୭୧୩ ଖଣ୍ଡ ଭୋଟ୍‌ରେ ଆଗେଇପାରିଛନ୍ତି। ବିଜେଡିକୁ ପଛରେ ପକାଇବା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ଏକମାତ୍ର ଖୁସିର ବିଷୟ ହୋଇପାରେ। ହେଲେ ୨୦୨୪ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଘାସିରାମ ଯେଉଁ ଭୋଟ୍ ପାଇଥିଲେ, ଏଥର କଂଗ୍ରେସକୁ ଯାଇ ୧୦ ହଜାର ୮୨୦ ଖଣ୍ଡ କମ୍ ଭୋଟ୍ ପାଇଲେ। ଭକ୍ତଙ୍କ ନେତୃତ୍ୱକୁ ଭରସା କରିଥିବା ଘାସିରାମ ଗତଥର ତୁଳନାରେ ଲୋକଙ୍କ ପାଖରେ ଆହୁରି କମ୍ ଗ୍ରହଣୀୟ ହେଲେ। ଏପରି ସ୍ଥିତିରେ ବିଜେଡିଠାରୁ ଯଦି ତୃଣମୂଳସ୍ତରର କର୍ମୀମାନେ ମୁହଁ ଫେରାଇବା ପ୍ରକ୍ରିୟା ବୃଦ୍ଧି ପାଇପାରେ ବୋଲି ଯେଉଁ ଆକଳନ କରାଯାଉଛି ତା'ର ଫାଇଦା ସିଧାସଳଖ ଶାସକ ଦଳ ପାଖକୁ ଯାଇପାରେ। କାରଣ ଭାଜପା ଓଡ଼ିଶାରେ ସରକାରକୁ ଆସିସାରିଥିଲେ ମଧ୍ୟ ପଞ୍ଚାୟତ, ଜୋନ୍ ଏବଂ ବୁଥ୍‌ସ୍ତରରେ ନିଜର ସଙ୍ଗଠନକୁ ସେତିକି ମଜଭୁତ କରିପାରିନାହିଁ। ଆଗକୁ ଏଥିରେ ଭାଜପା ସୁଧାର ଆଣିପାରେ ବୋଲି ରାଜନୈତିକ ବିଶାରଦମାନେ ନୂଆପଡ଼ା ଫଳାଫଳକୁ ଦେଖି ବିଚାର କରୁଛନ୍ତି।

ଅନ୍ୟପକ୍ଷରେ ନୂଆପଡ଼ାର ଫଳ ବିଜେଡିର ଆଗଧାଡ଼ିର ନେତାମାନଙ୍କ ଭିତରେ ଏକ ଅଜଣା ଭୟ ସୃଷ୍ଟି କରିଥିବା ଶୁଣିବାକୁ ମିଳୁଛି। ବିଜେଡିର କେତେକେଶ ନେତାଙ୍କ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ନୂଆପଡ଼ା ଫଳାଫଳ ଯାହା ହେଲା ଏହାପରେ ଗଣମାଧ୍ୟମ ଆଗକୁ ଆସି କିଛି କହିବାକୁ କାହା ପାଖରେ ସାହସ ହେଲା ନାହିଁ। ଦଳର ସଭାପତି ନବୀନ ପଟ୍ଟନାୟକ ନିର୍ବାଚନ ଏମିତି ଆସିବ ଓ ଯିବ ବୋଲି କହିବା ସତ୍ତ୍ୱେ ଶନିବାର ସୁଦ୍ଧା ବିଜେଡିର ଅନ୍ୟ କୌଣସି ନେତା ଉପନିର୍ବାଚନ ବାବଦରେ ପଦୁଟିଏ ମୁହଁ ଖୋଲିପାରୁନାହାନ୍ତି। ପ୍ରଥମେ ନିର୍ବାଚନରେ ୩ ନମ୍ବର ସ୍ଥାନ ପାଇବା ଯୋଗୁ ରାଜ୍ୟବ୍ୟାପୀ କର୍ମୀମାନଙ୍କ ଭିତରେ ନାକାରାତ୍ମକ ଚିନ୍ତା ସୃଷ୍ଟି ହୋଇସାରିଛି, ଏହାପରେ ଯଦି ଦଳର କେହିଁ ନେତା ଗଣମାଧ୍ୟମ ଆଗକୁ ଯାଇ ମୁହଁ ନ ଖୋଲି ଘରେ ରହିବେ, ତେବେ ବିଜେଡି ସମର୍ଥକ କାହିଁକି ଆଉ ସେମାନଙ୍କ ସାଙ୍ଗରେ ରହିବେ ବୋଲି ପ୍ରଶ୍ନ ଉଠୁଛି। ଅନ୍ୟପଟେ ନୂଆପଡ଼ା ଫଳାଫଳ ପରେ ଦଳର ଆଗାମୀ ରଣନୀତି କ'ଣ ହେବ ଏବଂ ନବୀନଙ୍କ ନେତୃତ୍ୱକୁ ଭରସାକରି ସେମାନେ କେତେଦୂର ଆଗକୁ ବଢ଼ିପାରିବେ, ଏପରି ଅନେକ ପ୍ରଶ୍ନ ସେମାନଙ୍କ ଭିତରେ ଉଠିଲାଣି। ଅର୍ଥାତ୍ ଦଳର ମୁଖ୍ୟ ନେତୃତ୍ୱ ଉପରେ ଆଗଧାଡ଼ିର ନେତାମାନେ ପ୍ରଶ୍ନଉଠାଇବା ଆରମ୍ଭ କଲେଣି ବୋଲି ଶୁଣାଯାଉଛି, ଯାହା ରାଜନୀତିରେ ଏକ ବିରାଟ ସମସ୍ୟା ବୋଲି କୁହାଯାଇପାରେ। କାରଣ ଗାଁ ଗହଳିରେ ରାଜନୀତି କରୁଥିବା ଅନେକ ଲୋକ ରାଜନୈତିକ ଦଳ ସହ ରହି କେବଳ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହିତ ସ୍ଥାନୀୟ ଅଞ୍ଚଳରେ ପରିଚୟ ବଢ଼ାଇବା ସେମାନଙ୍କ ମୂଳ ଲକ୍ଷ୍ୟ ରହିଥାଏ। ବିଜେଡି ପ୍ରଥମେ ସରକାରରୁ ଯିବା ସହ ଏବେ ଯେତେବେଳେ ଉପନିର୍ବାଚନରେ ଆହୁରି ଖରାପ ପ୍ରଦର୍ଶନ କରୁଛି, ଏହାର କୁପ୍ରଭାବ ମଧ୍ୟ ଦଳର ଗ୍ରାମାଞ୍ଚଳ ନେତାଙ୍କ ଉପରେ ପଡ଼ିବା ସମ୍ଭାବନା ରହିଛି। ଅନ୍ୟପଟେ ଉପନିର୍ବାଚନ ଲଢ଼ିବା ଲାଗି ଯେତିକି ଅର୍ଥ ଦେବା ପାଇଁ ଦଳ ପକ୍ଷରୁ କୁହାଯାଇଥିଲା ସେତିକି ମଧ୍ୟ ମିଳି ନ ଥିବା ନୂଆପଡ଼ାର ବିଜେଡି ମହଲରେ ଆଲୋଚନା ହେଉଛି। ୨ଥର ଗସ୍ତ କରିବା ପରେ ନବୀନଙ୍କ ଲୋକପ୍ରିୟତା ଆଉ ପୂର୍ବଭଳି ନ ଥିବାର ଏକ ବାର୍ତ୍ତା ମଧ୍ୟ ଏହି ଫଳାଫଳ ପରେ ତୃଣମୂଳସ୍ତରକୁ ଯାଇସାରିଛି।

ଭକ୍ତଚରଣ ଦାସ ପୂର୍ବରୁ ଲଢ଼ିଥିବା କଳାହାଣ୍ଡି ଲୋକ ସଭା କ୍ଷେତ୍ର ଅଧୀନରେ ରହିଛି ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ। ଓଡ଼ିଶା ପିସିସି ସଭାପତି ଭାବେ ଭକ୍ତଙ୍କୁ ଦାୟିତ୍ୱ ମିଳିବା ପରେ ତାଙ୍କ ନେତୃତ୍ୱରେ କଂଗ୍ରେସ ପ୍ରଥମ ଉପନିର୍ବାଚନର ସାମ୍ନାକଲା। ହେଲେ ନିଜ ଲୋକ ସଭା କ୍ଷେତ୍ରରେ ନେତୃତ୍ୱ ନେଇ ଭକ୍ତ ଏତେ ନୈରାଶ୍ୟଜନକ ଫଳ ଆଣିବା ଯୋଗୁ ରାଜ୍ୟବ୍ୟାପୀ କଂଗ୍ରେସ ନେତାମାନେ ପିସିସି ସଭାପତିଙ୍କ ଦକ୍ଷତା ଉପରେ ପ୍ରଶ୍ନ ଉଠାଉଥିବା ଚର୍ଚ୍ଚା ହେଉଛି। ଯିଏ ନିଜ ନିର୍ବାଚନମଣ୍ଡଳୀରେ ଲୋକପ୍ରିୟ ହୋଇପାରୁନାହାନ୍ତି ସେ ରାଜ୍ୟରେ ଦଳକୁ କେତେ ଆଗକୁ ନେବେ ତାକୁ ରାଜନୈତିକ ମହଲରେ କୁହାକୁହି ହେଲେଣି। ଏସବୁ ସ୍ଥିତିରେ ବିଜେଡିର ପରବର୍ତ୍ତୀ ଆଭିମୁଖ୍ୟ କ'ଣ ହେବ ଏବଂ ରାଜ୍ୟରେ ଭାଜପା ବିରୋଧରେ କଂଗ୍ରେସ କିପ୍ରକାର ରଣନୀତି କରିବ ଏହା ଉପରେ ବିଶେଷ ଦୃଷ୍ଟି ରହିବ। ସୂଚନାଯୋଗ୍ୟ, ବିଜେଡି ସରକାର ସମୟରେ ୨୦୧୯ ସାଧାରଣ ନିର୍ବାଚନରେ ନବୀନ ପଟ୍ଟନାୟକ ଉଭୟ ହିଞ୍ଜିଳି ଏବଂ ବିଜେପୁର ଆସନରୁ ଲଢ଼ି ବିଜୟୀ ହୋଇଥିଲେ। ଏହାପରେ ସେ ବିଜେପୁର ଆସନରୁ ଇସ୍ତଫା ଦେବାପରେ ସେଠାରେ ଉପନିର୍ବାଚନ ହୋଇଥିଲା। ସେଥିରେ ରୀତା ସାହୁ ବିଜେଡି ପ୍ରାର୍ଥୀ ହୋଇ ଭାଜପା ପ୍ରାର୍ଥୀ ସନତ ଗଡତିଆଙ୍କଠାରୁ ୯୭ ହଜାର ୯୯୦ ଖଣ୍ଡ ଭୋଟ୍‌ରେ ବିଜୟୀ ହୋଇଥିଲେ। ସେଥର ଭାଜପା ପ୍ରାର୍ଥୀ ୩୭,୯୬୭ ଖଣ୍ଡ ଭୋଟ୍ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଦିଲୀପ କୁମାର ପଣ୍ଡା ମାତ୍ର ୫,୮୭୬ ଖଣ୍ଡ ଭୋଟ୍ ପାଇଥିଲେ।



## ୩ ନମ୍ବର ହେଲେ ସରିଲା

- ନାମାଙ୍କନ କଲେ ଜୟ, ଘାସିରାମ
- ଆଜି ସ୍ନେହାଙ୍ଗିନୀଙ୍କ ପ୍ରାର୍ଥୀପତ୍ର ଦାଖଲ

ଜୟ ଢୋଲକିଆ | ଘାସିରାମ ମାଝୀ | ସ୍ନେହାଙ୍ଗିନୀ ଛୁରିଆ

**ନୂଆପଡ଼ା ଉପନିର୍ବାଚନ**

ଭୁବନେଶ୍ୱର, ୧୮।୧୦ (ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନ ପାଇଁ ରାଜ୍ୟର ପ୍ରମୁଖ ୩ ଦଳର ଅଧିକାଂଶ ନେତା ସେଠାରେ ପହଞ୍ଚି ସାରିଛନ୍ତି। ଶନିବାର ଭାଜପାରୁ ପ୍ରାର୍ଥୀ ହୋଇଥିବା ଜୟ ଢୋଲକିଆ ଏବଂ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ନାମାଙ୍କନ ଦାଖଲ ସରିଛି। ରବିବାର ବିଜେଡିରୁ ପ୍ରାର୍ଥୀ ହୋଇଥିବା ସ୍ନେହାଙ୍ଗିନୀ ଛୁରିଆ ତାଙ୍କ ନାମାଙ୍କନ ଦାଖଲ କରିବେ। ସ୍ନେହାଙ୍ଗିନୀଙ୍କ ନାମାଙ୍କନ ଦାଖଲ କାର୍ଯ୍ୟକ୍ରମରେ ସାମିଲହେବା ପାଇଁ ବିଜେଡିର ପ୍ରଥମ ନେତାମାନେ ନୂଆପଡ଼ାରେ ପହଞ୍ଚିଛନ୍ତି। ବିଜେଡି ଲାଗି ଏହି ଉପନିର୍ବାଚନ ଏତେ ଗୁରୁତ୍ୱପୂର୍ଣ୍ଣ ଯେ, ନିଜେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଟେଲିଫୋନ କରି ବହୁ ନେତାଙ୍କୁ ନାମାଙ୍କନ ଦାଖଲ କାର୍ଯ୍ୟକ୍ରମରେ ସାମିଲହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଉପନିର୍ବାଚନକୁ ଭଲରେ ଲଢ଼ିବା ପାଇଁ ସେ କହିଛନ୍ତି। ବର୍ତ୍ତମାନ ଏହା ସମ୍ମାନର ପ୍ରଶ୍ନ ବୋଲି ଦଳୀୟ ନେତାଙ୍କୁ ନବୀନ କହିବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପଟେ ନୂଆପଡ଼ା ଉପନିର୍ବାଚନରେ ☞ପୃଷ୍ଠା-୨

ଅକ୍ଟୋବର ୧୯ରେ ଧରିତ୍ରୀରେ ପ୍ରକାଶିତ ଖବରର ଫଟୋଚିତ୍ର।

# କାର୍ଯ୍ୟକାରୀ ହେଲା ଡେଟା ସୁରକ୍ଷା ଆଇନ

**ନୂଆଦିଲ୍ଲୀ,୧୫।୧୧**

ଡେଟା ସୁରକ୍ଷା ବିଲ୍ ଆଇନରେ ପରିଣତ ହେବାର ୨ ବର୍ଷ ପରେ ଏହାକୁ କାର୍ଯ୍ୟକାରୀ କରାଯାଇଛି। କେନ୍ଦ୍ର ସରକାର ଶୁକ୍ରବାର ଡିଜିଟାଲ ପର୍ସନାଲ ଡେଟା ପ୍ରୋଟେକ୍ସନ (ଡିପିଡିପି) ଆଇନ, ୨୦୨୩ ପୂର୍ଣ୍ଣ କାର୍ଯ୍ୟକାରିତା ନେଇ ଡିପିଡିପି ନିୟମାବଳୀ, ୨୦୨୫ ବିଜ୍ଞପିତ କରିଛନ୍ତି। ଏଥିସହିତ ୪ ସଦସ୍ୟ ବିଶିଷ୍ଟ ଏକ ଡେଟା ସୁରକ୍ଷା ବୋର୍ଡ ଗଠନ କରାଯାଇଛି। ବ୍ୟକ୍ତିଗତ ଡିଜିଟାଲ ଡେଟାର ଦାୟିତ୍ୱସମ୍ପନ୍ନ ବ୍ୟବହାର ପାଇଁ ଉକ୍ତ ଆଇନ ଓ ନିୟମାବଳୀ ଏକ ସରଳ, ନାଗରିକ କେନ୍ଦ୍ରିକ ଓ ନବାଚାର ଅନୁକୂଳ ଢାଞ୍ଚା ପ୍ରସ୍ତୁତ କରିବ। ୨୦୨୩ ଅଗଷ୍ଟ ୧୧ରେ ପାର୍ଲାମେଣ୍ଟରେ ଡେଟା ସୁରକ୍ଷା ବିଲ୍ ଗୃହୀତ ହୋଇଥିଲା। ବିଜ୍ଞପିତ ନୟମାବଳୀ ଅନୁଯାୟୀ କମ୍ପାନୀଗୁଡ଼ିକୁ ୧୨ରୁ ୧୮ ମାସ ମଧ୍ୟରେ ଆଇନର ବ୍ୟବସ୍ଥାଗୁଡ଼ିକୁ ଅନୁପାଳନ କରିବାକୁ ହେବ। ଏଥିପାଇଁ ସେମାନେ କନ୍‌ସେଣ୍ଟ ମ୍ୟାନେଜର, ଡେଟା ପ୍ରୋଟେକ୍ସନ ଅଫିସର ନିଯୁକ୍ତ କରିବା ସହ ୟୁଜର ଅନୁମତି ଦର୍ଶାଇବା ପାଇଁ ବ୍ୟବସ୍ଥା କରିବେ ଏବଂ ଡେଟା ପ୍ରିଭେସି ଉଲ୍ଲଂଘନ ହେଲେ ୭୨ ଘଣ୍ଟା ମଧ୍ୟରେ ଏହାର ରିପୋର୍ଟ କରିବେ। ୧୮ ବର୍ଷରୁ କମ୍ ବୟସର ୟୁଜରଙ୍କ ପାଇଁ ପ୍ଲାଟ୍‌ଫର୍ମଗୁଡ଼ିକ ସେମାନଙ୍କ ମାତାପିତାଙ୍କୁ ଅନୁମତି ନିଶ୍ଚୟ ନେବେ। ପ୍ଲାଟ୍‌ଫର୍ମ ବିଜ୍ଞାପନ ପାଇଁ ନିର୍ଦ୍ଦିଷ୍ଟ ଡେଟାକୁ ବ୍ୟବହାର କରିପାରିବ ନାହିଁ।




# ଦୁଇ ଆନ୍ତଃରାଜ୍ୟ ବିହାରୀ ବନ୍ଧୁକ ବେପାରୀ ଗିରଫ

**ଗୋଟିଏ କାର୍ବାଇନ ସହ ୫ ବନ୍ଧୁକ,୯ ଗୁଳି ଜବତ**

- ମୁଙ୍ଗେରରୁ ବନ୍ଧୁକ ଆଣି ୫ ଜିଲ୍ଲାକୁ ଚାଲାଣ କରୁଛନ୍ତି
- ଖଣି, ବାଲି ମାଫିଆ ଓ ହାର୍ଡକୋର ଅପରାଧୀ କିଣିଛନ୍ତି ବନ୍ଧୁକ





ଗିରଫ ହୋଇଥିବା ଦୁଇ ବନ୍ଧୁକ ବେପାରୀ। ଜବତ କାର୍ବାଇନ ସହ ଅନ୍ୟ ବନ୍ଧୁକ, ଗୁଳି ଓ ମୋବାଇଲ।

ଭୁବନେଶ୍ୱର, ୧୫।୧୧ (ତ୍ରିନାଥ ମହାନ୍ତି)

ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ବନ୍ଧୁକ ଚାଲାଣ କରୁଥିବା ଦୁଇଜଣ ବନ୍ଧୁକ ବେପାରୀଙ୍କୁ ଗିରଫ କରିଛି ସ୍ପେଶାଲ କ୍ରାଇମ୍ ୟୁନିଟ୍। ସେମାନଙ୍କ ନିକଟରୁ ଗୋଟିଏ କାର୍ବାଇନ୍ (ରାଇଫଲ ବର୍ଗର ବନ୍ଧୁକ), ୫ଟି ସେମି ଅଟୋମେଟିକ୍ ପିସ୍ତଲ, ୯ଟି ଗୁଳି ଓ ୨ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ବିହାର ଖଗରିଆ ଜିଲାର ଦିବ୍ୟାଂଶୁ କୁମାର ଏବଂ ଚନ୍ଦନ କୁମାର। ସେମାନଙ୍କୁ ଶୁକ୍ରବାର ରାତିରେ ଖାରବେଳନଗର ଥାନା ୟୁନିଟ୍-୩ ମାଳିସାହି ନିକଟରୁ ପୋଲିସ ଗିରଫ କରିଛି ବୋଲି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ପୋଲିସ ସେବା ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଗତ କିଛି ମାସ ହେବ ଭୁବନେଶ୍ୱର, ଖୋର୍ଦ୍ଧା ଏବଂ କଟକକୁ ବେଆଇନ ଭାବେ ବନ୍ଧୁକ ଚାଲାଣ କରାଯାଉଥିବା ନେଇ ପୋଲିସ ଖବର ପାଇଥିଲା। ପୋଲିସ ଏକାଧିକ ବ୍ୟକ୍ତିଙ୍କୁ ପଚରାଉଚରା କରିବା ପରେ ଏହି ବନ୍ଧୁକ ଚାଲାଣ ର୍‍ୟାକେଟ ନିକଟରେ ପହଞ୍ଚିଥିଲା। ଗିରଫ ଦୁଇ ଅଭିଯୁକ୍ତ ଭୁବନେଶ୍ୱର,ଖୋର୍ଦ୍ଧା, ଜଗତ୍‌ସିଂହପୁର, କଟକ, କେନ୍ଦ୍ରପଡ଼ା ଆଦି ୫ଟି ଜିଲାକୁ ବନ୍ଧୁକ ଚାଲାଣ କରୁଥିଲେ। ସେମାନେ ବିହାରର ମୁଙ୍ଗେରରୁ ବନ୍ଧୁକ ଆଣି ଏଠାରେ ୬୦ରୁ ୮୦ ହଜାର ଟଙ୍କାରେ ବିକ୍ରି କରୁଥିଲେ। ବନ୍ଧୁକ ପାଇଁ ସେମାନେ ସପ୍ତାହେ ପୂର୍ବରୁ ଅଗ୍ରୀମ ଟଙ୍କା ନେଉଥିଲେ। ତେବେ ଏନେଇ ସୂଚନା ପାଇବା ପରେ ପୋଲିସ ସେମାନଙ୍କୁ ଧରିବାକୁ ଯୋଜନା କରିଥିଲା। ଏଥିପାଇଁ ଦୁଇ ଅଭିଯୁକ୍ତଙ୍କ ସହ ପୂର୍ବରୁ ପରିଚିତ ଥିବା ଜଣେ ବ୍ୟକ୍ତିଙ୍କୁ ମାଧ୍ୟମ କରିଥିଲେ। ବ୍ୟକ୍ତି ଜଣକ ଚନ୍ଦନ ଏବଂ ଦିବ୍ୟାଂଶୁଙ୍କୁ ବନ୍ଧୁକ ଡିଲ୍ ଅର୍ଡର ଆସିଥିବା କହିଥିଲେ। ସ୍ପେଶାଲ କ୍ରାଇମ୍ ୟୁନିଟ୍‌ର ୩ଜଣ ବ୍ୟକ୍ତି ଗ୍ରାହକ ହୋଇଯାଇଥିଲେ। ଅଭିଯୁକ୍ତଙ୍କୁ ଅଗ୍ରୀମ ଆକାରରେ ୨ଲକ୍ଷରୁ ଅଧିକ ଟଙ୍କା ଦେଇଥିଲେ। ବନ୍ଧୁକ ଦେବା ପରେ ବାକି ୪ଲକ୍ଷ ନେବ ବୋଲି କହିଥିଲେ। ଟଙ୍କା ନେଇ ଦୁଇ ଅଭିଯୁକ୍ତ ଯିବା ପରେ ପୋଲିସ ସେମାନଙ୍କୁ ଟ୍ରାକ୍ କରିଥିଲା। ଗୋଟିଏ ସପ୍ତାହ ପରେ ଦୁଇ ଅଭିଯୁକ୍ତ ଗତକାଲି ଟ୍ରେନ୍‌ରେ ବନ୍ଧୁକ ଆଣି ମାଳିସାହି ନିକଟରେ ଅପେକ୍ଷା କରିଥିଲେ। ଗ୍ରାହକ ଭାବେ ସ୍ପେଶାଲ କ୍ରାଇମବ୍ରାଞ୍ଚ ୟୁନିଟ୍ ଟିମ୍‌ର ୩ଜଣ କର୍ମଚାରୀ ସେଠାରେ ପହଞ୍ଚି ଦୁଇ ଅଭିଯୁକ୍ତଙ୍କ ସହ ଡିଲ୍ କରୁଥିବାବେଳେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ପୋଲିସ ଟିମ୍ ଚଢ଼ାଉ କରି ଉଭୟଙ୍କୁ କାବୁ କରିବା ସହ ସେମାନେ କାନ୍ଧରେ ଝୁଲାଇଥିବା ଏୟାର ବ୍ୟାଗ୍‌କୁ ଯାଞ୍ଚ କରିଥିଲେ। ସେଥିରୁ ଗୋଟିଏ କାର୍ବାଇନ୍, ୫ ବନ୍ଧୁକ ଏବଂ ୯ ରାଉଣ୍ଡ ଗୁଳି ଜବତ କରାଯାଇଥିଲା। ସ୍ପେଶାଲ କ୍ରାଇମ୍ ୟୁନିଟ୍ ତଦନ୍ତରୁ ଜାଣିବାକୁ ପାଇଛି ଯେ, ସେମାନେ ପୂର୍ବରୁ ଓଡ଼ିଶାରେ ଏକାଧିକ ବନ୍ଧୁକ ବିକ୍ରି କରିଛନ୍ତି। ବିଶେଷକରି ଖଣି ମାଫିଆ, ବାଲି ମାଫିଆ ଏବଂ ହାର୍ଡକୋର ଅପରାଧୀଙ୍କୁ ବନ୍ଧୁକ ଚାଲାଣ କରିଛନ୍ତି। ତେଣୁ ପୋଲିସ ଏହି ରାକେଟ୍‌ର ଶେଷ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ତାର ତଦନ୍ତକୁ ଜୋରଦାର କରିଥିବା ସୂଚନା ଦିଆଯାଇଛି।

## ଦେଢ଼ ଲକ୍ଷ ଟଙ୍କାରେ ବିକିଥାନ୍ତେ କାର୍ବାଇନ ବନ୍ଧୁକ

ଗିରଫ ବିହାରୀ ବନ୍ଧୁକ ବେପାରୀ ଆତଙ୍କବାଦୀ ଏବଂ ଏସ୍‌ପିଜି ଧରୁଥିବା କାର୍ବାଇନ୍ ବନ୍ଧୁକ କେଉଁଠୁ ଆଣିଲେ ତାହାକୁ ନେଇ ପ୍ରଶ୍ନ ଉଠୁଛି। ପୂର୍ବରୁ ମଧ୍ୟ ଏହି କାର୍ବାଇନ୍ ବନ୍ଧୁକ ସେମାନେ ଓଡ଼ିଶାରେ ବିକ୍ରି କରିଛନ୍ତି। କାର୍ବାଇନ୍‌କୁ ସେମାନେ ଦେଢ ଲକ୍ଷ ଟଙ୍କାରେ ବିକ୍ରି କରୁଥିଲେ। ୩ରୁ ଅଧିକ ବନ୍ଧୁକ କିଣିଲେ, ଡିସ୍‌କାଉଣ୍ଟ କରୁଥିଲେ। ତେବେ ସେମାନେ କାହାକୁ ବନ୍ଧୁକ ବିକ୍ରି କରିଛନ୍ତି ତାହାର ଖୋଳତାଡ଼ କରିବା ପାଇଁ ଉଭୟଙ୍କୁ ରିମାଣ୍ଡରେ ଅଣାଯିବ। ଦେଇଛନ୍ତି। ଅନ୍ୟପକ୍ଷରେ ଉଭୟଙ୍କ ଆର୍ଥିକ କାରବାର ଓ ଆପରାଧିକ ରେକର୍ଡ, ସପ୍ଲାଏ ଚେନ୍ ଏବଂ ଆପରାଧିକ ନେଟ୍‌ୱାର୍କ ସମ୍ପର୍କରେ ପୋଲିସ ତଦନ୍ତ କରିବ। ତେବେ ଏହାକୁ ମିଶାଇ ୨ ମାସ ମଧ୍ୟରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ୧୯ ବନ୍ଧୁକ ଏବଂ ଗୋଟିଏ କାର୍ବାଇନ୍ ଜବତ କରିଛି ବୋଲି ପୋଲିସ କମିଶନର ଦେବଦତ୍ତ ସିଂ ସୂଚନା ଦେଇଛନ୍ତି।

# ଜେଲରେ ୮ ଅଭିଯୁକ୍ତଙ୍କ ହେଲା ଟିଆଇ ପରେଡ

**ପୀତବାସ ହତ୍ୟା ମାମଲା**

ବ୍ରହ୍ମପୁର,୧୫।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ପୀତବାସ ପଣ୍ଡା ହତ୍ୟା ମାମଲାର ତଦନ୍ତ କରୁଥିବା ବ୍ରହ୍ମପୁର ପୋଲିସ ପକ୍ଷରୁ ଶନିବାର ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ୮ ଜଣ ଅଭିଯୁକ୍ତଙ୍କ ଟିଆଇ ପରେଡ କରାଯାଇଛି। ମାଜିଷ୍ଟ୍ରେଟ, ପୋଲିସ ସହ ୨ ଜଣ ପ୍ରତ୍ୟକ୍ଷଦର୍ଶୀ ଜେଲ ଭିତରକୁ ଯାଇ ଏହି ୮ ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ। ଟିଆଇ ପରେଡରେ ସାମିଲ ହୋଇଥିବା ଅଭିଯୁକ୍ତମାନେ ହେଲେ ଶାର୍ପଶୁଟର କୁରୁପତି ଭୂୟାଁ ଓ ଚିଣ୍ଟୁ ପ୍ରଧାନ, ବିହାରର ଶିଶୁପାଳ ପାଶ୍ୱନ ଓ କୁନ୍ଦନ କୁମାର, ଷଡଯନ୍ତ୍ରକାରୀଙ୍କ ମୁଖ୍ୟ ସହଯୋଗୀ ଉମା ବିଷୋୟୀ, ଯୋଗୀ ରାଉତ, ସୀମାଞ୍ଚଳ ନାୟକ ଏବଂ ବିପିନ ସ୍ୱାଇଁ।

ଶନିବାର ଅପରାହ୍ନରେ ମାଜିଷ୍ଟ୍ରେଟ ଭାବେ ଜେଏମ୍‌ଏଫ୍‌ସି ଦୀପିକା ବଡମାଳି ଓ ମାମଲାର ତଦନ୍ତ ଅଧିକାରୀ ଟାଉନ ଏସ୍‌ଡିପିଓ ପ୍ରିୟସ ରଞ୍ଜନ ଛୋଟରାୟଙ୍କ ସହ ଅନ୍ୟ ପୋଲିସ ଅଧିକାରୀ ଏହି ହତ୍ୟା ମାମଲାର ୨ ଜଣ ପ୍ରତ୍ୟକ୍ଷ ଦର୍ଶୀଙ୍କୁ ଧରି ଜେଲ ଭିତରେ ପହଞ୍ଚିଥିଲେ। ପୂର୍ବରୁ ଜେଲ କର୍ତ୍ତୃପକ୍ଷ ଉପରୋକ୍ତ ୮ ଜଣ ଅଭିଯୁକ୍ତଙ୍କୁ ଆଣି ଧାଡିରେ ଛିଡା କରାଇଥିଲେ। ପ୍ରତ୍ୟକ୍ଷଦର୍ଶୀମାନେ ଅଭିଯୁକ୍ତମାନଙ୍କୁ ଦେଖି ଅଧିକାରୀଙ୍କ ସମ୍ମୁଖରେ ନିଜ ମତ ରଖିଥିଲେ। ଏହି ହତ୍ୟା ମାମଲାରେ ମୋଟ ୧୬ ଜଣ ଅଭିଯୁକ୍ତଙ୍କୁ ପୋଲିସ ପର୍ଯ୍ୟାୟକ୍ରମେ ଗିରଫ କରି ମଣ୍ଡଳ କାରାଗାରକୁ ପଠାଇଥିଲା। ସୁରକ୍ଷା ଦୃଷ୍ଟିରୁ ଉକ୍ତ ଜେଲରେ ଥିବା ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁଙ୍କୁ ଫୁଲବାଣୀ କାରାଗାରକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ବ୍ରହ୍ମପୁର କାରାଗାରରେ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, କର୍ପୋରେଟର ମଳୟ ବିଷୋୟୀ, ବିଜେଡି ନେତା ମଦନ ଦଳେଇଙ୍କ ସମେତ ୧୫ ଜଣ ରହୁଛନ୍ତି।

# ଅଳିଆଗଦାରୁ କନ୍‌ଷ୍ଟେବଲଙ୍କ ମୃତଦେହ ଉଦ୍ଧାର



ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

**ପଥରରେ ଛେଚି ହତ୍ୟା, ଅଭିଯୁକ୍ତ ଗିରଫ**

ହରଭଙ୍ଗା,୧୫।୧୧ (ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅଧୀନ ଯାଜପୁର ବାଲିସାହି ଗ୍ରାମରେ ଜଣେ କନଷ୍ଟେବଲଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଜଣାପଡିଛି। ମୃତକ ହେଲେ ପୋଲିସ କନଷ୍ଟେବଲ ଉଦୟ ରଞ୍ଜନ ପଟ୍ଟନାୟକ (୫୪)। ସେ କନ୍ଧମାଳ ଜିଲା ବାଲିଗୁଡା ଥାନାରେ କାର୍ଯ୍ୟରତ ଥିଲେ। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ସଞ୍ଜୟ ନାଏକ। ଏ ନେଇ ପୁରୁଣାକଟକ ଥାନାରେ ଏକ ମାମଲା (ନଂ.୧୯୪/୨୫) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁସାରେ, କିଛିଦିନ ତଳେ ମୃତ କନଷ୍ଟେବଲ ଉଦୟ ରଞ୍ଜନ ନିଜ ଗ୍ରାମ ଯାଜପୁର ବାଲିସାହିକୁ ଆସିଥିଲେ। ଏହି ସମୟରେ ସେ ସଞ୍ଜୟଙ୍କ ସହିତ ମିଳାମିଶା କରୁଥିଲେ। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ସଞ୍ଜୟ ତାଙ୍କୁ ଏକ ପଥରରେ ଛେଚି ହତ୍ୟା କରିବା ପରେ ଘର ପଛପଟ ଏକ ଅଳିଆ ଗଦାରେ ପୋତିଦେଇଥିଲେ। ମୃତଦେହ ପଚି ଗନ୍ଧ ହେବାରୁ ଶନିବାର ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ସାହାଯ୍ୟରେ ତଦନ୍ତ କରିଥିଲା। ଏହି ଘଟଣାରେ ପୋଲିସ ସଞ୍ଜୟଙ୍କୁ ଗିରଫ କରିଛି। ଗତ ୪ଦିନ ତଳେ ଅଭିଯୁକ୍ତ ତାଙ୍କୁ ହତ୍ୟା କରିଥିବା ସନ୍ଦେହ କରାଯାଉଛି ବୋଲି ପୁରୁଣାକଟକ ଥାନାଧିକାରୀ ଅରୁଣ କୁମାର ସିଂ ସୂଚନା ଦେଇଛନ୍ତି।

# ପ୍ରେମିକାଙ୍କୁ ଆଇଫୋନ୍ ଗିଫ୍ଟ ଦେବାକୁ ଗଞ୍ଜେଇ ଚାଲାଣ: ୨ ଗିରଫ

ଏମ୍‌ଭି ୭୯,୧୫।୧୧(ଭିକି ବାରିକ)

ପ୍ରେମିକାଙ୍କୁ ଜନ୍ମଦିନରେ ଆଇଫୋନ୍ ଉପହାର ଦେବାକୁ ଟଙ୍କା ଯୋଗାଡ଼କରିବା ଆଶାରେ ଗଞ୍ଜେଇ ଚାଲାଣ କରୁଥିବା ୨ ଯୁବକ ମାଲକାନଗିରି ଜିଲା ଏମ୍‌ଭି-୭୯ ଥାନା ପୋଲିସ ହାତରେ ଶନିବାର ଧରାପଡ଼ିଛନ୍ତି। ଅଭିଯୁକ୍ତମାନେ ହେଲେ ତେଲଙ୍ଗାନା ଖମ୍ମାମ ଜିଲାର ଟି.ତ୍ରିନାଥ କୁମାର ଓ ବି. ଯୁବାଚାରଣ ଆଦିତ୍ୟ।

ସୂଚନାନୁଯାୟୀ, ଶନିବାର ଏମ୍‌ଭି ୭୯ ଥାନା ପୋଲିସ ଲଛିପେଟା ଛକ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଏକ ସ୍କୁଟି ଦ୍ରୁତଗତିରେ ଆସୁଥିବା ଦେଖି ଏହାକୁ ଅଟକାଇ ଯାଞ୍ଚ କରିଥିଲେ। ଏଥିରେ ଏକ ବସ୍ତାରେ ମୋଟ ୨୨ କେଜି ଗଞ୍ଜେଇ ଥିବା ଜଣାପଡ଼ିଥିଲା। ମଧ୍ୟରାତିରେ ସେମାନେ ଗଞ୍ଜେଇକୁ ଅନ୍ୟ ଅଞ୍ଚଳକୁ ନେଇ ଉଚ୍ଚ ମୂଲ୍ୟରେ ବିକ୍ରିକରି ଟଙ୍କା ଯୋଗାଡ଼କରିବାକୁ ଚେଷ୍ଟା କରୁଥିବା ସୂଚନା ରହିଛି। ପୋଲିସ ସ୍କୁଟି ସହ ଗଞ୍ଜେଇ ଜବତକରି ୨ ଯୁବକଙ୍କୁ ଥାନାକୁ ନେଇଥିଲା। ଏ ନେଇ ଏମ୍‌ଭି ଥାନାରେ କେସ୍ ନଂ.୧୬୮/୨୫ରେ ମାମଲା ରୁଜୁ ହୋଇଛି। ପୋଲିସ ଉଭୟଙ୍କୁ ପଚରାଉଚରା କରିବାରୁ ସେମାନଙ୍କ ପ୍ରେମିକାମାନଙ୍କୁ ଜନ୍ମଦିନରେ ଆଇଫୋନ୍ ଉପହାର ଦେବା ପାଇଁ ଗଞ୍ଜେଇ ଚୋରାଚାଲାଣ କରୁଥିବା କହିଥିଲେ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷ ୫୦ ହଜାର ହେବା ସୂଚନା ରହିଛି। ଶନିବାର ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ପ୍ରକାଶ କରିଛନ୍ତି।



ଜବତ ଗଞ୍ଜେଇ ସହ ୨ ଅଭିଯୁକ୍ତ।

# ମରଣାନ୍ତକ ଆକ୍ରମଣ: ୪ ଜଣଙ୍କୁ ୭ବର୍ଷର କାରାଦଣ୍ଡ

ଯାଜପୁର,୧୫।୧୧ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରି ଗ୍ରାମରେ ୨୦୧୯ ଅଗଷ୍ଟ ୮ ସନ୍ଧ୍ୟାରେ ଜମିବାଡିକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ ଘଟିଥିଲା। ଏହି ମାମଲାରେ ୪ ଜଣଙ୍କୁ ଯାଜପୁର ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ କମ୍ ଆସିଷ୍ଟାଣ୍ଟ ସେସନ୍ ଜଜ୍ ସର୍ବେଶ୍ୱର ଦାସ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନଙ୍କୁ ୭ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡାଦେଶ ହୋଇଛି। ଦୋଷୀମାନେ ହେଲେ ସେହି ଗ୍ରାମର ସୁଦର୍ଶନ ମଲ୍ଲିକ, ଲମ୍ବୋଦର ମଲ୍ଲିକ, ନନ୍ଦୀ ମଲ୍ଲିକ(କବିତା) ଓ ଦାମୋଦର ମଲ୍ଲିକ। ପ୍ରତ୍ୟେକ ଦୋଷୀଙ୍କୁ ୫ ହଜାର ଟଙ୍କା ଲେଖାଏ ଜରିମାନା ଏବଂ ଅନାଦାୟ କ୍ଷେତ୍ରରେ ସମସ୍ତଙ୍କୁ ଅତିରିକ୍ତ ଏକ ବର୍ଷ କାରାଦଣ୍ଡ ଦେବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ସବିତା ମଲ୍ଲିକଙ୍କ ଅଭିଯୋଗ ଅନୁସାରେ ଜମିବାଡିକୁ କେନ୍ଦ୍ର କରି ତାଙ୍କ ସ୍ୱାମୀ ଲମ୍ବୋଦର ମଲ୍ଲିକଙ୍କୁ ଉପରୋକ୍ତ ୪ ଜଣ ମିଶି ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଲମ୍ବୋଦରଙ୍କ ମୁଣ୍ଡରେ ଗୁରୁତର ଆଘାତ ହୋଇଥିଲା। ଏନେଇ ବିଞ୍ଝାରପୁର ଥାନାରେ ଆଇପିସି ଦଫା ୩୪୧/୨୯୪/୩୨୩/୩୦୭/୫୦୬/୩୪ ଅନୁଯାୟୀ ୧୯୧/୨୦୧୯ ନମ୍ବରରେ ମାମଲା ରୁଜୁ ହୋଇଥିଲା। ବିଚାରପତି ୧୧ ଜଣ ସାକ୍ଷ୍ୟ ଓ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜକୁ ଆଧାର କରି କାରାଦଣ୍ଡାଦେଶ ଶୁଣାଇଛନ୍ତି। ସମସ୍ତ ଦୋଷୀ ଏକା ସାଙ୍ଗରେ କାରାଦଣ୍ଡ ଭୋଗିବାକୁ ପଡ଼ିବ। ଏହି ମାମଲାକୁ ଅଦାଲତରେ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ବିରଜା ପରିଡ଼ା ପରିଚାଳନା କରୁଥିଲେ।

## ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମଦ, ସାମଗ୍ରୀ ଜବତ

ବନ୍ତଳା,୧୫।୧୧(ସୁଶିତ ସାହୁ)

ଅନୁଗୋଳ ବ୍ଲକ ପୁରୁଣାକୋଟ ଓ ଗଞ୍ଜରା ସାହିରେ ଅନୁଗୋଳ ଅବକାରୀ ବିଭଗ ପକ୍ଷରୁ ଶନିବାର ଚଢ଼ାଉ କରାଯାଇ ବିପୁଳ ପରିମାଣର ଦେଶୀ ମଦ, ବ୍ୟାପକ ମହୁଲ ପୋଚ ନଷ୍ଟ ସହ ଅନେକ ମଦରନ୍ଧା ସାମଗ୍ରୀ ଜବତ କରାଯାଇଛି। ଏଥିସହ ସନ୍ତୋଷ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜବତ ସାମଗ୍ରୀର ମୂଲ୍ୟ ପ୍ରାୟ ୬ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଚଢ଼ାଉବେଳେ ଅବକାରୀ ଅଧିକାରୀ ନୀଳାଦ୍ରି ନାୟକ, ଗାୟତ୍ରୀ ମାଝୀ, ଯୋଗେଶ୍ୱର ସାହୁ, ରଞ୍ଜନ ସାହୁ ସମୀର ମହାଳିକ ଓ ଅନ୍ୟ କର୍ମଚାରୀ ନିୟୋଜିତ ହୋଇଥିଲେ।


**BOARD OF SECONDARY EDUCATION, ODISHA, CUTTACK**
No.6889 (TBP) Dt.13.11.25
**TENDER CALL NOTICE FOR PREPARATION OF SLC BOOKS OF B.S.E., ODISHA**
No.N-196: Sealed Tenders are invited in plain paper/ letterhead from quality printers having valid GST clearance certificate and PAN Card (copies to be enclosed with the Tender) for printing, binding and supply of S.L.C. books published by the Board of Secondary Education, Odisha, Cuttack for the session 2025-26. The Tenderer shall deposit Rs.4000/- and GST @18%, total Rs.4720/- only towards the cost of Tender Paper in shape of D.D. in favour of "The Secretary, B.S.E., Odisha, Cuttack," payable at Cuttack. Tender papers will be accepted upto 12.00 noon on dt.05.12.2025 and will be opened on dt.06.12.2025 in the office of the undersigned. For details about the Specifications, Terms & Conditions of SLC Books please visit our website www.bseodisha.ac.in.
OIPR- Sd./- Secretary, B.S.E., Odisha, Cuttack

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI**
(WALK-IN-INTERVIEW) FOR IN-HOUSE TRANSFER
Advt. No.6163/DPMU Dt:14.11.2025
No.E-513: Interested candidates may attend the in-House transfer Walk-in-Interview of the following positions under in-House transfer of NHM contractual employees.

| Sl. No. | Name of the Post | Vacancy | Walk-in-Interview |
|---|---|---|---|
| 1 | AYUSH MO SEBC-2: (Ayurvedic-1 & Homeopathic-1) | 02 | 29.11.2025 (10.00 AM) |
| 2 | Physiotherapist-IPU | 03 | |
| 3 | Dental Technician-DEIC | 01 | |
| 4 | RMNCH/FP Counsellor | 15 | |
| 5 | Accountant cum DEO/ BAM | 01 | |

The application format and details are available in the website https://puri.odisha.gov.in.
OIPR- Sd./-Chief District Medical & Public Health Officer, Puri

**OFFICE OF THE REGULATED MARKET COMMITEE, BHADRAK**
Salandi By-Pass Road, Bhadrak, PIN - 756100
Letter No. 39 Date: 12.11.2025
**SHORT TENDER CALL NOTICE**
No. H-39: The Sub-Collector, Bhadrak-cum-Chairman, RMC, Bhadrak invites rate quoted sealed tender vide Short Tender Call Notice No.23 Dt.12.11.2025 from eligible authenticated suppliers/manufacturers for purchase of grading equipments (Dry Fan) to be required for paddy procurement purposes during KMS 2025-26. All detail information & specification are available in district website https://bhadrak.gov.in.
Sd./- Sub-Collector-cum-Chairman RMC, Bhadrak
OIPR-

**ROURKELA SMART CITY LIMITED, Rourkela**
Udit Nagar, Rourkela-769012, Email: rourkelascl@gmail.com
BID ID : RSCL/1589/2025 DATE : 12/11/2025
**NOTICE INVITING TENDER NATIONAL COMPETITIVE BIDDING**
No.C-1452 : The Chief Executive Officer, RSCL invites bids from eligible contractors for the following project :

| Sl. No | Name of the Projects | Estimated Cost of the Project Rs. |
|---|---|---|
| 1 | Balance civil work in Big recreational Parkat Koel Nagar on Percentage Rate Basis | 78.39 Lakhs |

The Tender Fees of Rs.11,800/- to be deposited with the bid which is Non-refundable. The complete BID documents can be viewed / downloaded from official portal of Rourkela Municipal Corporation (https://www.rmc.nic.in or e-procurement portal of Odisha https://tendersodisha.gov.in from 14.11.2025 to 28.11.2025 (up to 17:00 Hrs. IST). Pre- Bid Meeting will be held on 17.11.2025 at 12.30 P.M. in the Conference Hall of RSCL. For queries, intending bidder may contact Ar.Sarthak Sourav Rath, Architect, RSCL Vide Phone No. 8984353513 and Email Id: rourkelascl@gmail.com.
Sd./- Chief Executive Officer Rourkela Smart City Limited
OIPR-

**GOVT. OF ODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION, ANANDAPUR**
E-Mail:- eerw_anandapur@yahoo.co.in
No. 7088 Date : 11.11.2025
**2nd Corrigendum Notice**
No.O-1456 : Under unavoidable circumstances, the availability of tender online for Annual Maintenance Plan of Rural Roads under Administrative Expenditure of the tender invited vide e-Procurement Notice No.09 Dtd. 27.10.2025/Bid Identification No. NCB-Online 09/EE/RW/AND/2025-26 and 1st corrigendum No.6901 Dtd.04.11.2025 of Executive Engineer, Rural Works Division, Anandapur is hereby rescheduled as below.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in : O/o the S.E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Anandapur | NCB-On line 09/EE/RW/AND/2025-26 | 15.11.2025 at 10.00 A.M. | 21.11.2025 up to 5.00 P.M. | 20.11.2025 up to 5.00 P.M. | 24.11.2025 at 11.30 A.M. |

All other contents remain unchanged
OIPR- Sd./- Executive Engineer R.W. Division, Anandapur

**OFFICE OF THE NOTIFIED AREA COUNCIL, KODALA**
Odisha, Pin-761032, e-Mail : nackodala@gmail.com
Lt. No.3159/Dev/2025 Dated : 14.11.2025
**CORRIGENDUM**
No.C-1468 : With reference to the e-Procurement notice no.3051/NAC, dated 31/10/2025 and BID IDENTIFICATION No-KOD-NAC-11/2025-26 that appeared on website www.tenderodisha.gov.in on 04/11/2025 and published in the newspaper on 02/11/2025 is hereby cancelled due to some technical issue.
**Further details can be seen from the Procurement Portal : www.tendersorissa.gov.in**
Sd./- Executive Officer, Kodala NAC
OIPR-

**OFFICE OF SUPERINTENDING ENGINEER MINOR IRRIGATION DIVISION, JAJPUR**
Letter No.3271/Date 12.11.2025
Bid Identification No. online SEMIDJAJ-05/2025-26
eemijajpur@gmail.com
No.A-896: The Superintending Engineer, Minor Irrigation Division Jajpur on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| Name of the Work : | Construction of RCC Lining & Check Dam under M.I. Division, Jajpur |
| No. of Works: | 02 (Two) Only |
| Estimated Cost: | Varies from 25.42 lakh to 47.48 lakh (Approximately) |
| Cost of Tender Paper: | 6000/- |
| Period of Completion: | 03 (Three) & 06 (Six) Calendar Months |
| Availability of bid documents for sale and receipt through on-line | From dt.16.11.2025, 10.00 A.M. to dt.23.11.2025, upto 5.00 P.M. |
| Last date/time of receipt of bids in the portal | 23.11.2025 (5.00 PM) |
| Date of Opening through online | On dt.24.11.2025 at 11.00 AM in the Office of the S.E., M.I. Division, Jajpur |
| Mode of payment of Bid Cost | Online |
| Digital Signature Certificate of Bidder: | The Bidder must possess compatible digital signature certificate (DSC) |
| Date of lottery if required | 02.12.2025 (11.30 AM) |
| The detail tender call notice can also be seen in the DOWR website http://dowrorissa.gov.in | |
| Name & Address of the OIT: | Superintending Engineer, Minor Irrigation Division,Jajpur, At-Bhabaniganj, P.O/District- Jajpur, Pin No.755001, Email ID: eemijajpur@gmail.com |
| Further details can be seen from the e-Procurement http://tendersorissa.gov.in. | |

OIPR- Sd./- Superintending Engineer, M.I.Division, Jajpur

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR**
No.4891/Date. 25.10.2025
No.O-1380
**"e" Procurement Notice For Road Works**

| | | | |
|---|---|---|---|
| 1. | Name of the Work | : | Road works under MMSY-Impvt. to Existing RD road |
| 2. | Total No. of works | : | 20 Nos. of Road Works for the year 2025-26 |
| 3. | Estimated Cost of the work | : | Varies from Rs.94.92 lakh to Rs.757.92 lakh |
| 4. | Class of Contractor | : | |
| | a) Estimated cost more than Rs.20.00 lakh up to Rs.3.00 Crores | | B Class (of Odisha PWD) or relevant class of other licensing authorities |
| | b) Estimated cost more than Rs.1.00 Crore up to Rs.20.00 Crores | | A Class (of Odisha PWD) or relevant class of other licensing authorities |
| | c) Estimated cost more than Rs.6.00 Crore up to Rs.50.00 Crores | | Special Class (of Odisha PWD) or relevant class of other licensing authorities |
| | d) Estimated cost more than Rs.20.00 Crores | | Super Class (of Odisha PWD) or relevant class of other licensing authorities |
| 5. | Period of completion | : | As mentioned in Column-7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.30 of 2025 | 14.11.2025 at 11.00 A.M. | 01.12.2025 up to 5.00 P.M. | 02.12.2025 at 11.00 A.M. | To be intimated lateron |

Further details can be seen from the website www.tendersodisha.gov.in
OIPR- Sd./- Chief Construction Engineer Central Rural Works Circle, Bhubaneswar

**ODISHA HYDRO POWER CORPORATION LIMITED**
OHPC
BALIMELA HYDRO ELECTRIC PROJECT, POST : BALIMELA, DIST : MALKANGIRI (ODISHA), PIN : 764051
Phones : 06861-232581 (O)/232641 (R), FAX : 06861-232541, E-Mail : unit.head_balimela@yahoo.com
REGD. OFFICE : ODISHA HYDRO POWER CORPORATION LIMITED
(A Govt. of Odisha Undertaking)
BHOI NAGAR, JANPATH, BHUBANESWAR-751022
Tel : 91-0674-2542983, 2542802, 2545526, Fax : 2542102, GRAM HYDROPOWER, E-Mail : ohpc.co@gmail.com/md@ohpcltd.com, Web : www.ohpcltd.com
CIN:U40101OR1995SGC003963, GSTIN-21AAACO2575P1Z9
**TENDER CALL NOTICE No. BHEP/TECH/40/2025-26 Dtd.10.11.2025**
No.CAD-2289 : The Sealed tenders are invited in single part bid basis from the Manufacturer / Reputed Suppliers / Authorised Dealers for supply of materials as detailed below.

| Sl No. | Description of Items | Cost of tender paper (In Rs.) |
|---|---|---|
| 1 | Supply of 02 Nos. of Pressure reducer valve with installation & commissioning for BHEP, Balimela | Rs.4720/- Inclusive of GST @ 18% |

The Sale of Tender Paper will be from : 15.11.2025 to 01.12.2025 (up to 11:00 hrs)
The last date & time of receipt of Tenders : Up to 12:00 hrs of 01.12.2025
Date and time of opening of the Bid : 01.12.2025 at 12:30 hrs
For details of tender documents, Terms and Conditions, Eligibility criteria and downloading, please visit our website at www.ohpcltd.com
Sd./- C & P Head BHEP, Balimela
OIPR-

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପ୍ରଳୟ



@ ରଜତ



@ ସତ୍ୟବ୍ରତ



@ ସୁପ୍ରିୟା



@ ସୁଶିଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।







ବଡ଼ଚଣା ବ୍ଲକ ଛତିଆଠାରେ ଆରମ୍ଭ ହୋଇଥିବା ୨ ଦିନିଆ ଭାଲୁପୋଡ଼ା ଯାତ୍ରାରେ ସାମିଲ ମେଢ଼ ।

# ଛତିଆରେ ଭାଲୁପୋଡ଼ା ଯାତ୍ରା ଆରମ୍ଭ

**ଚଣ୍ଡିଖୋଲ/ଛତିଆ, ୧୫।୧୧(ପ୍ରଦୀପ୍ତ କୁମାର ପୃଷ୍ଟି/ସୌମ୍ୟ ରଞ୍ଜନ ସାହୁ):**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆଠାରେ ୨ ଦିନିଆ ଭାଲୁ ପୋଡ଼ା ଯାତ୍ରା ଆରମ୍ଭ ହୋଇଛି। ଶନିବାର ସନ୍ଧ୍ୟାରୁ ଆରମ୍ଭ ହେଇଥିବା ଏହି ଭସାଣି ଯାତ୍ରା ରବିବାର ଶେଷ ହେବ। ଏଠାରେ କାର୍ତ୍ତିକ ପୂର୍ଣ୍ଣିମାଠାରୁ ହନୁମାନ, ରାଧାକୃଷ୍ଣ ଓ ହରପାର୍ବତୀଙ୍କ ପୂଜା ଆରମ୍ଭ ହୋଇ ୧୦ ଦିନ ଧରି ଚାଲିଥିଲା। ଭସାଣି ଉତ୍ସବରେ ବହୁ ଦର୍ଶକ ସାମିଲ ହୋଇଛନ୍ତି। ଏଥିରେ ବିଶେଷ ଆକର୍ଷଣ ପାଲଟିଛି କୋଲକାତାରୁ ଆସିଥିବା ଗଙ୍ଗାଆଳତୀ ଡ୍ୟାନ୍ସ ଗ୍ରୁପ ଓ ମହାରାଷ୍ଟ୍ରରୁ ଆସିଥିବା ଢୋଲ। ଏହି ଯାତ୍ରାରେ ପାଟଣା ଥାନପତି, ଦେବୀ ସାହି, ଉପରବଜାର, ନନା ଗୁଙ୍ଗୀ, ଚାନ୍ଦିନୀ ଚୌକ, ଇନ୍ଦ୍ର ବଜାର ଓ ଗୌରୀ ଶଙ୍କର ମେଢ଼ ୭ ମେଢ଼ ସାମିଲ ହୋଇଛନ୍ତି। ସମସ୍ତ ମେଢ଼ ପାଟଣା ବାଲିଯାତ୍ରା ପଡ଼ିଆରେ ରହିଛନ୍ତି। ରବିବାର ମଧ ଅନ୍ୟ ମେଢ଼ ଆସିବା ପରେ ସମସ୍ତେ ମେଳଣ ପଡ଼ଆରେ ଭୋଗ ଖାଇବେ। ଏହାପରେ ବିସର୍ଜନ ପାଇଁ ଯିବେ। ଯାଜପୁର ଓ କଟକ ଜିଲା ସୀମାନ୍ତରେ ଏହି ଯାତ୍ରା ହେଉଥିବାରୁ ଜାତୀୟ ରାଜପଥଠାରୁ ଆରମ୍ଭ କରି ବଟତଳ ପର୍ଯ୍ୟନ୍ତ ପ୍ରବଳ ଭିଡ଼ ଲାଗି ରହିଛି। ବୈରୀ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ଭସାଣି ଉତ୍ସବରେ ଜଣେ ଏସ୍‌ଡିପିଓ, ୩ ଆଇଆଇସିଙ୍କ ତତ୍ତ୍ୱାବଧାନରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

# ରାଜ୍ୟସ୍ତରୀୟ ସୁରଭିରେ ବିରାଜିତାଙ୍କ ସଫଳତା

**ବିଞ୍ଝାରପୁର, ୧୫।୧୧ (ରାମକୃଷ୍ଣ ଦାସ):**



କୃତୀ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି ।

ଭୁବନେଶର ୟୁନିଟ-୩ସ୍ଥିତ କ୍ୟାପିଟାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭିର କନିଷ୍ଠ ବିଭାଗ କୁଇଜ ଓ ସ୍ଲୋଗାନ ଲିଖନ ପ୍ରତିଯୋଗିତାରେ ବିରାଜିତା କର ପ୍ରଥମ ସ୍ଥାନ ଅଧିକାର କରି ବିଞ୍ଝାରପୁର ପାଇଁ ଗୌରବ ଆଣିଛନ୍ତି। ବିରାଜିତା ବିଞ୍ଝାରପୁର ଶିକ୍ଷାମଣ୍ଡଳ ଅଧୀନ ଅରେଇ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬ଷ୍ଠ ଶ୍ରେଣୀର ଛାତ୍ରୀ। ସେ ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ବିରଞ୍ଚିନାରାୟଣ କର ଓ ଆଶାଲତା ଶତପଥୀଙ୍କ ଝିଅ। ବିରାଜିତା ଜଣେ ମେଧାବୀ ଛାତ୍ରୀ। ସେ ବ୍ଲକସ୍ତରୀୟ ଓ ଜିଲାସ୍ତରୀୟ ସୁରଭିରେ ଅଂଶଗ୍ରହଣ କରି ଜୁନିୟର କୁଇଜରେ ପ୍ରଥମସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କଠାରୁ ବିରାଜିତା ପୁରସ୍କାର ଗ୍ରହଣ କରିଥିଲେ। ଏହି ଉତ୍ସବରେ ଭୁବନେଶର ମହାନିଗମର ମେୟର ସୁଲୋଚନା ଦାସ, ଆୟୁକ୍ତ ତଥା ଶାସନ ସଚିବ ଏନ. ତିରୁମାଲା ନାୟକ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତି ଥିଲେ। ତାଙ୍କ ସଫଳତା ଜଣାପଡ଼ିବା ପରେ ଅଞ୍ଚଳରେ ଆନନ୍ଦର ଲହରି ଖେଳିଯାଇଛି। ବ୍ଲକ ଅଧକ୍ଷା ରଞ୍ଜିତା ଦାସ, ଭାରପ୍ରାପ୍ତ ବ୍ଲକଶିକ୍ଷାଧିକାରୀ ସତ୍ୟବ୍ରତ ମିଶ୍ର, ଅରେଇ ସରପଞ୍ଚ ସ୍ମୃତିସମୀକ୍ଷା ମଲ୍ଲିକ, ପୂର୍ବତନ ସରପଞ୍ଚ ଦେବାନନ୍ଦ ମଲ୍ଲିକ, ସରୋଜ ସାମଲ, ଶିକ୍ଷକ ସଂଘ ସଭାପତି ରବିନାରାୟଣ ମହାନ୍ତି, ସମ୍ପାଦକ ସୁବାସ ଚନ୍ଦ୍ର ନାଏକ ଓ ବିଜୟ ନାୟକ ପ୍ରମୁଖ ବିରାଜିତାଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଇଛନ୍ତି।

# ତଦନ୍ତ ଆରମ୍ଭ କଲେ ଏଏସ୍‌ପି

**ପାଣିକୋଇଲି, ୧୫।୧୧ (ବିକାଶ ମଲ୍ଲିକ):**

## କୋରେଇ ପୋଲିସର ଫାଙ୍କା ଗୁଳି ଚାଳନା ଘଟଣା

କୋରେଇ ପୋଲିସର ଫାଙ୍କା ଗୁଳିଚାଳନା ବିରୋଧରେ ତଦନ୍ତ ଆରମ୍ଭ ହୋଇଛି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ(ଏଏସ୍‌ପି) ଶୀତକଣ୍ଠ କାନୁନ୍‌ଗୋ ଥାନାରେ ପହଞ୍ଚି ଗୁଳି ଚଳାଇଥିବା ଏଏସ୍‌ଆଇଙ୍କ ସମେତ ସେଦିନ ଘଟଣାରେ ସମ୍ପୃକ୍ତ ଥିବା କର୍ମଚାରୀଙ୍କୁ ପଚରାଉଚରା କରିଛନ୍ତି। ଏପରିକି ଗୁଳି ଚାଳନା ହୋଇଥିବା ବନ୍ଧୁକକୁ ମଧ୍ୟ ସମ୍ପୃକ୍ତ ଏଏସ୍‌ଆଇଙ୍କଠାରୁ ଜବତ କରାଯାଇଛି। ଏହି ଘଟଣାରେ ସେଦିନ ପୋଲିସ ଥାନା ଗାଡ଼ିରେ ନ ଯାଇ ଅନ୍ୟ ଏକ ବୋଲେରୋରେ ଯାଇଥିବା ଜଣାପଡ଼ିଛି। ସମ୍ପୃକ୍ତ ଗାଡ଼ିଟି କାହାର ଏବଂ ଏହାକୁ ପୋଲିସ କାହିଁକି ବ୍ୟବହାର କରୁଥିଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୁଳି ଚାଳନା କରିଥିବା କୋରେଇ ଥାନାର ଅଧିକାରୀ ଜଣକ ପୂର୍ବରୁ ମଧ୍ୟ ଅନେକ ଥର ନିୟମ ବିରୋଧ କାମ କରି ବିଭିନ୍ନ ଥାନାକୁ ବଦଳି ହୋଇଛନ୍ତି। ତେବେ କେତେଜଣ ବାଲି ମାଫିଆଙ୍କୁ ସୁରକ୍ଷା ଦେବାକୁ ଯାଇ ପୋଲିସ ଗୁଳି ଚାଳନା କରିବା ଘଟଣା ଏବେ ସ୍ଥାନୀୟ ଲୋକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି। ଏ ସମ୍ପର୍କରେ ଥାନାଧିକାରୀ ରାକେଶ ତ୍ରିପାଠୀଙ୍କୁ ପଚାରିବାରୁ ସେ ଛୁଟିରେ ଥିବାରୁ ତଦନ୍ତ କଥା ଜାଣିନାହାନ୍ତି। ଉପରିସ୍ଥ ଅଧିକାରୀ ଯାହା କରିବା କଥା କରୁଥିବେ। ସେ କୌଣସି ମନ୍ତବ୍ୟ ଦେଇପାରିବେ ନାହିଁ ବୋଲି କହିଛନ୍ତି। ଗତ ୧୧ ତାରିଖ ରାତିରେ କେତେଜଣ ବାଲି ମାଫିଆଙ୍କ ଅଭିଯୋଗକ୍ରମେ କୋରେଇ ପୋଲିସ ପାଣିକୋଇଲି ଥାନା ଅଞ୍ଚଳରେ ପଶି ଗୁଳିଚାଳନା କରିଥିଲା। ଏହିଘଟଣା ପରେ ଏସ୍‌ପି ୟସ୍ ପ୍ରତାପ ଶ୍ରୀମଲ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

# ଜନଜାତିଙ୍କ ମୌଳିକ ଆବଶ୍ୟକତା ପୂରଣ ଉପରେ ଗୁରୁତ୍ୱାରୋପ




କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ, ଜିଲାପାଳ ଓ ଅନ୍ୟ ଅଧିକାରୀ ।

**ଯାଜପୁର ଟାଉନ, ୧୫।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

## ସୁକିନ୍ଦାରେ ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ

ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନନ୍ୟ ବିପ୍ଲବୀ ତଥା ବିଶିଷ୍ଟ ଆଦିବାସୀ ନେତା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀକୁ ଯାଜପୁର ଜିଲାର ସୁକିନ୍ଦାରେ ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ଭାବେ ଶନିବାର ପାଳନ କରାଯାଇଛି। ଏଥିରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଜିଲାପାଳ ଅମ୍ବର କୁମାର କର ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ବିର୍ସା ମୁଣ୍ଡାଙ୍କ ସଂଗ୍ରାମର ବୀରତ୍ୱ କାହାଣୀ ସମ୍ପର୍କରେ ମନ୍ତ୍ରୀ ଅବଗତ କରାଇଥିଲେ। ସେ କହିଥିଲେ, ଉନ୍ନବିଂଶ ଶତାବ୍ଦୀର ଶେଷ ସମୟରେ ଭାରତର ପୂର୍ବାଞ୍ଚଳର ଘଞ୍ଚ ଜଙ୍ଗଲ ମଧରେ ଇଂରେଜ ଶକ୍ତି ବିରୋଧରେ ଯେଉଁ ବିପ୍ଳବର ସ୍ୱର ଝଙ୍କାର ହୋଇଥିଲା, ତାହାର ନେତୃତ୍ୱ ନେଇଥିଲେ ବିର୍ସା ମୁଣ୍ଡା। ତାଙ୍କର ନିଷ୍ଠା, ବଳିଦାନ, ସାହାସ, ଅଦ୍ଭୁତ ସାଂଗଠନିକ କ୍ଷମତା, ଲୋକଙ୍କ ପ୍ରତି ପ୍ରତିବଦ୍ଧତା କାରଣରୁ ସେ ସ୍ୱାଧୀନତା ସଂଗ୍ରାମର ଜଣେ ମହାନ୍ ଯୋଦ୍ଧାରୂପେ ପରିଚିତ। ତାଙ୍କୁ ଧରତି ଆବା ଆଖ୍ୟା ଦିଆଯାଇ ସବୁଠି ସମ୍ମାନିତ କରାଯାଉଛି। ଏଥିସହିତ ଜନଜାତି ସମୁଦାୟ ନିମନ୍ତେ ଉଦ୍ଦିଷ୍ଟ ସରକାରୀ ଯୋଜନା ଯଥା ; କାର୍ଯ୍ୟରତ ଧରତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ, ଆଦି କର୍ମଯୋଗୀ ଅଭିଯାନ, ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ଅଭିଯାନ ଏବଂ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଆଦି ଉପରେ ମନ୍ତ୍ରୀ ବକ୍ତବ୍ୟ ରଖିଥିଲେ। ବାସହୀନ ଆଦିବାସୀ ଜନଜାତିଙ୍କ କିପରି ସମସ୍ତ ପ୍ରକାର ମୌଳିକ ଆବଶ୍ୟକତା ପୂରଣ କରାଯିବ ସେ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଜିଲାପାଳ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ୨୬୦ ଜନଜାତି ଲୋକଙ୍କୁ ଜଙ୍ଗଲ ଜମିପଟ୍ଟା ବଣ୍ଟନ କରାଯାଇଛି ଏବଂ ଯଥାଶୀଘ୍ର ଘରଡିହ ଯୋଗାଇ ଦିଆଯିବ ବୋଲି କହିଥିଲେ। ଜମି ପଟ୍ଟା ବଣ୍ଟନ କରାଯାଇଥିବା ଲୋକଙ୍କୁ ରାଶନ କାର୍ଡ ଯୋଗାଇ ଦିଆଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଏଥିରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ ନନ୍ଦ, ଜିଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ, ସୁକିନ୍ଦା ବିଡିଓଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତଥିଲେ। ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ୍ ଖୋଲାଯାଇ ଜନଜାତିଙ୍କୁ ଜନ୍ମପ୍ରମାଣ ପତ୍ର ଓ ପଟ୍ଟା ବଣ୍ଟନ କରାଯାଇଥିଲା।



ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପ୍ରଳୟ



@ ରଜତ



@ ସତ୍ୟବ୍ରତ



@ ସୁପ୍ରିୟା



@ ସୁଶୀଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମାଛ, ଗୋପାଳନ କରି ସ୍ୱାବଲମ୍ବୀ ହୁଅ



ମେଳାରେ ମଞ୍ଚାସୀନ ଅତିଥି।

## ବ୍ଲକସ୍ତରୀୟ ମତ୍ସ୍ୟ, ପ୍ରାଣିସମ୍ପଦ ମେଳା

ବାଲିକୁଦା,୧୫।୧୧(ତାପସ ସ୍ୱାଇଁ)

ବାଲିକୁଦା ପ୍ରାଣୀ ଓ ମତ୍ସ୍ୟ ସମ୍ପଦ ଆନୁକୂଲ୍ୟରେ ଶନିବାର ବ୍ଲକସ୍ତରୀୟ ମତ୍ସ୍ୟ, ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ବଡ଼ଗାଁ ପଞ୍ଚାୟତ ଅନ୍ତର୍ଗତ କରକେଇ ହାଟଠାରେ ଏନେଇ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ସାରଦା ପ୍ରସନ୍ନ ଜେନା, ମୁଖ୍ୟ ବକ୍ତାଭାବେ ବ୍ଲକ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଡିଓ ସାଗର ନନ୍ଦ, ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉର,ଏମ୍‌ପି ପ୍ରତିନିଧି ପ୍ରଶାନ୍ତ ସ୍ୱାଇଁ, ଜିଲାପରିଷଦ ସଦସ୍ୟ ଜଟାଧାରୀ ଦାସ, ଡଲି ପଣ୍ଡା, ରୁନୁଲତା ବେହେରା, ତଟିନୀ ସ୍ୱାଇଁ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅଜୟ ସାହୁ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା. ଶଶାଙ୍କ ଶେଖର ନାୟକ, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ସ୍ୱାଗତ ପଟ୍ଟନାୟକ, କୃଷି ଅଧିକାରୀ ସ୍ମୃତିକାନ୍ତ ଜେନା, ମାଛଗାଁ ଭିଏସ୍ ଡା. ଯଜ୍ଞଦତ୍ତ ଦାସ, ବିକାଶ ସ୍ୱାଇଁ ପ୍ରମୁଖ ଯୋଗଦେଇ କୃଷି ସହ ଗୋପାଳନ ଓ ମାଛ ଚାଷ କରି ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ । ଶ୍ରେଷ୍ଠ ମତ୍ସ୍ୟ ଚାଷୀ, ଦୁଗ୍ଧ ଉତ୍ପାଦକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ସମସ୍ତ ସରପଞ୍ଚ, ସମିତିସଭ୍ୟ ମାନେ ଅଂଶଗ୍ରହଣ କରି ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ । ପୂର୍ବତନ ଜିଲାପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ସରପଞ୍ଚ ପ୍ରତିନିଧି ଶୈଳେନ୍ଦ୍ର ବେହେରା, ସମିତିସଭ୍ୟ ପ୍ରତିନିଧି ଦୀପ୍ତିକାନ୍ତ ବିଶ୍ୱାଳ, ସଞ୍ଜୟ ବେହେରା, ଦିଲୀପ ନାୟକ, ସନ୍ତୋଷ ନାୟକ, କେଦାର ନାୟକ, ପ୍ରଭାତ ମହାନ୍ତି, ରଞ୍ଜନ ମଲ୍ଲିକ, ବିପିନ ମଲ୍ଲିକ, ରୁଦ୍ର ଦାସ, ଚିତ୍ତରଞ୍ଜନ ପରିଡ଼ା, କମଳକିରଣ ରାଉତ ପ୍ରମୁଖ ପରିଚାଳନା କରିଥିଲେ ।

# ବନ୍ଦର ଭିତ୍ତିଭୂମି, ବୈଷୟିକ ବ୍ୟବସ୍ଥା ଉପରେ ସମୀକ୍ଷା



ବୈଠକରେ କେନ୍ଦ୍ର ଜାହାଜ ଚଳାଚଳ ସଚିବ ସମୀକ୍ଷା କରୁଛନ୍ତି।

## କେନ୍ଦ୍ର ଜାହାଜ ଚଳାଚଳ ସଚିବଙ୍କ ପାରାଦୀପ ଗସ୍ତ

ପାରାଦୀପ,୧୫।୧୧(ଶରତ ରାଉତ)

କେନ୍ଦ୍ର ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ସଚିବ ବିଜୟ କୁମାର ଶନିବାର ପାରାଦୀପ ବନ୍ଦର ଗସ୍ତ କରିଥିଲେ। ତାଙ୍କୁ ଜବାହର ଅତିଥି ଭବନରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ସ୍ୱାଗତ କରିଥିଲେ। ପରେ ସେ ବନ୍ଦର ନିଷିଦ୍ଧାଞ୍ଚଳର ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ବିଶେଷକରି ୱେଟ ବେଶିନଠାରେ ମନିଟରିଂ ସିଷ୍ଟମ, ମେକାନାଇଜ୍ କୋଲ୍ ହ୍ୟାଣ୍ଡଲିଂ ପ୍ଲାଣ୍ଟ (ଏମ୍‌ସିଏଚ୍‌ପି)ରେ ପହଞ୍ଚି ଟ୍ରେନ୍‌ରେ ଯାନ୍ତ୍ରିକୀକରଣ ବ୍ୟବସ୍ଥାରେ ବୋଝେଇ ଖଲାସ ହେଉଥିବା କୋଇଲା, କଳିଙ୍ଗ ଇଣ୍ଟରନ୍ୟାଶନାଲ କୋଲ ଟର୍ମିନାଲ (କେଆଇସିଟି) ବର୍ଥରେ ହେଉଥିବା ସ୍ୱୟଂଚାଳିତ ବୋଝେଇ, ସାଇଲୋ ଶେଡ୍ ଆଦି ବୁଲି ଦେଖିଥିଲେ। ପରେ ଟଗ୍ ବୋଟରେ ବସି ପୋତାଶ୍ରୟ ଅନୁଧ୍ୟାନ କରିଥିଲେ। ଅପରାହ୍ନରେ ପ୍ରଶାସନିକ ଭବନରେ ପହଞ୍ଚି ବରିଷ୍ଠ ଅଧିକାରୀମାନଙ୍କ ସହ ବନ୍ଦର ଭିତ୍ତିଭୂମି, କ୍ରୀଡ଼ା, ସଂସ୍କୃତି ଆଦି ଉପରେ ସମୀକ୍ଷା କରିଥିଲେ।

# ‘ପ୍ରଶାସନ ସହ ସମ୍ପର୍କ ରଖିଲେ ସମାଧାନର ବାଟ ଫିଟିବ’



ଢିଙ୍କିଆ ଗ୍ରାମବାସୀଙ୍କ ସହ ଜିଲାପାଳ ଓ ଏସ୍‌ପି ଆଲୋଚନା କରୁଛନ୍ତି।

## ଜିଲାପାଳ,ଏସ୍‌ପିଙ୍କ ଢିଙ୍କିଆ ଗସ୍ତ

କୁଜଙ୍ଗ, ୧୫।୧୧(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲାପାଳ ଜେ. ସୋନାଲ ଓ ଏସ୍‌ପି ଅଙ୍କିତ ବର୍ମା ଶନିବାର ଅପରାହ୍ନରେ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଢିଙ୍କିଆ ପଞ୍ଚାୟତରେ ପହଞ୍ଚିଥିଲେ। ବିନା ପୂର୍ବ ସୂଚନାରେ ଢିଙ୍କିଆ ଗ୍ରାମରେ ସେମାନେ ଅଚାନକ ପହଞ୍ଚି ଜନସାଧାରଣଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ। ଏହି ଅବସରରେ ଜିଲାପାଳ ଓ ଏସ୍‌ପି ହରିଜନ ସାହିକୁ ଯାଇ ସେମାନଙ୍କ ସମସ୍ୟା ସମ୍ପର୍କରେ ବୁଝିଥିଲେ। ଏହି ସମୟରେ ଅନେକ ଭୂମିହୀନ ସେମାନଙ୍କର ନିଜସ୍ୱ ଜାଗା ନ ଥିବା ଜଣାଇଥିଲେ। ଜିଲାପାଳ ଗାଁର ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ ଓ ପାନୀୟ ଜଳ ପ୍ରଭୃତି ମୌଳିକ ସମସ୍ୟା ଉପରେ ବୁଝିଥିଲେ। ଖୁବଶୀଘ୍ର ଏସବୁ ସମସ୍ୟାର ସମାଧାନ ପାଇଁ ପ୍ରଶାସନିକସ୍ତରରେ ଉଦ୍ୟମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜନସାଧାରଣ ପ୍ରଶାସନଠାରୁ ଦୂରେଇ ନ ରହି ସମ୍ପର୍କ ରଖିଲେ ସବୁ ସମସ୍ୟାର ସମାଧାନ ପାଇଁ ବାଟ ଫିଟିବା ସହଜ ହେବ ବୋଲି ଜିଲାପାଳ କହିଥିଲେ। ସେ ଛୋଟ ପିଲାଙ୍କ ସହ ମିଶି ସେମାନଙ୍କ ପାଠପଢା ଉପରେ ପଚାରି ବୁଝିଥିଲେ। ଜିଲାପାଳ ଓ ଏସ୍‌ପିଙ୍କ ଏହି ଗସ୍ତ ସମୟରେ ଅଭୟଚାନ୍ଦପୁର ଥାନା ଅଧିକାରୀ ସମୀର କୁମାର ରାଉତ ଉପସ୍ଥିତ ଥିଲେ। ଏହି ଅବସରରେ ଯୁବନେତା ରଞ୍ଜନ ବର୍ଦ୍ଧନ, ପ୍ରଶାନ୍ତ ଲେଙ୍କା, ପ୍ରଭାତ ରାଉତ, ଅକ୍ଷୟ କୁମାର ବେହେରା ଓ ହୃଦାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଦୈନନ୍ଦିନ ଜୀବନରେ ନୈତିକ ଆଚରଣର ଭୂମିକା ଗୁରୁତ୍ୱପୂର୍ଣ୍ଣ




ଜଣେ କୃତୀ ଛାତ୍ରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।


ପାରାଦୀପ,୧୫।୧୧(ଶରତ ରାଉତ)

ପାରାଦୀପ ବନ୍ଦର ପକ୍ଷରୁ ଚାଲିଥିବା ସତର୍କତା ସଚେତନତା ସପ୍ତାହ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବନ୍ଦର ଉପାଧ୍ୟକ୍ଷ ଏ.ସି. ସାହୁ ମାର୍ଗଦର୍ଶନରେ ଅନୁଷ୍ଠିତ ସମାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦେବୀଦତ୍ତ ଶତପଥୀ, ସମ୍ମାନିତ ଅତିଥିଭାବେ ସିଭିଓ ଯୋଗଦେଇ ସଚ୍ଚୋଟତା ଏବଂ ସ୍ୱଚ୍ଛ ଶାସନ ପ୍ରତି ବନ୍ଦରର ପ୍ରତିବଦ୍ଧତାର ଏକ ସାମୂହିକ ଉଦ୍ୟମ ବୋଲି ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ଶତପଥୀ ତାଙ୍କ ଭାଷଣରେ ଦୈନନ୍ଦିନ ଜୀବନରେ ନୈତିକ ଆଚରଣର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସେ ଆହୁରି କହିଥିଲେ, ଜନସାଧାରଣଙ୍କ ବିଶ୍ୱାସ ଏବଂ ସାଙ୍ଗଠନିକ ଅଖଣ୍ଡତାକୁ ସୁଦୃଢ଼ କରିବା ପାଇଁ ସତର୍କତା ଏବଂ ସ୍ୱଚ୍ଛତା ଅତ୍ୟନ୍ତ ଜରୁରୀ। ମଞ୍ଚରେ ଉପସ୍ଥିତ ଥିବା ବିଭାଗୀୟ ମୁଖ୍ୟମାନେ ସଚ୍ଚୋଟତା, ଦାୟିତ୍ୱବୋଧତା ଏବଂ ସୁଶାସନ ନୀତି ପାଳନ କରି ଏକ ଦୁର୍ନୀତିମୁକ୍ତ ଏବଂ ସ୍ୱଚ୍ଛ ସଂଗଠନ ଗଠନ କରିବାର ସାମୂହିକ ଦାୟିତ୍ୱକୁ ପୁନର୍ବାର ଦୋହରାଇଥିଲେ। ଏହି ସତର୍କତା ସଚେତନତା ସପ୍ତାହ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଶେଷରେ ନୀହାର ରଞ୍ଜନ ଓଝା, ଧନ୍ୟବାଦ ଦେଇଥିଲେ।

# ଜିତ୍‌ଙ୍କ ମୃତ୍ୟୁରେ ସମଙ୍ଗରେ ଶୋକାକୁଳ ପରିବେଶ

ଜଗତ୍‌ସିଂହପୁର, ୧୫।୧୧ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ବ୍ଲକ ସମଙ୍ଗ ପଞ୍ଚାୟତ ଅନ୍ତର୍ଗତ ଜେନା ସାହିରେ ସମରେନ୍ଦ୍ର ରାଉତରାୟଙ୍କ ପୁତ୍ର ସୌମ୍ୟ ସାଗର ରାଉତରାୟ ଓରଫ ଜିତ୍ (୧୯)ଙ୍କ ବିୟୋଗରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୌମ୍ୟ ଜଣେ ସ୍ନେହୀ ପିଲା ଥିଲେ । ବିଭିନ୍ନ ସାମାଜିକ କାର୍ଯ୍ୟରେ ନିୟୋଜିତ କରି ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ମୃତ୍ୟୁ ଖବରପାଇ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ଗ୍ରାମବାସୀ ଶୋକବ୍ୟକ୍ତ କରିଛନ୍ତି। ସୌମ୍ୟ ବର୍ଷାଧିକ କାଳ ହେବ କୀଡ୍‌ନୀ, ଫୁସ୍‌ଫୁସ୍ ଓ ଜଣ୍ଡିସ ଭଳି ରୋଗରେ ଆକ୍ରାନ୍ତ ହୋଇ କଟକସ୍ଥିତ ଏକ ବେସରକାରୀ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ଶ୍ମଶାନୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।




# ଡଲ୍‌ଫିନ୍‌ର ଜଳକ୍ରୀଡ଼ା, ବୋଟ୍‌ରେ ବୁଲିବା ମଜା ନେବେ ଦର୍ଶକ

## ପେଣ୍ଠରେ ଭିତରକନିକା ଇକୋରିଟ୍ରିଟ୍ ଉଦ୍‌ଘାଟିତ

## ପ୍ରଥମ ଦିନରେ ୨୫ ପର୍ଯ୍ୟଟକ ବୁଲିଲେ



ରାଜନଗର,୧୫।୧୧(ଭାସ୍କର ରାଉତରାୟ)

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ପେଣ୍ଠରେ ଭିତରକନିକା ଇକୋରିଟ୍ରିଟ୍ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଭାସୀ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ବିଧାୟକ ଧ୍ରୁବ ସାହୁ, ଜିଲାପାଳ ରଘୁରାମ ଆର ଆୟାର, ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକର, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଚିଆଙ୍କ ସହ ଭାଜପା ନେତା ଲଳିତ କୁମାର ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକୀରମୋହନ ମାଝି, ହାତିନା ସରପଞ୍ଚ ସମୀର କୁମାର ସେଠୀ, ତହସିଲଦାର ଯିଶୁକ୍ଲିଷ୍ଟ ଦାସ ଓ ବିଡିଓ ଅନିରୁଦ୍ଧ ବେହେରାଙ୍କ ସହ ଅନ୍ୟ ଅଧିକାରୀ, ସରପଞ୍ଚ ଓ ସମିତି ସଭ୍ୟମାନେ ଯୋଗ ଦେଇଥିଲେ।

ପେଣ୍ଠ ବେଳାଭୂମିରେ ଉଦ୍‌ଘାଟିତ ଏହି ଇକୋରିଟ୍ରିଟ୍‌କୁ ଆସିବାକୁ ଥିବା ପର୍ଯ୍ୟଟକମାନେ ଡଲଫିନର ଜଳକ୍ରୀଡା ଦେଖିବା ସହିତ ବୋଟରେ ବୁଲିବାର ମଜା ନେଇପାରିବେ। ବିଶେଷକରି ଭିତରକନିକା ଜାତୀୟ ଉଦ୍ୟାନ ବୁଲିବାର କାର୍ଯ୍ୟକ୍ରମ ରହିଛି। ନିକଟରେ ଥିବା ଝାଉଁବଣ, ବରୁଣେଇ ମୁହାଣ ଓ ଏଠିକାର ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ମନୋଲୋଭା ଦୃଶ୍ୟ ପର୍ଯ୍ୟଟକଙ୍କୁ ଆନମନା କରିବ।

ପେଣ୍ଠ ବେଳାଭୂମିରେ ନିର୍ମାଣ ହୋଇଥିବା ଜିଓଟ୍ୟୁବ୍ ୱାଲ ଓ ବନବିହାରୀଜୀୟୁଙ୍କ ମନ୍ଦିର ବୁଲିବାର ମଜା ନେଇପାରିବେ। ପ୍ରଥମ ଦିନରେ ୨୫ ପର୍ଯ୍ୟଟକ ଇକୋରିଟ୍ରିଟ୍‌କୁ ଆସିଥିବା ଜଣାପଡିଛି। ପର୍ଯ୍ୟଟକଙ୍କ ପାଇଁ ୨୫ ସୁଟ ରହିଛି। ୨୦ଟି ଡିଲକ୍ସ ସୁଟ ଯାହାର ଦାମ ୪ ହଜାର ୪ ଶହ ଟଙ୍କା। ୫ଟି ପ୍ରିମିୟମ୍ ସୁଟ୍ ମୂଲ୍ୟ ୫ହଜାର ୭ଶହ ଟଙ୍କା ରହିଛି। ଏଥିରେ କ୍ୟାରମ୍, ସାଇକେଲିଂ, ଭଲିବଲ ଓ ଧନୁତୀର ଖେଳିବାର ବ୍ୟବସ୍ଥା ରହିଛି।

ସେହିଭଳି ସମୁଦ୍ର ମଧ୍ୟରେ ବୋଟିଂର ମଜା ନେବା ପାଇଁ ଜେଟସ୍କି, ବାନାନା ରାଇଡ୍, କ୍ୟାନୋଇଙ୍ଗ, ଶୀତବୋଟ ଓ ବଡ ଜର୍ବିଙ୍ଗ ସହାୟତାରେ ୱାଟରସ୍ପୋର୍ଟର ମଜା ନେଇ ପାଇରିବେ। ବିଶେଷକରି ଏହି ଇକୋରିଟ୍ରିଟ୍‌କୁ ଆସିଥିବା ପର୍ଯ୍ୟଟକମାନେ ବେଳାଭୂମିରେ ବସି ସମୁଦ୍ର ଭିତରେ ବିଭିନ୍ନ ପ୍ରଜାତିର ଡଲଫିନ୍ ଦେଖିପାରିବେ । ଝାଉଁବଣ ଓ ବରୁଣେଇ ମୁହାଁଣ ସର୍ବୋପରି ଏଠିକାର ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ମଜା ନେଇପାରିବେ। ଭିତରକନିକା ବୁଲିବାର ବ୍ୟବସ୍ଥା ରହିଛି । ଉଦ୍‌ଘାଟନ ଦିନ ହିଁ ସମସ୍ତ କଟେଜ ବୁକ୍ ହୋଇଥିବା ଜଣାପଡିଛି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପ୍ରଳୟ


@ ରଜତ


@ ସତ୍ୟବ୍ରତ


@ ସୁପ୍ରିୟା


@ ସୁଶିଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚାଷ ବେଳେ ୟୁରିଆ ସାର ଅଭାବ, ୧୭୪୦ ମେଟ୍ରିକ ଟନ୍ ବଳକା

**ନୟାଗଡ,୧୫।୧୧(ଲୋକନାଥ ମିଶ୍ର)**

- ସାର ସଙ୍କଟର ହେଉନି ସ୍ଥାୟୀ ସମାଧାନ
- ଖରିଫ ଋତୁରେ ପ୍ରତିବର୍ଷ ହେଉଛି ଚାଷୀ ଆନ୍ଦୋଳନ

ନୟାଗଡ଼ ଜିଲାର ଖରିଫ ଋତୁରେ ଗାଁଠାରୁ ସହର ସବୁଠାରେ ୟୁରିଆ ସାରର ଅଭାବ ଦେଖାଦେଇଥାଏ । ପ୍ରତିଦିନ କେଉଁଠି ନା କେଉଁଠି ସାର ପାଇଁ ଜିଲାର ବିଭିନ୍ନ ସ୍ଥାନରେ ଚାଷୀ ଆନ୍ଦୋଳନ ହୋଇଥାଏ। ସାର କଳାବଜାର ରୋକିବାରେ କୃଷି ବିଭାଗ ଅସମର୍ଥ ହୋଇଥାଏ। ପ୍ରତିବର୍ଷ ଖରିଫ ଋତୁରେ ଚାଷୀ ୟୁରିଆ ସାର ପାଇଁ ଆନ୍ଦୋଳନ କରି ଆସୁଥିଲେ ହେଁ ଏ ସଙ୍କଟର ସ୍ଥାୟୀ ସମାଧାନ କରାଯାଉ ନାହିଁ। ଖରିଫ ଋତୁରେ ପାନ ଦୋକାନଠାରୁ ଆରମ୍ଭ କରି ସଉଦା ଦୋକାନରେ ସାର କଳାବଜାର ହୋଇଆସୁଛି। ୪୫ କେ.ଜି. ୟୁରିଆ ବସ୍ତା ସାରର ସରକାରୀ ଦର ୨୬୬.୫୦ ଥିବାବେଳେ ଚଳିତବର୍ଷ ୫୦୦ରୁ ୧୨୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥିଲା। ସରକାରୀ ଦରର ୨ ଗୁଣରୁ ୩ ଗୁଣା ଅଧିକରେ କାହିଁକି ବିକ୍ରି ହେଉଛି ପ୍ରଶ୍ନ ପଚାରିଲେ ଉତ୍ତର ମିଳି ନ ଥିଲା। ସେପଟେ ଜିଲାର ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ରେ ସାର ୨୬୬.୫୦ ଟଙ୍କାରେ ବିକ୍ରି ନ ହୋଇ ୩୫୦ ଟଙ୍କାରେ ବିକ୍ରି ହେଉଥିଲା। କୃଷି ବିଭାଗ ସଫେଇ ଦେଉଥିଲା ସରକାରୀ ଦରଠାରୁ ଅଧିକ ଦରରେ ସାର ବିକ୍ରି କରାଯାଇ ପାରିବନି। ହେଲେ ପାକ୍ସ ଓ ରିଟେଲର ପଏଣ୍ଟରେ ସାର ୩୫୦ ଟଙ୍କାରେ କେମିତି ବ୍ରିକି ହେଉଛି ବୋଲି ପ୍ରଶ୍ନ ଉଠିଥିଲା।

ଜୁଲାଇରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଧାନରେ ସାର ପ୍ରୟୋଗ ହେଉଥିବା ବେଳେ ଏଥିପାଇଁ ପ୍ରଶାସନ ଅଭାବ ଦର୍ଶାଇ ହାତ ଟେକି ଦେଉଛି। କୃଷି ବିଭାଗ ରିପୋର୍ଟ କହୁଛି, ଜିଲାରେ ୨୦୨୫ ଖରିଫରେ ୧୭୪୦.୩୦ ମେଟ୍ରିକ ଟନ୍ ସାର ବଳକା ଅଛି। ଯଦି ୟୁରିଆ ସାର ବଳକା ରହୁଛି ତେବେ ଚାଷୀ କାହିଁକି ଆନ୍ଦୋଳନ କରୁଛନ୍ତି, କଳାବଜାରରୁ ଅଧିକ ଦାମରେ ସାର କିଣୁଛନ୍ତି ବୋଲି ପ୍ରଶ୍ନ ଉଠୁଛି। ପ୍ରଶାସନ ଠିକ୍ ଭାବେ ସମୀକ୍ଷା ନ କଲେ ୨୦୨୬ ଖରିଫରେ ପୁଣି ସାର ଅଭାବ ଦେଖା ଦେବ ବୋଲି ଏକାଧିକ ଚାଷୀ ମତ ଦେଉଛନ୍ତି। ୨୦୨୫ ଖରିଫ୍‌ରେ ଜିଲାରେ ୟୁରିଆ ସାର ୮ହଜାର ମେଟ୍ରିକ ଟନ୍‌ର ଆବଶ୍ୟକତା ରହିଛି ବୋଲି କୃଷି ବିଭାଗର ଟାର୍ଗେଟ ଥିଲା। ତେବେ ଜିଲାକୁ ବିଭିନ୍ନ ପର୍ଯ୍ୟାୟରେ ୧୧, ୨୦୨.୧୩ ମେଟ୍ରିକ ଟନ୍ ସାର ଆସିଥିଲା। ଚାଷୀ ୯୪୭୧.୧୮ମେଟ୍ରିକ ଟନ୍ ସାର କିଣିଥିବା କୃଷି ବିଭାଗ ପକ୍ଷରୁ କୁହାଯାଇଛି। କୃଷି ବିଭାଗ ରିପୋର୍ଟକୁ ଅନୁଧ୍ୟାନ କଲେ ଜିଲାରେ ସାର ଅଭାବ ନ ଥିଲା ପରି ଜଣାପଡୁଛି। ଗ୍ରାଉଣ୍ଡ ଜିରୋ ରିପୋର୍ଟ କିନ୍ତୁ ପ୍ରତିବର୍ଷ ସାର ଅଭାବ ଦର୍ଶାଉଥିବାରୁ ଚାଷୀ ଆନ୍ଦୋଳନ ଦେଖାଦେଉଛି।

## ସାର ନୁହେଁ ଧାନ କିଣିବାକୁ ଆଗ୍ରହୀ ପାକ୍ସ

ସାର ବିକ୍ରିରେ ସାମିଲ ନ ହେଲେ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଧାନ କିଣି ପାରିବେନି ବୋଲି ସରକାରଙ୍କ ନିର୍ଦ୍ଦେଶ ଚିନ୍ତା ବଢ଼ାଇ ଦେଇଥିଲା। ସାର ଲାଇସେନ୍ସ ନବୀକରଣ ନ କଲେ ଧାନ କିଣିବାର ସୁଯୋଗ ମିଳିବନି ବୋଲି ସମବାୟ ନିବନ୍ଧକ ରାଜ୍ୟର ସବୁ ଡିଭିଜନର ସମବାୟ ଉପନିବନ୍ଧକ (ଡିଆରଏସ୍)ମାନଙ୍କୁ ଚିଠି ଲେଖି ନିର୍ଦ୍ଦେଶନାମା ଜାରି ପାକ୍ସଗୁଡିକ ସାର ବିକ୍ରି ପାଇଁ ବାଧ ହୋଇଥିଲେ। ହେଲେ ନୟାଗଡ଼ ଜିଲାରେ ସବୁ ପାକ୍ସ ସାର ୨୦୨୫ ଖରିଫ ଋତୁରେ ବିକ୍ରି କରିପାରି ନ ଥିଲେ। ସରକାରଙ୍କ ନିୟମ ନ ଆସିବା ପୂର୍ବରୁ ଜିଲାରେ ପାକ୍ସଗୁଡ଼ିକ ପୂର୍ବବର୍ଷ ଭଳି କେବଳ ଧାନ କିଣିବାକୁ ଆଗ୍ରହୀ ଥିବାବେଳେ ସାର ବିକ୍ରି କରୁ ନ ଥିଲେ। ଜିଲାରେ ଧାନ କିଣୁଥିବା ୧୫୩ ପାକ୍ସରୁ ୫୭ ପାକ୍ସ ସାର ବିକ୍ରି ନ କରି ନୀରବ ରହିଥିଲେ। ସରକାରୀ ନିର୍ଦ୍ଦେଶନାମା ଆସିବା ପରେ କିଛିଟା ସ୍ଥିତି ବଦଳିଥିଲା। ହେଲେ ପାକ୍ସ ଦ୍ୱାରା ଚାଷୀ ଉପକୃତ ହୋଇ ନ ଥିବା ନୟାଗଡ଼ର ଚାଷୀ ରଣଜିତ ଦଳବେହେରା, ଭାପୁରର ବିକ୍ରମ ସ୍ୱାଇଁ, ଗଣିଆର ସୁଦାମା ପ୍ରଦାନ ଓ ରଣପୁରର ସହଦେବ ନାୟକଙ୍କ ପରି ଚାଷୀ ଅଭିଯୋଗ କରିଥିଲେ।

ଏ ନେଇ ଡିଆର୍‌ସିଏସ୍ ଅନନ୍ତ ନାୟକଙ୍କୁ ପଚାରିବାରେ ସାର ବିକ୍ରି ପାଇଁ ବାଧ୍ୟତାମୂଳକ ହେବା ପରେ ଜିଲାରେ ୧୨୪ ପାକ୍ସ ସାର ବିକ୍ରି କରିଥିଲେ। ଚଳିତ ବର୍ଷ ୩,୮୦୦ ମେଟ୍ରିକ ଟନ୍ ସାର ପାକ୍ସ ଦ୍ୱାରା ବିକ୍ରି ହୋଇଥିଲା ବୋଲି ସେ କହିଛନ୍ତି ।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିଶୁ ଦିବସ ପାଳିତ

**ଓଡ଼ଗାଁ,୧୫।୧୧(ଆଦର୍ଶ କୁମାର ପଟ୍ଟନାୟକ)**


ଅତିଥିଙ୍କ ସହ ପୁରସ୍କୃତ ହୋଇଥିବା ପ୍ରତିଯୋଗୀମାନେ ।

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ମଶାବାରି ଗାୟତ୍ରୀ ବିଦ୍ୟାମନ୍ଦିରେ ଶିଶୁ ଦିବସ ପାଳିତ ହୋଇଯାଇଛି। ବିଦ୍ୟାମନ୍ଦିର ପ୍ରତିଷ୍ଠାତା ସମ୍ପାଦକ ଅଶୋକ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ବୀରେନ୍ଦ୍ର ସାହୁ ଶ୍ରେଣୀକକ୍ଷ ଶିକ୍ଷା ସହିତ ପାରିପାର୍ଶ୍ୱିକ ଅଧ୍ୟୟନର ଆବଶ୍ୟକତା ରହିଛି। ତେଣୁ ବିଭିନ୍ନ ଉତ୍ସବ ପାଳନ ଅବସରରେ ଶିଶୁମାନଙ୍କୁ ଏହିପରି ଅବସର ମିଳିଥାଏ। ପଣ୍ଡିଖାରୀ ଶାସନ ନୀଳକଣ୍ଠେଶ୍ୱର ବ୍ଲକ ଆନୁକୂଲ୍ୟରେ ଅନୁଷ୍ଠିତ ଶିଶୁ ଦିବସ କାର୍ଯ୍ୟକ୍ରମରେ ଓଡ଼ଗାଁ ତହସିଲଦାର ଡ.ମାନସ ରଞ୍ଜନ ଭୋଇ ମଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଗାୟତ୍ରୀ ବିଦ୍ୟାମନ୍ଦିର ଶିଶୁ କଳାକାରମାନଙ୍କ ଦ୍ୱାରା ପରିବେଷିତ ଗୋପାଳ ଛୋଟରାୟଙ୍କ ଗୀତିନାଟ୍ୟ ଗଣେଶ ଜନ୍ମ ଅଭିନୟ ବିଶେଷ ଆକର୍ଷଣ ସୃଷ୍ଟି କରିଥିଲା। ମଶାବାରୀ କଲ୍ୟାଣ ମଣ୍ଡପରେ ଗାୟତ୍ରୀ ପାଠଶାଳା ଦ୍ୱାରା ଆୟୋଜିତ ଶିଶୁ ଦିବସ ପାଳନ ଅବସରରେ ଶିକ୍ଷାବିତ ଅଶୋକ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଭେଙ୍କଟ ସ୍ୱାମୀ ପାଣିଗ୍ରାହୀ ଏବଂ ସୁନିଲ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ନନ୍ଦିଘୋର ଉତ୍କଳମଣି ପାଠଶାଳାରେ ୩୩ତମ ଶିଶୁ ଦିବସ ପାଳନ ହୋଇଯାଇଛି। ପ୍ରତିଷ୍ଠାତା ସୂର୍ଯ୍ୟମଣି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ନୟାଗଡ଼ର ବିଶିଷ୍ଟ ଯୁବ ଶିଳ୍ପଦ୍ୟୋଗୀ ତାପସ ରଞ୍ଜନ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ମହେଶ୍ୱର ପରିଡ଼ା ଏବଂ ମହେଶ୍ୱର ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କବି ତଥା ଲେଖକ ଗଜେନ୍ଦ୍ର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

# ହାଇକୋର୍ଟଙ୍କ ରହିତାଦେଶ: ପ୍ରାଚୀର ନ ଭାଙ୍ଗି ଡ୍ରେନ୍ ଜଳ ନିଷ୍କାସନ କରାଯାଉ


## ହାଉସିଂ ବୋର୍ଡ କଲୋନିର ଜଳ ନିଷ୍କାସନ ପ୍ରସଙ୍ଗ

**ନୟାଗଡ,୧୫।୧୧(ଲୋକନାଥ ମିଶ୍ର)**

ନୟାଗଡ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରାଚୀର ନ ଭାଙ୍ଗି ଡ୍ରେନ୍ ଜଳ ନିଷ୍କାସନ କରିବାକୁ ହାଇକୋର୍ଟଙ୍କ ଖଣ୍ଡପୀଠ ରାୟ ଦେଇଛନ୍ତି। ଏଣୁ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରାଚୀର ନ ଭାଙ୍ଗିବା ପାଇଁ ହାଇକୋଟ ରହିତାଦେଶ ଜାରି କରିଛନ୍ତି। ସୂଚନା ଅନୁଯାୟୀ, ନୟାଗଡ ହାଉସିଂ ବୋର୍ଡ କଲୋନୀରେ ନର୍ଦ୍ଦମା ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ନାହିଁ। ନର୍ଦ୍ଦମା ଜଳ ନିଷ୍କାସନ ପାଇଁ କଲୋନୀ ବାସିନ୍ଦାଙ୍କ ଅଭିଯୋଗ ଅନୁସାରେ ନୟାଗଡ ସବ୍‌ଡିଭିଜିନାଲ ମାଜିଷ୍ଟ୍ରେଟ ୨୬।୯।୨୫ରେ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରାଚୀର ଭାଙ୍ଗି ଡ୍ରେନେଜ୍ ବ୍ୟବସ୍ଥା କରିବାକୁ ଫୌଜଦାରୀ ବିବିଧ ମାମଲା ନଂ. ୧୯୪ରେ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ଆଦେଶକୁ ବିଦ୍ୟାଳୟ ପକ୍ଷରୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ବିଦ୍ୟାଳୟର ନିଜସ୍ୱ ଜମିରେ ପ୍ରାଚୀର ନିର୍ମାଣ ହୋଇଥିବା ଦର୍ଶାଇ ନ ଭାଙ୍ଗିବାକୁ ପ୍ରାର୍ଥନା କରାଯାଇଥିଲା। ଏହାକୁ ବିଚାରକୁ ନେଇ ହାଇକୋର୍ଟ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ରହିତାଦେଶ ଜାରି କରିଛନ୍ତି। ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଆଇନଜୀବୀ ଲଳିତ କୁମାର ମହାରଣା ମୋକଦ୍ଦମା ଲଢୁଥିଲେ ।

## ଖଣ୍ଡପଡ଼ା ବ୍ଲକରୁ ୩ ଛାତ୍ରୀଛାତ୍ରଙ୍କ କୃତିତ୍ୱ

ଖଣ୍ଡପଡ଼ା,୧୫।୧(ଅଜୟ କୁମାର ମହାରଣା): ରାଜ୍ୟ ସ୍ତରରେ ଆୟୋଜିତ ଶିଶୁ ମହୋତ୍ସବ ସୁରଭି ପ୍ରତିଯୋଗିତାରେ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ଜଣେ ଛାତ୍ର ଓ ୨ ଛାତ୍ରୀ ଯୋଗ୍ୟ ବିବେଚିତ ହୋଇ ଅତିଥିଠାରୁ ପୁରସ୍କୃତ ହୋଇଛନ୍ତି। ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ରୀ ଶ୍ରଦ୍ଧା ସୋହାନୀ ଆଚାର୍ଯ୍ୟ ଚିତ୍ରକଳା ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଶିଖରପୁର ପଞ୍ଚାୟତ ଅଧୀନ ଉଜୁଳାଙ୍ଗ ପ୍ରାଥମିକ ବିଦ୍ୟାଳୟର ୪ର୍ଥ ଶ୍ରେଣୀ ଛାତ୍ରୀ ଅଭିଲିପ୍ସା ପ୍ରଧାନ ବକ୍ତୃତା ପ୍ରତିଯୋଗିତାରେ ୨ୟ ସ୍ଥାନ, ବେଣାଗାଡିଆ ସାତଗାଁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ର ସତ୍ୟଜିତ ବେହେରା ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ୨ୟ ସ୍ଥାନ ଅଧିକାର କରିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତାକୁ ନେଇ ଅନୁଷ୍ଠାନ କର୍ତ୍ତୃପକ୍ଷ ଆନନ୍ଦିତ ହୋଇଥିବା ବେଳେ ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର କୃତିତ୍ୱ ଅର୍ଜନ କରିଥିବା ୩ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।




# ବ୍ଲକ୍‌ସ୍ତରୀୟ ମତ୍ସ୍ୟ, ପ୍ରାଣିସମ୍ପଦ ମେଳା

**ଦଶପଲ୍ଲା, ୧୫।୧୧(ପ୍ରକାଶ କୁମାର ପାଣି)**

ଦଶପଲ୍ଲା ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଖମାରସାହିଠାରେ ଶୁକ୍ରବାର ଆୟୋଜିତ ହୋଇଥିଲା। ବ୍ଲକର ମତ୍ସ୍ୟ ଚାଷୀ, ଗୋପାଳକ, ଏସ୍‌ଏଚ୍‌ଜି, ଯୁବ ଉଦ୍ୟମୀ ଓ ସାଧାରଣ ଗ୍ରାମୀଣଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ମେଳାରେ ମତ୍ସ୍ୟଚାଷ ପ୍ରଯୁକ୍ତି, ପ୍ରାଣୀ ପାଳନ ସଂଶୋଧିତ ପ୍ରକ୍ରିୟା, ଟିକାକରଣ, ଖାଦ୍ୟ ଓ ପୋଷଣ ବିଷୟରେ ଅଧିକାରୀଙ୍କ ପକ୍ଷରୁ ସଚେତନତା କାର୍ଯ୍ୟଶାଳା ଆୟୋଜନ ହୋଇଥିଲା। ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ରମେଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ସୁନନ୍ଦା ସାହୁ, ଜିଲା ପରିଷଦ ସଭ୍ୟ ବସନ୍ତ ପ୍ରଧାନ, ଏମ୍‌ପି ପ୍ରତିନିଧି କିଶୋର ଚନ୍ଦ୍ର ଦଳବେହେରା ଓ ଗଣିଆ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ବିଷ୍ଣୁ ପ୍ରସାଦ ସାହୁଙ୍କ ସମେତ ବହୁ ମାନ୍ୟବ୍ୟକ୍ତି ଯୋଗ ଦେଇଥିଲେ। ଦଶପଲ୍ଲା ବ୍ଲକ ମତ୍ସ୍ୟ ଅଧିକାରୀ ପଦ୍ମିନୀ କହଁର ସମସ୍ତ ଧନ୍ୟବାଦ ଦେଇଥିଲେ। ଉତ୍ତମ ମତ୍ସ୍ୟଚାଷୀ, ଦୁଗ୍ଧ ଉତ୍ପାଦକ, କୁକୁଡ଼ା ଚାଷୀ ଓ ଛେଳି ପାଳକଙ୍କୁ ପ୍ରଶଂସାପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ବିଭିନ୍ନ ବିଭାଗୀୟ ଷ୍ଟଲ୍ ଦେଖିବାକୁ ମିଳିଥିଲା। ବ୍ଲକର ସମସ୍ତ ପ୍ରାଣୀଧନ ନିରୀକ୍ଷକ, ପ୍ରାଣୀମିତ୍ର, ବିଭିନ୍ନ ପଞ୍ଚାୟତରୁ ଆସିଥିବା ଜନପ୍ରତିନିଧିଙ୍କ ସହ ଅନ୍ୟ ସରକାରୀ ଅଧିକାରୀ ଯୋଗ ଦେଇଥିଲେ।

# ଛାତ୍ରୀଛାତ୍ରଙ୍କୁ ରେଡକ୍ରସ୍ ଉପାଦେୟତା ପ୍ରଶିକ୍ଷଣ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

**ନୂଆଗାଁ,୧୫।୧୧(ଧନେଶ୍ୱର ସାହୁ)**

ନୟାଗଡ ଜିଲା ନୂଆଗାଁ ବ୍ଲକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶନିବାର ଛାତ୍ରୀଛାତ୍ରଙ୍କୁ ରେଡକ୍ରସ୍ ଉପାଦେୟତା ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ବିଭିନ୍ନ ସମୟରେ ଅନେକ ସମସ୍ୟାର ସମାଧାନ ପାଇଁ ଜନ ସଚେତନ କରାଇବାଠାରୁ ଆରମ୍ଭକରି ଲୋକଙ୍କ ବିପଦ ସମୟରେ ସହଯୋଗର ହାତ ବଢାଇବା ଭଳି କାର୍ଯ୍ୟକ୍ରମ ରେଡକ୍ରସ୍ ଦ୍ୱାରା କରାଯାଇଥାଏ। ସେଗୁଡିକ କିଭଳି ଭାବେ ଛାତ୍ରୀଛାତ୍ରମାନେ ପାଳନ କରିବେ ସେ ନେଇ ଏକ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଥିଲା। ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ରେଡକ୍ରସ୍ ସଂଯୋଜକ ନିରୋଜ ପ୍ରଧାନ ଅତିଥି ଭାବେ ଯୋଗଦେଇ ରେଡକ୍ରସ୍ ମାଧ୍ୟମରେ ଲୋକମାନଙ୍କ ସେବା କରିବାର ସୁଯୋଗକୁ ହାତଛଡା ନ କରିବାକୁ ଛାତ୍ରୀଛାତ୍ରଙ୍କୁ ବୁଝାଇବା ସହ ଏହାର ଇତିହାସ ବିଷୟରେ କହିଥିଲେ ।

ସଡକ ସୁରକ୍ଷା ସଚେତନତା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସହଯୋଗ କରିବା, ସ୍ୱାସ୍ଥ୍ୟ ସଚେତନତା ମାଧ୍ୟମରେ ଏଡ୍‌ସ ଭଳି ମାରାତ୍ମକ ରୋଗ ବିଷୟରେ ଲୋକଙ୍କୁ ବୁଝାଇବା, ସେବା ଓ ବନ୍ଧୁତା ମାଧ୍ୟମରେ ଜନସାଧାରଣଙ୍କ ଉପକାର କରିବା ଭଳି କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଅତିଥି ନୟାଗଡ ଜିଲା ରେଡକ୍ରସ୍ ମୁଖ୍ୟ ଆବାହକ ନାରାୟଣ ହୋତା ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସାହୁ ରେଡକ୍ରସ୍‌ର କାର୍ଯ୍ୟକାରିତା ଓ ଉଦ୍ଦେଶ୍ୟ ବିଷୟରେ ବୁଝାଇଥିଲେ ।

ଏହାକୁ ଅଧ୍ୟାପକ ସତ୍ୟ ସ୍ୱାଗତ ସାହୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଦିଲୀପ କୁମାର ସାହୁ, ଅଧ୍ୟାପିକା ପଦ୍ମିନୀ ରାଉତ, ଅଧ୍ୟାପକ ଆଶିଷ ପ୍ରଧାନ, ଅଧ୍ୟାପକ ଅଧ୍ୟାପକ ରମେଶ ଚନ୍ଦ୍ର ନାୟକ, ଅଧ୍ୟାପକ ଜିତେନ୍ଦ୍ର କୁମାର ପ୍ରଧାନ, ଅଧ୍ୟାପକ ରଶ୍ମିରଞ୍ଜନ ପ୍ରଧାନ, ଅଧ୍ୟାପିକା ଅମ୍ରିତା ପ୍ରିୟଦର୍ଶିନୀ ପ୍ରଧାନ, ଅଧ୍ୟାପିକା ଦେବସ୍ମିତା ମହାପାତ୍ର, ଅଧ୍ୟାପିକା ଲିପ୍ସାରାଣୀ ସିଠ, ଅଧ୍ୟାପିକା ବିଷ୍ଣୁପ୍ରିୟା ପାଲ, ଅଧ୍ୟାପିକା ଲିଜାରାଣୀ ସାହୁ ଓ ଅଧ୍ୟାପକ ପ୍ରଦୀପ କୁମାର ଖଣ୍ଟୁଆଳ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ବିଦ୍ୟାଳୟରେ ଖତଖାଉଛି କମ୍ପ୍ୟୁଟର

- ଠିକା ଶିକ୍ଷକଙ୍କୁ ଛଟେଇ
- ୟୁଜିଏମ୍‌ଇରେ ନିଯୁକ୍ତ ହୋଇପାରିଲେନି ସଂଯୋଜକ
- ଯାଜପୁର ଜିଲାରେ ୫୦ କୋଟି ବରବାଦ

**ଯାଜପୁର ଟାଉନ,୧୫।୧୧ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):**



ପିଲାଙ୍କୁ କମ୍ପ୍ୟୁଟର ଶିକ୍ଷା ଦେବାପାଇଁ ବହୁ ଅର୍ଥ ଖର୍ଚ୍ଚ କରି କମ୍ପ୍ୟୁଟର ଓ ଆନୁଷଙ୍ଗିକ ସାମଗ୍ରୀ କିଣାଯାଇଥିଲା। କିନ୍ତୁ ଆବଶ୍ୟକ ତାଲିମ ଦେବାକୁ ଶିକ୍ଷକ ଅଭାବରୁ ଏବେ ସେ ସବୁ ଏକରକମର ଖତ ଖାଉଛି। ପିଲା କମ୍ପ୍ୟୁଟର ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ଠିକା ସଂସ୍ଥା ଲାଭ ଉଠାଇଛି, ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷା ବିପର୍ଯ୍ୟସ୍ତ ଅବସ୍ଥାରେ ପହଞ୍ଚିଥିବା ଛାତ୍ରୀଛାତ୍ର ଓ ଅଭିଭାବକ ଅଭିଯୋଗ କରିଛନ୍ତି।

ଠିକାରେ ନିଯୁକ୍ତ କମ୍ପ୍ୟୁଟର ପ୍ରଶିକ୍ଷକଙ୍କୁ ୨୦୧୯ରୁ ଛଟେଇ କରାଯାଇଛି। ହାଇସ୍କୁଲରେ କମ୍ପ୍ୟୁଟର ଶିକ୍ଷକଙ୍କୁ କାର୍ଯ୍ୟରୁ ଅନ୍ତର ପରେ ଏବେ ସ୍ୱତନ୍ତ୍ର ଶିକ୍ଷକ ନ ଥିବାରୁ ଶିକ୍ଷାଦାନ ବନ୍ଦରହିଛି। ବିଦ୍ୟାଳୟସ୍ତରରେ ପିଲାଙ୍କୁ କମ୍ପ୍ୟୁଟର ଶିକ୍ଷାଦେଇ ଆଇଟି କ୍ଷେତ୍ରରେ ବଳିଷ୍ଠ କରିବା ପାଇଁ ଆଗରୁ ନିଆଯାଇଥିବା ପଦକ୍ଷେପ ବର୍ତ୍ତମାନ ବାଟବଣା ହୋଇଥିବା ଏକରକମ ସ୍ପଷ୍ଟ ଜଣାପଡୁଛି। ବିପୁଳ ଟଙ୍କାର କମ୍ପ୍ୟୁଟର ଓ ଜେନେରେଟର ସାଙ୍ଗକୁ ଆସବାବପତ୍ର ମଧ୍ୟରୁ ଅନେକ ସାମଗ୍ରୀର ପତ୍ତା ମିଳୁନାହିଁ।

ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ ନିମନ୍ତେ ୨୦୦୮-୦୯ଶିକ୍ଷା ବର୍ଷରେ ସରକାର ପ୍ରୟାସ ଆରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଯାଜପୁର ଜିଲାରେ ମୋଟ୍ ୧୧୮ ୟୁଜିଏମ୍‌ଇ ବିଦ୍ୟାଳୟକୁ କମ୍ପ୍ୟୁଟର ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ଗୋଟିଏ ବିଦ୍ୟାଳୟ ନିମନ୍ତେ ୨.୫୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏଥିପାଇଁ ସରକାରଙ୍କୁ ୩କୋଟି ୯୨ ହଜାର ଟଙ୍କା ବ୍ୟୟକରିବାକୁ ପଡ଼ିଥିଲା। ସେହିପରି ୨୦୧୪ରୁ ସରକାର ହାଇସ୍କୁଲଗୁଡ଼ିକରେ କମ୍ପ୍ୟୁଟର ଶିକ୍ଷା ଆରମ୍ଭ ପାଇଁ ଯୋଜନା କରିଥିଲେ। ପ୍ରତି ହାଇସ୍କୁଲ ନିମନ୍ତେ ବ୍ୟୟଅଟକଳ ୨୦ରୁ୩୦ ଲକ୍ଷ ଟଙ୍କା ରହିଥିଲା।

ଯାଜପୁର ଜିଲାରେ ୨୧୭ ବିଦ୍ୟାଳୟକୁ କମ୍ପ୍ୟୁଟର ଯୋଗାଇ ଦିଆଯାଇଥିଲା। ଏଥିପାଇଁ ସରକାରଙ୍କୁ ୫୦କୋଟିରୁ ଅଧିକ ଟଙ୍କା ବ୍ୟୟ କରିବାକୁ ପଡ଼ିଥିଲା। ଏଥି ସହିତ ଯେଉଁଠି ଗୃହ ନ ଥିଲା ସେଠାରେ ଗୃହ ନିର୍ମାଣ ପାଇଁ ସରକାରଙ୍କୁ ଅତିରିକ୍ତ ଖର୍ଚ୍ଚ କରିବାକୁ ପଡ଼ିଥିଲା। କିନ୍ତୁ ସରକାରଙ୍କ ଏହି ଯୋଜନା କେତେଦୂର ଲକ୍ଷ୍ୟ ହାସଲ କରିପାରିଲା ତାହାର ସମୀକ୍ଷା ହେଉନାହିଁ। ୟୁଜିଏମଇକୁ ୨୦୦୮ରୁ

**କମ୍ପ୍ୟୁଟର ଯୋଗାଇ ଦିଆଯାଇଥିବା ବିଦ୍ୟାଳୟ ସଂଖ୍ୟା**

| ବ୍ଲକ୍ | ହାଇସ୍କୁଲ | ୟୁଜିଏମଇ |
|---|---|---|
| ବଡ଼ଚଣା | ୩୨ | ୧୨ |
| ବରୀ | ୨୬ | ୧୧ |
| ବିଞ୍ଝାରପୁର | ୨୪ | ୧୨ |
| ଦାନଗଦୀ | ୧୧ | ୧୨ |
| ଦଶରଥପୁର | ୩୨ | ୧୩ |
| ଧର୍ମଶାଳା | ୨୬ | ୧୦ |
| ଯାଜପୁର | ୨୪ | ୧୩ |
| କୋରେଇ | ୧୬ | ୧୩ |
| ରସୁଲପୁର | ୧୬ | ୧୧ |
| ସୁକିନ୍ଦା | ୧୦ | ୧୧ |
| ମୋଟ୍ : | ୨୧୭ | ୧୧୮ |

କମ୍ପ୍ୟୁଟର ଯୋଗାଇ ଦିଆଯାଇଥିଲେ ମଧ୍ୟ ପଢ଼ାଇବା ପାଇଁ ଶିକ୍ଷକ ନିଯୁକ୍ତ କରାଯାଇ ନ ଥିଲା। କିଛି ବିଦ୍ୟାଳୟରେ କମ୍ପ୍ୟୁଟର ପଢ଼ାଇବା ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲେ ମଧ୍ୟ ଏହା ପୂର୍ଣ୍ଣ ମାତ୍ରାରେ ସଫଳ ହୋଇପାରିଲାନାହିଁ। ଫଳରେ ୟୁଜିଏମ୍‌ଇ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ କମ୍ପ୍ୟୁଟର ଶିକ୍ଷା ଶିକ୍ଷକ ଅଭାବରୁ ଅଧୁରା ରହିଲା।

୨୦୧୪ରେ ହାଇସ୍କୁଲଗୁଡ଼ିକୁ ଉଚ୍ଚ ବଜେଟରେ କମ୍ପ୍ୟୁଟର ଯୋଗାଇ ଦିଆଯିବା ପରେ ଆଶା ଥିଲା ଏହା ସଫଳ ହେବ। ଛାତ୍ରୀଛାତ୍ର ନିଶ୍ଚିତ କମ୍ପ୍ୟୁଟର ଶିକ୍ଷା ଲାଭ କରିବେ। ଏହା ମଧ୍ୟ ସମାନ କାରଣ ପାଇଁ ସଫଳ ହୋଇପାରିଲା ନାହିଁ। ରାଜ୍ୟ ସରକାର ଏହି ବିଦ୍ୟାଳୟଗୁଡ଼ିକରେ କମ୍ପ୍ୟୁଟର ସଂଯୋଜକ ଯୋଗାଇ ଦେବା ନିମନ୍ତେ ଏକ ଠିକା ସଂସ୍ଥାକୁ ଦାୟିତ୍ୱ ଦେଇଥିଲେ। ଠିକା ସଂସ୍ଥା ୫ବର୍ଷ ଚୁକ୍ତି ଅନୁଯାୟୀ ଜିଲାରେ ମୋଟ୍ ୨୧୭ କମ୍ପ୍ୟୁଟର ସଂଯୋଜକଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଦାନ କରିଥିଲା। ସେମାନଙ୍କୁ ମାସିକ ୭୫୦୦ ଟଙ୍କା ବେତନ ପ୍ରଦାନ କରାଯାଉଥିଲା। ଚୁକ୍ତି ସମୟ ସରିଯିବାରୁ ୨୦୧୮ ଅଗଷ୍ଟରେ ଉକ୍ତ ଠିକା ସଂସ୍ଥା ସମସ୍ତ ସଂଯୋଜକଙ୍କୁ ଛଟେଇ କରିଥିଲା। ଫଳରେ ନିଯୁକ୍ତ କମ୍ପ୍ୟୁଟର ସଂଯୋଜକ ବେକାର ହୋଇ ଘରେ ବସିଲେ। ରାଜ୍ୟ ସରକାର ନିଷ୍ପତ୍ତି ନେଲେ ପ୍ରତି ବିଦ୍ୟାଳୟରେ ନିଯୁକ୍ତ ଅନ୍ୟ ଶିକ୍ଷକଙ୍କୁ କମ୍ପ୍ୟୁଟର ପ୍ରଶିକ୍ଷଣ ଦିଆଯିବ। ସେମାନେ ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ଶିକ୍ଷା ଦେବେ। ଏହା ବି ଏଯାବତ ସମ୍ଭବ ହୋଇପାରିଲା ନାହିଁ। ତେଣୁ ଛାତ୍ରୀଛାତ୍ରଙ୍କ କମ୍ପ୍ୟୁଟର ଶିକ୍ଷା ଆଶା ମୌଳି ଯାଇଥିବାବେଳେ ଟଙ୍କା ବରବାଦ ହେଲାବୋଲି ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ଶିକ୍ଷକ ନିଯୁକ୍ତି ହୋଇ ନ ପାରିବାରୁ କମ୍ପ୍ୟୁଟର ଶିକ୍ଷା ଆଗେଇ ପାରିଲାନାହିଁ। ତେବେ ବିଦ୍ୟାଳୟଗୁଡ଼ିକୁ ଦିଆଯାଇଥିବା କମ୍ପ୍ୟୁଟରଗୁଡ଼ିକ ନଷ୍ଟ ହୋଇଗଲାଣି ବୋଲି ଜଣାପଡ଼ିଛି।

## ରାସ୍ତାକଡ଼ରୁ ଶିଶୁପୁତ୍ରର ମୃତଦେହ ଜବତ

**ଧର୍ମଶାଳା,୧୫।୧୧ (ବଟକୃଷ୍ଣ ପରିଡ଼ା):**

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ଅଣ୍ଟିଆ ଗ୍ରାମ ନିକଟ ରାସ୍ତା କଡ଼ରୁ ଶନିବାର ସକାଳେ ୧୦-୧୨ଦିନର ଏକ ଶିଶୁପୁତ୍ରର ମୃତଦେହ ମିଳିଛି। ମୃତଦେହ ଏକ ପଲିଥିନ୍‌ରେ ବନ୍ଧାହୋଇ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ପଲିଥିନ୍ ଖୋଲି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଚଳାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ. ୩୦/୨୫ ରୁଜୁ ହୋଇଥିବା ଥାନା ଅଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି।

## ଅର୍ଥନୀତି ବିଭାଗର ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

**ବଡ଼ଚଣା,୧୫।୧୧ (ଦିଲୀପ କୁମାର ମହାନ୍ତି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟରେ ଅର୍ଥନୀତି ବିଭାଗ ପକ୍ଷରୁ 'ସବୁଜ କୃଷି ଏବଂ ଧାରଣୀୟ ବିକାଶର ଲକ୍ଷ୍ୟ ସମୂହ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗର ମୁଖ୍ୟ ଅଧ୍ୟାପକ ଶମ୍ଭୁନାଥ ହେମ୍ବ୍ରମ ସଭାପତିତ୍ୱ କରିବା ସହ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ସସ୍ମିତା ବେହେରା ବିଷୟଭିତ୍ତିକ ସନ୍ଦର୍ଭ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ପବିତ୍ର ମୋହନ ମାହାଲା ଯୋଗଦେଇ ସବୁଜକୃଷିର ଉପାଦେୟତା ଓ ପରିବେଶ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ବିଷୟ ବିଶେଷଜ୍ଞଭାବେ ଉପେନ୍ଦ୍ରନାଥ ସାରଦା ମହାବିଦ୍ୟାଳୟ ଅଧ୍ୟକ୍ଷା ସାରଦା କର ଯୋଗଦେଇ ସବୁଜ କୃଷି ଏବଂ ଧାରଣୀୟ ବିକାଶ ଲକ୍ଷ୍ୟ ସମୂହ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଅର୍ଥନୀତି ବିଭାଗର ତୃତୀୟ ବର୍ଷର ଛାତ୍ରୀ ମଧୁସ୍ମିତା ବଳ ଓ ଅଙ୍କିତା ଓଝା ସନ୍ଦର୍ଭ ପାଠ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତଥିଲେ। ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀ ଅଙ୍କିତା ଓଝା ଧନ୍ୟବାଦ ଦେଇଥିଲେ।

## ୧୭ରେ ରସୁଲପୁର ବ୍ଲକରେ ମିଳିତ ଜନଶୁଣାଣି ଶିବିର

**ରସୁଲପୁର,୧୫।୧୧(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଆସନ୍ତା ୧୭ ତାରିଖ (ସୋମବାର) ପୂର୍ବାହ୍ନ ୧୦ଟାରେ ଯାଜପୁର ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏଥିରେ ଜିଲାପାଳ ଅମ୍ବର କୁମାର କର, ଜିଲା ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମଲଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିବେ। ଶିବିର ପାଇଁ ସକାଳ ୯ଟାରୁ ପଞ୍ଜୀକରଣ ଆରମ୍ଭ ହେବ। ଏଥିରେ ବ୍ଲକ ଅଞ୍ଚଳର ଜନସାଧାରଣ ଯୋଗଦେଇ ସେମାନଙ୍କ ସମସ୍ୟା ସମ୍ପର୍କରେ ଅଧିକାରୀଙ୍କୁ ଜଣାଇବାକୁ ବିଡିଓ ସତ୍ୟାନନ୍ଦ ଦାଶଙ୍କ ପକ୍ଷରୁ ନିବେଦନ କରାଯାଇଛି।

## ଡିଭାଇନ କୋଚିଂ ସେଣ୍ଟରରେ ଶିଶୁ ଦିବସ

**ପାଣିକୋଇଲି,୧୫।୧୧(ବିକାଶ ମଲ୍ଲିକ):**

ପାଣିକୋଇଲି ଡିଭାଇନ କୋଚିଂ ସେଣ୍ଟରରେ ଶୁକ୍ରବାର ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ସଂଗୀତ, ବକ୍ତୃତା, କୁଇଜ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। କୋଚିଂ ସେଣ୍ଟରର ଉପଦେଷ୍ଟା ତାରିଣୀ ପ୍ରସାଦ ରାୟଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିଭାବେ ଶିକ୍ଷକ ପ୍ରଫୁଲ୍ଲ ଦାଶ, ଅଧ୍ୟାପକ ଅଭିଜିତ ଷଡ଼ଙ୍ଗୀ, ଜ୍ୟୋତିଷ ବେହେରା, ସମ୍ଭାବନା ସାହୁ, ଐଶ୍ୱର୍ଯ୍ୟା ରାଉତ, ଦେବାଶିଷ ଶତପଥୀ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଅଧ୍ୟାପିକା ସୋନାଲି ପ୍ରୀୟଦର୍ଶିନୀ ଦାଶ ଧନ୍ୟବାଦ ଦେଇଥିଲେ।

## ଜଳିଗଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର, ଲୋକେ ଅନ୍ଧାରରେ

**ଧର୍ମଶାଳା,୧୫।୧୧(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ କଣିପାଟିଆ ଗ୍ରାମରେ ସର୍ଟସର୍କିଟ୍ ଯୋଗୁ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଶନିବାର ଅପରାହ୍ନରେ ଜଳିଯାଇଛି। ଫଳରେ ୭୦ ବିଦ୍ୟୁତ୍ ଉପଭୋକ୍ତା ଏବେ ଅନ୍ଧାରରେ ଥିବା ଜଣାଯାଇଛି। ଟ୍ରାନ୍ସଫର୍ମର ଜଳୁଥିବା ଖବରପାଇ କର୍ମଚାରୀ ପହଞ୍ଚି ବିଦ୍ୟୁତ୍ ବିଚ୍ଛିନ୍ନ କରିବା ସହ ନିଆଁକୁ ଆୟତ୍ତ କରିଥିଲେ। ତୁରନ୍ତ ନୂତନ ଟ୍ରାନ୍ସଫର୍ମର ଯୋଗାଇ ଦେବାକୁ ଉପଭୋକ୍ତା ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।



## ବ୍ଲକସ୍ତରୀୟ ମତ୍ସ୍ୟ, ପ୍ରାଣିସମ୍ପଦ ମେଳା


ମେଳାରେ ଜଣେ ମହିଳା ଚାଷୀଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରୁଛନ୍ତି।

**କଳିଙ୍ଗନଗର,୧୫।୧୧ (ଶୁଭାଶିଷ ରାଉତ):**

ଦାନଗଦି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଶନିବାର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗ ସହ ଅନ୍ୟ ବିଭାଗ ଦ୍ୱାରା ୧୨ଟି ଷ୍ଟଲ ଖୋଲାଯାଇ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଚାଷୀଙ୍କୁ ସୂଚନା ଦିଆଯାଇଛି। ଗୋଷ୍ଠୀ ପ୍ରାଣୀଧନ ଚିକିତ୍ସା ଅଧିକାରୀ ପାର୍ଥସାରଥି ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ, ବ୍ଲକ୍ ଅଧ୍ୟକ୍ଷା ଅର୍ଚ୍ଚନା ଦାଶ, ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ ସୁବ୍ରତ ମହାପାତ୍ର, ବିଡିଓ ପ୍ରଦୀପ କୁମାର ସେଠୀ, ଜିଲା ମତ୍ସ୍ୟ ଅଧିକାରୀ ରଞ୍ଜିତା ବେହେରା, ଜିଲା ଅତିରିକ୍ତ ପ୍ରାଣୀଧନ ଚିକିତ୍ସା ଅଧିକାରୀ ରଞ୍ଜିତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭୁପ୍ରସାଦ ନାୟକ, କୃଷ୍ଣକୃପା ପ୍ରଧାନ, ସୁଚିତ୍ରା ସାହୁ ସଭା ପରିଚାଳନା କରିଥିଲେ। ଉତ୍କୃଷ୍ଟ ପ୍ରାଣୀ ପାଳକ ଭାବେ ରବୀନ୍ଦ୍ର କୁମାର ପ୍ରଧାନ, ପଦ୍ମାବତୀ ବଳ, ଜଗତ ଗାଗରାଇ, ମା' ବୃନ୍ଦାବତୀ ଏସ୍‌ଏଚ୍‌ଜି ଏବଂ ଉତ୍କୃଷ୍ଟ ମତ୍ସ୍ୟ ଚାଷୀ ଭାବେ ରାକେଶ ମହାନ୍ତ, ପ୍ରିୟତମା ସାହୁ, ରଶ୍ମିତା କରଣ ଓ ମା' ଭଗବତୀ ଏସ୍‌ଏଚ୍‌ଜି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଟଙ୍କା ନେଇ ପୋଲିସ ବାଲିଗାଡ଼ି ଛାଡ଼ିଦେଇଥିବା ଅଡିଓ ଭାଇରାଲ

**ବ୍ରହ୍ମବରଦା,୧୫।୧୧ (ଯଯାତି କେଶରୀ ବେହେରା)**

ବ୍ରାହ୍ମଣୀ ନଦୀପଠାରୁ ଗୁରୁବାର ରସୁଲପୁର ତହସିଲଦାର ଓ ବ୍ରହ୍ମବରଦା ପୋଲିସ ପକ୍ଷରୁ ଜବତ ହୋଇଥିବା ୩ ବାଲିବୋଝେଇ ଟ୍ରାକ୍ଟରକୁ ଛାଡ଼ି ଦିଆଯାଇଥିବାର ଏକ ଅଡିଓ ଭାଇରାଲ ହୋଇଛି। ବ୍ରହ୍ମବରଦା ପୋଲିସ ୩୫ ହଜାର ଟଙ୍କା ନେଇ ଗାଡ଼ି ଛାଡ଼ି ଦେଇଥିବା ଅଡିଓରୁ ଜଣାପଡ଼ିଛି। ଅଡିଓରେ ବାଲି ମାଫିଆଙ୍କ ସହ ଜଣେ ଥାନା କର୍ମଚାରୀ ଫୋନରେ କଥା ହୋଇଛନ୍ତି। ବାଲି ମାଫିଆ ପ୍ରତିମାସ ପୋଲିସକୁ ୧୦ ହଜାର ଟଙ୍କା ଦିଅନ୍ତି। ପୋଲିସ ଅଭିଯୋଗ ପାଇବା ମାତ୍ରେ ମାଫିଆଙ୍କୁ ଜଣାଇକି ଘାଟକୁ ଯାଆନ୍ତି। ହେଲେ ପୋଲିସ କିଛି ନ ଜଣାଇ ଗୁରୁବାର ଘାଟକୁ ମାଡିଯିବା ମାଫିଆଙ୍କୁ କଷ୍ଟ ଦେଇଛି। ଏନେଇ ସେ ସ୍ଥାନୀୟ ଅଧିକାରୀଙ୍କୁ ଫୋନ ଯୋଗେ ଜଣାଇଛନ୍ତି। ପରେ ତହସିଲଦାରଙ୍କ ସହ କଥା ହୋଇ ଫେରିଛନ୍ତି। ତହସିଲଦାର ଗାଡ଼ିଗୁଡ଼ିକୁ ଛାଡ଼ିଦେବାକୁ କହିଥିବା ମାଫିଆ ଥାନା ଅଧିକାରୀଙ୍କୁ କହିଥିଲେ। ମାଫିଆ ଆସି ଥାନା ଅଧିକାରୀଙ୍କ ସହ ସବିଶେଷ କଥା ହୋଇଥିଲେ। ବହୁ କଥୋପ କଥନ ପରେ ଶେଷରେ ୩୫ ହଜାର ଟଙ୍କାରେ କଥା ଛିଡ଼ିଥିଲା। ସେହିପରି ସ୍ଥାନୀୟ ମେଲଣ କମିଟିକୁ ଗାଡି ପିଛା ୧୫୦ ଟଙ୍କା ଦେଲେ କେତେ ରୋଜଗାର କରିବି ବୋଲି ମାଫିଆ କହିଥିବା ଅଡିଓ ଭାଇରାଲ ହେବାରେ ଲାଗିଛି। ଏ ଥାନା ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ତହସିଲଦାରଙ୍କୁ ପଚାରିବାରେ ସେ କୌଣସି ଉତ୍ତର ରଖି ନ ଥିଲେ।

## ମତ୍ସ୍ୟ, ପ୍ରାଣିସମ୍ପଦ ମେଳା


ମେଳାରେ ଯୋଗଦେଇଥିବା ଅତିଥିମାନେ।

**ଯାଜପୁର ସଦର,୧୫।୧୧ (ସମର ବିଜୟ ଶରଣ):**

ଯାଜପୁର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଏନ୍‌ସି କଲେଜଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୬ ପଞ୍ଚାୟତରୁ ୫୦୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ। ମୁଖ୍ୟ ଅତିଥିଭାବେ ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ, ବିଡିଓ ହେମନ୍ତ ମହନ୍ତ, ବିମଳ ମହାପାତ୍ର, ମୁଖ୍ୟ ବକ୍ତାଭାବେ ସନ୍ଦୀପ ଶଙ୍କର ପଟ୍ଟନାୟକ, ସମ୍ମାନିତ ବକ୍ତାଭାବେ ଅତିରିକ୍ତ ଜିଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ସୁଶାନ୍ତ କୁମାର ବେହେରା ଯୋଗଦେଇଥିଲେ। ଆଗ୍ରହୀ ମତ୍ସ୍ୟଚାଷୀ, ପ୍ରାଣିପାଳକ ଓ ଅନ୍ୟଚାଷୀ ଯୋଗଦେଇ ଷ୍ଟଲ ପରିଦର୍ଶନ କରିଥିଲେ। ସଫଳ ଚାଷୀଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଉପନିର୍ଦ୍ଦେଶକ ବିଜୟ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିତା ଦାଶ ଓ ମୋନାଲିସା ମହାନ୍ତି ପରିଚାଳନା କରିଥିଲେ। ସହକାରୀ ମତ୍ସ୍ୟ ଅଧିକାରୀ ପର୍ଶୁରାମ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ୧୬, ୨୦ ନମ୍ବର ଜାତୀୟ ରାଜପଥ କଡ଼ ଜମି ମାପ ହେବ

**ପାଣିକୋଇଲି,୧୫।୧୧(ବିକାଶ ମଲ୍ଲିକ):**

ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ଓ ଅଳତିରି ମୌଜାର ୧୬ ଓ ୨୦ ରାଜପଥ ସମ୍ପ୍ରସାରଣ ପାଇଁ ରାଜପଥ କଡ଼ ଜମି ମାପ କରାଯିବ। ଆସନ୍ତା ସୋମବାର ସକାଳ ୯ଟାରୁ ଏହି କାର୍ଯ୍ୟ ଆରମ୍ଭ ହେବ। ଏନେଇ ବ୍ୟାନଗର ତହସିଲଦାର ସର୍ବସାଧାରଣ ନୋଟିସ ଜାରି କରିଛନ୍ତି। ରାଜପଥ ପାର୍ଶ୍ୱ ଜମି ମାଲିକ ଧାର୍ଯ୍ୟ ସମୟରେ ଉପସ୍ଥିତ ରହି ସହଯୋଗ କରିବାକୁ ନୋଟିସରେ ଉଲ୍ଲେଖ କରାଯାଇଛି।

## ଆଦିବାସୀଙ୍କୁ ଜମି ପଟ୍ଟା ବଣ୍ଟନ


ଅତିଥିଙ୍କ ଗହଣରେ ଜମିପଟ୍ଟା ପାଇଥିବା ଆଦିବାସୀମାନେ।

**ଚଣ୍ଡିଖୋଲ,୧୫।୧୧ (ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିତଳ ପଞ୍ଚାୟତର ତେଲିଗଡ଼ଠାରେ ଶନିବାର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ଏଥିରେ ଦର୍ପଣ ତହସିଲର ମାନସ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ମୋ ଜଙ୍ଗଲ ଜମି ଯୋଜନାରେ ୬୨ ହିତାଧିକାରୀଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଛି। ବିଡିଓ ରବୀନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଅମର ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପଟ୍ଟା ବଣ୍ଟନ କରିଥିଲେ। ସମିଆ, ରାଇଝର, ମହାଖଳା ଓ ଚଣ୍ଡିଖୋଲ ଆବାସିକ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତିନ୍ଦ୍ର ନାୟକ, ସରପଞ୍ଚ ରଞ୍ଜନ କୁମାର ଦାସ, ପ୍ରମୋଦ ଜେନା, ମଧୁସୂଦନ ବଳ, ମଣ୍ଡଳ ସଭାପତି ବିମଳ କୁମାର ପ୍ରଧାନ, ସରପଞ୍ଚ ନବଦୀପ ନାୟକ, ସରପଞ୍ଚ ବିଶ୍ୱବିଜୟୀ ବ୍ରହ୍ମ, ବେଣୁଧର ବିଶ୍ୱାଳ, ଜଗମୋହନ ହେମ୍ବ୍ରମ, ସୁନା ରାମ ସୋରେନ, ଗଙ୍ଗାଧର ଦାସ, ରେବତୀ ଭୋଇ, ଶାନ୍ତି ହାଂସଦା ଓ ଡବ୍ଲ୍ୟୁଇଓ ଦେବସ୍ମିତା ସାମଲ ଉପସ୍ଥିତ ଥିଲେ। ଯୋଗେଶ ମୁର୍ମୁ ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ପାଣିକୋଇଲି,୧୫।୧୧(ବିକାଶ ମଲ୍ଲିକ):**

ପାଣିକୋଇଲି ବାଲିଦାଣ୍ଡରେ ଶନିବାର ଦ୍ୱିଦିବସୀୟ ୧୧ତମ ରାଜ୍ୟସ୍ତରୀୟ ଦିବାରାତ୍ରି କବଡ଼ି ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ପୁରୁଷ ବିଭାଗରେ ୧୦ ଓ ମହିଳା ବିଭାଗରେ ୭ ଦଳ ଅଂଶଗ୍ରହଣ କରିଛନ୍ତି। ଅତିଥି ଭାବେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି, ସାମ୍ବାଦିକ ସୁବାସ ଧଳ, ଯାଜପୁର ଆଥଲେଟିକ ସମ୍ପାଦକ ସୁରେଶ ପଣ୍ଡା, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ବିଶ୍ୱାଳ, ସୁଧାଂଶୁ ଶେଖର ଘଡାଇ, ଦାମୋଦର ସାହୁ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ରେଫରିଭାବେ ରମେଶ ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡା, ଶୁଭଶ୍ରୀ ସାହୁ ଏବଂ ଘୋଷକ ଭାବେ ଆନନ୍ଦ ରଣା ଓ ଜ୍ଞାନ ରଞ୍ଜନ ଘଡ଼ାଇ ଯୋଗ ଦେଇଛନ୍ତି। ଅବିନାସୀ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟରେ ସଭାପତି ମନୋଜ ମଲିକ, ସମ୍ପାଦକ ସୁରେଶ ମଲିକ, ମ୍ୟାନେଜର କୈଳାସ ମଲିକ ଯୋଗଦେଇ ମ୍ୟାଚ୍‌କୁ ପରିଚାଳନା କରିଥିଲେ। ରାଜେନ୍ଦ୍ର ମଲିକ, ଚନ୍ଦ୍ରମଣି ମଲିକ, ଦୀପକ ଜେନା, ସନ୍ତୋଷ ମୁଣ୍ଡା, ପବିତ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଜଗା ଶିଶୁ ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଉତ୍ସବ

**ବରୀ,୧୫।୧୧(ମହେନ୍ଦ୍ର ସ୍ୱାଇଁ)**



ଜଗା ଶିଶୁ ସାହିତ୍ୟ ସଂସଦର ୩୨ତମ ସ୍ୱନକ୍ଷତ୍ର ଉତ୍ସବରେ ଉପସ୍ଥିତ ଅତିଥିମାନେ।

ବରୀ ଗୋପବନ୍ଧୁ-ରମାଦେବୀ ଆଶ୍ରମ ପରିସରରେ ଶୁକ୍ରବାର ଜଗା ଶିଶୁ ସାହିତ୍ୟ ସଂସଦର ୩୨ତମ ସ୍ୱନକ୍ଷତ୍ର ଉତ୍ସବ ସଭାପତି କପିଳ ଚରଣ ସାମଲଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ପଣ୍ଡିତ କାମଦେବ ଶତପଥୀ, ସମ୍ମାନିତ ଅତିଥି ଭାବେ କବି ଭୁବନମୋହନ ମହାନ୍ତି, ମୁଖ୍ୟବକ୍ତାଭାବେ ମହେଶ୍ୱର ଜେନାସାମନ୍ତ ଓ ସମ୍ମାନିତ ବକ୍ତାଭାବେ ଶରତ କୁମାର ଦାସ ପ୍ରମୁଖ ଯୋଗଦେଇ ଶିଶୁ ସାହିତ୍ୟର ପ୍ରସାର ପ୍ରଚାର ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଶୁମାନଙ୍କ ହୃଦୟ ଓ ମସ୍ତିଷ୍କକୁ ବିକାଶିତ କରୁଥିବା ସାହିତ୍ୟ ହିଁ ଶିଶୁ ସାହିତ୍ୟ। ଶିଶୁ ମନସ୍କ ହୋଇ ନ ପାରିଲେ ଶିଶୁ ସାହିତ୍ୟ ଲେଖିବା ସମ୍ଭବନୁହେଁ ବୋଲି ମୁଖ୍ୟ ଅତିଥି ଶତପଥି ପ୍ରକାଶ କରିଥିଲେ। ଅନୁଷ୍ଠାନର ଉପସଭାପତି ଶରତ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଅଜୟ ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

ଅନୁଷ୍ଠାନ ପକ୍ଷରୁ ଅନୁସୟା ଜେନାଙ୍କ ସମ୍ପାଦନାରେ ପ୍ରକାଶିତ ଶିଶୁ କିଶୋର ପତ୍ରିକା 'ଶିଶୁ ସୁଧା' ଶିଶୁ ଦିବସ ସଂଖ୍ୟା ଓ କବି ନିର୍ମଳ ଗିରିଙ୍କ ଭ୍ରମଣ କାହାଣୀ 'ଅନୁଭବରେ ଆକାଶ' ପୁସ୍ତକକୁ ଅତିଥି ଲୋକାର୍ପଣ କରିଥିଲେ। ଶିଶୁ ସାହିତ୍ୟର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଧ୍ୟାପକ ପ୍ରଦୀପ୍ତ ଦାଶ, ଶିଶୁ ସାହିତ୍ୟିକ ଚନ୍ଦ୍ରଶେଖର ସାହୁ, ବଟକୃଷ୍ଣ ସ୍ୱାଇଁ, ସତ୍ୟବ୍ରତ ସାହୁ, ସମୀର ପାଢ଼ୀ ଓ ଲମ୍ବୋଦର ଜେନାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସହସମ୍ପାଦକ ସନ୍ତୋଷ ରାଉତ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଏକ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଉପସଭାପତି ସାହିତ୍ୟିକ ଶରତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଅଭିମନ୍ୟୁ ସାମନ୍ତସିଂହାର ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରବୀନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପେପରମ୍ୟାନ ଇଣ୍ଡିଆର ସମ୍ପାଦକ ଶଶାଙ୍କ ଶେଖର ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କବି ଅମୂଲ୍ୟ ପଣ୍ଡା ଓ ଝରଣା ମଲ୍ଲିକଙ୍କ ସଂଯୋଜନାରେ ବହୁ କବି ଯୋଗଦେଇ କବିତା ପାଠ କରିଥିଲେ।

# ଶୀତ ଆସିଲା, ସୁଧୁରିଲାନି ପର୍ଯ୍ୟଟନ କ୍ଷେତ୍ର

## ସରକାରଙ୍କ ଦୃଷ୍ଟି ଆଢୁଆଳରେ ଜଗତ୍‌ସିଂହପୁର

**ପରିତ୍ୟକ୍ତ ଅବସ୍ଥାରେ ଧଳତଙ୍ଗଗଡ଼ ଇକୋ ଟୁରିଜିମ୍ କେନ୍ଦ୍ର**

- ସିଆଳି, କୁଞ୍ଜବିହାରୀ ମଠ, ରଘୁନାଥଜୀଉ ମନ୍ଦିର, ଗାରୋଇ, ଧ୍ୟାନକୁଦ, ବନ୍ଦର ଆଦିର ଉନ୍ନତୀକରଣ ହେଉନି
- ବର୍ଷାଧିକ କାଳ ହେବ ସ୍ଥାୟୀ ପର୍ଯ୍ୟଟନ ଅଧିକାରୀ ପଦ ଖାଲି


ପରିତ୍ୟକ୍ତ ଅବସ୍ଥାରେ ଧଳତଙ୍ଗଗଡ଼ ଇକୋ ଟୁରିଜମ୍ କେନ୍ଦ୍ର।

ଜଗତ୍‌ସିଂହପୁର, ୧୫।୧୧
(ପ୍ରମୋଦ କୁମାର ନାୟକ)

କଳା, ସାହିତ୍ୟ, ସଂସ୍କୃତି ଓ ଶିକ୍ଷା ଆଦି କ୍ଷେତ୍ରରେ ଜଗତ୍‌ସିଂହପୁର ଜିଲାର ସୁନାମ ରହିଛି। କିନ୍ତୁ ଜିଲାରେ ପର୍ଯ୍ୟଟନ କ୍ଷେତ୍ର ଅବହେଳିତ। ଏହାର ବିକାଶ ପାଇଁ ସତେ ଯେପରି ସରକାର ଆଖି ବୁଜି ଦେଇଛନ୍ତି, ଯେଉଁଥିପାଇଁ ଜିଲାକୁ ପର୍ଯ୍ୟଟକଙ୍କ ଆଗମନ କମୁଛି। ସ୍ଥାୟୀ ଜିଲା ପର୍ଯ୍ୟଟନ ଅଧିକାରୀ ପଦଟି ବର୍ଷାଧିକ କାଳ ହେବ ଖାଲିପଡ଼ିବା ଏହାର ଏକ ଦୃଷ୍ଟାନ୍ତ; ଯେଉଁ କାରଣରୁ ଧଳତଙ୍ଗଗଡ଼, ସିଆଳି, କୁଞ୍ଜବିହାରୀ ମଠ, ରଘୁନାଥଜୀଉ ମନ୍ଦିର, ଗାରୋଇ, ଧ୍ୟାନକୁଦ ଓ ବନ୍ଦର ଆଦିର ଉନ୍ନତୀକରଣ ପାଇଁ ଆଶାଜନକ ପଦକ୍ଷେପ ନିଆଯାଉ ନ ଥିବା କୁହାଯାଉଛି। ବିଜେଡି ସରକାର ଅମଳରେ ଜିଲା ପର୍ଯ୍ୟଟନ ବିଭାଗ ଯେଉଁଭଳି ସ୍ଥାଣୁ ଅବସ୍ଥାରେ ଥିଲା ଭାଜପା ସରକାର ଆସିଲା ପରେ ମଧ୍ୟ ସେଥିରେ ସେଭଳି କିଛି ପରିବର୍ତ୍ତନ ନ ଆସିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ତେଣୁ ସରକାର ଏଥିପ୍ରତି ଧ୍ୟାନଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

ଜଗତ୍‌ସିଂହପୁର ସହରରୁ ମାତ୍ର ୧୫ କିଲୋମିଟର ଦୂରରେ ରହିଛି ଧଳତଙ୍ଗଗଡ଼ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ। ଏହି ଜଙ୍ଗଲ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଛି। ହରିଣଙ୍କ ଯୋଗୁ ଧଳତଙ୍ଗଗଡ଼ ଜଙ୍ଗଲର ସ୍ୱତନ୍ତ୍ରତା ଅଛି। କେବଳ ଏତିକି ନୁହେଁ, ଏଥିରେ ବହୁ ସଂଖ୍ୟକ ଠେକୁଆ, ହେଟାବାଘ, ଝିଙ୍କ, ଶାଳିଆପତନି, କଟାସ, ବିଲୁଆ ଏବଂ ସରୀସୃପ ଆଦି ଥିବା ଶୁଣିବାକୁ ମିଳେ। ଏହାବାଦ୍ କେନ୍ଦୁ, କୁଚିଆ ଏବଂ କଣ୍ଟା ବାଉଁଶ ଆଦି ଅଧିକ ପରିମାଣରେ ଦେଖାଯାଏ। ଜାମୁ, ଆମ୍ବ, ବଉଳ, କରଞ୍ଜ, ସୁନାରୀ, ପେସ୍ତା, କାଜୁ, ଅଶୋକ, ଲିମ୍ବବୃକ୍ଷ ଥିବା ଜଣାଯାଏ। ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ମଧ୍ୟ ଦେଖିବାକୁ ମିଳେ। ଜଙ୍ଗଲ ପରିସର ପରିବେଶ ବେଶ୍ ମନୋରମ। ଧ୍ରୁବ ତପସ୍ୟା ସ୍ଥଳ ଧଉଳୀକୁଦ ଆଉ ଏକ ଆକର୍ଷଣ। ସେଠାରେ ଦିବାରାତ୍ର ଅଖଣ୍ଡ ଧ୍ୱନି ଦେଖିବାକୁ ମିଳେ। ଏହା ପାର୍ଶ୍ୱରେ ବନଦୁର୍ଗା ମନ୍ଦିର ରହିଛି। ଏସବୁର କିମ୍ବଦନ୍ତୀ ନିଆରା। ଏସବୁକୁ ଦେଖି ବନ ବିଭାଗ ପକ୍ଷରୁ ପର୍ଯ୍ୟଟକମାନଙ୍କ ମନୋରଞ୍ଜନ ପାଇଁ ୨୦୧୫ ଫେବୃୟାରୀରୁ ୨୧ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଏକ ଇକୋ ଟୁରିଜମ୍ କେନ୍ଦ୍ର କାମ ଆରମ୍ଭ ହୋଇଥିଲା, ମାତ୍ର ବିଳମ୍ବରେ ସରିଥିଲା। ୧ ଏକର ଜମିରେ ୨ଟି ବିଶ୍ରାମ କକ୍ଷ, ୧୦ ଚେୟାର, ୧୧ ପିଣ୍ଡି, ଭିତର ରାସ୍ତା, ସ୍ତ୍ରୀ ଓ ପୁରୁଷ ପରିସ୍ରାଗାର, ୨ଟି ରୋଷେଘର କାମ କରାଯାଇଥିଲା। ଏଥିସହ ଘାସଗାଲିଚା, ୨ଟି ହରିଣ ମୂର୍ତ୍ତି ଏବଂ ଫୁଲକୁଣ୍ଡିଆ ଆଦି ବ୍ୟବସ୍ଥା ହୋଇଥିଲା। ଗାଡ଼ି ରଖିବା ପାଇଁ କେବଳ ପାର୍କିଂ ଏବଂ ପିଣ୍ଡି ଆଦି କରାଯିବା ବାକି ଥିଲା। ଇକୋ ଟୁରିଜମ୍ କେନ୍ଦ୍ର ଆରମ୍ଭ ସମୟରେ ଲୋକଙ୍କୁ ବେଶ୍ ଖୁସି ଲାଗିଥିଲା। କିନ୍ତୁ ଏହି ଖୁସି ବେଶିଦିନ ରହିପାରି ନ ଥିଲା। ଆବଶ୍ୟକ ମରାମତି ଓ ପୁନରୁଦ୍ଧାର ଅଭାବରୁ ଏହି ପରିସର ହରିଣ ମୂର୍ତ୍ତି, ରୋଷଶାଳା, ଗଛ ମୂଳ ସିମେଣ୍ଟ ପିଣ୍ଡି ଓ ଫୁଲକୁଣ୍ଡ ଆଦି ଭାଙ୍ଗିରୁଜି ଯିବା ସହ ପ୍ରାୟତଃ ନଷ୍ଟଭ୍ରଷ୍ଟ ହୋଇଯାଇଛି। ଘାସ ଗାଲିଚାର ଚିହ୍ନବର୍ଣ୍ଣ ନାହିଁ। ଏହାର ପୁନରୁଦ୍ଧାର କିମ୍ବା ବିକାଶ ପାଇଁ ବିଭାଗୀୟ ଆନ୍ତରିକତା ଦେଖାଯାଉନାହିଁ।

ସେହିପରି ଓଡ଼ିଶାର ଅନ୍ୟତମ ଶକ୍ତିପୀଠ ଝଙ୍କଡସ୍ଥିତ ମା' ଶାରଳା ପୀଠର ବିକାଶ ପାଇଁ ୨୦୨୨ ଜୁନ୍‌ରେ ତତ୍କାଳୀନ ରାଜ୍ୟ ସରକାର ୪୨ କୋଟି ଟଙ୍କା ଅନୁଦାନରେ ଶାରଳା ପ୍ରକଳ୍ପ ଆରମ୍ଭ କରିଥିଲେ। ଏହି ପ୍ରକଳ୍ପ ୧୮ ମାସ ଭିତରେ ସରିବା କଥା। କିନ୍ତୁ ଏଥିମଧ୍ୟରେ ୩ ବର୍ଷ ୫ ମାସ ଅତିକ୍ରାନ୍ତ ହୋଇଯାଇଥିଲେ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ଦୁଃଖର କଥା ହେଲା ଏହି ମନ୍ଦିର ସ୍ଥାୟୀ ପ୍ରଶାସକ ପଦବୀ ଏ ପର୍ଯ୍ୟନ୍ତ ପୂରଣ ହୋଇପାରୁନାହିଁ। ଅନୁରୂପ ଭାବେ ୨୦୧୬ରେ ସିଆଳି ସି' ବିଚ୍‌କୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିଲା। ଏହା ଜିଲାର ଅନ୍ୟ ଏକ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ଭାବେ ଜଣାଶୁଣା। ସେଠାରେ ଭ୍ୟୁ ଟାୱାର ଓ ଏହା ପାଖରେ ଏକ ଷ୍ଟେଜ ରହିଛି; ଯେଉଁଠାରେ ପ୍ରତିବର୍ଷ ସିଆଳି ବେଳାଭୂମି ମହୋତ୍ସବ ହୁଏ। କିନ୍ତୁ ଦୁଃଖର କଥା ହେଲା ସମୁଦ୍ର କାୟା ବିସ୍ତାର କରିବାରୁ ଏହି ଷ୍ଟେଜ ପାର୍ଶ୍ୱରେ ସମୁଦ୍ର ଢେଉ ମାଡ଼ ହୋଇ ଏହା ତାଡ଼ି ଦେଲାଣି। ଯେ କୌଣସି ସମୟରେ ଏହା ତା'ର ସତ୍ତା ହଜାଇ ବସିବ। ପ୍ରତି ପୂର୍ଣ୍ଣମୀ ଓ ଅମାବାସ୍ୟା ସମୟରେ ସମୁଦ୍ର ଫୁଲି ସ୍ଥଳଭାଗ ଆଡ଼କୁ ମାସି ଆସୁଥିବାରୁ ଏହି କ୍ଷେତ୍ର ବିଶେଷ ଭାବରେ ପ୍ରଭାବିତ ହେଉଛି। ଏହାର ସ୍ଥାୟୀ ସୁରକ୍ଷା କିମ୍ବା ବିକଳ୍ପ ପାଇଁ ସରକାରଙ୍କ ତରଫରୁ ଆନ୍ତରିକତା ପ୍ରକାଶ ପାଉନାହିଁ। ଅନ୍ୟ ବିକାଶ କଥା ନ କହିଲେ ଭଲ। ଏହା ଏକ ପରିତ୍ୟକ୍ତ ସ୍ଥାନ ଭଳି ତା'ର ସୌନ୍ଦର୍ଯ୍ୟ ହରାଇ ସାରିଲାଣି। ଅନୁରୂପ ଭାବେ ପାରାଦୀପ ସି ବିଚ୍, ସିହାବୋର, ଗଡ଼କୁଜଙ୍ଗସ୍ଥିତ କୁଞ୍ଜବିହାରୀ ମଠ, ଚାନ୍ଦପୁର ରଘୁନାଥଜୀଉ ମନ୍ଦିର, ଜଗତ୍‌ସିଂହପୁର ଜିଲା ମୁଖ୍ୟାଳୟ ଆଦିକୁ ପର୍ଯ୍ୟଟନ କ୍ଷେତ୍ର ଭାବେ ଗ୍ରହଣ କରାଯାଇଛି। ଏଗୁଡ଼ିକ ମଧ୍ୟରୁ କୁଞ୍ଜବିହାରୀ ମଠ ପରିସରରେ ଥିବା ବିରାଟ ଜଗନ୍ନାଥ ମନ୍ଦିର ଜିଲାର ଏକ ଆକର୍ଷଣ ସାଜିଥିଲେ ସୁଦ୍ଧା ଏହାର ଆଶାଜନକ ଉନ୍ନତୀକରଣ କରାଯାଉନାହିଁ। ରଘୁନାଥଜୀଉ ମନ୍ଦିରର ଅନୁପମ କାରୁକାର୍ଯ୍ୟ ଲୋକଙ୍କୁ ଆକର୍ଷିତ କରିଥାଏ। ଏହାର ଉନ୍ନତୀକରଣ ଉପରେ ବିଶେଷ ଧ୍ୟାନ ଦିଆଯାଉନାହିଁ। ଜଗତ୍‌ସିଂହପୁର ଜିଲା ମୁଖ୍ୟାଳୟରେ ସୋମନାଥ ମନ୍ଦିର ସହ ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି। କିନ୍ତୁ ଜିଲା ମୁଖ୍ୟାଳୟରେ ଜିଲାର ପର୍ଯ୍ୟଟନ ସ୍ଥଳର ଦୂରତା ଆଦି ଜାଣିବା ପାଇଁ ୱେ ଇଣ୍ଡିକେଟର ଆବଶ୍ୟକ ଥିବା ବେଳେ ତାହା ହେଉନାହିଁ। ଏହାବାଦ୍ ମାଛଗାଁ, ଗାରୋଇ, ପଞ୍ଚସଖା ଧ୍ୟାନକୁଦ୍, ମରିଚିପୁର ବନ୍ଦର, ବାଲିଆ ଗୋପୀନାଥ ମନ୍ଦିର, ଗୋରେଖନାଥ ପୀଠ, ବାଇଶି ମଉଜାର ଜଗନ୍ନାଥ ମନ୍ଦିର, ଶାଳିଜଙ୍ଗା ମଠ, ପଞ୍ଚୁପଲ୍ଲୀ, ଯଶୋବନ୍ତପୀଠ ଆଦିରେ ମଧ୍ୟ ଅନେକ କିଛି କରାଯିବାର ଆବଶ୍ୟକତା ରହିଛି।

ଏ ସମ୍ପର୍କରେ ଜିଲା ସଂସ୍କୃତି ଅଧିକାରୀ ତଥା ଜିଲା ପର୍ଯ୍ୟଟନ ଅଧିକାରୀ ଭାବେ ଅସ୍ଥାୟୀ ଦାୟିତ୍ୱ ନେଇଥିବା ଦିଲୀପ ଜେନାଙ୍କୁ ପଚାରିବାରୁ ସେ ଏବେ ନୂତନଭାବେ ଅତିରିକ୍ତ ଦାୟିତ୍ୱ ନେଇଛନ୍ତି। ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକର ବାସ୍ତବ ସ୍ଥିତି ବିଷୟରେ ସେ ପୂର୍ଣ୍ଣ ଭାବେ ଅବଗତ ନାହାନ୍ତି। ତଥାପି ଖୁବ୍‌ଶୀଘ୍ର ଅନୁଧ୍ୟାନ କରି କ'ଣ ସବୁ ଆବଶ୍ୟକତା ରହିଛି ସେ ବାବଦରେ ଜିଲା ପ୍ରଶାସନ ତଥା ସରକାରଙ୍କ ନିକଟରେ ପ୍ରସ୍ତାବ ରଖିବେ ବୋଲି କହିଛନ୍ତି।

## ଗହୀରମଥାରୁ ୨ ଟ୍ରଲର ଜବତ, ୧୯ ମତ୍ସ୍ୟଜୀବୀ ଗିରଫ



ଜବତ ଟ୍ରଲର ଓ ଗିରଫ ମତ୍ସ୍ୟଜୀବୀ।

ରାଜନଗର,୧୫।୧୧(ଭାସ୍କର ରାଉତରାୟ)

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ଶନିବାର ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗ ପାଟ୍ରୋଲିଂ ଟିମ୍ ୨ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୧୯ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି । ସେମାନେ ହେଲେ ଭରତ ସିଂ, ପୂର୍ଣ୍ଣଚନ୍ଦ୍ର ସିଂ, ସଜାବତ ଅଲ୍ଲୀ ସାହା, ଶେଖ ଲାଲୁ, ଶେଖ ସଲମାନ, ବିଶ୍ୱଜିତ୍ ମାଇତି, ବାବି ସିଂ, ଚନ୍ଦନ ସିଂ, ସଞ୍ଜୀବ ପାଲ, ବିଶ୍ୱନାଥ ଦାସ, ସୁବ୍ରତ ବାର,ଖୋକନ ବାର ଓ ଚନ୍ଦନ ପାଣିଗ୍ରାହୀ ପ୍ରମୁଖ। ବନ୍ୟପ୍ରାଣୀ ଆଇନରେ ମାମଲା ରୁଜୁକରି ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫମାନେ ପୂର୍ବ ମେଦିନାପୁର ଓ ବାଲେଶ୍ୱର ଜିଲାର ବୋଲି ଜଣାପଡିଛି ।

ଗହୀରମଥା ଦାୟିତ୍ୱରେ ଥିବା ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଡ଼େପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ମହନ୍ତ କୁମାର ମଲ୍ଲିକ ଓ ସଞ୍ଜୀବ କୁମାର ଦାଶଙ୍କ ନେତୃତ୍ୱରେ ବନ ବିଭାଗ ପାଟ୍ରୋଲିଂ ଟିମ୍ ଗହୀରମଥାର ବରୁଣେଇ ଓ ଏକକୁଳା ନିକଟରେ ଟ୍ରଲର ୨ଟିକୁ ଜବତ କରିଥିଲେ । ଟ୍ରଲରରୁ ୬ କୁଇଣ୍ଟାଲ ୫ କେ.ଜି.ମାଛ, ୨ଟି ଜିପିଏସ୍, ୩ ଭିଏଚ୍‌ଏଫ୍,୨ ଫିସ୍‌ଫାଇଣ୍ଡର ଓ ୧୮ ଟି ଟ୍ରଲିଂ ନେଟ୍ ଜବତ କରାଯାଇଛି।

## ବାର୍ଷିକ ଖାଦ୍ୟ ମହୋତ୍ସବ ୩୨ ଷ୍ଟଲ୍ ପ୍ରଦର୍ଶିତ


ଖାଦ୍ୟ ମେଳାରେ ପିଲାଙ୍କ ସହିତ ଅତିଥି ।

ପାଟକୁରା, ୧୫।୧୧ (ରବୀନ୍ଦ୍ରନାଥବାରିକ)

**ଓଡ଼ିଶା ଆଦର୍ଶ ବିଦ୍ୟାଳୟ**

ଗରଦପୁର ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପରକଣା ପରିସରରେ ବାର୍ଷିକ ଖାଦ୍ୟ ମେଳା ୨୦୨୫-୨୬ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟର ୩୨ଷ୍ଟଲ ପ୍ରଦର୍ଶିତ ହୋଇଥିଲା । ପିଲାମାନେ ଦହିବରା, ରସ ମଲାଇ, କେକ୍, ଫଳ ସାଲାଟ, ମଞ୍ଚୁରିଆନ, ପାଣ୍ଟୁଡି ଚାର୍ଟ, ସରବତ, ମସଲା ସୋଡ଼ା, ପରଟା, ପୁରୀ, ସୋୟା ଚିଲ୍ଲୀ, ଗୁପ୍ ଚୁପ୍, ରସାବଳୀ,ମଟର ପାଣି, ଝାଲ ମଟର,କଫି ଇତ୍ୟାଦି ପ୍ରସ୍ତୁତ କରି ଷ୍ଟଲର୍‌ରେ ସଜାଇ ରଖିଥିଲେ । ଆଦର୍ଶ ବିଦ୍ୟାଳୟରେ ପଢୁଥିବା ବିଦ୍ୟାର୍ଥୀ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ମାନେ ଏସବୁ ଖାଦ୍ୟକୁ କ୍ରୟକରି ଖାଇଥିଲେ । ନିମନ୍ତ୍ରିତ ଅତିଥିମାନଙ୍କୁ ଷ୍ଟଲରେ ପିଲାମାନେ ସୁସ୍ୱାଦୁ ଖାଦ୍ୟ ମାନ ପରାଖି ଥିଲେ । ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷା ସନ୍ତୋଷୀ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଧ୍ମେଳାରେ ଅତିଥି ଭାବେ ଗରଦପୁର ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ବଳଦେବ ପ୍ରସାଦ ଉପାଧ୍ୟାୟ, ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ, ମାର୍ଶାଘାଇ ବ୍ଲକର ପୂର୍ବତନ ଅଧ୍ୟକ୍ଷ ନବଘନ ନାୟକ, ସମିତି ସଭ୍ୟ ଦିଲ୍ଲୀପ କୁମାର ସାହୁ, ସାମାଜିକ କର୍ମୀ ଗଙ୍ଗାଧର ମିଶ୍ର ପ୍ରମୁଖଉପସ୍ଥିତ ଥିଲେ । ଖାଦ୍ୟ ମୂଲ୍ୟାଙ୍କନରେ ପ୍ରଥମସ୍ଥାନରେ ଶୁଭଶ୍ରୀ ଦାଶ, ସ୍ମୃତିପ୍ରଜ୍ଞ୍ଚ ରଥ, ଶୁଭଲକ୍ଷ୍ମୀ ନାୟକ, ସାଇନା ସାଲୋନୀ ସାମଲ ଥିବାବେଳେ ଦ୍ୱିତୀୟ ସ୍ଥାନରେ ପୁଷ୍ପିତା ପ୍ରିୟ ଦର୍ଶନୀ ତ୍ରିପାଠୀ, ମୋନାଲି ସେଠୀ, ଶୁଭଶ୍ରୀ ସାହୁ ଓ ତୃତୀୟ ସ୍ଥାନରେ ଆତ୍ମଜୟ ନାୟକ, ଶୁଭଙ୍କର ଜେନା, ଆୟୁଷ ମହାନ୍ତି, ସିଦ୍ଧବିନାୟକ ସାହୁ ପ୍ରମୁଖ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଭଗନେଇଥିବା ବିଦ୍ୟାର୍ଥୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।

## ଡେରାବିଶ ବ୍ଲକସ୍ତରୀୟ ମତ୍ସ୍ୟ, ପ୍ରାଣିସମ୍ପଦ ମେଳା



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଡେରାବିଶ, ୧୫।୧୧ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅନ୍ତର୍ଗତ ଚାଟରାଚକଡା ପଞ୍ଚାୟତର ଛତାସ୍ଥିତ ପ୍ରାଣିସମ୍ପଦ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ସରକାରଙ୍କ ମତ୍ସ୍ୟ ଓ ପ୍ରଣିସମ୍ପଦ ବିଭାଗ ଦ୍ୱାରା କୃଷକମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ନିଆଯାଇଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ମେଳାରେ ମୁଖ୍ୟ ବକ୍ତା ଭାବେ ଜିଲା ପ୍ରଣୀ କଲ୍ୟାଣ ଅଧିକାରୀ ଡ. ପ୍ରଭଞ୍ଜନ କବି ଯୋଗଦେଇ କୃଷକମାନଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ବିଭାଗ ପକ୍ଷରୁ ମାଛ ଚାଷ, ଗୋପାଳନ, ମଇଁଷି, ଘୁଷୁରି, କୁକୁଡ଼ା ଓ ବତକ ପାଳନ ପାଇଁ ଅଧିକ ସୁବିଧାରେ ପ୍ରୋତ୍ସାହନ ଯୋଗାଇ ଦେବା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି କେନ୍ଦ୍ରାପଡ଼ା ଏମ୍‌ପିଙ୍କ ପ୍ରତିନିଧି ଅକ୍ଷୟ କୁମାର ତ୍ରିପାଠୀ, ପାଟକୁରା ବିଧାୟକଙ୍କ ପ୍ରତିନିଧି ମନୋରଞ୍ଜନ ଉପାଧ୍ୟାୟ, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ବିଡିଓ ନମିତା ବାରିକ ଓ ଅତିରିକ୍ତ ଜିଲା ମତ୍ସ୍ୟ ଅଧିକାରୀ କୋକିଳା ମଞ୍ଜରୀ ନାୟକ ଯୋଗଦେଇ ମେଳାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମେଳାରେ ସରପଞ୍ଚ ମମତା ରାଉତ ଓ ସମିତିସଭ୍ୟ ନିରଞ୍ଜନ କର ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ପ୍ରଣିସମ୍ପଦ ଅଧିକାରୀ ଡା. ଦିଲୀପ କୁମାର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ।

## କବି କାଳିଦାସ ମନ୍ଦିରକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦାବି

- ବବକରପୁର ମନ୍ଦିରରେ ପୂଜା ପାଉଛନ୍ତି

**୧୮୦୨ରେ ପ୍ରତିଷ୍ଠା ହୋଇଥିଲା**

କେନ୍ଦ୍ରାପଡ଼ା, ୧୫।୧୧ (ଜଗନ୍ନାଥ ଧଳ)

ବିଶିଷ୍ଟ ସଂସ୍କୃତ କବି କାଳି ଦାସ ଓଡ଼ିଶାର ଘରେ ଘରେ ପରିଚିତ। ତାଙ୍କ ରଚିତ ସାହିତ୍ୟକୃତି ତାଙ୍କୁ ବିଶ୍ୱ ଦରବାରରେ ପରିଚିତ କରାଇପାରିଛି। ତେବେ କାଳି ଦାସଙ୍କୁ ନେଇ କେନ୍ଦ୍ରାପଡ଼ା ଜିଲାର ଏକ ଅଖ୍ୟାତ ଗାଁ ଏବେ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇବାକୁ ଯାଉଛି। ଏହି ଗ୍ରାମର ନାମ ବବକରପୁର। ଗତ ଦୁଇ ଶତାବ୍ଦୀରୁ ଅଧିକ ବର୍ଷ ହେବ ଗ୍ରାମବାସୀ କାଳି ଦାସଙ୍କୁ ଠାକୁର ଭାବେ ପୂଜାର୍ଚ୍ଚନା କରୁଛନ୍ତି। ଏହି ଜିଲାର ମହାକାଳପଡ଼ା ବ୍ଲକ ବବକରପୁର ଗ୍ରାମରେ ରହିଛି କାଳି ଦାସ ମନ୍ଦିର। ଏଠାରେ କବିଙ୍କ ପ୍ରତିମୂର୍ତ୍ତି ଅଛି। ସହରଠାରୁ ଶ୍ରୀବଳଦେବଜୀଉ ରାସ୍ତା-ଅଙ୍ଗୁଳାଇ-ଓରତ ରାସ୍ତାର ମାତ୍ର ୧୨ କିଲୋମିଟର ଦୂର।

ଏ ସମ୍ପର୍କରେ ଗ୍ରାମର ଶିକ୍ଷାବିତ ଡ. ଭୈରବ ଚରଣ ଜେନା କହିଛନ୍ତି, ପ୍ରତି ମନ୍ଦିରରେ ଦେବଦେବୀଙ୍କ ସ୍ତୁତି ଓ ଶ୍ଲୋକ ପାଠ ହୁଏ। ତେବେ ଏହି ମନ୍ଦିରରେ ବ୍ରାହ୍ମଣଙ୍କ ଦ୍ୱାରା କାଳି ଦାସଙ୍କ ବିଭିନ୍ନ କାବ୍ୟ କବିତା ଓ ନାଟକର କିଛି ଅଂଶ ପାଠ କରାଯାଏ। ୧୮୦୨ ମସିହାରେ ଏହି ମନ୍ଦିର ତତ୍କାଳୀନ ଜମିଦାର ବଳରାମ ଭ୍ରମରବର ରାୟ ପ୍ରତିଷ୍ଠା କରିଥିଲେ। କବି କାଳି ଦାସଙ୍କର ବଡ ପ୍ରଶଂସକ ଏହି ଜମିଦାରଙ୍କର ୧୮୩୨ ମସିହାରେ ମୃତ୍ୟୁ ହୋଇଥିଲା। ପରେ ଗ୍ରାମବାସୀ ମନ୍ଦିରର ପୂଜା ପଦ୍ଧତିକୁ ଆଗକୁ ବଢ଼ାଇ ଆସୁଛନ୍ତି। ପୂଜକ ଉତ୍ତମ କୁମାର ମିଶ୍ର କହିଛନ୍ତି, ଏହି ମନ୍ଦିର ଗ୍ରାମବାସୀଙ୍କ ସାଂସ୍କୃତିକ ଓ ଆଧ୍ୟାତ୍ମିକ କେନ୍ଦ୍ର ସ୍ଥଳ। ପୂର୍ବରୁ ଏଠାରେ କାବ୍ୟ କବିତା ପାଠ ହେଉଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ପୂଜାପାର୍ବଣକୁ ଯୋଡି ଦେଇଛନ୍ତି। ସରସ୍ୱତୀ ପୂଜା, କାଳି ଦାସ ଜୟନ୍ତୀ ସହିତ ଗ୍ରାମର ଅଷ୍ଟ ପ୍ରହରୀ ପୂଜା ଓ ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଯୋଡି ହୋଇଛି। ରାଜଗଡ଼ ଗ୍ରାମର ନୟନମଣି ସାମଲ କହିଛନ୍ତି, ରାଜା ବିକ୍ରମାଦିତ୍ୟଙ୍କ ସମୟରେ କବି କାଳି ଦାସ ଯେଉଁ କାବ୍ୟ ଓ କବିତା ରଚନା କରିଥିଲେ, ତାହା ସାଧାରଣ ଲୋକଙ୍କ ମନକୁ ଛୁଇଁଥିଲା। ଏପରି ମହାନ କବିଙ୍କ ପୂଜା ଅନ୍ୟତ୍ର ଦେଖିବାକୁ ମିଳି ନ ଥିବାରୁ ଜିଲା ବାହାରୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି। ରାଜ୍ୟର ଏକମାତ୍ର କାଳି ଦାସ ମନ୍ଦିରକୁ ରାଜ୍ୟ ପର୍ଯ୍ୟଟନସ୍ଥଳ ମାନଚିତ୍ରରେ ସ୍ଥାନ ପାଇଲେ ଜିଲାର ଆର୍ଥିକ, ସାଂସ୍କୃତିକ ବିକାଶ ହେବ। ଏ ସମ୍ପର୍କରେ ଗବେଷକ ଡ. ସର୍ବେଶ୍ୱର ସେଣ କହିଛନ୍ତି, ପୂର୍ବରୁ ଏହି ଅଞ୍ଚଳରେ ବୌଦ୍ଧ ଧର୍ମର ପ୍ରଚାର ପ୍ରସାର ହୋଇଥିଲା। ଏହି ମନ୍ଦିରର କାଳି ଦାସ ମୂର୍ତ୍ତି ବାସ୍ତବରେ ଏକ ବୁଦ୍ଧଦେବଙ୍କ ମୂର୍ତ୍ତି। ସେହିପରି କେନ୍ଦ୍ରାପଡ଼ା ଜିଲାପାଳ କାର୍ଯ୍ୟାଳୟ ନିକଟସ୍ଥ ପୁରୁଣା ଶ୍ରୀବଳଦେବଜୀଉଙ୍କ ମନ୍ଦିରର ଗରୁଡ ମୂର୍ତ୍ତି କାଳି ଦାସ ମନ୍ଦିରରେ ରହିଥିବା ସୂଚନା ମିଳୁଛି। ଏହାକୁ ନେଇ ଅଧିକ ଗବେଷଣା ଆବଶ୍ୟକ। ଦୁଇ ଶତାବ୍ଦୀ ଧରି ପୂଜାର୍ଚ୍ଚନା ଚାଲିଥିବା କାଳି ଦାସ ମନ୍ଦିରକୁ ରାଜ୍ୟ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଆବଶ୍ୟକ। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ନବକ୍ରୀଷ୍ଣ ଜେନାଙ୍କୁ ପଚାରିବାରେ ଏହାକୁ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏଥିପାଇଁ ବିଭିନ୍ନ ବୁକଲେଟ ଓ ତଥ୍ୟ ସଂଗ୍ରହ ହେଉଛି। ଖୁବ୍‌ଶୀଘ୍ର ରାଜ୍ୟ ସରକାରଙ୍କ ନିକଟକୁ ଏହି ତଥ୍ୟ ପଠାଯାଇ ଏହାର ଉନ୍ନତୀକରଣ ବ୍ୟବସ୍ଥା ହେବ ବୋଲି ସେ କହିଛନ୍ତି।

## ସିଦ୍ଧ ମହାବୀରଙ୍କ ବାର୍ଷିକ ଉତ୍ସବ

ମାର୍ଶାଘାଇ,୧୫।୧୧(ଶୁଭେନ୍ଦୁ ପ୍ରସାଦ ଚୌଧୁରି)

ମାର୍ଶାଘାଇ ବ୍ଲକ ଶିଳିପୁର ଗ୍ରାମବାସୀଙ୍କ ପକ୍ଷରୁ ସିଦ୍ଧ ମହାବୀରଙ୍କ ଅଷ୍ଟମ ଜନ୍ମବାର୍ଷିକ ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଗଙ୍ଗାଧର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବର ପ୍ରଥମ ଦିନରେ ୧୦୮କଳସ ଶୋଭାଯାତ୍ରା, ଘଟ ସ୍ଥାପନ ଏବଂ ଦ୍ୱିତୀୟ ଦିନରେ ନାମଯଜ୍ଞ, ହରିହାଟ ଓ ପୂର୍ଣ୍ଣାହୁତି ଉଦ୍‌ଯାପିତ ହୋଇଥିଲା ବେଳେ ପୂଜକ ରଞ୍ଜନ କୁମାର ମହାପାତ୍ର ପୂଜାପାଠରେ ନିୟୋଜିତ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗ୍ରାମବାସୀଙ୍କ ପକ୍ଷରୁ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ, ସରପଞ୍ଚ ମଧୁସ୍ମିତା ପରିଡ଼ା, ପୂର୍ବତନ ସରପଞ୍ଚ ପ୍ରତାପ ଚନ୍ଦ୍ର ଦାସ, କ୍ରାନ୍ତି ରଞ୍ଜନ ଦାସ, ସୌମ୍ୟରଞ୍ଜନ ବେଉରା, ଜ୍ୟୋତିରଞ୍ଜନ ଦାସ, ଦେବାଶିଷ ଦାସ, ସୁଧୀର ସାହୁ, ଅଶ୍ୱିନୀ ପ୍ରତାପ ଦାସ, ଶ୍ରୀନିବାସ ଦାସ, ରୁଦ୍ରନାରାୟଣ ଦାସ, ମହେଶ୍ୱର ଦାସ, ସୁଧାଂଶୁ ଦାସ, ବିନୋଦ ଦାସ, ଜ୍ଞାନରଞ୍ଜନ ଦାସ, ଶ୍ରୀକାନ୍ତ ଦାସ ଓ ପରେଶ ଦାସ ପ୍ରମୁଖ ଉତ୍ସବ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ବିର୍ସା ମୁଣ୍ଡାଙ୍କ ୧୫୧ତମ ଜନ୍ମତିଥି ପାଳିତ

ମହାକାଳପଡ଼ା, ୧୫।୧୧(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଲୁଣିମାଠିଆ ଆଦିବାସୀ ପଡ଼ିଆଠାରେ ପଣ୍ଡିତ ରଘୁନାଥ ମୁର୍ମୁ ଆଦିବାସୀ ସଂଘ ପକ୍ଷରୁ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଶନିବାର ପାଳିତ ପାଳିତ ହୋଇଯାଇଛି। ବରିଷ୍ଠ ଆଦିବାସୀ ସମାଜର ଛୋଟରାୟ ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜଟାଧାରୀ ମାରାଣ୍ଡି, ଚମ୍ପେଇ ମାରାଣ୍ଡି , ମଙ୍ଗୁଲିଆ ମାରାଣ୍ଡି, ସୁନ୍ଦର ମୋହନ ସିଂ, ପ୍ରତାପ ସିଂ, ଦିନବନ୍ଧୁ ମୁର୍ମୁ, ସାଲଖୁ ମୁର୍ମୁ, ଠାକୁର ହେମ୍ବ୍ରମ, ଭଦ୍ରସେନ ହେମ୍ବ୍ରମ , ସସ୍ମିତା ଟୁଡୁ , ପାର୍ବତୀ କିସ୍କୁ , ସୋନାଲି ଟୁଡୁ, ଜବା ଟୁଡୁ ଓ ମଧୁ ବାସ୍କେଙ୍କ ସମେତ ବାର ନମ୍ବର, ପନ୍ଦର ମାଇଲ, ବାଘୁଆ ମେଦି , ଜମ୍ବୁ, ପାଣିଖିଆ, ସିଂପଡା, ଲୁଣି ମାଠିଆ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଗ୍ରାମର ୫ ଶହରୁ ଅଧିକ ପାରମ୍ପାରିକ ଆଦିବାସୀ ସମ୍ପ୍ରଦାୟ ଲୋକମାନେ ଉପସ୍ଥିତ ରହି ବିର୍ସା ମୁଣ୍ଡାଙ୍କ ସମେତ ଅନ୍ୟାନ୍ୟ ସଂଗ୍ରାମୀଙ୍କ ତୈଳ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ଜୟ ଜୟ ଗାନ କରିଥିଲେ।

## ଉତ୍ସବ ପାଳିଲେ ପଟ୍ଟାମୁଣ୍ଡାଇ ନଗର ଭାଜପା ନେତୃବୃନ୍ଦ

ପଟ୍ଟାମୁଣ୍ଡାଇ, ୧୫।୧୧(କଳ୍ପତରୁ ନାୟକ)

**ନୂଆପଡ଼ାରେ ଭାଜପାର ବିଜୟ**

ନୂଆପଡା ଉପ ନିର୍ବାଚନରେ ଭାଜପା ପାର୍ଥୀ ଜୟ ଢୋଲକିଆ ବିପୁଳ ଭୋଟରେ ବିଜୟ ହାସଲ କରିଛନ୍ତି। ଏହି ଅବସରରେ ପଟ୍ଟାମୁଣ୍ଡାଇ ନଗର ଭାଜପା ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଛି। ସଭାପତି ଅଶୋକ ସାହୁ ଓ ପୂର୍ବତନ ଭାଜପା ନଗର ସଭାପତି ଶଶିକାନ୍ତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ସଂଧ୍ୟାରେ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ହୋଇ ଦଳୀୟ ପତାକା ଧରି ସ୍ଥାନୀୟ ଶ୍ରୀରାମ ମନ୍ଦିର ନକଟରୁ ଏକ ଶୋଭାଯାତ୍ରାରେ ବାହାରି ଡାକବଙ୍ଗଳା ଦେଇ ବାଇପାସ୍‌ଠାରେ ଖୁସି ମନାଇବା ସହ ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରିଥିଲେ। ବିଜୟ ଉତ୍ସବ ପାଳନ ବେଳେ ନଗର ଭାଜପା ପୂର୍ବତନ ନଗର ସଭାପତି ଶଶୀକାନ୍ତ ସ୍ୱାଇଁ, କାଉନସିଲର ମିନତି ମଲିକ, ବିଦ୍ୟାଧର ସେଠୀ, ଆଇନଜୀବୀ ପ୍ରମୋଦ ସାହୁ, ଭରତ ଭୁଷଣ ଦାସ, ଜିଲା ଭାଜପା କୃଷକ ମୋର୍ଚ୍ଚାର ସୁଶିଲ ପରିଡା, ସ୍ୱାଗତ ଦାସ, ବିକାଶ ମଲିକ, ସୁଧାଂଶୁ ଶେଖର ଜେନା, ପୀତାମ୍ବର କର, ପାରେଶ୍ୱର ପାତ୍ର, ଦୀପକ ମଲିକ, ରବୀନ୍ଦ୍ର ସେଠୀ, ଉପେନ୍ଦ୍ର ପାତ୍ର, ଅନ୍ତର୍ଯ୍ୟାମୀ ମଲିକ, ସୁକାନ୍ତ ଦାସ, ଅଶୋକ ସେଠୀ, ଦେବାଶିଷ ମଲିକ ଓ ସମର ସାହୁଙ୍କ ସମେତ ଦଳୀୟ କର୍ମୀ ଓ ନେତୃବୃନ୍ଦ ଉପସ୍ଥିତ ରହି ବିଜୟ ଉତ୍ସବ ପାଳନ କରିଥିଲେ।


ଭାଜପା କର୍ମୀମାନେ ବିଜୟ ଉତ୍ସବ ପାଳନ କରୁଛନ୍ତି।

## ରାଜକନିକା ପୋଲିସ ପକ୍ଷରୁ ରକ୍ତଦାନ ଶିବିର

ରାଜକନିକା,୧୫।୧୧(ରବୀନ୍ଦ୍ର କୁମାର ଦାସ)

**୧୦୪ ୟୁନିଟ୍ ରକ୍ତ ସଂଗ୍ରହ**

ରାଜକନିକା ପୋଲିସ ପକ୍ଷରୁ ଓଳାଭର ବାଲିସାହି ଖେଳପଡିଆରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଥାନାଧିକାରୀ ସଞ୍ଜୟ କୁମାର ମଲ୍ଲିକ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଶିବିର ପୂର୍ବାହ୍ନ ୯ଟାରୁ ଆରମ୍ଭହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିବା ବେଳେ ମୋଟ ୧୦୪ ୟୁନିଟ ରକ୍ତ ସଂଗୃହୀତ ହୋଇ କଟକ ରକ୍ତଭଣ୍ଡାରକୁ ପଠାଯାଇଥିଲା। ତେବେ ଏହି ରକ୍ତଦାନ ଶିବିରକୁ ରାଜକନିକା ବ୍ଲକର ୨୯ ପଞ୍ଚାୟତରୁ ଯୁବତୀ,ଯୁବକ ଓ ଛାତ୍ରୀଛାତ୍ର ରକ୍ତଦାନ କରିଥିଲେ। ଶିବିରରେ ଥାନାର ଅତିରିକ୍ତ ଅଧିକରୀ ଦେବାଶିଷ ପଣ୍ଡା,ଏସ୍‌ଆଇ ମୌସମ କୁମାର କାଲୋ ଓ ଏଏସ୍‌ଆଇ ପ୍ରଶାନ୍ତ କୁମାର ପ୍ରଧାନଙ୍କ ସମେତ ସମସ୍ତ ଅଧିକାର ଓ ଅଞ୍ଚଳର ଯୁବକମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଷ୍ଟେଟବ୍ୟାଙ୍କ ସହାୟତାରେ ସ୍ମାର୍ଟ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ


କେନ୍ଦ୍ରାପଡ଼ା ବଡ଼ହାଟରେ ସ୍ମାର୍ଟ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟନ କରାଯାଉଛି।

କେନ୍ଦ୍ରାପଡ଼ା, ୧୫।୧୧ (ଜଗନ୍ନାଥ ଧଳ)

ଅଙ୍ଗନବାଡି କେନ୍ଦ୍ରକୁ ଅତ୍ୟଧିକ ଜ୍ଞାନକୌଶଳ କେନ୍ଦ୍ରରେ ପରିଣତ ପାଇଁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଓ ମୈତ୍ରୀବାନ ସେବା ସଂଘର ମିଳିତ ସହଯୋଗରେ କେନ୍ଦ୍ରାପଡ଼ା ଜିଲାର ପାଞ୍ଚୋଟି ସ୍ମାର୍ଟ ଅଙ୍ଗନୱାଡି କେନ୍ଦ୍ର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଗରଦପୁର ବ୍ଲକ ପତିସାହି ଓ ସାନବେତରା, କେନ୍ଦ୍ରାପଡ଼ା ବ୍ଲକ ବଡହାଟ, ମାର୍ଶାଘାଇ ବ୍ଲକ ଅଙ୍ଗୁଳେଇ ଓ ପଟ୍ଟାମୁଣ୍ଡାଇ ବ୍ଲକ ଶେଖପୁର ଅଙ୍ଗନୱାଡି କେନ୍ଦ୍ରକୁ ବିଭିନ୍ନ ପ୍ରକାର ଖେଳ ଉପକରଣ, ସ୍ମାର୍ଟ ଟିଭି, ଆକ୍ୱାଗାର୍ଡ, ବିଭିନ୍ନ ପ୍ରକାର ବହି ଓ ପାଠ ଉପକରଣ ଆଦି ପ୍ରଦାନ କରାଯାଇଛି। ଉଦ୍‌ଘାଟନରେ ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ଜିଲା ସମାଜ କଲ୍ୟାଣ ଅଧିକାରୀ ସୁଷମା ମହାନ୍ତି, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଲଛାମଣି ମୁର୍ମୁ, ସୁଜାତା ତ୍ରିପାଠୀ, ଶୈଳବାଳା ଚାଷୀ, ଲକ୍ଷ୍ମୀମଣି ସିଂ, କାଉନସିଲର ସ୍ୱାଧୀନ ନାୟକ, ଶାଖା ପରିଚାଳକ ମୁକେଶ ସାମଲ, ଅମୀୟ ରଞ୍ଜନ ମଲ୍ଲ, ବିଶ୍ୱଜିତ ମଲିକ ଓ ଅଶୋକ କୁମାର ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ, କୁନି ପିଲାମାନେ କେନ୍ଦ୍ରରେ ବିଭିନ୍ନ ଖେଳ ମାଧମରେ ପାଠ ପଢିବେ। ଗୋଟିଏ କୋଠରୀର ଚାରିକାନ୍ଥ ଭିତରେ ବସି ଆଉ ବିରକ୍ତି ହେବେ ନାହିଁ। ଗ୍ରାମାଞ୍ଚଳ ଛାତ୍ରୀଛାତ୍ର କାନ୍ଥରେ ରଙ୍ଗ ବେରଙ୍ଗର ଛବି ସାଙ୍ଗକୁ ସ୍ମାର୍ଟ ଟିଭିରେ ପାଠ ପଢ଼ିବାର ସୁଯୋଗ ପାଇବେ। ଏହି ସ୍ମାର୍ଟ ବ୍ୟବସ୍ଥା ଫଳରେ ପିଲାମାନେ କେନ୍ଦ୍ରକୁ ଆସିବାକୁ ମନ ବଳାଇବେ। କେବଳ ସେତିକି ନୁହେଁ ଅତ୍ୟାଧୁନିକ ଖେଳନା ମାଧମରେ ମନୋରଞ୍ଜନ ସାଙ୍ଗକୁ ଏକାଧିକ ପଶୁ ପକ୍ଷୀଙ୍କୁ ଜାଣିବାର ସୁଯୋଗ ପାଇବେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ସମ୍ପାଦିକା ହରପ୍ରିୟା ଲେଙ୍କା, ସଭାପତି ପ୍ରଦୀପ୍ତ କୁମାର ପରିଡା ପ୍ରମୁଖ ପରିଚାଳନା କରିଥିଲେ ।

# ସରକାର ଦେଇଥିବା ଜାଗା ଜବରଦଖଲରେ

## ଅନ୍ତ୍ୟୋଦୟ ଯୋଜନାର ହିତାଧିକାରୀ ଘର ନିର୍ମାଣକୁ ନେଇ ଦ୍ୱନ୍ଦ୍ୱ

ଖଇରିପଡ଼ା,୧୫।୧୧ (ବିପୁର ବେହେରା)

ଖଇରିପଡ଼ା ବ୍ଲକ ଅନ୍ତର୍ଗତ ଖଇରିପଡ଼ା ପଞ୍ଚାୟତର ଚାରିପଡ଼ା ଗ୍ରାମରେ ରହୁଥିବା ଭୂମିହିନ ବିଧବା ମହିଳା ଗୋଲାପ ରଣାଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରିଘର ନିର୍ମାଣ କରିବା ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ହେଲେ ସେ ଜଣେ ଅସହାୟ ମହିଳା ହୋଇଥିବାରୁ ଜାଗା ସମସ୍ୟା ଦେଇ ଗତି କରୁଛନ୍ତି। ଗୋଲାପଙ୍କ ଅଭିଯୋଗ ଅନୁଯାୟୀ ଆଜିକୁ କିଛି ବର୍ଷ ହେବ ସ୍ୱାମୀ ଆରପାରିକୁ ଚାଲିଗଲା ପରେ ୨ ଝିଅକୁ ଧରି ଦୁଃଖ କଷ୍ଟରେ ପରିବାର ଚଳୁଥିଲେ। ତାଙ୍କର କୌଣସି ଜାଗା ଘର ଡିହ ନ ଥିବାରୁ ଭୂମିହିନରେ ସରକାରୀ ଜାଗା ପାଇଁ ଆବେଦନ କରିଥିଲେ। ସରକାରଙ୍କ ପକ୍ଷରୁ ତାଙ୍କୁ ୫ ଜାନୁଆରୀ ୨୦୨୩ ମସିହାରେ ଖଇରିପଡ଼ା ସୁନଦେଇରେ ଘରବାରି ଜାଗା ଓ ପଟ୍ଟା ତହସିଲଦାର ପ୍ରଦାନ କରିଥିଲେ।



ଅସହାୟ ମହିଳା ଥାନାରେ ଅଭିଯୋଗ କରିବାକୁ ଆସିଛନ୍ତି।

ସେହି ଜାଗାରେ ସରକାର ଦେଇଥିବା ଘର ନିର୍ମାଣ କରିବା ପାଇଁ ଯିବାରୁ ସେହି ଗାଁର ଜଣେ ବ୍ୟକ୍ତି ଏହି ଜାଗାକୁ ପ୍ରବେଶ କରିବୁ ନାହିଁ ବୋଲି ମନା କରିଛନ୍ତି। ଯାହା ଫଳରେ ଏହି ସମସ୍ୟାକୁ ନେଇ ତହସିଲଦାର, ଉପ ଜିଲାପାଳ, ଜିଲାପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି। ଖଇରୀପଡ଼ା ଥାନାରେ ମଧ୍ୟ ଏନେଇ ଏତଲା ଦେଇଛନ୍ତି। ଥାନାରେ ୨୫୦/୨୫ ମାମଲା ରୁଜୁ ହୋଇଛି। ତଥାପି ଆଜିପର୍ଯ୍ୟନ୍ତ ନ୍ୟାୟ ପାଉନଥିବାରୁ ବଞ୍ଚିତ ଅଛନ୍ତି ବୋଲି କହିଛନ୍ତି। ଜାଗା ସମସ୍ୟା ନେଇ ସମସ୍ତ ସରକାରୀ ଅଧିକାରୀଙ୍କୁ ଜଣାଇବା ପରେ ଏବେ ହତାଶ ହୋଇଛନ୍ତି। ଜିପରି ଭାବେ ଘର ନିର୍ମାଣ କରିବେ ସେ ନେଇ ଚିନ୍ତାରେ ରହିଛନ୍ତି। ଏ ନେଇ ତହସିଲଦାର ଶୁଭଶ୍ରୀ ରଥ କହିଛନ୍ତି ଯେ, ତାଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ସେ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ କିମ୍ବା ଥାନାରେ ଅଭିଯୋଗ କଲେ ଉଭୟ ପକ୍ଷକୁ ଡାକି ସମସ୍ୟାର ସମାଧାନ କରାଯାଇ ପାରିବ। ଘର ନିର୍ମାଣ ସମସ୍ୟାକୁ ନେଇ ବିଡିଓ ଶୁଭମ ଦଣ୍ଡସେନ୍ତ୍ର ବାହିନୀପତି କହିଛନ୍ତି ଯେ, ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ସେ ଏହି ସମସ୍ୟା ଉପରେ ଅଭିଯୋଗ କରିଥିଲେ। ଏହା ଜାଗା ସମସ୍ୟା ସମାଧାନ କରି ଘର ନିର୍ମାଣ କରିପାରିବେ। ତେଣୁ ଜିଲାପ୍ରଶାସନ ଏଥି ପ୍ରତି ଦୃଷ୍ଟିଦେଇ ଜାଗା ସମସ୍ୟାର ସମାଧାନ କଲେ ଜଣେ ଅସହାୟ ବିଧବା ମହିଳା ତାର ଖଣ୍ଡେ ଘର ନିର୍ମାଣ କରି ୨ ଝିଅକୁ ସାଙ୍ଗରେ ଧରି ଖୁସିରେ ରହି ପାରନ୍ତେ। ତେଣୁ ସରକାର ଏଥିପ୍ରତି ବିଶେଷ ଦୃଷ୍ଟି ଦେବା ପାଇଁ ବ୍ଲକ କଂଗ୍ରେସ ଦାବି କରିଛି।

# ପରମ୍ପରା: କାଞ୍ଜିଅଁଳାର ଶୁଖୁଆ ବୋହୂ ପୂଜା

ଖଣ୍ଡପଡ଼ା,୧୫।୧୧ (ଅଜୟ କୁମାର ମହାରଣା)

ଓଡ଼ିଆ ଘରେ ବାର ମାସରେ ତେରପର୍ବ ପାଳନ କରିବାର ପରମ୍ପରା ଏବେବି ରହିଆସିଛି। ଉତ୍କଳୀୟ ଜନ ଜୀବନର ଏହି ସବୁ ପର୍ବ ସାମାଜିକ, ଧର୍ମୀୟ ଓ ସାଂସ୍କୃତିକ ଜୀବନ ସୂଚୀପତ୍ର ଭାବେ ବେଶ୍ ଜଣାଶୁଣା। ଏହି ପରିପ୍ରେକ୍ଷୀରେ ଗୁରୁବାର ସନ୍ଧ୍ୟାରେ କାଞ୍ଜିଅଁଳା ପର୍ବ ପାଳିତ ହୋଇଯାଇଛି। ଖଣ୍ଡପଡ଼ା, ଗଣିଆ ଓ ଏହାର ଆଖପାଖ ଅଞ୍ଚଳରେ ପାଳିତ ହୋଇ ଯାଇଥିବା କାଞ୍ଜିଅଁଳା ଓଷାରେ ଶୁଖୁଆକୁ ବୋହୂ ଭାବେ ସଜାଇ ଶାଶୂ ମୁଣ୍ଡିଆ ମାରିବା ଭଳି ଏକ ଭିନ୍ନ ପରମ୍ପରା ଦେଖିବାକୁ ମିଳିଥିଲା। ଭାରତୀୟ ସଂସ୍କୃତିରେ ଶାଶୂ ଶ୍ୱଶୁର, ମାତାପିତା ହେଉଛନ୍ତି ଘରର ମୁରବି। ହେଲେ ଆଜିର ଏହି ଓଷାରେ ଦେଖିବାକୁ ମିଳେ ଘରର ମୁରବି ପୂଜା ସ୍ଥଳରେ ଶୁଖୁଆକୁ ବୋହୂ ସଜାଇ ମୁଣ୍ଡିଆ ମାରିଥାନ୍ତି। ଓଷାର ବିଶେଷତ୍ୱ ହେଉଛି କଖାରୁ, ମୂଳା, ବାଇଗଣ, ଦହି, ଆମ୍ବିଳି ତୋରାଣୀ, ଚାଉଳ ଗୁନ୍ଦା ପେଜରେ ପ୍ରସ୍ତୁତ ହୋଇଥାଏ କାଞ୍ଜି। କାଞ୍ଜି ସହ ଘରେ ରୋଷେଇ ହୋଇଥିବା ତରକାରୀ, ଭାତ, ଡାଲି ପୂଜା ଏହି ଦିନ ହୋଇଥାଏ। ସାହିର ମହିଳାମାନେ ଏକାଠି ହୋଇ ଏକ ଆୟତାକାର ଛୋଟିଆ ପୋଖରୀ ପ୍ରସ୍ତୁତ କରିଥିଲେ। ପିତା ଶୁଖୁଆ ୭ଟିକୁ ସ୍ନାନ କରାଇ ହଳଦୀରେ ବୁଡାଇ ରଖାଯାଇଥାଏ। ପରେ କଜଳ, ସିନ୍ଦୁର ଲଗାଇ ପୂଜା ବେଦୀରେ ରଖିଥିଲେ। ସେଠାରେ ପିଠା, ଭାତ, ତରକାରୀ ଓ ମୁଢ଼ି ଆଦିକୁ ପୂଜା କରିଥିଲେ। ପୋଇ ଡାଳକୁ ଖଡୁ ଭଳି ମଧ୍ୟ ପୂଜା କରାଯାଇଥିଲା। କାଞ୍ଜିଅଁଳାର ବିଶେଷତ୍ୱ ହେଉଛି କାଞ୍ଜି। ଏହି କାଞ୍ଜି ଶୀତଦିନେ ଖାଇବା ଦ୍ୱାରା ଶରୀରକୁ ବହୁତ ଉପକାର ମିଳିଥାଏ ବୋଲି ବିଶ୍ୱାସ ରହିଛି। ଆଜିର ଦିନରେ ପ୍ରାୟ ପ୍ରତ୍ୟେକ ଘରେ ଭାତ ସାଙ୍ଗରେ ଅନ୍ୟ ଯେକୌଣସି ଡାଲି, ତରକାରୀ ହେଉନା କାହିଁକି କାଞ୍ଜି ଟିକେ ପ୍ରସ୍ତୁତ ହୋଇଥିବା ଦେଖାଯାଏ।

# ପୃଥକ ଦୁର୍ଘଟଣାରେ ୫ ଆହତ

ମୋହନା,୧୫।୧୧ (ମନ୍ମଥ ମିଶ୍ର)

ମୋହନା ଓ ଅଡ଼ବା ଥାନା ଅଞ୍ଚଳରେ ଶନିବାର ପୃଥକ ପୃଥକ ବାଇକ ଦୁର୍ଘଟଣା ଘଟି ୫ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ଗୁରୁତର ହୋଇ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର ହୋଇଥିବା ବେଳେ ଅନ୍ୟ ୨ଜଣ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଅଡ଼ବା ଥାନା ଅନ୍ତର୍ଗତ ଗୁଲୁବା ପଞ୍ଚାୟତ ଲଦିଙ୍ଗୁଡ଼ା ଗ୍ରାମର ଅଜୟ ରଇତ ଏକ ବାଇକ୍ ଯୋଗେ ଭାଉଜ ବାସନ୍ତୀ ମଣ୍ଡଳଙ୍କ ସହ କୌଣସି କାମରେ ମୋହନା ଥାନା ଅନ୍ତର୍ଗତ ଚାନ୍ଦିପୁଟ ଗ୍ରାମକୁ ଯାଉଥିଲେ। ଗ୍ରାମଠାରୁ କିଛି ଦୂର ଲଦିଙ୍ଗୁଡ଼ା ଘାଟି ରୁଲାଣିରେ ଏକ ଅଟୋକୁ ଅତିକ୍ରମ କରି ଆଗକୁ ଯିବା ବେଳେ ଭାରସାମ୍ୟ ରକ୍ଷା କରି ନ ପାରି ରାସ୍ତାକଡ଼କୁ ଉଭୟେ ଛିଟିକି ପଡ଼ିଥିଲେ। ଫଳରେ ଉଭୟେ ଗୁରୁତର ଅବସ୍ଥାରେ ପଡ଼ିଥିବା ବେଳେ ପରିବାର ଲୋକେ ଖବର ପାଇ ଏକ ଅଟୋ ଦ୍ୱାରା ଧୁମିଙ୍କୁ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଉଭୟଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ଡାକ୍ତର ରାଜେଶ ପାଢ଼ୀ ସ୍ଥାନାନ୍ତର କରିଛନ୍ତି।ସେହିପରି ମଧ୍ୟରେ ବାଇକ୍ ସହ ସ୍କୁଟି ଧକ୍କା ହୋଇ ଜଣେ ଗୁରୁତର ଓ ୨ଜଣ ଆହତ ହୋଇଛନ୍ତି। ମୋହାନା ଥାନା ଅନ୍ତର୍ଗତ ନିଜୁମା ଗାଁର ଜଗନ୍ନାଥ ମଲିକ ଓ ଆର. ଉଦୟଗିରି ଥାନା ଅନ୍ତର୍ଗତ ବରେଇ ଗାଁର ସଲିମ ରଇତ ଏକ ବାଇକ ଯୋଗେ ବ୍ରହ୍ମପୁରରୁ ନିଜ ଗାଁକୁ ଯାଉଥିବା ବେଳେ ଅପରପାର୍ଶ୍ୱ ଅଡ଼ବା ଥାନା ଅନ୍ତର୍ଗତ ନିଧିଗୁଡ଼ି ଗ୍ରାମରୁ ମହାଞ୍ଜୟ ରଇତ ଏକ ସ୍କୁଟି ଯୋଗେ ଖଇରିପଦା ଗାଁକୁ ଯାଉଥିବା ବେଳେ ଚାନ୍ଦିପୁଟ ଅଧୀନ ଖାରିଡ଼େଙ୍ଗ ଗ୍ରାମ ନିକଟ କୁଲାଣି ରାସ୍ତାରେ ବାଇକ ସହ ସ୍କୁଟ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ମହାଞ୍ଜୟ ଗୁରୁତର ହୋଇଥିଲେ। ଚନ୍ଦ୍ରଗିରି ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ଅଧିକାରୀ ଡା. ସିମରାନ ବିଷୋୟୀ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରିଛନ୍ତି। ଅନ୍ୟ ୨ ଜଣ ଚନ୍ଦ୍ରଗିରିରେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ଉଭୟ ଦୁର୍ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି।

# ପଛୁଆବର୍ଗର ଲୋକଙ୍କୁ ବିକଶିତ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ: ମନ୍ତ୍ରୀ

ପୁରୁଷୋତ୍ତମପୁର,୧୫।୧୧(ସବିତା ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ମନୋଜ ଶତପଥୀଙ୍କ ପୌରୋହିତ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣିସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଚାଷୀଙ୍କ ବିକାଶ ହେଲେ ଦେଶର ବିକାଶ ହୋଇପାରିବ। ସମାଜରେ ରହିଥିବା ପଛୁଆବର୍ଗର ଲୋକଙ୍କୁ ଆଗେଇନେଇ ସେମାନଙ୍କୁ ବିକଶିତ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ଦାଦନ ସମସ୍ୟାକୁ ରୋକିବା, ଗ୍ରାମାଞ୍ଚଳରେ କୃଷି ଓ କୃଷକଙ୍କ ବିକାଶ କରିବା ସହ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରି ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ମତ୍ସ୍ୟଚାଷ, ଘାସଚାଷ ସହ ଗାଈ, ଛେଳି, କୁକୁଡ଼ା, ବତକ ପାଳନ ପାଇଁ ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ଏଥିପାଇଁ ବିଭିନ୍ନ ଯୋଜନା ରହିଛି। ସହାୟତା, ଋଣ, ସବସିଡ଼ି ଓ ଇନ୍‌ସୁରାନ୍ସ ସହ ପ୍ରାଣିସମ୍ପଦର ସୁରକ୍ଷା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବରେ ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପଚନ୍ଦ୍ର ନାୟକ,ଏନଏସି ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, ବିଡିଓ ଶରତ ପାତ୍ର,



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

ଜିଲା ମତ୍ସ୍ୟ ଅଧିକାରୀ ଭାରତ ଭୂଷଣ କେ.ସାହୁ, ଜିଲା ପ୍ରାଣୀଧନ ଅଧିକାରୀ ଡା.ରଞ୍ଜନ ଦାସ, ପୁରୁଷୋତ୍ତମପୁର ବ୍ଲକ ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ସାନ୍ତ୍ୱାସ୍ୱରୂପା ମିଶ୍ର, ବ୍ଲକ ଅଧ୍ୟକ୍ଷ ପିଙ୍କି ବେହେରା ଯୋଗଦେଇ ମତ୍ସ୍ୟଚାଷ ଓ ପ୍ରାଣୀ ସୁରକ୍ଷା ନେଇ ଚାଷୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ଚାଷୀଙ୍କୁ କାର୍ଯ୍ୟାଦେଶ ଓ ସହାୟତା ପ୍ରଦାନ ସହ ସଫଳ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ଦେବବ୍ରତ ନାୟକ ଧନ୍ୟବାଦ ଦେଇଥିଲେ।

# ଦୁର୍ଘଟଣାରେ ୬ ଛାତ୍ରୀଛାତ୍ର, ଜଣେ ଶିକ୍ଷୟିତ୍ରୀ ଆହତ

କାଶୀନଗର, ୧୫।୧୧ (ପି.ମୁରଲୀ)

କାଶୀନଗରର ଏକ ବେସରକାରୀ ସ୍ମାର୍ଟ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ଶୁକ୍ରବାର ଶିଶୁ ଦିବସ ଅବସରରେ ବଣଭୋଜି କରିବାକୁ ଯାଇ ଫେରିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି। ଫଳରେ ୬ ଛାତ୍ରୀଛାତ୍ର ଓ ଜଣେ ଶିକ୍ଷୟିତ୍ରୀ ଆହତ ହୋଇଛନ୍ତି। ପାର୍ଡା ପଞ୍ଚାୟତ ଅନ୍ତର୍ଗତ ତରଲା ଘାଟି ଅଞ୍ଚଳକୁ ୪ଟି ଅଟୋରେ ୩୦ ଜଣ ଛାତ୍ରୀଛାତ୍ର ଯାଇଥିଲେ। ବଣଭୋଜି ସାରି ଫେରିବା ବେଳେ ସେମାନେ ଯାଉଥିବା ଅଟୋ ମଧ୍ୟରୁ ଗୋଟିଏ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବରପାଇ ସ୍କୁଲ ଅଧ୍ୟକ୍ଷ ଘଟଣା ସ୍ଥଳରେ ପହଞ୍ଚି ୨ ଆହତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅନ୍ୟ ଆହତଙ୍କୁ ପାରଳାଖେମୁଣ୍ଡି ନିକଟସ୍ଥ ଆନ୍ଧ୍ରର ପୁରୁଷୋତ୍ତମପାଟଣାସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ଏନେଇ ପିଲାଙ୍କ ଅଭିଭାବକମାନେ ସ୍କୁଲରେ ପହଞ୍ଚି ଅସନ୍ତୋଷ ପ୍ରକାଶ କରିଛନ୍ତି। ସେଠାରେ ପୋଲିସ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଶନିବାର ପୂର୍ବାହ୍ନରେ ଗଜପତି ଡିଇଓ ସ୍କୁଲରେ ପହଞ୍ଚି ଘଟଣା ସମ୍ପର୍କରେ ଅନୁଧ୍ୟାନ କରି ଫେରିଛନ୍ତି।

# ଆକାଶଙ୍କୁ ମିଳିଲା ବ୍ରୋଞ୍ଜ ପଦକ

## ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତା

ଦଶପଲ୍ଲା, ୧୫।୧୧ (ପ୍ରକାଶ କୁମାର ପାଣି)

ବିଦ୍ୟାଳୟ ସମୂହ ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତା ବାଲେଶ୍ୱରଠାରେ ଅନୁଷ୍ଠିତ ହେଉଥିବାବେଳେ ଏଥିରେ ୩୦ ଜିଲାର ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏଥିରେ ନୟାଗଡ଼ ଜିଲାରୁ ମନୋନୀତ ହୋଇଥିବା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ନନ୍ଦିପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ଆକାଶ ନାୟକ ହାଇଜମ୍ପ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏ ନେଇ ଆକାଶଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଉଛି। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରବୀନ୍ଦ୍ରନାଥ ନାୟକଙ୍କ ତତ୍ତ୍ୱାବଧାନରେ ଆକାଶ କ୍ରୀଡ଼ାଭ୍ୟାସ କରୁଥିଲେ। ତାଙ୍କର ଏହି କୃତିତ୍ୱ ନେଇ ନନ୍ଦିପୁର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜିତନା ସାମଲ ଏବଂ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ବୃନ୍ଦ ଅଭିନନ୍ଦନ ଜଣାଇଛନ୍ତି।



କୃତୀ ଛାତ୍ର ଆକାଶ।

# ଗାର୍ଡୱାଲ ନିର୍ମାଣ ପାଇଁ ଶୁଭ ଦେଲେ ସରପଞ୍ଚ


ଗଞ୍ଜାମ,୧୫।୧୧(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ମଲାଡ଼ ପଞ୍ଚାୟତ କୁଶପଲ୍ଲୀ ଠାକୁରାଣୀ ମନ୍ଦିର ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା। ଦୈନିକ ମନ୍ଦିରକୁ ଯାଉଥିବା ଭକ୍ତଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖା ଦେଇଥିଲା। ସରପଞ୍ଚ ମମତା ବେହେରାଙ୍କ ପ୍ରଚେଷ୍ଟାରେ ନରେଗା ଯୋଜନାରେ ରାସ୍ତା ଓ ଗାର୍ଡୱାଲ ନିର୍ମାଣ ପାଇଁ ୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା।ଶନିବାର ଉକ୍ତ ରାସ୍ତା ଓ ଗାର୍ଡୱାଲ ନିର୍ମାଣ ପାଇଁ ସରପଞ୍ଚ ଭୂମି ପୂଜନ କରିବା ସହ ଶୁଭ ଦେଇଛନ୍ତି। ଭୂମି ପୂଜନ ବେଳେ ଜିଆରଏସ ରଘୁନାଥ ବେହେରା, କୁଶପଲ୍ଲୀ ଗ୍ରାମ୍ୟ କମିଟି ସଭାପତି ବଟ ବିଶ୍ୱାଳ, ସମ୍ପାଦକ ପ୍ରକାଶ ବିଶ୍ୱାଳ, ସରପଞ୍ଚ ପ୍ରତିନିଧି ସୁଦାମ ବେହେରା, ଗାଁ ସାଥି ସମୀର ବିଶ୍ୱାଳ, ନବଘନ ମହାଣ୍ତ୍ରୁ ପ୍ରମୁଖ ଉପସ୍ଥିତ ଥିଲେ।

# କାମରେ ଆସୁନି, ବଢ଼ୁଛି ଅପରାଧ

ବୁଗୁଡ଼ା,୧୫।୧୧(କାଳିଚରଣ ଦାଶ)

ବୁଗୁଡ଼ା ସହରରେ ନାମକୁ ମାତ୍ର ମାଳମାଳ ସିସିଟିଭି କ୍ୟାମେରା ଲାଗିଛି। ସେଥିରୁ ଅଧାରୁ ଅଧିକ କାମରେ ଆସୁନି। ଫଳରେ ଅପରାଧ କାର୍ଯ୍ୟକଳାପରେ ବ୍ରେକ୍ ଲାଗି ପାରୁନି। ସମ୍ପ୍ରତି ବୁଗୁଡ଼ା ସହର ସିଟିରେ ଅଧିକରେ ରହିଥିବା ସାଙ୍ଗକୁ ଅସାମାଜିକ କାର୍ଯ୍ୟକଳାପକୁ ମୁକାବିଲା କରିବାର କ୍ଷମତା ରଖିଥିଲେ ହେଁ କାର୍ଯ୍ୟକ୍ଷମ ହେବାର ଅଳ୍ପ କେତେ ମାସ ମଧ୍ୟରେ ସେଥିରୁ ଅନେକ କାମରେ ଲାଗୁ ନ ଥିବାରୁ କୌଣସି ସୁଫଳ ମିଳୁନି। ଏହି କ୍ୟାମେରା ଗୁଡ଼ିକ ମଧ୍ୟରୁ କେତେକ ୨୪ ଘଣ୍ଟା କାମ କରୁ ନ ଥିବା ବେଳେ କେଉଁ କେତେକ ଚାଲୁଛି ତାହା ମଧ୍ୟରୁ ପୁଣି କେତେକ ଲାଇଭ୍ ଚାଲୁଥିଲେ ମଧ୍ୟ ରେକର୍ଡ ହେଉନାହିଁ।
୨୦୨୩ ଜାନୁଆରୀ ୬ ତାରିଖରେ ସ୍ଥାନୀୟ ପୋଲିସ ଥାନା ପକ୍ଷରୁ ଆୟୋଜିତ ବୁଗୁଡ଼ା ସହରକୁ ସିସିଟିଭି ଦ୍ୱାରା ସମ୍ପୂର୍ଣ୍ଣ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ ଅବସରରେ ସହରାଞ୍ଚଳ ବଜାରଛକ, ନୂଆ ବସଷ୍ଟାଣ୍ଡ, ହାଇସ୍କୁଲଛକ, ପୁରୁଣାବସଷ୍ଟାଣ୍ଡ, ଖାଦ୍ୟାଳୟଛିଛକ, ଥାନା ରୋଡ ସମେତ ବିଭିନ୍ନ ସ୍ଥାନରେ ପୋଲସରା



ଅଚଳ ସିସି କ୍ୟାମେରା।

## ବୁଗୁଡ଼ାରେ ଲାଗିଛି ମାଳ ମାଳ ସିସିଟିଭି

ବିଧାୟକଙ୍କ ହାତପାଣ୍ଠି ଚିନ୍ତୋପରେ ୨୨ଟି ସିସିଟିଭି କ୍ୟାମେରା ଖଞ୍ଜା ଯାଇଥିଲା। ସେହିପରି ଗ୍ରାମାଞ୍ଚଳର କରଡ଼ାଛି, ଗୋଳିଆ, ମୋଟାବାଡ଼ି, ମାଣିତରା, ଶୋଳମାଇଲି ଆଦି ଗାଁ ଛକରେ ମଧ୍ୟ ସିସିଟିଭି କ୍ୟାମେରା ଲଗାଯାଇ ଅପରାଧିଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଉଥିବା ନେଇ ପୋଲିସ ସୂତ୍ରରୁ ପ୍ରକାଶ ପାଇଥିଲା। ଏହି କ୍ୟାମେରା ଗୁଡ଼ିକର ଦାୟିତ୍ୱ ବୁଗୁଡ଼ା ପୋଲିସ ହାତରେ ରହିଥିବା ବେଳେ ବୁଗୁଡ଼ା ସହରରେ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପକୁ ରୋକାଯାଇ ସହରରେ ଶାନ୍ତି ଶୃଙ୍ଖଳାକୁ ବଜବରଣ ରଖିବାର ଲକ୍ଷ୍ୟ ରହିଥିଲା। ଏହି କ୍ୟାମେରା ମାଧ୍ୟମରେ ବାହାରୁ ବୁଗୁଡ଼ା ସହରକୁ ପ୍ରବେଶ କରୁଥିବା ଏବଂ ସହରରୁ ବାହାରକୁ ଯାଉଥିବା ଯାନବାହାନ ଠାରୁ ଆରମ୍ଭ କରି ଅସାମାଜିକ ବ୍ୟକ୍ତିଙ୍କ ଉପରେ ନଜର ରଖାଯାଇ ପାରୁଥିଲା। ତେବେ ଅଧିକାଂଶ ସ୍ଥାନରେ ଲାଗିଥିବା କ୍ୟାମେରା କାମ ଦେଉନାହିଁ। ତେବେ ସରକାରୀ ଅର୍ଥ କ୍ଷତି ହେବା ସହ ଅକାମୀ କ୍ୟାମେରାଗୁଡ଼ିକୁ ସ୍ଥାନୀୟ ପ୍ରଶାସନ ଯଥାଶୀଘ୍ର ସଜାଡ଼ିବାକୁ ସାଧାରଣରେ ଦାବି ହେଉଛି।

# ପୂର୍ବତନ ସମିତିସଭ୍ୟଙ୍କ ପରଲୋକ

ଛତ୍ରପୁର,୧୫।୧୧ (ଦିଲ୍ଲୀପ ସାମଲ)

ଛତ୍ରପୁର ବ୍ଲକ ଚମାଖଣ୍ଡି ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ତଥା ବରିଷ୍ଠ ସିପିଆଇ ନେତା ଭାଗିରଥି ପ୍ରଧାନ(୭୩)ଙ୍କ ମୃତ୍ୟୁ ଘଟିଛି। ଏ.ଡୋଙ୍ଗାପଲ୍ଲୀ ଗ୍ରାମ ନିଜ ବାସଭବନରେ ମୃତ୍ୟୁ ହୋଇଛି। ତାଙ୍କର ଶେଷ ଦର୍ଶନ ପାଇଁ ସିପିଆଇ ଜିଲା ସହ ସମ୍ପାଦକ ନୀଳକଣ୍ଠ ଦାଶ, ଜିଲା କାର୍ଯ୍ୟକାରୀ କମିଟି ସଭ୍ୟ ସିଏଚ୍. ଜନାର୍ଦ୍ଦନ ରେଡ୍ଡୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା ଚମାଖଣ୍ଡି ଜୋନାଲ ସମ୍ପାଦକ ଏନ.ଗିରିଜା ପ୍ରସାଦ ରେଡ୍ଡୀ, ସହ ସମ୍ପାଦକ ଗୁରୁନାଥ ପ୍ରଧାନ, ପୂର୍ବତନ ସରପଞ୍ଚ ସିମାଞ୍ଚଳ ସାହୁ, କି. ଦିଲେଶର ରେଡ୍ଡୀ, ଆଇନଜୀବୀ ପି. ଧର୍ମା ରେଡ୍ଡୀଙ୍କ ସମେତ ବହୁ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ଥିଲେ।

# ଯୁବତୀଙ୍କୁ ମାଡ଼ମାରି ଗହଣା ଲୁଟିନେଲେ

ଖଲ୍ଲିକୋଟ,୧୫।୧୧(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ପାଳଧୁଆପାଲ୍ଲୀ ନିୟେଶ୍ୱର ଶିବ ମନ୍ଦିର ନିକଟରେ ଜଣେ ଯୁବତୀଙ୍କୁ ମାଡ଼ମାରି ତାଙ୍କ କାନରୁ ଦୁର୍ବୃତ୍ତ ସୁନାଗହଣା ଲୁଟି ନେଇଛନ୍ତି। ସୂଚନାନୁଯାୟୀ, ଟିମିରିଆ ଅଞ୍ଚଳର ଜଣେ ଯୁବତୀ ଶନିବାର ସକାଳେ ସାଇକଲ ଯୋଗେ ପାଳଧୁଆପାଲ୍ଲୀ ଗ୍ରାମରେ ଥିବା ନିୟେଶ୍ୱର ଶିବ ମନ୍ଦିରକୁ ଯାଇଥିଲେ। ସେଠାରେ ପୂଜା ସାରି ଫେରିବା ବେଳେ ଜଣେ ମୁଖା ପିନ୍ଧା ଦୁର୍ବୃତ୍ତ ବାଇକରେ ଆସି ଯୁବତୀଙ୍କ ସାଇକଲକୁ ଧକ୍କା ଦେଇଥିଲା। ଯୁବତୀଜଣଙ୍କ ତଳେ ପଡ଼ି ଯାଇଥିଲେ। ପରେ ତାଙ୍କୁ ମାଡ଼ ମାରି ସେ ପିନ୍ଧିଥିବା ସୁନାର କାନର ଲୁଟି ନେଇ ଫେରାର ହୋଇଯାଇଥିଲା। ତେବେ ଆହତ ଅବସ୍ଥାରେ ଯୁବତୀ ଜଣଙ୍କ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଛନ୍ତି। ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଡିଏଲ୍‌ଏସ୍‌ଏ ପକ୍ଷରୁ ଆଇନ ସଚେତନତା ଶିବିର

ଫୁଲବାଣୀ,୧୫।୧୧ (ରାକେଶ କୁମାର ରାଉତ)

ଫୁଲବାଣୀ ଏଜେଓ ଉଚ୍ଚବିଦ୍ୟାଳୟରେ ଜିଲା ଆଇନସେବା ପ୍ରାଧିକରଣ(ଡିଏଲ୍‌ଏସ୍‌ଏ) ପକ୍ଷରୁ ଶିଶୁ ଦିବସ ଅବସରରେ ଏକ ବକ୍ତୃତା ପ୍ରତିଯୋଗିତା ଓ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ରାମ ଶଙ୍କର ହୋତା, ସ୍ଥାୟୀ ଲୋକ ଅଦାଲତ ବିଚାରପତି ବୋଳଗୋବିନ୍ଦ ବାରିକ, ରେଜିଷ୍ଟ୍ରାର ପ୍ରିୟ ରଞ୍ଜନ ଓଝା, ମହିଳା ଅଦାଲତ ବିଚାରପତି ବିଶ୍ୱକଲ୍ୟାଣୀ ମିଶ୍ର, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ରମାକାନ୍ତ ମହାନ୍ତି, ଏଜୁକିଜେଏମ୍ ସୌମ୍ୟା ସୋନାଲିକା, ଜେଏମ୍‌ଏଫ୍‌ସି ବନ୍ଦନା ବିଶ୍ୱାଳ, ପ୍ରୋବେସନର ସିଭିଲ ଜଜ୍ ଅନୁଶ୍ରିମା ପତି, ସରକାରୀ ଅଧିବକ୍ତା ଅଶୋକ ବେହେରା, ବାର ଆସୋସିଏସନ ସମ୍ପାଦକ ବିରେନ୍ଦ୍ର କୁଣ୍ଡୁହିଁ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ ପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଜିଲା ଆଇନସେବା ପ୍ରାଧିକରଣର ସଚିବ ରାମାକାନ୍ତ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ସଞ୍ଜିବ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ଛତ୍ରପୁର,୧୫।୧୧ (ଦିଲ୍ଲୀପ ସାମଲ)

ପାରଳାମହାରାଜା କଲେଜ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଶୁକ୍ରବାର ଟାଙ୍ଗଣାପଲ୍ଲୀ ଗ୍ରାମର ରବିନ୍ଦ୍ର ସାହୁ (୩୦)ଙ୍କ ମୃତ୍ୟୁ ଘଟିଛି। ଘଟଣା ସ୍ଥଳରେ ଚମାଖଣ୍ଡି ପୋଲିସ ପହଞ୍ଚି ରବୀନ୍ଦ୍ରଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଶନିବାର ଛତ୍ରପୁର ତହସିଲଦାର ବିଦ୍ୟା ମହାନ୍ତି ରେଡ୍‌କ୍ରସ ପାଣ୍ଠିରୁ ରବିନ୍ଦ୍ରଙ୍କ ପରିବାର ବର୍ଗଙ୍କୁ ୩ ହଜାର ଟଙ୍କା ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ନିଜ ପାଣ୍ଠିରୁ ୨୦ ହଜାର ଟଙ୍କା ଓ ଟାଙ୍ଗଣାପଲ୍ଲୀ ସରପଞ୍ଚ ବି.ସୁଦାମ ହରିଶ ଚନ୍ଦ୍ର ଯୋଜନାରେ ସହାୟତା ଦେଇଛନ୍ତି। ତାଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ପାଣ୍ଠିରୁ ସାହାଯ୍ୟ କରାଯିବ ବୋଲି ବିଧାୟକ କହିଛନ୍ତି।

# ଅଭିଭାବକ ତାଲିମ ଶିବିର

ଆସିକା ୧୫।୧୧ (ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଆସିକା ବ୍ଲକର ବାଲିସିରାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ବିଭିନ୍ନ ବିଦ୍ୟାଳୟରେ କର୍ଣ୍ଣବଧିରତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପିତାମାତାଙ୍କୁ ନେଇ ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଭ ବେହେରା ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ କେନ୍ଦୁପଦର, ନିମିନା, ବାଲିସିରା, ଗଙ୍ଗାପୁର ଓ କେ.ନୁଆପଲ୍ଲୀ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପିତାମାତା ସାମିଲ ଥିଲେ। ସମ୍ବଳ ଶିକ୍ଷକ ଭାବେ ହେମନ୍ତ କୁମାର ନନ୍ଦ, ଅର୍ଚ୍ଚନା ବେହେରା, ଶିଶିରକାନ୍ତ ବେହେରା ଉପସ୍ଥିତ ରହି ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ବିଭିନ୍ନ ସମସ୍ୟା ଓ ତାର ସମାଧାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

# ବ୍ଲକସ୍ତରୀୟ ସର୍ଗି ଫୁଲ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କ.ନୂଆଗାଁ, ୧୫।୧୧ (କାଳୀପ୍ରସାଦ ତ୍ରିପାଠୀ)

କ.ନୂଆଗାଁ ବ୍ଲକ ଅନ୍ତର୍ଗତ କୁରୁଲୁଛି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ସରଗି ଫୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁସ୍ମୀତା ପାତ୍ର ନେତୃତ୍ୱ ନେଇଥିଲେ। ୭ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିବା ବେଳେ ବ୍ଲକର ୭ ଉଚ୍ଚ ମାଧ୍ୟମିକ, ଉଚ୍ଚ ବିଦ୍ୟାଳୟ ସହିତ ସମସ୍ତ ୧୫ଟି ଆଶ୍ରମ ଓ ସେବାଶ୍ରମ ବିଦ୍ୟାଳୟ ଗୁଡ଼ିକର ୨ ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ବକ୍ତୃତା, ଏକକ ଅଭିନୟ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ ଥିଲା। ଏଥିରେ ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ.ଶୋଭମ ମହାପାତ୍ର ଯୋଗଦେଇ ଶୁଭାରମ୍ଭ କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବେ ବିଜେପି ଜିଲା ସଭାପତି ପଣ୍ଡିତ କୁମାର ବିଶମାଝୀ, ମୁଖ୍ୟ ବକ୍ତା ଭାବେ ନୂଆଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମନୋଜ ରଥ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୁଲୋଚନା ଦଳବେହେରା, ଉପାଧ୍ୟକ୍ଷ ଧବଳେଶ୍ୱର ପାତ୍ର, ଜିଲା ପରିଷଦ ସଭ୍ୟା ଅନିତା ମଲ୍ଲିକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କହଁର, କୁରୁଲୁଛି ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଭାତ ଜେନା, ଅଭିଭାବକ କମିଟିର ସଭାପତି ଉପେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

# ଏଯାଏ ମିଳିନି ବାତ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ବାବଦ ସହାୟତା

## ତୁରନ୍ତ କ୍ଷତିପୂରଣ ଦେବାକୁ ଦାବିକଲେ ଚାଷୀ

ପାରଳାଖେମୁଣ୍ଡି,୧୫।୧୧ (ଗିରିଧାରୀ ପରିଚ୍ଛା)

ବାତ୍ୟା ମୋନ୍ଥା ପ୍ରଭାବରେ ଗଜପତି ଜିଲାରେ ଲଗାଣ ବର୍ଷା ଯୋଗୁ ଭୁଷୁଡ଼ନ ହୋଇ ମାଟିଆତଡା ଖସି ଗଜପତି ଜିଲାରେ କ୍ଷୟକ୍ଷତି ହୋଇଥିଲା। ଧାରକରଜ କରି ଚାଷ କରିଥିବା ଚାଷୀଙ୍କ ବର୍ଷକର ଉପାର୍ଜନ ବର୍ଷା, ଭୁସ୍ଖଳନ ଭଜାଇଦେଲା। ଏବେ ସରକାରୀ ସହାୟତାକୁ ଚାଷୀ ଚାହିଁ ରହିଥିବା ବେଳେ ଏଯାଏ ସହାୟତା ମିଳିନି। ଜିଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଛୋଟ ଚାଷୀ ଓ ଭାଗ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ଜିଲାର ୭ଟି ବ୍ଲକରେ ସରକାରୀ ଆକଳନ ଅନୁଯାୟୀ ୭୮,୯୩୦ ହେକ୍ଟର ଚାଷଜମି ପ୍ରଭାବିତ ହୋଇଥିବା ବେଳେ ୪୩୨,୦୨୦ ହେକ୍ଟର ଜମି ପାଇଁ କ୍ଷତିପୂରଣ ପ୍ରଦାନ କରାଯିବ। ୩୩ ପ୍ରତିଶତରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଛି। ତେବେ ସରକାରୀ ସହାୟତା ଏକମାତ୍ର ଭରସା, ଆମ ପାଖରେ ଆଉ କୌଣସି ବିକଳ୍ପ ନାହିଁ ବୋଲି ଚାଷୀ କନ୍ଦୁକା ଶବର, ରାମ ଶବର,ଗଣେଶ ଶବର ପ୍ରମୁଖ ପ୍ରକାଶ କରି ତୁରନ୍ତ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି। ତେବେ ଖୁବଶୀଘ୍ର ଚାଷୀଙ୍କୁ ଡିବିଟି ମାଧ୍ୟମରେ ସେମାନଙ୍କ ଆକାଉଣ୍ଟକୁ କ୍ଷତିପୂରଣ ରାଶି ପଠାଯିବ। ଫସଲ ବୀମାଧାରୀଙ୍କ ପାଇଁ ବେସରକାରୀ କମ୍ପାନୀମାନଙ୍କ ସହ ଆଲୋଚନା କରାଯାଇ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା ହେବ ବୋଲି ଜିଲାପାଳ ମଧୁମିତା କହିଛନ୍ତି। ବାତ୍ୟା ମୋନ୍ଥା ପ୍ରଭାବରେ ଲଗାଣ ବର୍ଷାରେ ଜିଲାର ମୋହନା ବ୍ଲକରେ ସର୍ବାଧିକ ୪୪୨,୬୯୮ ହେକ୍ଟର ଚାଷଜମି ପ୍ରଭାବିତ ହୋଇଥିବା ବେଳେ ୮.୯୭୮ ହେକ୍ଟର ଜମି ୩୩ ପ୍ରତିଶତରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଥିବା ବିଭାଗ ଆକଳନ କରିଛି। କାଶୀନଗର ବ୍ଲକରେ ୨୦,୭୬୦ ହେକ୍ଟର ଚାଷଜମି ୩୩ ପ୍ରତିଶତରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଛି, ରାୟଗଡ଼ ବ୍ଲକରେ ୩୯.୧୯୧ ହେକ୍ଟର ଜମି ୩୩ ପ୍ରତିଶତରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଥିବା ବେଳେ ପାରଳାଖେମୁଣ୍ଡିରେ ୩୨.୯୯୧ ଚାଷ ଜମିରେ ୩୩ ପ୍ରତିଶତରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଛି। ସେହିପରି ଗୁମ୍ମା ବ୍ଲକରେ ୬.୭୨୦ ଚାଷଜମି ପ୍ରଭାବିତ ହୋଇଥିବା ବେଳେ ୨.୧୦୦ ଚାଷ ଜମି ୩୩ ପ୍ରତିଶତରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଛି। ଏଯାଏଁ ସରକାରୀ ସ୍ତରରେ ୧୧୨୦ ଜଣ ଚାଷୀ ପ୍ରଭାବିତ ହୋଇଥିବା ବେଳେ କ୍ଷତିପୂରଣ ବାବଦକୁ ୩୯,୮୮,୯୯୨ ଟଙ୍କା ପ୍ରଦାନ କରାଯିବ। ସରକାରଙ୍କ ନିୟମ ଅନୁଯାୟୀ ବର୍ଷା ଉପରେ ନିର୍ଭର କରି ଚାଷ କରୁଥିବା ଚାଷୀଙ୍କୁ ହେକ୍ଟର ପିଛା ୮୫୦୦ ଟଙ୍କା କ୍ଷୟକ୍ଷତି ରାଶି ମିଳୁଥିବା ବେଳେ ଜଳସେଚନ କରି ଚାଷ କରୁଥିବା ଚାଷୀଙ୍କୁ ହେକ୍ଟର ପିଛା ୧୭ ହଜାର ଟଙ୍କା ସହାୟତା ରାଶି ଓ ଉଦ୍ୟାନଭିତ୍ତିକ ଚାଷ କରି ବର୍ଷାରେ କ୍ଷତି ହୋଇଥିବା ଚାଷୀଙ୍କୁ ହେକ୍ଟର ପିଛା ୨୨ହଜାର ୫୦୦ ଟଙ୍କା କ୍ଷତିପୂରଣ ମିଳିବ ବ୍ୟବସ୍ଥା ରହିଛି। ସୂଚନାଯୋଗ୍ୟ, ଗଜପତି ଜିଲାର ୭ଟି ବ୍ଲକ ମଧ୍ୟରୁ ୩ଟି ବ୍ଲକରେ ବାତ୍ୟା ପ୍ରଭାବରେ ୩୩ ପ୍ରତିଶତରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ ହୋଇ ନ ଥିବା ପ୍ରଶାସନ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଛି। ଜିଲା ପ୍ରଶାସନର ଏହି ରିପୋର୍ଟ ପ୍ରତି ଚାଷୀ ପ୍ରଶ୍ନ ଉଠାଇଛନ୍ତି। ଯେଉଁ କ୍ଷୟକ୍ଷତି ଆକଳନ କରିଛି ସେଥିରେ ଅନେକ ତ୍ରୁଟି ରହିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କ୍ଷେତ୍ରରେ ଅଧିକାରୀମାନେ ଠିକ ଭାବେ ଅନୁଧ୍ୟାନ କରି ନ ଥିବା ଚାଷୀ କହିଛନ୍ତି। ଏଭଳିକି ସର୍ବାଧିକ ବର୍ଷା ଗୋଶାଣୀ ବ୍ଲକରେ ଅଧିକ ହୋଇଥିବା ବେଳେ କିନ୍ତୁ ସେଠାରେ ଫସଲ କ୍ଷତି ହୋଇନାହିଁ ବୋଲି ରିପୋର୍ଟ କରାଯାଇଥିବା ନେଇ ଚାଷୀ ପ୍ରଶ୍ନ ଉଠାଇଛନ୍ତି।

# ବ୍ୟାସ ସରୋବର: ବୋଟିଂ ଅପେକ୍ଷାରେ ପର୍ଯ୍ୟଟକ

ଯାଜପୁର,୧୫ା୧୧ (ହର୍ଷବର୍ଦ୍ଧନ ବେହେରା)

- ଉଦ୍‌ଘାଟନକୁ ୯ ମାସ ବିତିଲା
- ପାଣି ସିଞ୍ଚନ ବ୍ୟବସ୍ଥା ନୈରାଶ୍ୟଜନକ, ମରିଯାଉଛି ଗଛ


ବ୍ୟାସ ସରୋବର ପ୍ରକଳ୍ପ ।

ଏବେ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଛି। ପୌରାଣିକ ଓ ଐତିହାସିକ ଐତିହ୍ୟକୁ ବହନ କରୁଥିବା ଯାଜପୁର ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ହେଲେ ଯାଜପୁର ଜିଲାରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀର ବିକାଶ ନୈରାଶ୍ୟଜନକ ରହିଛି। ଫଳରେ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ନିରାଶ ହୋଇ ଫେରୁଛନ୍ତି। ଏଠାରେ ବ୍ୟାସନଗରସ୍ଥିତ ପ୍ରାୟ ୭୦ କୋଟି ଟଙ୍କାରେ ନିର୍ମିତ ବ୍ୟାସ ସରୋବର ପ୍ରକଳ୍ପକୁ ଉଦାହରଣ ଭାବେ ନିଆଯାଇପାରେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଏହି ପ୍ରକଳ୍ପ ଉଦ୍‌ଘାଟନ ହେବାର ୯ ମାସରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହୋଇପାରିନାହିଁ। ବିଡ଼ମ୍ବନା ଯେ, ବୋଟିଂ ବ୍ୟବସ୍ଥା ହୋଇଥିଲେ ହେଁ ଏଯାଏ ସରୋବରରେ ବୋଟ୍ ପଡ଼ିନାହିଁ। ଫଳରେ ଏହି ପୌରାଣିକ ବର୍ଣ୍ଣିତ ପ୍ରକଳ୍ପ କ୍ରମଶଃ ନଷ୍ଟ ହେଉଥିବାର ଦେଖିବାକୁ ମିଳୁଛି।

ବ୍ୟାସ ସରୋବରର ବିକାଶ ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ୨୦୨୧ରେ ଆରମ୍ଭ ହୋଇ ୨୦୨୫ ଫେବ୍ରୁଆରୀରେ ଶେଷ ହୋଇଥିଲା। ତଥାପି ପୂର୍ବ ଯୋଜନା ଅନୁସାରେ ପ୍ରକଳ୍ପର ପାଥୱେ, କମ୍ୟୁନିଟି ସେଣ୍ଟର, ରାସ୍ତା ଅଧାପରିଆ ହୋଇ ରହିଗଲା। ଅଧିକନ୍ତୁ ପାଥୱେ ଅନାବନା ଗଛରେ ଭର୍ତ୍ତି ହୋଇ ରହିଛି। ଯାହାକି ବ୍ୟାସ ସରୋବରର ସୌନ୍ଦର୍ଯ୍ୟ ହାନି କରୁଛି। ଏହାସହ ପୋଖରୀ, ଜଙ୍ଗଲ ସୃଷ୍ଟି, ମହାଭାରତ ଯୁଗର ହସ୍ତିନାପୁର, କୌରବ ଓ ପାଣ୍ଡବ, ମାଛ ଆଖି, ଫୁଲ ବଗିଚା, ଭୀଷ୍ମ ଶରଶଯ୍ୟା, ବିଶ୍ୱରୂପ ଇତ୍ୟାଦି କାର୍ଯ୍ୟ ନୈରାଶ୍ୟଜନକ ହୋଇଛି। ବିଶେଷକରି ଜଙ୍ଗଲ ସୃଷ୍ଟି ନାମରେ ୧୦ କୋଟି ୫୦ ଲକ୍ଷ ୭୭ ହଜାର ୮୨୧ ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ ସବୁଜିମା ଆଶାନୁରୂପ ହୋଇପାରିନାହିଁ। କୌଣସି ସ୍ଥାନରେ ଫୁଲ ବଗିଚା ଦେଖିବାକୁ ମିଳୁନାହିଁ। ଏହାବ୍ୟତୀତ ସିଭିଲ କାର୍ଯ୍ୟ ପାଇଁ ୩୮.୬୪ କୋଟି, ବିଦ୍ୟୁତୀକରଣ ପାଇଁ ୭.୦୩ କୋଟି, ବୋଟିଂ, ଶିଶୁ ଉଦ୍ୟାନ, ଫ୍ଲୋଟିଂ ଫାଉଣ୍ଟେନ ବାବଦକୁ ସମୁଦାୟ ୬୯.୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। କିନ୍ତୁ ପାଣି ସିଞ୍ଚନ ବ୍ୟବସ୍ଥା ଠିକ୍ ଭାବେ ନିର୍ମାଣ ହୋଇ ନ ଥିବାରୁ ଅଧିକାଂଶ ଗଛ ଏବେ ମରିଯାଉଛି କିମ୍ବା ଠିକ୍ ଭାବେ ବଢ଼ିପାରିନାହିଁ। ରାସ୍ତା ନିର୍ମାଣ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। କଳିଙ୍ଗନଗର ଉନ୍ନୟନ ପରିଷଦ(କେଏନ୍‌ଡିଏ) ପକ୍ଷରୁ ପ୍ରଥମ ପର୍ଯ୍ୟାୟ ଟେଣ୍ଡର ଆହ୍ୱାନ କରିଥିବାବେଳେ ସେଥିରେ କେହି ଆଗ୍ରହ ପ୍ରକାଶ କରି ନ ଥିଲେ। ଏବେ ପୁଣି ଉକ୍ତ ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନ କରିଥିବା ସୂଚନା ମିଳିଛି। ପୂର୍ବରୁ ଜିଲ୍ଲା ଷ୍ଟେକ୍‌ଲେଭ୍ ସ୍କିଲ୍ କର୍ତ୍ତୃପକ୍ଷ ଉକ୍ତ ପ୍ରକଳ୍ପ ଅଞ୍ଚଳ ପରିଦର୍ଶନ କରି ଠିକାଦାରକୁ ନେବାକୁ ମନା କରିଦେଇଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ପ୍ରକଳ୍ପ ଉଦ୍‌ଘାଟନ ହେବାର ପ୍ରାୟ ୯ମାସ ଅତିକ୍ରାନ୍ତ ହୋଇଥିବାରୁ ବିଭିନ୍ନ ସ୍ଥାନରେ ଅନାବନା ଘାସ ଉଠିବା ସହ କେତେକ ସ୍ଥାନରେ ଟାଇଲ୍ ଭାଙ୍ଗି ଯାଇଥିବାର ଦେଖିବାକୁ ମିଳିଛି। ଅପରାହ୍ନରେ ପର୍ଯ୍ୟଟକମାନଙ୍କଠାରୁ ଦେୟସ୍ୱରୂପ ଭାବେ ୨୦ ଟଙ୍କା ଲେଖାଏଁ ଆଦାୟ କରାଯାଉଥିଲେ ହେଁ ବୋଟିଂ ସୁବିଧା, ଲାଇଟ୍, ସୁରକ୍ଷା ବ୍ୟବସ୍ଥା ଇତ୍ୟାଦି ନ ଥିବାରୁ ପର୍ଯ୍ୟଟକଙ୍କ ବୁଲିବାର ଆଗ୍ରହ ହ୍ରାସ ପାଉଥିବାର ଚର୍ଚ୍ଚା ହେଉଛି। ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁ କୌଣସି ଠିକାସଂସ୍ଥା ଆବଶ୍ୟକ ପରିମାଣରେ ଅର୍ଥ ଲଗାଇ ପ୍ରକଳ୍ପ ପରିଚାଳନା ପାଇଁ ଆଗଭର ହେଉନାହାନ୍ତି ବୋଲି ଚର୍ଚ୍ଚା ହେଉଛି।

ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦଙ୍କୁ ପଚାରିବାରେ ସେ କହିଛନ୍ତି, ବ୍ୟାସ ସରୋବର ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନ ସମ୍ପୂର୍ଣ୍ଣ ହୋଇଛି। ପରବର୍ତ୍ତୀ ପଦକ୍ଷେପ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଗ୍ରହଣ କରାଯିବ। ପ୍ରକଳ୍ପର କେଉଁକେଉଁ ସ୍ଥାନରେ ପୁନଃନିର୍ମାଣ ଆବଶ୍ୟକତା ରହିଛି। ସମ୍ପୃକ୍ତ ଠିକାସଂସ୍ଥା ସହ ଆଲୋଚନା କରାଯାଇ ସେଗୁଡ଼ିକର ମରାମତି କରାଯିବ। ଗଛଗୁଡ଼ିକ ମରିଯାଉଥିବା ସଂକ୍ରାନ୍ତରେ ସେ ପ୍ରକଳ୍ପ ପରିଦର୍ଶନକରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

# ମହିଳା ଅବକାରୀ କନ୍‌ଷ୍ଟେବଲଙ୍କୁ ବିଭାଗୀୟ ଅଧିକାରୀଙ୍କ ମାଡ଼ ଅଭିଯୋଗ

ଯାଜପୁର ଟାଉନ ୧୫ା୧୧ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଅବକାରୀ ବିଭାଗରେ କାର୍ଯ୍ୟରତ ଜଣେ ମହିଳା କନେଷ୍ଟବଲ ସୁଚିତ୍ରା ନାୟକଙ୍କୁ ନିଜ ବିଭାଗର ଅଧିକାରୀମାନେ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ନେଇ ଶନିବାର ଯାଜପୁର ଥାନାରେ ଅଭିଯୋଗ ହୋଇଛି। ସୁଚିତ୍ରାଙ୍କ ଅଭିଯୋଗ କ୍ରମେ ଯାଜପୁର ଥାନା ଅଧିକାରୀ ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ନଂ.୫୩୬/୨୦୨୫ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ସୁଚିତ୍ରାଙ୍କ ଜଣେ ସାଙ୍ଗ ଅବକାରୀ ବିଭାଗର ଜଣିକ କର୍ମଚାରୀଙ୍କ ବିରୋଧରେ ପିଟିଶନ କରିଛନ୍ତି। ଉକ୍ତ ପିଟିଶନକୁ ଉଠାଇବାକୁ ଚାପ ପକାଇ ସୁଚିତ୍ରାଙ୍କୁ ତାଙ୍କ ଘରେ ଗତ ଶୁକ୍ରବାର ଯାଜପୁରରୋଡ୍ ରେଞ୍ଜ ଅବକାରୀ ଇନ୍‌ସପେକ୍ଟର ସସ୍ମିତା ହୋତା, ଅବକାରୀ ସୁପରଭେଣ୍ଟେଣ୍ଡ ଅଫିସ୍‌ର ହେଡ୍‌କ୍ଲର୍କ ବିଜୟ ସେଠୀ ସୁରେନ ଓ ଏଏସ୍‌ଆଇ ବବିତାରାଣୀ ବାରିକ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି।

# ୨୦ନଂ. ଜାତୀୟ ରାଜପଥରୁ ଜବରଦଖଲ ଉଚ୍ଛେଦ



ଯାଜପୁର ସଦର, ୧୫ା୧୧ (ସମର ବିଜୟ ଶରଣ):

ଯାଜପୁର ଜିଲା ମୁଖ୍ୟାଳୟକୁ ସଂଯୋଗ କରୁଥିବା କୁଆଖିଆ-ଯାଜପୁର ୨୦ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଶନିବାର ଜବରଦଖଲ ଉଚ୍ଛେଦ କରାଯାଇଛି। ବରୁଆଁଠାରୁ ବୁଢ଼ା ଘାଟ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ପାଇଁ ଉଦ୍ଦିଷ୍ଟ ଜମି ଅଧିଗ୍ରହଣ ପରେ କିଛି ସ୍ଥାନରେ ଉଠା ଦୋକାନ ରହିଥିଲା। ସେହିପରି କେତେଜଣ ଜମି ମାଲିକ ଏହି କାର୍ଯ୍ୟରେ ବାଧା ସୃଷ୍ଟି କରୁଥିଲେ। ଫଳରେ କାର୍ଯ୍ୟ ବିଳମ୍ବ ହେଉଥିଲା। ଜିଲା ପ୍ରଶାସନ ନିର୍ଦ୍ଦେଶ ଅନୁସାରେ ମାଜିଷ୍ଟ୍ରେଟ ଭାବେ ଯାଜପୁର ଅତିରିକ୍ତ ତହସିଲଦାର ଅଜୟ ପଣ୍ଡାଙ୍କ ଉପସ୍ଥିତିରେ ମାପଚୁପ କରାଯାଇ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଯାଜପୁର ସଦର ଥାନା ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ଶିଶୁ ମହୋତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



ଶିଶୁ ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ଧର୍ମଶାଳା/କାଏମା,୧୫ା୧୧ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡ଼ିଆରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ମଣ୍ଡଳ ଶିକ୍ଷାଧିକାରୀ ଅଭୟ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜିକକର୍ମୀ ମିନତି ସାହୁ, ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ, ଅତିଥିଭାବେ ଧର୍ମଶାଳା ତହସିଲଦାର ସମୀର ରଞ୍ଜନ ଦାଶ, ବିଡିଓ ଜ୍ୟୋତିର୍ମୟ କର, ରସୁଲପୁର ତହସିଲଦାର ସିଦ୍ଧାର୍ଥ ଶଙ୍କର ବେହେରା, ରସୁଲପୁର ବିଡିଓ ସତ୍ୟାନନ୍ଦ ଦାସ ଓ ରସୁଲପୁର ମଣ୍ଡଳ ଶିକ୍ଷାଧିକାରୀ ପ୍ରମୁଖ ଯୋଗଦେଇ ଶିଶୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପୂର୍ବରୁ ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍କୁଲରେ ଅନୁଷ୍ଠିତ ଚିତ୍ରାଙ୍କନ, ବକ୍ତୃତା ଓ ନୃତ୍ୟ ପ୍ରତିଯୋଗିତାର ବରିଷ୍ଠ ବିଭାଗ ନୃତ୍ୟରେ ଅଂଶଗ୍ରହଣ କରିଥିବା ସୁଭଦ୍ରାପୁର ୟୁପି ସ୍କୁଲ, ସାରୋଇ ସ୍କୁଲ, ଦେଉଳିପାଳ ସ୍କୁଲ, ଭେଙ୍କଟେଶ୍ୱର ପବ୍ଲିକ ସ୍କୁଲ, ଝାଟିଆ ୟୁପି ସ୍କୁଲ, ଗୁରୁକୁଳ ପବ୍ଲିକ ସ୍କୁଲ, ଧର୍ମଶାଳା ପବ୍ଲିକ ସ୍କୁଲ ଓ କୃଷ୍ଣପଡ଼ା ୟୁପି ସ୍କୁଲର କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ନଗଦ ରାଶି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିବା ବିଭିନ୍ନ ସ୍କୁଲର ୪୨୦୦ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଦେବରାଜ ମିଶ୍ର, ଯୁବ ସଂଗଠକ ରାଜେଶ ପାଳ, ତୀର୍ଥରାଜ ପଣ୍ଡା, ସେକ ସମସୁଦ୍ଦିନ, ଲୋକନାଥ ମହାନ୍ତି, ଗୌତମ କୁମାର ସାହୁ, ଅଂଶୁମାନ ରଥ, ସବ୍ୟସଚୀ ସୁନ୍ଦର ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ସୁଦୀପ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଆଜିଠାରୁ ଯାଜପୁରରୋଡ୍‌ରେ କାର୍ତ୍ତିକେଶ୍ୱର ପୂଜା

ଯାଜପୁରରୋଡ୍,୧୫ା୧୧(ପବିତ୍ର ରଞ୍ଜନ ମହାନ୍ତି):

କାର୍ତ୍ତିକେଶ୍ୱର ପୂଜା ପାଇଁ ଯାଜପୁରରୋଡ୍ ମାଲଗୋଦାମ ବଜାର ଚଳଚଞ୍ଚଳ ହୋଇପଡ଼ିଛି। ରବିବାର କାର୍ତ୍ତିକ ସଂକ୍ରାନ୍ତି ଅବସରରେ ପୂଜା ଆରମ୍ଭ ହେବ। ଏହା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ଏହି ପୂଜା ୮୮ ବର୍ଷରେ ପଦାର୍ପଣ କରିଥିବା କମିଟି ସଭାପତି ସଦାଶିବ ଦାସ କହିଛନ୍ତି। ବର୍ତ୍ତମାନର ବ୍ୟାସନଗର ଅତୀତରେ ଡୋଲିପୁର ଭାବେ ପରିଚିତ ଥିଲା। ପରେ ଯାଜପୁରରୋଡ୍ ଓ ବର୍ତ୍ତମାନ ବ୍ୟାସନଗର ଭାବେ ପରିଚିତ। ଏହି ସହରରେ ସବୁ ପୂଜା ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଏକମାତ୍ର ମାଲଗୋଦାମ ବଜାର କମିଟି ପକ୍ଷରୁ ପ୍ରଥମେ କାର୍ତ୍ତିକେଶ୍ୱର ପୂଜା ଆରମ୍ଭ ହୋଇଥିଲା।

# ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଘାଟିତ

ପାଣିକୋଇଲି,୧୫ା୧୧(ବିକାଶ ମଲ୍ଲିକ): ପାଣିକୋଇଲି ବାଲିଦାଣ୍ଡରେ ଶନିବାର ଦ୍ୱିଦିବସୀୟ ୧୧ତମ ରାଜ୍ୟସ୍ତରୀୟ ଦିବାରାତ୍ରି କବଡ଼ି ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ଏଥିରେ ପୁରୁଷ ବିଭାଗରେ ୧୦ ଓ ମହିଳା ବିଭାଗରେ ୭ ଦଳ ଅଂଶଗ୍ରହଣ କରିଛନ୍ତି। ଅତିଥି ଭାବେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି, ସାମ୍ବାଦିକ ସୁବାସ ଧଳ, ଯାଜପୁର ଆଥଲେଟିକ ସମ୍ପାଦକ ସୁରେଶ ପଣ୍ଡା, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ବିଶ୍ୱାଳ, ସୁଧାଂଶୁ ଶେଖର ଘଡାଇ, ଦାମୋଦର ସାହୁ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ରେଫରିଭାବେ ରମେଶ ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡା, ଶୁଭଶ୍ରୀ ସାହୁ ଏବଂ ଘୋଷକ ଭାବେ ଆନନ୍ଦ ରଣା ଓ ଜ୍ଞାନ ରଞ୍ଜନ ଘଡ଼ାଇ ଯୋଗ ଦେଇଛନ୍ତି। ଅବିନାସୀ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟରେ ସଭାପତି ମନୋଜ ମଲିକ, ସମ୍ପାଦକ ସୁରେଶ ମଲିକ, ମ୍ୟାନେଜର କୈଳାସ ମଲିକ ଯୋଗଦେଇ ମ୍ୟାଚ୍‌କୁ ପରିଚାଳନା କରିଥିଲେ। ରାଜେନ୍ଦ୍ର ମଲିକ, ଚନ୍ଦ୍ରମଣି ମଲିକ, ଦୀପକ ଜେନା, ସନ୍ତୋଷ ମୁଣ୍ଡା, ପବିତ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ।


No.B-694

**OFFICE OF THE SUPERINTENDING ENGINEER**
**CUTTACK (R&B) DIVISION NO.I : CUTTACK**

E-Mail I.D. - eepwdcuttack@gmail.com, Tel./Fax No.(0671)-2304128

GOVERNMENT OF ODISHA 'e' Procurement Notice
e-procurement Notice for Building (E.I.) works
Bid Identification No. S.E. CTC(R&B)- 51 of 2025-26

The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in **Single Cover System** in ONLINE MODE from eligible contractor for Building work (E.I) as mentioned below.

1. No. of the Work : **12 (Twelve) Nos. of E.I Works**
2. Date & time of availability of bid document in the portal : **From dt.18.11.2025 to 5 P.M. of dt.03.12.2025**
3. Last date / time of receipt of bids in the portal : **5 P.M. of dt.03.12.2025**
4. Date & time of opening of bids : **11 A.M. of dt.04.12.2025**
5. Name and address of the Officer Inviting Bid : **Superintending Engineer, Cuttack (R&B) Division No.I, Cuttack**

Further details can be seen from the e-procurement portal "**https://tendersodisha.gov.in**

OIPR-

Sd./- Superintending Engineer, Cuttack (R&B) Division No.I



No.T-103

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**********
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.17.11.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-


# ବ୍ୟାସ ମିଡିଆକପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

ଯାଜପୁର,୧୫ା୧୧(ହର୍ଷବର୍ଦ୍ଧନ ବେହେରା): ବ୍ୟାସନଗର ପ୍ରେସ୍ ଫୋରମ ପକ୍ଷରୁ ବ୍ୟାସ ମିଡିଆ କପ କ୍ରିକେଟ ମ୍ୟାଚ ଶନିବାର ଏନ୍‌ସି ହାଇସ୍କୁଲ ପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଫୋରମର ସଭାପତି ଅଭୟ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ୟାସନଗର ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଅଧ୍ୟକ୍ଷା ସବିତା ରାଉତ, ସାମ୍ବାଦିକ ବାବୁରାମ ଜେନା, ସୁଜିତ ମଲ୍ଲିକ, ହର୍ଷବର୍ଦ୍ଧନ ବେହେରା, ଫୋରମର ମୁଖ୍ୟମାର୍ଗଦର୍ଶକ ଉଦୟନାଥ ଖଣ୍ଡାଇ ଓ ସମ୍ପାଦକ ମଳୟ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଖେଳକୁ ଉଦ୍‌ଘାଟନ କରିଥିଲେ।

ଉଦ୍‌ଘାଟନୀ ମ୍ୟାଚ୍ ଜିଲା ପୋଲିସ(ପାଣିକୋଇଲି) ଓ ଟାଟା ଷ୍ଟିଲ କଳିଙ୍ଗନଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜିଲା ପୋଲିସ ଟସ ଜିଣି ବ୍ୟାଟିଂ କରି ୧୦ଓଭରରେ ୬ ଉଇକେଟ ହରାଇ ୧୭୩ରନ କରିଥିଲା। ଟାଟାଷ୍ଟିଲ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଯଯାତି କେଶରୀ ପ୍ରେସ କ୍ଲବ ଯାଜପୁରରୋଡ ଓ ବ୍ୟାସନଗର ପୌରପରିଷଦର କାଉନସିଲର ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ ଜିଣି ଯଯାତୀ କେଶରୀ ପ୍ରେସ କ୍ଲବ୍ ବ୍ୟାଟିଂ କରି ୧୦ ଓଭର ମଧ୍ୟରେ ସମସ୍ତ ଉଇକେଟ ହରାଇ ୮୦ରନ ସଂଗ୍ରହ କରିଥିଲା। କାଉନସିଲର ଏକାଦଶ ନିର୍ଦ୍ଧାରିତ ଓଭର ମଧ୍ୟରେ ୬ ଉଇକେଟ ହରାଇ ଆବଶ୍ୟକ ରନକରି ବିଜୟୀ ହୋଇଥିଲା।

କ୍ୱାର୍ଟର ଫାଇନାଲ ମ୍ୟାଚ ପ୍ରଥମ ବିଜେତା ଟାଟା ଷ୍ଟିଲ ଓ ଦ୍ୱିତୀୟ ବିଜେତା କାଉନସିଲର ଏକାଦଶ ମଧ୍ୟରେ ହୋଇଥିଲା। ଟାଟା ଷ୍ଟିଲ ବ୍ୟାଟିଂ କରି ନିର୍ଦ୍ଧାରିତ ୮ଓଭରରେ ୨ ଉଇକେଟ ହରାଇ ୧୫୫ରନ କରିଥିଲା। କାଉନସିଲର ଏକାଦଶ ୬ ଉଇକେଟ ହରାଇ ୧୦୩ରନ କରି ପରାଜିତ ହୋଇଥିଲା। ପ୍ରଥମ ସେମି ଫାଇନାଲ ଖେଳ କ୍ୱାର୍ଟର ଫାଇନାଲ ମ୍ୟାଚର ବିଜେତା ଟାଟା ଷ୍ଟିଲ ଓ ପୂର୍ବବର୍ଷର ଚାମ୍ପିଅନ ଟିମ କୋରେଇ ପ୍ରେସ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ ଜିଣି କୋରେଇ ପ୍ରେସ କ୍ଲବ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ମଧ୍ୟରେ ୭ ଉଇକେଟ ହରାଇ ୧୦୬ରନ କରିଥିଲା। ଟାଟା ଷ୍ଟିଲ ନିର୍ଦ୍ଧାରିତ ଓଭର ମଧ୍ୟରେ ମାତ୍ର ୨ ଉଇକେଟ ହରାଇ ଆବଶ୍ୟକ ରନକରି ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଥିଲା। ଅମ୍ପାୟାର କଳିଙ୍ଗ ପଡ଼ି ଓ ଅସିମ ଦାଶ ଖେଳ ପରିଚାଳନା କରିଥିଲେ। ସ୍କୋରର ଭାବେ ପ୍ରଦୀପ ସାମଲ ଓ ଘୋଷକଭାବେ ଅଜୟ ସାହୁ, ପ୍ରହ୍ଲାଦ ଦେଓ ଯୋଗ ଦେଇଥିଲେ।


No.O-1442

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KENDRAPARA**

(eerw_kpd@yahoo.com)
1st Corrigendum to
Tender call Notice No - Tender Online RWD/KPD - 10 of 2025-26, Dated : 30.10.2025

Due to unavoidable circumstances the change as detailed below are hereby made in the above NIT.

1. Decision to conduct Lottery- if required to decide the agency, transparent Lottery shall be coducted on dt 09.12.2025 at 11.00 A.M. respectively in Office Chamber of the undersigned.
2. Period of availability of tenders online / Date of time bidding online / Date of opening of tender papers : The details are as follows

| Procurement Officer | Place of opening | Availability of tender on line for bidding in online | | Last date & time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Kendrapara | Office of the Superintending Engineer, Rural Works Division, Kendrapara | 19.11.2025 At 11:00 A.M. | Up to 5.00 P.M. on Dt.01.12.2025 | Up to 5:00 P.M. on 29.12.2025 | 02.12.2025 At 11:00 A.M. |

1. All other terms and conditions of the said Tender Call Notice shall remain unaltered.

OIPR-

Sd./- Executive Engineer
Rural Works Division, Kendrapara



**GOVERNMENT OF ODISHA**
**OFFICE OF THE EXECUTIVE ENGINEER, P.H. DIVISION, BALASORE**

Phone : 9438660004, e-mail : eephbls@gmail.com

NATIONAL COMPETITIVE BIDDING THROUGH e-Procurement (Online Mode)
Invitation for Bids (IFB) dt.12.11.2025

**No.C-1477** : The Executive Engineer, P.H. Division, Balasore on behalf of Governor of Odisha, invites Percentage Rate bids in Single Bid system in ONLINE mode only.

| Sl. No. | Name of the Work | Bid Identification No. | Value of Work (Rs. In Lakh) | Period of Completion | Availability of bid documents for online bidding | | Last date and time of seeking clarification | Date & Time of opening of Price bid |
|---|---|---|---|---|---|---|---|---|
| | | | | | From | To | | |
| 1 | Supply, Installation Testing & Commissioning of DG Sets (CPCB IV + GEN set with AMF Pannel) with Movable Trolley including shed for Soro Town | SEPHBLS-28 dt.12.11.2025 | 47.58 | 02 (two) calendar month | 11:00 Hrs. of dt.18.11.2025 | 17:00 Hrs. of dt.03.12.2025 | 17:00 Hrs. of dt.28.11.2025 | 11:00 Hrs. of dt.04.12.2025 |

The bidders shall have to participate in ONLINE bidding only. Further details can be seen from the website : http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.

**Name and Address of the officer inviting bid : The Superintending Engineer, P.H. Division, Balasore, At-Samalpur, Post-Balia, Dist-Balasore, Pin-756056, Odisha, Phone : 9438660004**

OIPR-

Sd./- Superintending Engineer, P.H.Division, Balasore



No.O-1423

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**

E_Mail ID: serwcbaripada@gmail.com, Ph-No-06792-261343/261344, Gangraj, Baripada

"e" Procurement Notice for Weir on Bridge Work
Identification No.- Online Tender- Weir on Bridge N.C.B. No.398 for 2025-26.
Letter No.5167/Date 11.11.2025//

1. Name of the work : Construction of Weir adjacent to Bridge in the District of Mayurbhanj, 2. Total No. of work : 04 Nos. (Four), 3. Estimated Cost : **Rs.100.45 Lakhs to Rs.127.61 Lakhs (approximately)**. 4. Eligible Class of Contractor : **As per annexure**, 5. Period of Completion : **As per annexure**, 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Weir on Bridge On-line N.C.B. No.398 | Dt.17.11.2025 at 11.00 A.M. | Dt.01.12.2025 up to 5.00 P.M. | Dt.29.11.2025 up to 5.00 P.M. | Dt.02.12.2025 at 11.00 A.M. | Will be intimated later |

- **Further details can be seen from the website: www.tendersorissa.gov.in.**
- **Any Corrigendum / Addendum will be displayed in the above e_tender website only.**

OIPR-

Sd./- Er. A.K Naik
Chief Construction Engineer,
R.W. Circle, Baripada



**ବିଜ୍ଞାପନ** No. RR-27

**ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର**

ପ୍ଲଟ ନଂ-୧/ଏ, ଜାଭିୟର୍ ଛକ, ଜୟଦେବ ବିହାର, ଭୁବନେଶ୍ୱର - ୭୫୧୦୧୩
Email:gkcmorc@gmail.com, Website: gkcmorc.org

ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଓଡ଼ିଶୀ ନୃତ୍ୟ ଏବଂ ସଙ୍ଗୀତ (କଣ୍ଠ,ମର୍ଦ୍ଦଳ, ଯନ୍ତ୍ର ସଙ୍ଗୀତ)ରେ ଦୁଇ ବର୍ଷିଆ ପ୍ରଗାଢ଼ ଅଗ୍ରୀମ ପାଠ୍ୟକ୍ରମ (Intensive advanced Course) ନିମନ୍ତେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଛାତ୍ରଛାତ୍ରୀ ଗ୍ରହଣ କରାଯିବ । ଶିକ୍ଷା ନବିଶମାନଙ୍କୁ ରହିବା ପାଇଁ ହଷ୍ଟେଲ୍‌ର ସୁବିଧା ସହିତ ମାସିକ ଟ.୫୦୦୦/- ହାରରେ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ । ନିମ୍ନଲିଖିତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀମାନେ ସବିଶେଷ ବିବରଣୀ ଏବଂ ଫଟୋଗ୍ରାଫ୍ ସହିତ ବିଜ୍ଞାପନ ପ୍ରକାଶିତ ହେବାର ୩୦ଦିନ ମଧ୍ୟରେ (ତା.୧୬.୧୧.୨୦୨୫ ରିଖ ଠାରୁ ତା.୧୫.୧୨.୨୦୨୫) ନିମ୍ନଲିଖିତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀନୀ/ପ୍ରାର୍ଥୀମାନେ ଉପରୋକ୍ତ Website କୁ ଯାଇ Online ମାଧ୍ୟମରେ ଆବେଦନ କରିପାରିବେ କିମ୍ବା Website ରୁ Application form download କରି ଡାକ ଦ୍ୱାରା ମଧ୍ୟ ଆବେଦନ କରିପାରିବେ ।

ନୃତ୍ୟ ଏବଂ ସଂଗୀତର ପ୍ରତିଷ୍ଠିତ ଗୁରୁମାନଙ୍କ ଦ୍ୱାରା ଶିକ୍ଷାଦାନ ଦିଆଯିବ । ଛାତ୍ରଛାତ୍ରୀଙ୍କର ସର୍ବାଙ୍ଗୀନ ଉନ୍ନତି ସାଧନ ନିମନ୍ତେ ନୃତ୍ୟ-ସଂଗୀତ ସହିତ ଆନୁସଂଗିକ ବିଷୟ ଗୁଡ଼ିକର ମଧ୍ୟ ପ୍ରଶିକ୍ଷଣ ଦିଆଯିବ ।

**ଆବଶ୍ୟକୀୟ ଯୋଗ୍ୟତା**

(୧) ପ୍ରାର୍ଥୀଙ୍କର ବୟସ ସୀମା ୧୮ ବର୍ଷରୁ ୩୦ ବର୍ଷ ମଧ୍ୟରେ ହୋଇଥିବ । (୨) ପ୍ରାର୍ଥୀ କୌଣସି ବିଶ୍ୱବିଦ୍ୟାଳୟ କିମ୍ବା ତତ୍ତୁଲ୍ୟ ସ୍ୱୀକୃତିପ୍ରାପ୍ତ ନୃତ୍ୟ ଏବଂ ସଙ୍ଗୀତରେ ଉଚ୍ଚତର ଶିକ୍ଷା ଲାଭ କରିଥିବେ କିମ୍ବା ପ୍ରତିଷ୍ଠିତ ଗୁରୁଙ୍କ ଅଧୀନରେ ଅନ୍ୟୁନ ୬ ବର୍ଷ ଶିକ୍ଷା ଲାଭ କରିଥିବେ । (୩) ସାଧାରଣ ଶିକ୍ଷା କ୍ଷେତ୍ରରେ ଅନ୍ୟୁନ ମାଟ୍ରିକ୍ ପାସ୍ କରିଥିବେ । (୪) ଶିକ୍ଷାର୍ଥୀମାନଙ୍କର ପରିବେଷଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ।

ବିଶେଷ ଦ୍ରଷ୍ଟବ୍ୟ : ଏହି ପାଠ୍ୟକ୍ରମ ୨୦୨୬ ଜାନୁୟାରୀ ମାସରୁ ଆରମ୍ଭ କରାଯିବ । ନୃତ୍ୟ ଏବଂ ସଂଗୀତ ବିଭାଗ ନିମନ୍ତେ ପ୍ରାର୍ଥୀ ପୃଥକ ପୃଥକ ଭାବରେ ଆବେଦନ କରିବେ ।

OIPR:

ମୁଖ୍ୟ ନିର୍ବାହୀ



**OFFICE OF THE SUPERINTENDING ENGINEER**
**RWS&S DIVISION, JAGATSINGHPUR**

Tel. No. 06724-223485, mail - rwssjspur@gmail.com

e-Procurement Notice
Bid Identification No. 35 of 2025-26

**No.O-1415** : The Executive Engineer, RWS&S Division, Jagatsinghpur on behalf of Governor of Odisha invites Lump sum composite bids in Double Cover system in online mode for Execution of RPWS scheme on Turnkey basis from eligible Class of contractors.

1. Name of work : Execution of PWS
2. No. of work : 02 Nos
3. Estimated Cost : Rs. 1,06,45,932/- to Rs. 1,47,04,949/-
4. Cost of Tender paper : Rs. 10000/- Each
5. Class of contractor : 'B' & 'A'
6. Availability of Tender in website : 17.11.2025 to 26.11.2025
7. Submission of Bid in online : 17.11.2025 to 26.11.2025
8. Date of seeking clarification : 17.11.2025 to 24.11.2025
9. Date of opening of bids : 27.11.2025 (11.00 A.M.)
10. Name and address of O.I.T : Superintending Engineer, RWS&S Division, Jagatsinghpur
11. All other details can be seen from the website : www.tendersorissa.gov.in
12. Bid cost and Bid security should be submitted in online mode
13. Subsequent corrigendum/addendum if required shall only be appeared in above website.

OIPR-

Sd./- Executive Engineer
RWS&S Divn., Jagatsinghpur


See Career Appointment on every Wednesday & Saturday

# ଅଗ୍ନିକାଣ୍ଡ: ୩ ପରିବାରର ୧୦ ବଖରା ଜଳିଗଲା

ରାଜନଗର,୧୫।୧୧(ଭାସ୍କର ରାଉତରାୟ)

ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତ ହଂସୁଆ ଗୁଲାଗାଁରେ ଭୟାବହ ଅଗ୍ନିକାଣ୍ଡ ଘଟି ୩ ପରିବାରର ୧୦ ବଖରା ପୋଡି ପାଉଁଶ ହୋଇଯାଇଛି । ଶନିବାର ରାତି ପ୍ରାୟ ୮ ଟାରେ ଗାଁର ଫକୀର ବିଶ୍ୱାଳଙ୍କ ଘରେ ନିଆଁ ଲାଗି ବ୍ୟାପି ଯାଇଥିଲା। ନିଆଁ ଫକୀରଙ୍କ ଘରରୁ ଘନଶ୍ୟାମ ବିଶ୍ୱାଳ ଓ ପବିତ୍ର ବିଶ୍ୱାଳଙ୍କ ଘରକୁ ବ୍ୟାପି ଯାଇଥିଲା । ଏଥିରେ ୩ ପରିବାରର ୧୦ ବଖରା ସମ୍ପୂର୍ଣ୍ଣ ଜଳିଥିଲା। ଅଗ୍ନିକାଣ୍ଡରେ ବିପନ୍ନ ୩ ପରିବାରର ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଆସବାବ ପତ୍ର ପୋଡିଯାଇଛି । ନିଆଁ ଲାଗିବା ସମୟରେ ଘର ଭିତରେ ପରିବାର ସଦସ୍ୟ ଥିଲେ। ଜଣାପଡିବା ପରେ ଘରୁ ବାହାରକୁ ଚାଲି ଆସିଥିଲେ। ଶର୍ଟ ସର୍କିଟରୁ ନିଆଁ ଲାଗିଥିବା ଭିତରକୁ କେହି ପଶି ପାରିନଥିଲେ। ଖବର ପାଇ ଅଗ୍ନିସମ ବାହିନୀ ପହଞ୍ଚିବା ବେଳକୁ ସବୁ ପୋଡି ପାଉଁଶ ହୋଇ ସାରିଥିଲା। ୩ ପରିବାରର ୧୬ ଜଣ ସଦସ୍ୟ ଜୀବନ ରକ୍ଷା କରିବାରେ ସକ୍ଷମ ହୋଇଥିଲେ ମଧ୍ୟ ସର୍ବସ ହରାଇଛନ୍ତି ।

# ଜନଜାତି ସମ୍ପ୍ରଦାୟ ପାଇଁ ବିର୍ସା ଥିଲେ ଭଗବାନ



ବିର୍ସା ମୁଣ୍ଡା ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଏରସମା, ୧୫।୧୧ (ଦୀପ୍ତି ଖଣ୍ଡୁଆଲ)

## ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ

ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ଆଶ୍ରମ ବିଦ୍ୟାଳୟ ପରିସରରେ ଶନିବାର ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲ୍ଲା ଜନ ମଙ୍ଗଳ ଅଧିକାରୀ ପବିତ୍ର ମହନ ପ୍ରଧାନ ସଭାରେ ଅଧ୍ୟକ୍ଷତା କରି କହିଥିଲେ, ବିର୍ସାଙ୍କ ଜୟନ୍ତୀ ଦିବସକୁ ଜନ ଜାତୀୟ ଗୌରବ ଦିବସ ଭାବେ ଘୋଷଣା କରାଯାଇଛି। ସହକାରୀ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଏରସମା ବିଡିଓ ଦାଶରଥି ଜେନା ବରେଣ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ବିର୍ସା ମୁଣ୍ଡା ହେଉଛନ୍ତି, ଜଣେ କର୍ତ୍ତବ୍ୟନିଷ୍ଠ ସ୍ୱାଧୀନତା ସଂଗ୍ରାମୀ। ଜନଜାତି ସମ୍ପ୍ରଦାୟରେ ଲୋକେ ତାଙ୍କୁ ଭଗବାନ ଆଖ୍ୟା ଦେଇଥିଲେ। ସ୍ଥାନୀୟ ସରପଞ୍ଚ ପ୍ରତିଭାରାଣୀ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ବିର୍ସାଙ୍କ ସାଧୁତା ଉପରେ ବକ୍ତବ୍ୟ ଦେଇଥିଲେ। ସାମାଜିକ କର୍ମୀ ଅରୁଣ କୁମାର ବେହେରା, ଗୌରାଙ୍ଗ ହେମ୍ବ୍ରମ, ଆଶ୍ରମ ବିଦ୍ୟାଳୟର ପରିଚାଳନା କମିଟି ଚେୟାରମ୍ୟାନ ମିଟୁ ମହାଳି, ସମିତି ସଭ୍ୟ ନାରାୟଣ ସେଠୀ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ହୋଇ ବିର୍ସାଙ୍କ ଆଦର୍ଶ ଜୀବନ ଉପରେ ଆଲୋକପାତ କରିଥିଲେ। ଏହି ବିଦ୍ୟାଳୟ ସହ ବ୍ଲକ ଅନ୍ତର୍ଗତ ମଠସାହି ବାଳିକା ଆଶ୍ରମ ବିଦ୍ୟାଳୟ ଓ ପାରାଦୀପ ବାଳିକା ଆଶ୍ରମ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅତିରିକ୍ତ ଜିଲ୍ଲା ଜନ ମଙ୍ଗଳ ଅଧିକାରୀ ରଞ୍ଜୁ ଦେଇ,ଏରସମା ବ୍ଲକ ଜନ ମଙ୍ଗଳ ଅଧିକାରୀ ଗୁରୁ ପ୍ରସନ ସାହୁ, ପଦ୍ମପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନିମା ମହାନ୍ତି, ମଠସାହି ବାଳିକା ସ୍କୁଲର ପ୍ରଧାନ ଶିକ୍ଷକ ତପନ ଦାସ, ଲକ୍ଷ୍ମୀପ୍ରିୟା ମହାପାତ୍ର, ଲକ୍ଷ୍ମୀପ୍ରିୟା ମାଇତି, ନରସିଂହ ମହାପାତ୍ର, ସଂଗ୍ରାମ ନାୟକ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

# କାର୍ତ୍ତିକେଶ୍ୱର ପୂଜା, ଭସାଣି ଉତ୍ସବ

କୁଜଙ୍ଗ, ୧୫।୧୧(ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଅଗପାଳ ପଞ୍ଚାୟତ ଅନ୍ତର୍ଗତ ବାଘୁଆଙ୍ଗେସ୍ଥିତ ବାବା ବିଶ୍ୱନାଥଙ୍କ ପୀଠରେ ଚାଲିଥିବା ୪୯ ତମ କାର୍ତ୍ତିକେଶ୍ୱର ପୂଜାଭସାଣି ଉତ୍ସବ ଶନିବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ପୂଜାକୁ କମିଟି ସଭାପତି ସୌଭାଗ୍ୟଚନ୍ଦ୍ର ଦେବ ଦାଶ, ସମ୍ପାଦକ ଚନ୍ଦ୍ରକାନ୍ତ ଶତପଥୀ, କୋଷାଧ୍ୟକ୍ଷ ଅରବିନ୍ଦ ରଥ, ସଭ୍ୟ ଚନ୍ଦ୍ରକାନ୍ତ ଦାସ, ଅରବିନ୍ଦ ଦାଶ, ବିଶ୍ୱଜିତ ଶତପଥୀ, ତପନ ମହାନ୍ତି, ରବୀନ୍ଦ୍ର ଦାସ ଓ ସୁଦର୍ଶନ ମହାରଣା ପ୍ରମୁଖ ପରିଚାଳନା କରିଥିଲେ।



ଭସାଣି ଶୋଭାଯାତ୍ରାରେ ବାହାରିଥିବା କାର୍ତ୍ତିକେଶ୍ୱରଙ୍କ ମେଢ଼।

# ଯୁବଚାଷୀ ମୃତ ଘଟଣା: ସହକାରୀ ଯନ୍ତ୍ରୀ ନିଲମ୍ବିତ

ରଘୁନାଥପୁର,୧୫।୧୧(ରାଜେନ୍ଦ୍ର ନାରାୟଣ ସିଂହ)

ବିଦ୍ୟୁତ୍ ଆଘାତରେ ରଘୁନାଥପୁର ଥାନା ଅନ୍ତର୍ଗତ କୁଆମଙ୍ଗା ଗୋଡ଼ିପଡ଼ିଆ ଗ୍ରାମର ଯୁବଚାଷୀ ସଞ୍ଜୀବ ପ୍ରଧାନଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସମ୍ପୃକ୍ତ ସହକାରୀ ଯନ୍ତ୍ରୀ ଦୀପକ କୁମାର ସାହୁଙ୍କୁ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ଅଭିଯୋଗରେ ବିଦ୍ୟୁତ୍ ବିଭାଗ ସିଇଓ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ଗତ ଗୁରୁବାର ମୃତ ସଞ୍ଜୀବ ନିଜ ଧାନ ବିଲକୁ ଯାଇଥିବା ବେଳେ ବିଲରେ ଛିଣ୍ଡି ପଡ଼ିଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଉତ୍ତ୍ୟକ୍ତ ଗ୍ରାମବାସୀ କ୍ଷତି ପୂରଣ ଦାବି କରି କଟକ-ପାରାଦୀପ ରାଜରାସ୍ତାକୁ ଦୀର୍ଘ ୫ଘଣ୍ଟା ଧରି ଅବରୋଧ କରିଥିଲେ। ଏହି ଘଟଣାରେ ମୃତକଙ୍କ ପରିବାର ପକ୍ଷରୁ ବିଦ୍ୟୁତ୍ ବିଭାଗ ବିରୋଧରେ ଥାନାରେ ଅଭିଯୋଗ କରାଯାଇଥିଲା। ଏହାକୁ ଭିତ୍ତିକରି ରଘୁନାଥପୁର ଥାନା ଆଇଆଇସି ସୁଶାନ୍ତ କୁମାର ସେଠୀ ମାମଲା (ନଂ.୨୪୧/୨୫)ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

# ସାହିତ୍ୟ, ସଂସ୍କୃତି ସଭ୍ୟତାକୁ ସମୃଦ୍ଧ କରେ: ବାବା ବଳିଆ

ତିର୍ତ୍ତୋଲ, ୧୫।୧୧ (ଗୌରାଙ୍ଗ ଚରଣ ସାଇଁ)



ଜଗତ୍‌ସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ କାଇଁଟୋଳ ଗ୍ରାମର ବଟ ମହାପୁରୁଷ ଗାଦି ପରିସରରେ ବଟଶ୍ରୀ ଚାରିଟେବଲ୍ ଟ୍ରଷ୍ଟର ପଞ୍ଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଆଇନଜୀବୀ ମଞ୍ଜୁଲତା ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସାହିତ୍ୟିକ ଝଙ୍କଡ଼ ରତ୍ନ ଗୋଲେଖ ବିହାରୀ ପଲାଇ, ମୁଖ୍ୟ ବକ୍ତାଭାବେ ଅନଙ୍ଗ କୁମାର ମହାପତ୍ର, ବରଣ୍ୟ ଅତିଥିଭାବେ ସୁବାସ ଚନ୍ଦ୍ର ରାଉତ ଯୋଗ ଦେଇଥିଲେ। ଏହି ଅବସରରେ କବି ବାସବ ନନ୍ଦଙ୍କ ସଂଯୋଜନାରେ କବିତା ପାଠ କରାଯାଇଥିଲା। ପରେ କାଇଁଟୋଳ ଗ୍ରାମର କୁନିକୁନି କଳାକାରଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାରେ ଶିଶୁ ଅନନ୍ତ ଆଶ୍ରମର ଅଧ୍ୟକ୍ଷ ପଦ୍ମଶ୍ରୀ ବାବା ବଳିଆ ଯୋଗଦେଇ ସାହିତ୍ୟ, ସଂସ୍କୃତି ଓ ଭଗବତ ଗୀତା ଉପରେ ହୃଦୟସ୍ପର୍ଶୀ ବକ୍ତବ୍ୟ ଦେଇଥିଲେ। ସାହିତ୍ୟ, ସଂସ୍କୃତି ସଭ୍ୟତାକୁ ସମୃଦ୍ଧ କରେ ବୋଲି କହିଥିଲେ। ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ କୁମାର ନାୟକଙ୍କୁ ବାବା ବଳିଆ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ସେହିପରି ଆଦର୍ଶ ସାମାଜିକ କର୍ମୀ ପର୍ଶୁରାମ ମାଣିକ, କ୍ରୀଡ଼ାବିତ୍ ଭୁବନ ମୋହନ ଦାସ, ଦୂରଦର୍ଶନ କେନ୍ଦ୍ରର ଅବସରପ୍ରାପ୍ତ କର୍ମଚାରୀ ପ୍ରଭାତ କୁମାର ପରିଡା, ସାହିତ୍ୟିକ ସୁଶ୍ରୀ ପାୟଲ ମଣ୍ଡଳ ଓ ଶ୍ରୀ ସତ୍ୟସାଇ ଯୁବ ସହାୟତା ସଙ୍ଗଠନକୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦିକା ବିଭୁସ୍ମିତା ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାଇଁଟୋଳ ଗ୍ରାମବାସୀଙ୍କ ସହଯୋଗରେ ଏହି ବାର୍ଷିକ ଉତ୍ସବ ଆୟୋଜିତ ହୋଇଥିଲା। ସଙ୍ଗଠନର ମୁଖ୍ୟ ପରାମର୍ଶଦାତା ଆଲୋକ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ।

# ବ୍ଲକ୍ ଠିକାଦାର ସଂଘ ବୈଠକ, କର୍ମକର୍ତ୍ତା ନିର୍ବାଚନ

ରଘୁନାଥପୁର,୧୫।୧୧
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଠିକାଦାର ସଂଘ ପକ୍ଷରୁ ଖଣ୍ଡତରୀ ଜଇପୁରସ୍ଥିତ ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୦ ଜଣ ସଦସ୍ୟ ଯୋଗଦେଇଥିଲେ। ଏହି ଅବସରରେ ଅରବିନ୍ଦ ସ୍ୱାଇଁ(ଗୁଟୁ)ଙ୍କୁ ସଭାପତି, ତପନ କୁମାର ସାମଲ ସମ୍ପାଦକ ଓ ସୁଜିତ କୁମାର ସେଠୀଙ୍କୁ କାର୍ଯ୍ୟକାରୀ ପରିଚାଳକଭାବେ ମନୋନୀତ କରାଯାଇଛି। ସରକାରୀ ଭାବେ ବିଭିନ୍ନ ବିଭାଗରେ ହେଉଥିବା ଟେଣ୍ଡରରେ ଧାର୍ଯ୍ୟ ମୂଲ୍ୟଠାରୁ କମ୍ ମୂଲ୍ୟରେ ଟେଣ୍ଡର ପକାଯିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଣୁ ସ୍ଥିରୀକୃତ ମୂଲ୍ୟଠାରୁ କମ୍ ରେଟ୍‌ରେ କୌଣସି ସଦସ୍ୟ ଟେଣ୍ଡର ନ ପକାଇବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହାଛଡା ରବିବାର ଅନୁଷ୍ଠିତ ହେବାକୁ ଥିବା ଠିକାଦାର ସଂଘର ଜିଲ୍ଲାସ୍ତରୀୟ ବୈଠକରେ ଯୋଗଦେବା ପାଇଁ ବ୍ଲକ ସଂଘର ସଦସ୍ୟମାନଙ୍କୁ ଅବଗତ କରାଯାଇଥିଲା। ପରେ ସଂଘର ସୁପରିଚାଳନା ଓ ଅନ୍ୟାନ୍ୟ ପ୍ରସ୍ତାବ ଉପରେ ଆଲୋଚନା ହୋଇ ସଭା ଶେଷ ହୋଇଥିଲା।



ବୈଠକରେ ସାମିଲ ହୋଇଥିବା ଠିକାଦାର ସଂଘର ସଦସ୍ୟମାନେ।

# ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳିତ

ରାଜନଗର,୧୫।୧୧(ଭାସ୍କର ରାଉତରାୟ)

ରାଜନଗରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହାକୁ ସ୍ୱଦେଶୀ ଜାଗରଣ ମଞ୍ଚ କେନ୍ଦ୍ରାପଡ଼ା ଜିଲ୍ଲା ସଂଯୋଜକ ମନୋରଞ୍ଜନ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିର୍ସାମୁଣ୍ଡାଙ୍କ ଫଟୋରେ ପୁଷ୍ପ ମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ ସହ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଅଧ୍ୟାପକ ସଞ୍ଜୟ କୁମାର ବାଗ, ସମ୍ମାନିତ ଅତିଥି ଆଇନଜୀବୀ ଦେବଦତ୍ତ ସେଠୀ ଯୋଗ ଦେଇଥିଲେ। ଏଥିରେ ପରିଷଦର ନଗର ସମ୍ପାଦକ ସୁକୁମାର ମାନ୍ନା ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଅତିଥି ମାନେ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ ବିର୍ସାମୁଣ୍ଡାଙ୍କ ସଂଘର୍ଷମୟ ଜୀବନୀ ଉପରେ ଆଲୋକ ପାତ କରିଥିଲେ। ବିବେକାନନ୍ଦ ଦାସ ଧନ୍ୟବାଦ ଅର୍ପଣ ଦେଇଥିଲେ। ସେହିପରି ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟ ଓ ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରଣୟ କୁମାର ବେହେରା ପରିଚାଳନା କରିଥିଲେ। ଏଥିରେ ଅର୍ଥନୀତି ବିଭାଗ ମୁଖ୍ୟ ଅଧ୍ୟାପକ ବସନ୍ତ କୁମାର ବେହେରା, ଅଧ୍ୟାପିକା ଅନୁସୂୟା ବେହେରା ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଦେଶପ୍ରେମ ଏବଂ ଇଂରେଜମାନଙ୍କ ବିରୋଧରେ କିପରି ସଂଗ୍ରାମ କରିଥିବା କାହାଣୀ ବାଖ୍ୟା କରିଥିଲେ। ଅଧ୍ୟକ୍ଷ ମହାନ୍ତି ତାଙ୍କ ବକ୍ତବ୍ୟରେ କହିଥିଲେ, ଊନବିଂଶ ଶତାବ୍ଦୀର ଶେଷଭାଗରେ ଭାରତର ପୂର୍ବାଞ୍ଚଳର ଘଞ୍ଚ ଜଙ୍ଗଲ ମଧ୍ୟରେ ଯେଉଁ ବିପ୍ଳବର ସ୍ୱର ଝଙ୍କୃତ ହୋଇଥିଲା ତାହାହିଁ ଥିଲା ବ୍ରିଟିଶ ରାଜ ପ୍ରତିଷ୍ଠା ବିରୋଧରେ ପ୍ରତିବାଦର ସ୍ୱର। ଏହି ଅନ୍ଦୋଳନର ମୁଖ୍ୟ ସୂତ୍ରଧର ଥିଲେ ବିର୍ସା ମୁଣ୍ଡା । ଅଧ୍ୟାପକ ଡ଼ ଆଲୋକ ବେହେରା ସ୍ୱାଧୀନତା ସଂଗ୍ରାମରେ ବିର୍ସା ମୁଣ୍ଡାଙ୍କୁ କିପରି ହତ୍ୟା କରାଯାଇଥିଲା ସେ ବିଷୟରେ କହିଥିଲେ।

# ଭାଜପା ପାଳିଲା ବିଜୟ ଉତ୍ସବ

ଜଗତ୍‌ସିଂହପୁର, ୧୫।୧୧ (ପ୍ରମୋଦ କୁମାର ନାୟକ): ନୂଆପଡ଼ା ଉପନିର୍ବାଚନରେ ଭାଜପାର ବୃହତ ବିଜୟ ହୋଇଛି। ସେହିପରି ବିହାର ନିର୍ବାଚନରେ ମଧ୍ୟ ଭାଜପାକୁ ବଡ ସଫଳତା ମିଳିଛି। ଏହି ଫଳାଫଳ ଘୋଷଣା ପରେ ଜଗତ୍‌ସିଂହପୁରରେ ଭାଜପା ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଛି। ସ୍ଥାନୀୟ ଥାନା ଛକରେ ବହୁ ସଂଖ୍ୟାରେ ଭାଜପା ନେତା ଓ କର୍ମୀମାନେ ଏକାଠି ହୋଇ ମିଠା ଖାଇବା ସହ ଆତସବାଜୀ ଓ ବାଣ ଫୁଟାଇ ଏହି ଉତ୍ସବକୁ ଧୁମଧାମରେ ପାଳନ କରିଥିଲେ। ବିଶେଷକରି ଦଳୀୟ ନେତା ଓ କର୍ମୀମାନେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କୁ ମିଷ୍ଟାନ ଖୁଆଇ ଖୁସୀ ମନାଇବା ଦୃଶ୍ୟ ନିଆରା ପରିବେଶ ସୃଷ୍ଟି କରିଥିଲା। ଭାଜପା ଜିଲ୍ଲା ଉପସଭାପତି ସୌଭାଗ୍ୟ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ଜଗନ୍ନାଥ ଦାଶ, ବିଧାୟକଙ୍କ ନଗର ପ୍ରତିନିଧି ସୁଶାନ୍ତ ରଞ୍ଜନ ସ୍ୱାଇଁ, ପାରିଷଦ ଦେବାଶିଷ ସ୍ୱାଇଁ, ଶ୍ରୀକାନ୍ତ ଚୌଧୁରୀ, ଅକ୍ଷୟ ପାତ୍ର, ଲକ୍ଷ୍ମୀକାନ୍ତ ସ୍ୱାଇଁ, ବରୋଦା ପ୍ରସନ୍ନ ରାୟ, ସଞ୍ଜୟ ପଲାଉ, ପ୍ରମୁଖ ଯୋଗ ଦେଇଥିଲେ।

No.B-694
OFFICE OF THE SUPERINTENDING ENGINEER
CUTTACK (R&B) DIVISION NO.I : CUTTACK
E-Mail I.D. - eepwdcuttack@gmail.com, Tel./Fax No.(0671)-2304128
GOVERNMENT OF ODISHA 'e' Procurement Notice
e-procurement Notice for Building (E.I.) works
Bid Identification No. S.E. CTC(R&B)- 51 of 2025-26
The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in **Single Cover System** in ONLINE MODE from eligible contractor for Building work (E.I) as mentioned below.
1. No. of the Work : **12 (Twelve) Nos. of E.I Works**
2. Date & time of availability of bid document in the portal : **From dt.18.11.2025 to 5 P.M. of dt.03.12.2025**
3. Last date / time of receipt of bids in the portal : **5 P.M. of dt.03.12.2025**
4. Date & time of opening of bids : **11 A.M. of dt.04.12.2025**
5. Name and address of the Officer Inviting Bid : **Superintending Engineer, Cuttack (R&B) Division No.I, Cuttack**
Further details can be seen from the e-procurement portal **"https://tendersodisha.gov.in**
Sd./- Superintending Engineer, Cuttack (R&B) Division No.I
OIPR-

No.T-103
ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
**********
ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା
ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.17.11.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।
ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-

# ଏରସମାରେ ବିଜୟ ଉତ୍ସବ

ଏରସମା, ୧୫। ୧୧ (ଦୀପ୍ତି ଖଣ୍ଡୁଆଲ)

ଏରସମା ବ୍ଲକ ମୁଖ୍ୟାଳୟରେ ଶୁକ୍ରବାର ରାତିରେ ଭାଜପା ପକ୍ଷରୁ ନୂଆପଡା ବିଜୟକୁ ନେଇ ବିଜୟ ଉତ୍ସବ ପାଳନ କରାଯାଇଛି। ନିର୍ବାଚନ ମଣ୍ଡଳୀର ଭାଜପା ନେତା ସତ୍ୟ ସାରଥୀ ମହାନ୍ତି ଏଥିରେ ଯୋଗଦେଇ କହିଥିଲେ ଯେ, ଜନସାଧାରଣଙ୍କର ବିଜେପି ପ୍ରତି ଥିବା ଗଭୀର ଆନ୍ତରିକତା ନୂଆପଡା ଉପନିର୍ବାଚନରେ ସ୍ପଷ୍ଟ ହୋଇଛି। ଏହି ଅବସରରେ ସେଠାରେ ଦୀପାବଳି ପରି ବାଣ ଫୁଟାଯାଇଥିଲା। ଏଥିରେ ଏମ୍‌ପିଙ୍କ ପ୍ରତିନିଧି ଜଟାଧାରୀ ସ୍ୱାଇଁ, ନୃସିଂହ ସାହୁ, ନିର୍ଲିପ୍ତ ଜେନା, ମାନସ କୁମାର ସ୍ୱାଇଁ, ରାଜଶ୍ରୀ ପଟ୍ଟନାୟକ, ଅମରେନ୍ଦ୍ର ଦଳାଇ, ତପନ କୁମାର ସ୍ୱାଇଁ, ଅଜୟ କୁମାର ଲେଙ୍କା,ତପନ ଗଛାୟତ ପ୍ରମୁଖ ଶତାଧିକ କର୍ମୀ ସାମିଲ ସାମିଲ ହୋଇଥିଲେ। କର୍ମମାନେ ଶୋଭାଯାତ୍ରାରେ ଏରସମା ବଜାର ପରିକ୍ରମା କରିବା ସହ ବିଜୟ ଉତ୍ସବ ପାଳନ କରିଥିଲେ। ଏଥିସହ ବଜାରରେ ମିଠା ବାଣ୍ଟିଥିଲେ।

# ସମବାୟ ଆନ୍ଦୋଳନକୁ ଚାଷୀଙ୍କ ନିକଟରେ ପହଞ୍ଚାଅ



ଉପନିବନ୍ଧକ ପ୍ରଭାକର ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପତାକା ଉତ୍ତୋଳନ କରୁଛନ୍ତି ।

ଡେରାବିଶ, ୧୫।୧୧ (ବେବର୍ତ୍ତା ଅଜୟ ଦାସ)

## କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ସମବାୟ ସପ୍ତାହ ଉଦ୍‌ଘାଟିତ

ସର୍ବଭାରତୀୟ ୭୨ତମ ସମବାୟ ସପ୍ତାହ ଅବସରରେ ଶୁକ୍ରବାର ଡେରାବିଶ ବ୍ଲକ କୁସିଆପାଳ ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତିରେ କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ସମବାୟ ସପ୍ତାହ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଜିଲ୍ଲା ସମବାୟ ସମିତି ସମୂହ ଉପନିବନ୍ଧକ ପ୍ରଭାକର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ପତାକା ଉତ୍ତୋଳନ କରିଥିଲେ। ପରେ ସମିତି ସଭାପତି ନାରାୟଣ ପ୍ରସାଦ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ନାୟକ ସମବାୟ ସପ୍ତାହ ପାଳନ ସମ୍ପର୍କରେ ବିଶଦ ତଥ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ନିବନ୍ଧକ ଯୋଗେନ୍ଦ୍ର ନାଥ ବିଶ୍ୱାଳ, ଉପସହକାରୀ ନିବନ୍ଧକ ବିକାଶ କୁମାର ତରାଇ ଓ ସୁଶାନ୍ତ କୁମାର ମିଶ୍ର ଯୋଗଦେଇ ସମବାୟ ଆନ୍ଦୋଳନକୁ କିପରି ଚାଷୀଙ୍କ ନିକଟରେ ପହଞ୍ଚାଯିବ ଏବଂ ଏହାକୁ କିପରି ସୁଦୃଢ଼ କରାଯିବ ତା' ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମିତି ଉପସଭାନେତ୍ରୀ ସସ୍ମିତା ପାତ୍ର, ପରିଚାଳନା ସମିତି ନିର୍ଦ୍ଦେଶକ ଫଗୁଚରଣ ସାହୁ, ନିର୍ମଳ କୁମାର ସେଠୀ, କେଳୁଚରଣ ନାଥ, ଗୋଲଖ ଚନ୍ଦ୍ର ସାହୁ ଓ ଧ୍ରୁବ ଚରଣ ବିହାରୀ ପ୍ରମୁଖ ଯୋଗଦେଇ ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସମିତି ସମ୍ପାଦକ ମୃତ୍ୟୁଞ୍ଜୟ ଦାଶ ଧନ୍ୟବାଦ ଦେଇଥିଲେ। ଏଥିରେ ଶତାଧିକ ଚାଷୀ ଯୋଗଦେଇଥିଲେ।

No.O-1442
GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, KENDRAPARA
(eerw_kpd@yahoo.com)
1st Corrigendum to
Tender call Notice No - Tender Online RWD/KPD - 10 of 2025-26, Dated : 30.10.2025
Due to unavoidable circumstances the change as detailed below are hereby made in the above NIT.
1. Decision to conduct Lottery- if required to decide the agency, transparent Lottery shall be coducted on dt 09.12.2025 at 11.00 A.M. respectively in Office Chamber of the undersigned.
2. Period of availability of tenders online / Date of time bidding online / Date of opening of tender papers : The details are as follows

| Procurement Officer | Place of opening | Availability of tender on line for bidding in online | | Last date & time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Kendrapara | Office of the Superintending Engineer, Rural Works Division, Kendrapara | 19.11.2025 At 11:00 A.M. | Up to 5.00 P.M. on Dt.01.12.2025 | Up to 5:00 P.M. on 29.12.2025 | 02.12.2025 At 11:00 A.M. |

1. All other terms and conditions of the said Tender Call Notice shall remain unaltered.
Sd./- Executive Engineer
Rural Works Division, Kendrapara
OIPR-

GOVERNMENT OF ODISHA
OFFICE OF THE EXECUTIVE ENGINEER, P.H. DIVISION, BALASORE
Phone : 9438660004, e-mail : eephbls@gmail.com
NATIONAL COMPETITIVE BIDDING THROUGH e-Procurement (Online Mode)
Invitation for Bids (IFB) dt.12.11.2025
**No.C-1477** : The Executive Engineer, P.H. Division, Balasore on behalf of Governor of Odisha, invites Percentage Rate bids in Single Bid system in ONLINE mode only.

| Sl. No. | Name of the Work | Bid Identification No. | Value of Work (Rs. In Lakh) | Period of Completion | Availability of bid documents for online bidding | | Last date and time of seeking clarification | Date & Time of opening of Price bid |
|---|---|---|---|---|---|---|---|---|
| | | | | | From | To | | |
| 1 | Supply, Installation Testing & Commissioning of DG Sets (CPCB IV + GEN set with AMF Pannel) with Movable Trolley including shed for Soro Town | SEPHBLS-28 dt.12.11.2025 | 47.58 | 02 (two) calendar month | 11:00 Hrs. of dt.18.11.2025 | 17:00 Hrs. of dt.03.12.2025 | 17:00 Hrs. of dt.28.11.2025 | 11:00 Hrs. of dt.04.12.2025 |

The bidders shall have to participate in ONLINE bidding only. Further details can be seen from the website : http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.
**Name and Address of the officer inviting bid : The Superintending Engineer, P.H. Division, Balasore, At-Samalpur, Post-Balia, Dist-Balasore, Pin-756056, Odisha, Phone : 9438660004**
OIPR-
Sd./- Superintending Engineer, P.H.Division, Balasore

No.O-1423
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BARIPADA
E_Mail ID: serwcbaripada@gmail.com, Ph-No-06792-261343/261344, Gangraj, Baripada
"e" Procurement Notice for Weir on Bridge Work
Identification No.- Online Tender- Weir on Bridge N.C.B. No.398 for 2025-26.
Letter No.5167/Date 11.11.2025//
1. Name of the work : Construction of Weir adjacent to Bridge in the District of Mayurbhanj, 2. Total No. of work : 04 Nos. (Four), 3. Estimated Cost : **Rs.100.45 Lakhs to Rs.127.61 Lakhs (approximately)**. 4. Eligible Class of Contractor : **As per annexure**, 5. Period of Completion : **As per annexure**, 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Weir on Bridge On-line N.C.B. No.398 | Dt.17.11.2025 at 11.00 A.M. | Dt.01.12.2025 up to 5.00 P.M. | Dt.29.11.2025 up to 5.00 P.M. | Dt.02.12.2025 at 11.00 A.M. | Will be intimated later |

• Further details can be seen from the website: www.tendersorissa.gov.in.
• Any Corrigendum / Addendum will be displayed in the above e_tender website only.
Sd./- Er. A.K Naik
Chief Construction Engineer,
R.W. Circle, Baripada
OIPR-

ବିଜ୍ଞାପନ No. RR-27
ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର
ପ୍ଲଟ ନଂ-୧/ଏ, ଜାଭିୟର୍ ଛକ, ଜୟଦେବ ବିହାର, ଭୁବନେଶ୍ୱର - ୭୫୧୦୧୩
Email:gkcmorc@gmail.com, Website: gkcmorc.org
ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଓଡ଼ିଶୀ ନୃତ୍ୟ ଏବଂ ସଙ୍ଗୀତ (କଣ୍ଠ,ମର୍ଦ୍ଦଳ, ଯନ୍ତ୍ର ସଙ୍ଗୀତ)ରେ ଦୁଇ ବର୍ଷିଆ ପ୍ରଗାଢ଼ ଅଗ୍ରୀମ ପାଠ୍ୟକ୍ରମ (Intensive advanced Course) ନିମନ୍ତେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଛାତ୍ରଛାତ୍ରୀ ଗ୍ରହଣ କରାଯିବ । ଶିକ୍ଷା ନବିଶମାନଙ୍କୁ ରହିବା ପାଇଁ ହଷ୍ଟେଲ୍‌ର ସୁବିଧା ସହିତ ମାସିକ ଟ.୫୦୦୦/- ହାରରେ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ । ନିମ୍ନଲିଖିତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀମାନେ ସବିଶେଷ ବିବରଣୀ ଏବଂ ଫଟୋଗ୍ରାଫ୍ ସହିତ ବିଜ୍ଞାପନ ପ୍ରକାଶିତ ହେବାର ୩୦ଦିନ ମଧ୍ୟରେ (ତା.୧୬.୧୧.୨୦୨୫ ରିଖ ଠାରୁ ତା.୧୫.୧୨.୨୦୨୫) ନିମ୍ନଲିଖିତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀନୀ/ପ୍ରାର୍ଥୀମାନେ ଉପରୋକ୍ତ Website କୁ ଯାଇ Online ମାଧ୍ୟମରେ ଆବେଦନ କରିପାରିବେ କିମ୍ବା Website ରୁ Application form download କରି ଡାକ ଦ୍ୱାରା ମଧ୍ୟ ଆବେଦନ କରିପାରିବେ ।
ନୃତ୍ୟ ଏବଂ ସଂଗୀତର ପ୍ରତିଷ୍ଠିତ ଗୁରୁମାନଙ୍କ ଦ୍ୱାରା ଶିକ୍ଷାଦାନ ଦିଆଯିବ । ଛାତ୍ରଛାତ୍ରୀଙ୍କର ସର୍ବାଙ୍ଗୀନ ଉନ୍ନତି ସାଧନ ନିମନ୍ତେ ନୃତ୍ୟ-ସଂଗୀତ ସହିତ ଆନୁସଂଗିକ ବିଷୟ ଗୁଡ଼ିକର ମଧ୍ୟ ପ୍ରଶିକ୍ଷଣ ଦିଆଯିବ ।
ଆବଶ୍ୟକୀୟ ଯୋଗ୍ୟତା
(୧) ପ୍ରାର୍ଥୀଙ୍କର ବୟସ ସୀମା ୧୮ ବର୍ଷରୁ ୩୦ ବର୍ଷ ମଧ୍ୟରେ ହୋଇଥିବ । (୨) ପ୍ରାର୍ଥୀ କୌଣସି ବିଶ୍ୱବିଦ୍ୟାଳୟ କିମ୍ବା ତତ୍ତୁଲ୍ୟ ସ୍ୱୀକୃତିପ୍ରାପ୍ତ ନୃତ୍ୟ ଏବଂ ସଙ୍ଗୀତରେ ଉଚ୍ଚତର ଶିକ୍ଷା ଲାଭ କରିଥିବେ କିମ୍ବା ପ୍ରତିଷ୍ଠିତ ଗୁରୁଙ୍କ ଅଧୀନରେ ଅନ୍ୟୁନ ୬ ବର୍ଷ ଶିକ୍ଷା ଲାଭ କରିଥିବେ । (୩) ସାଧାରଣ ଶିକ୍ଷା କ୍ଷେତ୍ରରେ ଅନ୍ୟୁନ ମାଟ୍ରିକ୍ ପାସ୍ କରିଥିବେ। (୪) ଶିକ୍ଷାମାନଙ୍କର ପରିବେଷଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ।
ବିଶେଷ ଦ୍ରଷ୍ଟବ୍ୟ : ଏହି ପାଠ୍ୟକ୍ରମ ୨୦୨୬ ଜାନୁୟାରୀ ମାସରୁ ଆରମ୍ଭ କରାଯିବ । ନୃତ୍ୟ ଏବଂ ସଂଗୀତ ବିଭାଗ ନିମନ୍ତେ ପ୍ରାର୍ଥୀ ପୃଥକ ପୃଥକ ଭାବରେ ଆବେଦନ କରିବେ ।
OIPR:
ମୁଖ୍ୟ ନିର୍ବାହୀ

OFFICE OF THE SUPERINTENDING ENGINEER
RWS&S DIVISION, JAGATSINGHPUR
Tel. No. 06724-223485, mail - rwssjspur@gmail.com
e-Procurement Notice
Bid Identification No. 35 of 2025-26
**No.O-1415** : The Executive Engineer, RWS&S Division, Jagatsinghpur on behalf of Governor of Odisha invites Lump sum composite bids in Double Cover system in online mode for Execution of RPWS scheme on Turnkey basis from eligible Class of contractors.
1. Name of work : Execution of PWS
2. No. of work : 02 Nos
3. Estimated Cost : Rs. 1,06,45,932/- to Rs. 1,47,04,949/-
4. Cost of Tender paper : Rs. 10000/- Each
5. Class of contractor : 'B' & 'A'
6. Availability of Tender in website : 17.11.2025 to 26.11.2025
7. Submission of Bid in online : 17.11.2025 to 26.11.2025
8. Date of seeking clarification : 17.11.2025 to 24.11.2025
9. Date of opening of bids : 27.11.2025 (11.00 A.M.)
10. Name and address of O.I.T : Superintending Engineer, RWS&S Division, Jagatsinghpur
11. All other details can be seen from the website : www.tendersorissa.gov.in
12. Bid cost and Bid security should be submitted in online mode
13. Subsequent corrigendum/addendum if required shall only be appeared in above website.
Sd./- Executive Engineer
RWS&S Divn., Jagatsinghpur
OIPR-

See Career Appointment on every Wednesday & Saturday

# ମିଳିତ ଚାଷ ଦ୍ୱାରା ଯୁବକମାନେ ସ୍ୱାବଲମ୍ବୀ ହୋଇପାରିବେ

ଓଡ଼ଗାଁ, ୧୫।୧୧
(ଆଦର୍ଶ କୁମାର ପଟ୍ଟନାୟକ)

**ପ୍ରଥମ ବ୍ଲକସ୍ତରୀୟ ମତ୍ସ୍ୟ, ପ୍ରାଣିସମ୍ପଦ ମେଳା**

**ଆତ୍ମ ନିର୍ଭରତା- ଆର୍ଥିକ ଅଭିବୃଦ୍ଧି,ଗୋଶାଳା ନିର୍ମାଣ ପାଇଁ ଦାବି**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ତଥା ଏନ୍‌ଏସି ପ୍ରଥମସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଓଡ଼ଗାଁ ମହୋତ୍ସବ ପଡ଼ିଆରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଡା.ପ୍ରକାଶ ଚନ୍ଦ୍ର ପଣ୍ଡିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମେଳାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ତହସିଲଦାର ଡ଼. ମାନସ ରଞ୍ଜନ ଭୋଇ, ବିଡିଓ ଜିତେନ୍ଦ୍ର କୁମାର ନାୟକ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନୀହାର ରଞ୍ଜନ ବେହେରା, ନୟାଗଡ଼ ଜିଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡା.ବସନ୍ତ କୁମାର ବେହେରା, ଜିଲା ସହକାରୀ ପ୍ରାଣୀ ସମ୍ପଦ ଅଧିକାରୀ ଡା. ପ୍ରିୟ ରଞ୍ଜନ ଦାସ,ପ୍ରାଣୀ ସମ୍ପଦ ଉପଖଣ୍ଡ ଅଧିକାରୀ ଡା.ତପନ କୁମାର ମିଶ୍ର ପ୍ରମୁଖ ଅତିଥି ଓ ବିଶେଷଜ୍ଞମାନେ ଯୋଗଦେଇ ଚାଷୀମାନଙ୍କ ସମସ୍ୟା ସମ୍ପର୍କିତ ପ୍ରଶ୍ନର ଉତ୍ତର ରଖିଥିଲେ। ଓଡ଼ଗାଁ ହେବ ଓଡ଼ିଶା ବିକାଶର ଅନ୍ତୁଡିଶାଳ। ମିଳିତ ଚାଷ ଦ୍ୱାରା ଯୁବକମାନେ ସ୍ୱାବଲମ୍ବୀ ହୋଇପାରିବେ। ଆତ୍ମ ନିର୍ଭରତା ବୃଦ୍ଧି ପାଇଲେ – ଆର୍ଥିକ ଅଭିବୃଦ୍ଧି ଘଟିବ ବୋଲି ମତ ପ୍ରକାଶ ପାଇଥିଲା।

ଓଡ଼ଗାଁରେ ଗୋଶାଳା ନିର୍ଭାଣ ପାଇଁ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ପ୍ରସ୍ତାବ କ୍ରମେ ଖୁବଶୀଘ୍ର କାର୍ଯ୍ୟକାରୀ କରିବା ଲାଗି ଜିଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ପ୍ରତଶ୍ରୁତି ଦେଇଥିଲେ। ଆସନ୍ତା ଏକ ବର୍ଷ ମଧ୍ୟରେ କାର୍ଯ୍ୟ ଶେଷ ହେବ ବୋଲି ଘୋଷଣା କରିଥିଲେ। ଅନ୍ୟ ଚାଷୀଙ୍କ ପ୍ରେରଣା ପାଇଁ ଅନେକ ସଫଳ ଚାଷୀ ସେମାନଙ୍କ ସଫଳତାର ରାଜ ସମ୍ପର୍କରେ ସୂଚନା ଦେଇଥିଲେ। ମତ୍ସ୍ୟ ପାଇଁ ୪ ଜଣ,ପ୍ରାଣୀ ପାଳନ ପାଇଁ ୪, ଜଣେ ଗୋରକ୍ଷକ ଏବଂ ଅନ୍ୟ ଜଣେ କ୍ଷୀର ବିକାଳି ଲାଭାର୍ଥ ସଫଳ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ୧୦ ଜଣ ଚାଷୀଙ୍କୁ କାମଧେନୁ ଯୋଜନାରେ ଗୋପାଳନ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରତ୍ୟେକ ବିଭାଗ ମଧ୍ୟରେ ସମନ୍ୱୟ ରଖି ଚାଷୀଙ୍କ ସମସ୍ୟାର ସମାଧାନ କରିବା ନିମନ୍ତେ ଚାଷୀମାନଙ୍କ ତରଫରୁ ପରାମର୍ଶ ଦିଆଯାଇଥିଲା। ମେଳାରେ ମତ୍ସ୍ୟ,ପ୍ରାଣୀସମ୍ପଦ, ଜଳ ବିଭାଜିକା, ଓଡ଼ିଶା ଶ୍ରୀଅନ୍ନ ଅଭିଯାନ,ଉଦ୍ୟାନ କୃଷି ବିଭାଗ ତରଫରୁ ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଥିଲା। ସମସ୍ତ ପଞ୍ଚାୟତ ଓ ଓଡ଼ଗାଁ ଏନ୍‌ଏସିର ଗୋପାଳକ,ପ୍ରାଣୀ ପାଳକ,ମତ୍ସ୍ୟ ଚାଷୀ ଓ ପଞ୍ଚାୟତ ଜନ ପ୍ରତିନିଧିମାନଙ୍କ ସହିତ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ଜନସମାଗମ ହୋଇଥିଲା।

# ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ

ଦଶପଲ୍ଲା, ୧୫।୧୧ (ପ୍ରକାଶ କୁମାର ପାଣି)

ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ବାର୍ଷିକ ପୂର୍ତ୍ତି ଅବସରରେ ନୟାଗଡ଼ ଜିଲାସ୍ତରୀୟ ଜନଜାତି ଗୌରବ ଦିବସ ଦଶପଲ୍ଲା ବ୍ଲକ ଟାକରା ଉଚ୍ଚ ବିଦ୍ୟାଳୟରେ ଶନିବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲାପାଳ ରୋଜିନା ଦାଶ ଏବଂ ଦଶପଲା ତହସିଲଦାର ସ୍ମୃତି ରଞ୍ଜନ ଶତପଥିଙ୍କ ସହ କନ୍ଧମାଳ ଏମ୍‌ପିଙ୍କ ପ୍ରତିନିଧି କିଶୋର ଦଳବେହେରା ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଷ୍ଟଲ ମାଧ୍ୟମରେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଛ। ଜିଲାର ପ୍ରାଣୀ ସମ୍ପଦ ବିକାଶ ଉପବିଭାଗ ତରଫରୁ ଧର୍ତିି ଆବା ଗ୍ରାମ ଉତ୍କର୍ଷ ଅଭିଯାନ ତରଫରୁ ଛେଳି ଓ କୁକୁଡା ପାଳନ ନିମନ୍ତେ ୫ ଜଣ ଚାଷୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଗଲା। ଜଙ୍ଗଲ ଜମି ଆଇନ ମାଧ୍ୟମରେ ୨୧ ଗୋଷ୍ଠୀ ସମ୍ବଳ ପଟା(ଶିରୋନାମା) ଗ୍ରାମ ଜଙ୍ଗଲ ଅଧିକାର କମିଟିକୁ ପ୍ରଦାନ କରାଯାଇଛି। ଉତ୍ସବରେ ଜିଲାର ପ୍ରାୟ ୧ ହଜାରରୁ ଅଧିକ ଜନସାଧାରଣ ଏହି ଉତ୍ସବରେ ଯୋଗ ଦେଇଥିଲେ। ଜିଲା ମଙ୍ଗଳ ଅଧିକାରୀ ଚିତରଞ୍ଜନ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ସରକାରୀ ବୁଗୁଡ଼ା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଏବଂ ଟାକରା ଉଚ୍ଚ ବିଦ୍ୟାଳୟ ଛାତ୍ରମାନେ ସମବେତ ନୃତ୍ୟ ପଦର୍ଶନ କରିଥିଲେ। ଶେଷରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଦୁଷ୍ମନ୍ତ ପୃଷ୍ଟି ଉପସ୍ଥିତ ସମସ୍ତ ଅତିଥି, ବିଭାଗୀୟ ଅଧିକାରୀ ,ହିତାଧିକାରୀ ଓ ଜନସାଧାରଣଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କଳିଙ୍ଗ ଲୋଟସ୍ ସେଣ୍ଟ୍ରାଲ ଏକାଡେମୀ ଆଇନ ସଚେତନତା ଶିବିର



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ରଣପୁର,୧୫।୧୧(ସୁକାନ୍ତ କିଶୋର ଡାକୁଆ)

ଜଣେ ସାଧାରଣ ନାଗରିକ ଗରିବ ଶ୍ରେଣୀର ହୋଇଥିଲେ କୌଣସି ଅଦାଲତ ମାମଲାରେ ସହାୟତା ପାଇବା ପାଇଁ ସିଧାସଳଖ କୋର୍ଟ ସହିତ ଯୋଗାଯୋଗ କରିପାରିବ । ଆଇନ ସହାୟତାର ସରଳ ସମାଧାନ ସମ୍ପର୍କରେ ରଣପୁର ବରିଷ୍ଠ ସିଭିଲ ଦେୱାନୀ ବିଚାରପତି ଅନୁସୃତି ଚୌଧୁରୀ ଏବଂ ପ୍ରଥମଶ୍ରେଣୀ ବିଚାରପତି ପୁଣ୍ୟାଶ୍ଳୋକ ଦାଶ, ଶିଶୁଦିବସ ଅବସରରେ କଳିଙ୍ଗ ଲୋଟସ୍ ସେଣ୍ଟ୍ରାଲ ଏକାଡେମୀର ଶିଶୁ, ଶିକ୍ଷୟିତ୍ରୀ, ଶିକ୍ଷକ ଅଭିଭାବକମାନଙ୍କ ଉଦ୍ଦେଶ୍ୟରେ ଏହି ବାର୍ତ୍ତା ଦେଇଥିଲେ। ଏକାଡେମୀରେ ଅନୁଷ୍ଠିତ ଆଇନ ସଚେତନତା ଶିବିରରେ ଦେୱାନୀ ବିଚାରପତି ତଥା ଆଇନ ପରାମର୍ଶ କମିଟ ଚେୟାରମ୍ୟାନ ଚୌଧୁରୀ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ଦାଶଙ୍କ ସମେତ ପରାମର୍ଶ କମିଟି ସଭ୍ୟ ସୁବାସ ଚନ୍ଦ୍ର ଜେନା, ହେମପ୍ରଭା ମିଶ୍ର, ପ୍ରିୟବ୍ରତ ପ୍ରହରାଜ, ବରିଷ୍ଠ ସରକାରୀ ଓକିଲ ନାରାୟଣ ମହାପାତ୍ର, ଏକାଡେମୀ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ନାୟକ ଓ ଅଧ୍ୟକ୍ଷ ପ୍ରାଣନାଥ ବେହୁରା ପ୍ରମୁଖ ଆଇନ ସହାୟତା ଶିବିରରେ ନିଜନିଜର ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ଦୁଇ ବିଚାରପତି ଦ୍ୱୟଙ୍କୁ ସ୍କାଉଟ୍‌ଗାଇଡ୍ ଛାତ୍ରୀଛାତ୍ର ଏବଂ ବିଭିନ୍ନ ବେଶ ପୋଷାକରେ ସୁସଜିତ ହୋଇଥିବା ଛାତ୍ରୀଛାତ୍ରମାନେ ବାଦ୍ୟ ବଜାଇ ପୁଷ୍ପ ଚନ୍ଦନ ଦେଇ ପାଛୋଟି ଆଣିଥିଲେ। ଏକାଡେମୀର ସମ୍ପାଦକ ଗଦାଧର ବେହୁରା ପୁଷ୍ପଗୁଚ୍ଛ ଦେଇ ପାଛୋଟି ଆଣିଥିଲେ। କାର୍ଯ୍ୟକ୍ରମରେ ନ୍ୟାୟାଳୟ ରାଜେଶ ମଲ୍ଲିକଙ୍କ ସମେତ ସମସ୍ତ କର୍ମଚାରୀ ଏବଂ ଏକାଡେମୀର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ଶିଶୁମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା ଓ କୌତୁକ ପୋଷାକ ପ୍ରତିଯୋଗୀତା କରାଯାଇ କୃତିତ୍ୱ ହାସଲ କରିଥିବା ସମସ୍ତ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଡିଇଓ, ଏଡିଇଓଙ୍କ ଅଚାନକ ସ୍କୁଲ ପରିଦର୍ଶନ

**ଶିକ୍ଷକ ବିଳମ୍ବରେ ଆସିଥିବାରୁ କାରଣ ଦର୍ଶାଅ ନୋଟିସ୍**

ନୟାଗଡ,୧୫।୧୧(ଲୋକନାଥ ମିଶ୍ର)

ନୟାଗଡ ଜିଲାର ବିଭିନ୍ନ ସ୍କୁଲକୁ ଜିଲା ଶିକ୍ଷା ଅଧିକାରୀ(ଡିଇଓ) ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ(ଏଡିଇଓ) ଅଚାନକ ପରିଦର୍ଶନ କରୁଛନ୍ତି। ଜିଲା ଶିକ୍ଷା ଅଧିକାରୀ ଶନିବାର ରଣପୁର ବ୍ଲକ ଡମସାହି ରିଜିଓନାଲ ହାଇସ୍କୁଲରେ ଶନିବାର ସକାଳେ ପହଞ୍ଚିଥିଲେ । ଜିଲା ଶିକ୍ଷା ଅଧିକାରୀ ସ୍କୁଲରେ ପହଞ୍ଚିଲା ବେଳକୁ ପ୍ରଧାନଶିକ୍ଷକ ଓ ଶିକ୍ଷକମାନେ ଆସିନଥିଲେ । ସେହିପରି ଏଡିଇଓ ସନ୍ଧ୍ୟାରାଣୀ ରାଉତ ଶରଣକୁଳ ନାରାୟଣ ହାଇସ୍କୁଲରେ ପହଞ୍ଚିଲା ବେଳକୁ ଶିକ୍ଷକମାନେ ଅନୁପସ୍ଥିତ ଥିଲେ। ସ୍କୁଲକୁ ବିଳମ୍ବରେ ଆସୁଥିବାରୁ ପ୍ରଧାନ ଶିକ୍ଷକ ଓ ଶିକ୍ଷକ ମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ ବୋଲି ଜଣାପଡିଛି। ସେହିପରି ଇଟାମାଟି ନାରାୟଣୀ ହାଇସ୍କୁଲକୁ ଗତ ଗୁରୁବାର ଜିଲା ଶିକ୍ଷା ଅଧିକାରୀ ପରିଦର୍ଶନ କରିବା ସମୟରେ ମଧ୍ୟାହ୍ନଭୋଜନ ଚାଉଳ ଗଛିତ ଠାରୁ ଅଧିକ ଥିବା ଦେଖିବାକୁ ପାଇଥିଲେ । ଜିଲା ଶିକ୍ଷା ଅଧିକାରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏନେଇ ଜିଲା ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ପାଣ୍ଡେ କୁହନ୍ତି, ଶନିବାର ସକାଳେ ଶିକ୍ଷକମାନେ ଆସିବାରେ ବିଳମ୍ବ କରୁଥିବାର ଜଣାପଡିଛି । ଏନେଇ ଡମସାହି ସ୍କୁଲର ପ୍ରଧାନ ଶିକ୍ଷକ, ଶିକ୍ଷକ, ଶରଣକୁଳ ସ୍କୁଲର ଶିକ୍ଷକମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ । ଇଟାମାଟି ନାରାୟଣୀ ହାଇସ୍କୁଲରେ ମଧ୍ୟାହ୍ନଭୋଜନ ଚାଉଳ ଗଛିତ ଠାରୁ ଅଧିକ ଥିବାର ଜଣାପଡିବା ପରେ ଏହାର ଅନୁଧ୍ୟାନ କରାଯାଉଛି । କେତେ ଚାଉଳ ବାହାରିଛି ଜଣାପଡିବା ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

**ଇଟାମାଟି ସ୍କୁଲରେ ଷ୍ଟକରୁ ଅଧିକ ବାହାରିଲା ମଧ୍ୟାହ୍ନ ଭୋଜନ ଚାଉଳ**

# ଖଣ୍ଡପଡ଼ା ପୋଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା

ଖଣ୍ଡପଡ଼ା, ୧୫।୧୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ପୋଲିସ ପକ୍ଷରୁ ସହରର ରଥଗଡ଼ା ଛକରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଥାନାଧିକାରୀ ତଥା ଡିଏସ୍‌ପି ନୀହାର ରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଏସ୍‌ଡିପିଓ ମଦନ ମୋହନ ପ୍ରଧାନ, ତହସିଲଦାର ବିଶ୍ୱବିଶୃତ ତ୍ରିପାଠୀ, ବିଡିଓ ଅଙ୍କୁର ଅଭିଳାଷ, ଓକିଲ ସଂଘର ସଭାପତି ସଂଗ୍ରାମ ମିଶ୍ର ଓ ସମ୍ପାଦକ ବିକ୍ରମ କେଶରୀ ଦେଓ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ସମସ୍ତେ ସଚେତନ ହୋଇ ସାଇବର ଠକେଇରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ସାଇବର ସୁରକ୍ଷା ସମ୍ପର୍କିତ ସଚେତନତା ଶୋଭାଯାତ୍ରା ଖଣ୍ଡପଡ଼ା ସହର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ରଥଗଡ଼ା ଛକସ୍ଥିତ ଜ୍ୟୋତିର୍ବିଦ ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା।



ସାଇବର କ୍ରାଇମ୍ ଉପରେ ସଚେତନ କରାଯାଉଛି।

ପଣ୍ଡିତ ମନୋଜ ଦାସ ବେଦ ପାଠ କରିଥିଲେ। ଖଣ୍ଡପଡ଼ା ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ବରିଷ୍ଠ ନାଗରିକ ଓ ଯୁବକମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ପୋଲିସ କର୍ମଚାରୀମାନେ ସହଯୋଗ କରିଥିଲେ।

# ସାତକୋଶିଆ ବାଲୁକା ଟେଣ୍ଟ ଉଦ୍‌ଘାଟିତ


ସାତକୋଶିଆ ବାଲୁକା ଟେଣ୍ଟକୁ ଉଦ୍‌ଘାଟନ କରାଯାଉଛି।

ଗଣିଆ,୧୫।୧୧(ସନ୍ତୋଷ କୁମାର ପ୍ରଧାନ)

**୧୬ ରୁ ୨୦କୁ ବୃଦ୍ଧି ପାଇଲା ଟେଣ୍ଟ**
**ପ୍ରଥମ ଦିନରେ ୩୦ ପର୍ଯ୍ୟଟକ**

ନୟାଗଡ଼ ଜିଲା ଗଣିଆ ବ୍ଲକ ସାଉଥ ବଡ଼ମୂଳ ମଙ୍ଗାନାଶିଠାରେ ଥିବା ପ୍ରାକୃତିକ ପର୍ଯ୍ୟଟନକେନ୍ଦ୍ର ସାତକୋଶିଆ ସ୍ୟାଣ୍ଡରିସୋର୍ଟର ବାଲୁକାଟେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବର୍ଷସାରା ଏହି ପର୍ଯ୍ୟଟନ କେନ୍ଦ୍ରରେ ଶୀତତାପ ନିୟନ୍ତ୍ରିତ ୩ଟି କଟେଜ ଓ ୪ଟି ତମ୍ବୁ କଟେଜ ପର୍ଯ୍ୟଟକଙ୍କ ପାଇଁ ଖୋଲାରହିଛି। ଏତଦ୍‌ବ୍ୟତୀତ ବିଗତବର୍ଷଗୁଡିକରେ ୧୬ଟିରୁ ଆଉ ୪ଟିକୁ ବୃଦ୍ଧି କରାଯାଇ ଚଳିତ ବର୍ଷ ମହାନଦୀର ବାଲୁକା ଶଯ୍ୟା ଉପରେ ଶନିବାର ୨୦ଟି ଅଣ ଶୀତତାପ ନିୟନ୍ତ୍ରିତ ବାଲୁକା ଟେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଚଳିତ ବର୍ଷ ମଧ୍ୟ କାଠରେ ନିର୍ମିତ ଶଗଡ ଗାଡି, ଆଲୋକ ଖଚିତ ବାମ୍ବୋ ଗେଟ ଓ ଆଇ ଲଭ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ଏହି ପର୍ଯ୍ୟଟନ କେନ୍ଦ୍ରର ମୁଖ୍ୟ ଆକର୍ଷଣ ପାଲଟିଛି ।

ବିଶେଷକରି ବିଗତ ବର୍ଷଗୁଡିକ ଅପେକ୍ଷା ଚଳିତ ବର୍ଷ ନୂତନ ଢଙ୍ଗରେ ସ୍ୟାଣ୍ଡ ରିସୋର୍ଟକୁ ସାଜସଜ୍ଜା କରିଥିବା ଦେଖିବାକୁ ମିଳିଛି । ବର୍ଷ ପଶ୍ଚିମବଙ୍ଗରୁ ଆସିଥିବା ପର୍ଯ୍ୟଟକ ଉତ୍ତମ ଦତ୍ତ ଓ ତାଙ୍କ ପରିବାର ଏହି ବାଲୁକା ଟେଣ୍ଟକୁ କେକ୍ କାଟି ଉଦ୍‌ଘାଟନ କରିଥିଲେ। ଜିଏସ୍‌ଟି ଦର ହ୍ରାସ ପାଇବା ପରେ ଏହି ବାଲୁକା ଶଯ୍ୟା ଉପରେ ୧୬ଟି ଟେଣ୍ଟ ନିର୍ମାଣ କରାଯାଇଥିବା ବେଳେ ଚଳିତ ବର୍ଷ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧିପାଇବାକୁ ଦୃଷ୍ଟିରେ ରଖି ଆଉ ୪ଟି ଅଧିକ ଅଣ ଶୀତତାପ ନିୟନ୍ତ୍ରିତ ଟେଣ୍ଟ ଖୋଲାଯିବା ପାଇଁ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ତେବ ଜିଏସ୍‌ଟି ଦର ହ୍ରାସ ପରେ ଅନ୍‌ଲାଇନ ଯୋଗେ ଗୋଟିଏ ଦିନ ବୁକିଂ ପାଇଁ ଶୀତତାପ ନିୟନ୍ତ୍ରିତ କଟେଜ ପ୍ରତି ୫୪୧୬ଟଙ୍କା, ଶୀତତାପ ନିୟନ୍ତ୍ରିତ ଟେଣ୍ଟ ପ୍ରତି ୪୮୩୨ଟଙ୍କା, ଓ ଅଣ ଶୀତତାପ ନିୟନ୍ତ୍ରିତ ବାଲୁକା ଟେଣ୍ଟ ପ୍ରତି ୪୨୪୮ଟଙ୍କା ଧାର୍ଯ୍ୟ କରାଯାଇଥିବା ପରିଚାଳନା କମିଟି ତରଫରୁ ସୂଚନା ମିଳିଛି । ଶନିବାର ପୂର୍ବାହ୍ନରେ ଏହି ପର୍ଯ୍ୟଟନ କେନ୍ଦ୍ର ପରିସରରେ ପୂଜାର୍ଚ୍ଚନା ପରେ ଆସିଥିବା ପର୍ଯ୍ୟଟକମାନଙ୍କୁ ଚନ୍ଦନଟିପା ଲଗାଇବା ସହ ଉପଢୌକନ ସହ ଫୁଲତୋଡା ଦେଇ ସ୍ୱାଗତ କରାଯାଇଥିଲା । ସକାଳୁ ଏହି ପର୍ଯ୍ୟଟନ କେନ୍ଦ୍ରକୁ ପରିଚାଳନା କରୁଥିବା ମା’ ସାତଭଉଣୀ ପରିବେଶ ବିକାଶ ସମିତିର ସଭ୍ୟାସଭ୍ୟମାନଙ୍କ ଦ୍ୱାରା ଝୋଟିଚିତା, ରଙ୍ଗବେରଙ୍ଗ ଫୁଲ ଓ ବେଲୁନରେ ଆକର୍ଷଣୀୟ ଭାବେ ସାଜସଜ୍ଜା କରାଯାଇଥିଲା। ଏଠାକୁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ପୂର୍ବପରି ରୁଚିକର ଖାଦ୍ୟ, ଜଙ୍ଗଲ ଟ୍ରେକିଂ, ସାଇକେଲିଂ, କ୍ୟାନୋପି ୱାକ୍, ସ୍ଥାନୀୟ ଲୋକନୃତ୍ୟ, ଖେଳ ସୁବିଧା, ଦୋଳି ,ଚିଲଡ୍ରେନସ ପାର୍କ, ବାଲୁକା ଶଯ୍ୟା ଉପରେ ପର୍ଯ୍ୟଟକମାନଙ୍କ ଆମୋଦପ୍ରମୋଦ ପାଇଁ ସିମେଣ୍ଟ ଚୌକି, ଛତା, ମହାନଦୀରେ ସୁରକ୍ଷିତ ସନ୍ତରଣ, ସାତକୋଶିଆ ଗଣ୍ଡରେ ବୋଟିଂ ସମୟରେ ବିଭିନ୍ନ ପକ୍ଷୀ ଓ କୁମ୍ଭୀର ଦେଖିବା ସହ ଜେଟିରେ ବସି ସେଲ୍‌ଫି ନେବାର ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଛି । ଉଦ୍‌ଘାଟନ ପ୍ରଥମ ଦିନରେ ୩୦ ଜଣ ପର୍ଯ୍ୟଟକ ଆସିଥିବା ମା’ ସାତ ଭଉଣୀ ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି।

No.B-694

**OFFICE OF THE SUPERINTENDING ENGINEER**
**CUTTACK (R&B) DIVISION NO.I : CUTTACK**
E-Mail I.D. - eepwdcuttack@gmail.com, Tel./Fax No.(0671)-2304128
GOVERNMENT OF ODISHA ‘e’ Procurement Notice
e-procurement Notice for Building (E.I.) works
Bid Identification No. S.E. CTC(R&B)- 51 of 2025-26

The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in **Single Cover System** in ONLINE MODE from eligible contractor for Building work (E.I) as mentioned below.

1. No. of the Work : **12 (Twelve) Nos. of E.I Works**
2. Date & time of availability of bid document in the portal : **From dt.18.11.2025 to 5 P.M. of dt.03.12.2025**
3. Last date / time of receipt of bids in the portal : **5 P.M. of dt.03.12.2025**
4. Date & time of opening of bids : **11 A.M. of dt.04.12.2025**
5. Name and address of the Officer Inviting Bid : **Superintending Engineer, Cuttack (R&B) Division No.I, Cuttack**

Further details can be seen from the e-procurement portal **“https://tendersodisha.gov.in**

OIPR-
**Sd./- Superintending Engineer, Cuttack (R&B) Division No.I**

No.T-103

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**********
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.17.11.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-

No.O-1442

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KENDRAPARA**
(eerw_kpd@yahoo.com)
1st Corrigendum to
Tender call Notice No - Tender Online RWD/KPD - 10 of 2025-26, Dated : 30.10.2025

Due to unavoidable circumstances the change as detailed below are hereby made in the above NIT.

1. Decision to conduct Lottery- if required to decide the agency, transparent Lottery shall be coducted on dt 09.12.2025 at 11.00 A.M. respectively in Office Chamber of the undersigned.
2. Period of availability of tenders online / Date of time bidding online / Date of opening of tender papers : The details are as follows

| Procurement Officer | Place of opening | Availability of tender on line for bidding in online | | Last date & time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Kendrapara | Office of the Superintending Engineer, Rural Works Division, Kendrapara | 19.11.2025 At 11:00 A.M. | Up to 5.00 P.M. on Dt.01.12.2025 | Up to 5:00 P.M. on 29.12.2025 | 02.12.2025 At 11:00 A.M. |

1. All other terms and conditions of the said Tender Call Notice shall remain unaltered.

OIPR-
**Sd./- Executive Engineer**
**Rural Works Division, Kendrapara**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, P.H. DIVISION, BALASORE**
**Phone : 9438660004, e-mail : eephbls@gmail.com**
**NATIONAL COMPETITIVE BIDDING THROUGH e-Procurement (Online Mode)**
**Invitation for Bids (IFB) dt.12.11.2025**

**No.C-1477** : The Executive Engineer, P.H. Division, Balasore on behalf of Governor of Odisha, invites Percentage Rate bids in Single Bid system in ONLINE mode only.

| Sl. No. | Name of the Work | Bid Identification No. | Value of Work (Rs. In Lakh) | Period of Completion | Availability of bid documents for online bidding | | Last date and time of seeking clarification | Date & Time of opening of Price bid |
|---|---|---|---|---|---|---|---|---|
| | | | | | From | To | | |
| 1 | Supply, Installation Testing & Commissioning of DG Sets (CPCB IV + GEN set with AMF Pannel) with Movable Trolley including shed for Soro Town | SEPHBLS-28 dt.12.11.2025 | 47.58 | 02 (two) calendar month | 11:00 Hrs. of dt.18.11.2025 | 17:00 Hrs. of dt.03.12.2025 | 17:00 Hrs. of dt.28.11.2025 | 11:00 Hrs. of dt.04.12.2025 |

The bidders shall have to participate in ONLINE bidding only. Further details can be seen from the website : http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.
**Name and Address of the officer inviting bid : The Superintending Engineer, P.H. Division, Balasore, At-Samalpur, Post-Balia, Dist-Balasore, Pin-756056, Odisha, Phone : 9438660004**

OIPR-
**Sd./- Superintending Engineer, P.H.Division, Balasore**

No.O-1423

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**
E_Mail ID: serwcbaripada@gmail.com, Ph-No-06792-261343/261344, Gangraj, Baripada
**“e” Procurement Notice for Weir on Bridge Work**
**Identification No.- Online Tender- Weir on Bridge N.C.B. No.398 for 2025-26.**
**Letter No.5167/Date 11.11.2025//**

1. Name of the work : Construction of Weir adjacent to Bridge in the District of Mayurbhanj, 2. Total No. of work : 04 Nos. (Four), 3. Estimated Cost : **Rs.100.45 Lakhs to Rs.127.61 Lakhs (approximately)**. 4. Eligible Class of Contractor : **As per annexure**, 5. Period of Completion : **As per annexure**, 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Weir on Bridge On-line N.C.B. No.398 | Dt.17.11.2025 at 11.00 A.M. | Dt.01.12.2025 up to 5.00 P.M. | Dt.29.11.2025 up to 5.00 P.M. | Dt.02.12.2025 at 11.00 A.M. | Will be intimated later |

- **Further details can be seen from the website: www.tendersorissa.gov.in.**
- **Any Corrigendum / Addendum will be displayed in the above e_tender website only.**

OIPR-
**Sd./- Er. A.K Naik**
**Chief Construction Engineer,**
**R.W. Circle, Baripada**

**ବିଜ୍ଞାପନ** No. RR-27

**ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର**
ପ୍ଲଟ ନଂ-୧/ଏ, ଜାଭିୟର ଛକ, ଜୟଦେବ ବିହାର, ଭୁବନେଶ୍ୱର – ୭୫୧୦୧୩
Email:gkcmorc@gmail.com, Website: gkcmorc.org

ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଓଡ଼ିଶୀ ନୃତ୍ୟ ଏବଂ ସଙ୍ଗୀତ (କଣ୍ଠ,ମର୍ଦ୍ଦଳ, ଯନ୍ତ୍ର ସଙ୍ଗୀତ)ରେ ଦୁଇ ବର୍ଷିଆ ପ୍ରଗାଢ ଅଗ୍ରୀମ ପାଠ୍ୟକ୍ରମ (Intensive advanced Course) ନିମନ୍ତେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଛାତ୍ରଛାତ୍ରୀ ଗ୍ରହଣ କରାଯିବ । ଶିକ୍ଷା ନବିଶମାନଙ୍କୁ ରହିବା ପାଇଁ ହଷ୍ଟେଲର ସୁବିଧା ସହିତ ମାସିକ ଟ.୫୦୦୦/- ହାରରେ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ । ନିମ୍ନଲିଖିତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀମାନେ ସବିଶେଷ ବିବରଣୀ ଏବଂ ଫଟୋଗ୍ରାଫ୍ ସହିତ ବିଜ୍ଞାପନ ପ୍ରକାଶିତ ହେବାର ୩୦ଦିନ ମଧ୍ୟରେ (ତା.୧୬.୧୧.୨୦୨୫ ରିଖ ଠାରୁ ତା.୧୫.୧୨.୨୦୨୫) ନିମ୍ନଲିଖିତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀନୀ/ପ୍ରାର୍ଥୀମାନେ ଉପରୋକ୍ତ Website କୁ ଯାଇ Online ମାଧ୍ୟମରେ ଆବେଦନ କରିପାରିବେ କିମ୍ବା Website ରୁ Application form download କରି ଡାକ ଦ୍ୱାରା ମଧ ଆବେଦନ କରିପାରିବେ ।
ନୃତ୍ୟ ଏବଂ ସଂଗୀତର ପ୍ରତିଷ୍ଠିତ ଗୁରୁମାନଙ୍କ ଦ୍ୱାରା ଶିକ୍ଷାଦାନ ଦିଆଯିବ । ଛାତ୍ରଛାତ୍ରୀଙ୍କର ସର୍ବାଙ୍ଗୀନ ଉନ୍ନତି ସାଧନ ନିମନ୍ତେ ନୃତ୍ୟ-ସଂଗୀତ ସହିତ ଆନୁସଂଗିକ ବିଷୟ ଗୁଡ଼ିକର ମଧ ପ୍ରଶିକ୍ଷଣ ଦିଆଯିବ ।

**ଆବଶ୍ୟକୀୟ ଯୋଗ୍ୟତା**

(୧) ପ୍ରାର୍ଥୀଙ୍କର ବୟସ ସୀମା ୧୮ ବର୍ଷରୁ ୩୦ ବର୍ଷ ମଧ୍ୟରେ ହୋଇଥିବ । (୨) ପ୍ରାର୍ଥୀ କୌଣସି ବିଶ୍ୱବିଦ୍ୟାଳୟ କିମ୍ବା ତତୁଲ୍ୟ ସ୍ୱୀକୃତିପ୍ରାପ୍ତ ନୃତ୍ୟ ଏବଂ ସଙ୍ଗୀତରେ ଉଚ୍ଚତର ଶିକ୍ଷା ଲାଭ କରିଥିବେ କିମ୍ବା ପ୍ରତିଷ୍ଠିତ ଗୁରୁଙ୍କ ଅଧୀନରେ ଅନ୍ୟୁନ ୬ ବର୍ଷ ଶିକ୍ଷା ଲାଭ କରିଥିବେ । (୩) ସାଧାରଣ ଶିକ୍ଷା କ୍ଷେତ୍ରରେ ଅନ୍ୟୁନ ମାଟ୍ରିକ୍ ପାସ୍ କରିଥିବେ । (୪) ଶିକ୍ଷାମାନଙ୍କର ପରିବେଷଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ।

ବିଶେଷ ଦ୍ରଷ୍ଟବ୍ୟ : ଏହି ପାଠ୍ୟକ୍ରମ ୨୦୨୬ ଜାନୁୟାରୀ ମାସରୁ ଆରମ୍ଭ କରାଯିବ । ନୃତ୍ୟ ଏବଂ ସଂଗୀତ ବିଭାଗ ନିମନ୍ତେ ପ୍ରାର୍ଥୀ ପୃଥକ ପୃଥକ ଭାବରେ ଆବେଦନ କରିବେ ।

OIPR:
ମୁଖ୍ୟ ନିର୍ବାହୀ

**OFFICE OF THE SUPERINTENDING ENGINEER**
**RWS&S DIVISION, JAGATSINGHPUR**
Tel. No. 06724-223485, mail - rwssjspur@gmail.com
**e-Procurement Notice**
**Bid Identification No. 35 of 2025-26**

**No.O-1415** : The Executive Engineer, RWS&S Division, Jagatsinghpur on behalf of Governor of Odisha invites Lump sum composite bids in Double Cover system in online mode for Execution of RPWS scheme on Turnkey basis from eligible Class of contractors.

1. Name of work : Execution of PWS
2. No. of work : 02 Nos
3. Estimated Cost : Rs. 1,06,45,932/- to Rs. 1,47,04,949/-
4. Cost of Tender paper : Rs. 10000/- Each
5. Class of contractor : ‘B’ & ‘A’
6. Availability of Tender in website : 17.11.2025 to 26.11.2025
7. Submission of Bid in online : 17.11.2025 to 26.11.2025
8. Date of seeking clarification : 17.11.2025 to 24.11.2025
9. Date of opening of bids : 27.11.2025 (11.00 A.M.)
10. Name and address of O.I.T : Superintending Engineer, RWS&S Division, Jagatsinghpur
11. All other details can be seen from the website : www.tendersorissa.gov.in
12. Bid cost and Bid security should be submitted in online mode
13. Subsequent corrigendum/addendum if required shall only be appeared in above website.

OIPR-
**Sd./- Executive Engineer**
**RWS&S Divn., Jagatsinghpur**

See Career Appointment on every Wednesday & Saturday

# ୩ ରାଜ୍ୟରେ ବେଦାନ୍ତ ଆଲୁମିନିୟମର ଶିଶୁଦିବସ



ଭୁବନେଶ୍ୱର,୧୫।୧୧ (ଅନୁରାଧା ମହାରଣା)

ଓଡ଼ିଶା, ଛତିଶଗଡ଼ ଏବଂ ଆନ୍ଧ୍ରପ୍ରଦେଶରେ ବେଦାନ୍ତ ଆଲୁମିନିୟମ ଶିଶୁଦିବସ ପାଳନ କରିଛି। କମ୍ପାନୀର ସିଏସ୍‌ଆର୍ କାର୍ଯ୍ୟକ୍ରମ ଅଂଶ ଭାବରେ ଏହି ଉତ୍ସବ ମାଧ୍ୟମରେ କମ୍ପାନୀ ୯,୦୦୦ରୁଅଧିକ ପିଲାଙ୍କ ନିକଟରେ ପହଞ୍ଚିଥିଲା। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ପିଲାମାନଙ୍କୁ ଜ୍ଞାନ, ସ୍ୱାସ୍ଥ୍ୟ ଏବଂ ଆତ୍ମବିଶ୍ୱାସ ସହିତ ସଶକ୍ତ କରିବା ହେଉଛି ଏକ ଶକ୍ତିଶାଳୀ ଏବଂ ଆତ୍ମନିର୍ଭରଶୀଳ ରାଷ୍ଟ୍ର ଗଠନର ମୂଳଦୁଆ। ଓଡ଼ିଶାର ଝାରସୁଗୁଡାରେ ଜିଲା କର୍ତ୍ତୃପକ୍ଷଙ୍କ ସହଯୋଗରେ ଉଦ୍ୟୋଗିତା ମେଳା ଆନନ୍ଦ ନାଗରୀରେ ୧୦୬ ଟି ସ୍କୁଲର ୫,୦୦୦ ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଲାଞ୍ଜିଗଡ଼ରେ ବିଦ୍ୟାଳୟ ଏବଂ ବେଦାନ୍ତ ନନ୍ଦଘରଗୁଡ଼ିକରେ ୫୦୦ରୁ ଅଧିକ ପିଲା ଅଧ୍ୟୟନ ସାମଗ୍ରୀ, କ୍ରୀଡ଼ା କିଟ୍ ପାଇଥିଲେ। ଜାମଖାଣି, ଘୋଘରପାଲି ଏବଂ କୁଡାଲୋଇରେ ୪୨ଟି ସ୍କୁଲ ଏବଂ ୫୧ଟି ଅଙ୍ଗନୱାଡି କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା, ଏଥିରେ ୨୮୫୦ରୁ ଅଧିକ ପିଲା, ଶିକ୍ଷକ ଏବଂ ଅଙ୍ଗନୱାଡି କର୍ମୀ ସାମିଲ ହୋଇଥିଲେ। ଛତିଶଗଡ଼ର ବାଲ୍‌କୋରେ ବିଭିନ୍ନ କାର୍ଯ୍ୟକ୍ରମ ୩୩ଟି ବେଦାନ୍ତ ନନ୍ଦ ଘରଗୁଡ଼ିକରେ ୮୦୦ରୁ ଅଧିକ ପିଲାଙ୍କ ସହିତ ପାଳନ କରାଯାଇଥିଲା। ଆନ୍ଧ୍ରପ୍ରଦେଶର ଭାଇଜାଗ୍ ଜେନେରାଲ୍ କାର୍ଗୋ ବର୍ଥ (ଭିଜିସିବି) ଶିକ୍ଷାଗତ ଉପହାର, ସାଂସ୍କୃତିକ ପ୍ରତିଯୋଗିତା ଏବଂ ଫାନ୍ସି ଡ୍ରେସ୍ ଇଭେଣ୍ଟ ମାଧ୍ୟମରେ ୧୫୧ ଜଣ ପିଲାଙ୍କ ନିକଟରେ ପହଞ୍ଚିଥିଲା।

# ଆମ ସୁବାହକ ଯୋଜନା ଲାଗି ଏସ୍‌ଏଲ୍‌ବିସି ସଦସ୍ୟଙ୍କ ସହ ବୈଠକ

ଭୁବନେଶ୍ୱର, ୧୫।୧୧ (ସୁନିତ୍ ମିଶ୍ର)



ମହିଳାଙ୍କୁ ଆତ୍ମନିର୍ଭର କରିବା ପାଇଁ ଆମ ସୁବାହକ ଯୋଜନା ଆରମ୍ଭ କରିବା ସହିତ ଏହାର ସଫଳ କାର୍ଯ୍ୟାନ୍ୱୟନ ପାଇଁ ବାଣିଜ୍ୟ ଏବଂ ପରିବହନ ବିଭାଗ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି(ଏସଏଲବିସି)ର ସଦସ୍ୟ ବ୍ୟାଙ୍କଗୁଡ଼ିକ ସହିତ ଏକ ବୈଠକ ଶନିବାର କରିଛି। ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର ଏବଂ ପ୍ରମୁଖ ସରକାରୀ ଏବଂ ଘରୋଇ ବ୍ୟାଙ୍କଗୁଡ଼ିକର ବରିଷ୍ଠ ପ୍ରତିନିଧିମାନେ ଯୋଗ ଦେଇଛନ୍ତି। ଏହି ଅବସରରେ ପାଢୀ କହିଛନ୍ତି, ଆମ ସୁବାହକ ଏକ ପରିବର୍ତ୍ତନକାରୀ ସଶକ୍ତିକରଣ-ସଂଯୁକ୍ତ ଜୀବିକା ପଦକ୍ଷେପ ଯାହାର ଲକ୍ଷ୍ୟ ଡ୍ରାଇଭିଂ ବୃତ୍ତିରେ ଲିଙ୍ଗଗତ ସନ୍ତୁଳନ ଆଣିବା। ମହିଳା ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଏବଂ ଓଡ଼ିଶାରେ ସୁରକ୍ଷିତ, ମର୍ଯ୍ୟାଦାପୂର୍ଣ୍ଣ ଗତିଶୀଳତା ସୁନିଶ୍ଚିତ କରିବା ସେ ମହିଳା ହିତାଧିକାରୀମାନଙ୍କୁ ସହାୟତା କରିବା ପାଇଁ ତୁରନ୍ତ ଋଣ ବ୍ୟବସ୍ଥା, ସରଳୀକୃତ ଡକ୍ୟୁମେଣ୍ଟେସନ୍ ଏବଂ ଉତ୍ସର୍ଗୀକୃତ ସୁବିଧା କରିବାକୁ ବ୍ୟାଙ୍କଗୁଡ଼ିକୁ ଅନୁରୋଧ କରିଛନ୍ତି। ଅମିତାଭ ଠାକୁର କହିଛନ୍ତି, ଏହି ଯୋଜନାରେ ହାଲୁକା ୪ ଚକିଆ ଯାନ କ୍ରୟ ପାଇଁ ସୁଧମୁକ୍ତ ଋଣ ପ୍ରଦାନ କରାଯିବା ସହିତ ଲାଇସେନ୍ସିଂ, ସଂଗଠିତ ଡ୍ରାଇଭିଂ ତାଲିମ ଏବଂ ଓଡ଼ିଶା ଯାତ୍ରୀ ପ୍ଲାଟଫର୍ମ ମାଧ୍ୟମରେ ଉଦ୍ୟୋଗୀ ସୁଯୋଗ ପାଇଁ ସହାୟତା ପ୍ରଦାନ କରାଯିବ। ଏଥିଲାଗି ବ୍ୟାଙ୍କଗୁଡ଼ିକ ଆର୍ଥିକ ସହାୟତା ପ୍ରଦାନ କରିବାକୁ ରାଜି ହୋଇଛନ୍ତି। ଏହି ଯୋଜନା ଚାରି ବର୍ଷ ମଧ୍ୟରେ ୧୧୦୦ ଆମ ସୁବାହକ ସୃଷ୍ଟି କରିବାର ଲକ୍ଷ୍ୟ ରଖିଛି। ୨୦୨୫-୨୬ ରେ ୨୦୦, ୨୦୨୬-୨୭ ରେ ୨୫୦, ୨୦୨୭-୨୮ରେ ୩୦୦ ଏବଂ ୨୦୨୮-୨୯ରେ ୩୫୦ ଜଣ ସୁବାହକ ସୃଷ୍ଟି ହେବେ। ଯୋଗ୍ୟ ମହିଳାମାନେ ୨୧-୪୦ ବର୍ଷ ବୟସର ହୋଇଥିବା ଆବଶ୍ୟକ।

# ସୋନାଲିକା ଟ୍ରାକ୍ଟର୍ସର ଗିନିଜ୍ ୱାର୍ଲ୍ଡ ରେକର୍ଡ

ଭୁବନେଶ୍ୱର, ୧୫।୧୧

ଟ୍ରାକ୍ଟର ରପ୍ତାନିକାରୀ ବ୍ରାଣ୍ଡ, ସୋନାଲିକା ଟ୍ରାକ୍ଟର୍ସର ବାଂଲାଦେଶ ଡିଷ୍ଟ୍ରିବ୍ୟୁଟର ଏସିଆଇ ମୋଟର୍ସ ଲିମିଟେଡ୍ ଗୋଟିଏ ଦିନରେ ସର୍ବାଧିକ ଟ୍ରାକ୍ଟର ଡେଲିଭରି କରି ଗିନିଜ୍ ୱାର୍ଲ୍ଡ ରେକର୍ଡରେ ପ୍ରବେଶ କରିଛି। ୩୫୦ଟି ଟ୍ରାକ୍ଟର ଡେଲିଭରି କରି ବାଂଲାଦେଶର ଦିନାଜପୁରଠାରେ ଅନୁଷ୍ଠିତ ସମାରୋହ 'ସୋନାଲିକାର ବିଶ୍ୱଜୋୟ'ରେ ମାତ୍ର ୪ ଘଣ୍ଟା ମଧ୍ୟରେ ରେକର୍ଡ କରାଯାଇପାରିଛି। ଏହି ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଦୀପକ ମିତ୍ତଲ କହିଛନ୍ତି, ଏହି ନୂଆ ଗିନିଜ୍ ୱାର୍ଲ୍ଡ ରେକର୍ଡ ପ୍ରତ୍ୟେକ କୃଷକ ଓ ପ୍ରତ୍ୟେକ ସହଯୋଗୀଙ୍କ ପାଖରେ କୃତଜ୍ଞ ଯିଏ ଆମର ଏହି ଯାତ୍ରାରେ ବିଶ୍ୱାସ କରିଛନ୍ତି। ଇଣ୍ଟରନ୍ୟାଶନାଲ ବିଜ୍‌ନେସ୍ ବିଭାଗର ନିର୍ଦ୍ଦେଶକ ଓ ସିଇଓ ଗୌରବ ସକ୍ସେନା କହିଛନ୍ତି, ଆମର ଡିଷ୍ଟ୍ରିବ୍ୟୁଟର ଏସିଆଇ ମୋଟର୍ସ ଲିମିଟେଡ୍ ଦ୍ୱାରା ବାଂଲାଦେଶରେ ହାସଲ କରାଯାଇଥିବା ଗିନିଜ୍ ୱାର୍ଲ୍ଡ ରେକର୍ଡ ଗ୍ରାହକ କୈନ୍ଦ୍ରିକତା ଓ ଉଦ୍ଦେଶ୍ୟରେ ପ୍ରଭାବ ସୃଷ୍ଟି କରିବା ପାଇଁ ଏକାଠି ହୋଇଛନ୍ତି ତାହାକୁ ପ୍ରତିଫଳନ କରୁଛି।

# ଫୋନ୍‌ପେ ଏବଂ ଓପନ ଏଆଇ ମଧ୍ୟରେ ସହଭାଗିତା

ଭୁବନେଶ୍ୱର, ୧୫।୧୧

ଫୋନ୍‌ପେ ପକ୍ଷରୁ ଗ୍ଲୋବାଲ ଏଆଇ କମ୍ପାନୀ ଓପନ ଏଆଇ ସହିତ ଏକ ସହଭାଗିତା କରାଯାଇଛି। ଭାରତରେ ଚାଟ୍‌ଜିପିଟିର ବ୍ୟବହାରକୁ ଦ୍ରୁତଗତିରେ ବଢ଼ାଇବା ଏବଂ ପାରସ୍ପରିକ ବ୍ୟବସାୟିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଏହି ସହଭାଗିତା କରାଯାଇଛି। ଏହା ଦ୍ୱାରା ଫୋନ୍‌ପେର ୟୁଜରମାନେ ଫୋନ୍‌ପେ ପ୍ଲାଟ୍‌ଫର୍ମରେ ହିଁ ଚାଟ୍‌ଜିପିଟିର ଫିଚରଗୁଡ଼ିକୁ ବ୍ୟବହାର କରିପାରିବେ। ଫୋନ୍‌ପେର ପ୍ରତିଷ୍ଠାତା ରାହୁଲ ଚାରି କହିଛନ୍ତି, ନୂଆ ଚିନ୍ତାଧାରା ଥିବା କମ୍ପାନୀଗୁଡ଼ିକ ଏକାଠି କାମ କଲେ, ନୂଆ ଟେକ୍ନୋଲୋଜିକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ। ଓପନ ଏଆଇର ଅନ୍ତର୍ଜାତୀୟ ମୁଖ୍ୟ ଓଲିଭର ଜେ କହିଛନ୍ତି, ଏହି ସହଭାଗିତା ଲକ୍ଷ ଲକ୍ଷ ୟୁଜରଙ୍କ ଦୈନନ୍ଦିନ ଜୀବନକୁ ଉନ୍ନତ କରିବାରେ ସାହାଯ୍ୟ କରିବ।

# ଟିଟିକେ ପ୍ରେଷ୍ଟିଜ୍‌ର ବାର୍ଷିକ ସେବା ସମ୍ମିଳନୀ

ଭୁବନେଶ୍ୱର, ୧୫।୧୧ (ଅନୁରାଧା ମହାରଣା)



କିଚେନ୍ ୱେୟାର ଆପ୍ଲାଏନ୍ସର ଅଗ୍ରଣୀ ବ୍ରାଣ୍ଡ ଟିଟିକେ ପ୍ରେଷ୍ଟିଜ୍ ଲିମିଟେଡ୍ ଓଡ଼ିଶା କ୍ଷେତ୍ର ପାଇଁ ଏହାର ବାର୍ଷିକ ସେବା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜେନେରାଲ ମ୍ୟାନେଜର (ଗ୍ରାହକ ସେବା) ମନୀଷ କାଉଲ, ଆଞ୍ଚଳିକ ସେବା ପରିଚାଳକ ସମ୍ରାଟ ଚକ୍ରବର୍ତ୍ତୀ, ଶାଖା ମୁଖ୍ୟ ଆଶାବିତ ପଣ୍ଡା, କ୍ଷେତ୍ର ବିକ୍ରୟ ମୁଖ୍ୟ ପ୍ରବୀଣ କୁମାର ପାତ୍ର, କ୍ଷେତ୍ର ସେବା ମୁଖ୍ୟ ସୁଜିତ କୁମାର ନାୟକ ଏବଂ କ୍ଷେତ୍ର ମୁଖ୍ୟ ଶେଷଦେବ ବିଶ୍ୱାଳ ଉପସ୍ଥିତ ଥିଲେ। ସାରା ଓଡ଼ିଶାରେ ୧୫ଟି ସେବା କେନ୍ଦ୍ର ଏଥିରେ ଯୋଡ଼ିହୋଇଥିଲା। ସେବା ମାଧ୍ୟମରେ ଆମର ଗ୍ରାହକମାନଙ୍କୁ କିପରି ଖୁସି କରାଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଗ୍ରାହକ ଅଭିଜ୍ଞତା ବୃଦ୍ଧି ବିଷୟରେ ମନୀଷ ମଧ୍ୟ କହିଥିଲେ।

# ଓରେରା ସିଡିଆର୍ ସେଲ୍ କର୍ମଶାଳା

ଭୁବନେଶ୍ୱର, ୧୫।୧୧ (ଅନୁରାଧା ମହାରଣା)

ଓଡ଼ିଶା ରିୟଲଷ୍ଟେଟ୍ ରେଗୁଲେଟୋରି ଅଥରିଟି (ଓରେରା) ପକ୍ଷରୁ କନ୍‌ସିଲିଏସନ୍ ଆଣ୍ଡ ଡିସ୍‌ପ୍ୟୁଟ୍ ରିଜୋଲ୍ୟୁଶନ ସେଲ୍ (ସିଡିଆର୍) ସମ୍ପର୍କିତ କର୍ମଶାଳା ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଓରେରା ଅଧ୍ୟକ୍ଷ ଅସିତ୍ କୁମାର ମହାପାତ୍ର କର୍ମଶାଳାର ଉଦ୍‌ଘାଟନ କରି ସିଡିଆର୍ ସେଲ୍‌ର ଉଦ୍ଦେଶ୍ୟ ଆବଶ୍ୟକତା ଏବଂ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେ କହିଥିଲେ, ଏହି ସେଲ୍ ମାଧ୍ୟମରେ ଆପୋସ ମଧ୍ୟସ୍ଥତା ଦ୍ୱାରା ବିଭିନ୍ନ ବିବାଦର ସୁଗମ ଏବଂ ଶୀଘ୍ର ସମାଧାନ ସମ୍ଭବ ହେବ। ଓରେରା ପ୍ରଶାସନିକ ସସସ୍ୟ ରାଜେନ୍ଦ୍ର ମିଶ୍ର କହିଥିଲେ, ବିଲ୍ଡର ଏବଂ ଗୃହକ୍ରେତାଙ୍କ ମଧ୍ୟରେ ଉଦ୍ଭବିତ ବିବାଦର ତ୍ୱରିତ ସମାଧାନ ହେବା ହେଉଛି ସିଡିଆର୍ ସେଲ୍‌ର ପ୍ରମୁଖ ଲକ୍ଷ୍ୟ। ନ୍ୟାୟିକ ସଦସ୍ୟ ଶ୍ୟାମସୁନ୍ଦର ଦାଶ ସେଲ୍‌ର ବିଭିନ୍ନ ଆଇନଗତ ପାର୍ଟି ଉପରେ ଆଲୋକପାତ କରିଥିଲେ। ନିରଞ୍ଜନ କୁମାର ଜେନା, ଆଡ୍‌ଜୁଡିକେଟିଂ ଅଫିସର, ଓରେରା ସିଡିଆର୍ ସେଲ୍‌ର କାର୍ଯ୍ୟ ନିୟମାବଳୀ ଉପରେ ମତ ପ୍ରକାଶ କରିଥିଲେ। କର୍ମଶାଳାରେ ବକ୍ତା ଭାବେ ଯୋଗଦେଇଥିବା ସୋଆ ୟୁନିଭର୍ସିଟିର ଡ. ଅମୃତା ଦାସ, ଏକ୍ସଆଇଏମ୍‌ର ଆଇନ ବିଭାଗର ଡ. ବିରଞ୍ଚି ନାରାୟଣ ପଣ୍ଡା, ରାଜ୍ୟ ଭିଜିଲାନ୍ସ ଏକାଡେମୀର ଡେପୁଟି ଡାଇରେକ୍ଟର ଦିଲୀପ କୁମାର ଛୋଟରାୟ ଏବଂ ଅବସରପ୍ରାପ୍ତ ପ୍ରିନ୍ସିପାଲ ଡ. ବିଜୟ ଚନ୍ଦ୍ର ମହାପାତ୍ର ସିଡିଆର୍ ସେଲ୍‌ର ବିଭିନ୍ନ ପ୍ରାସଙ୍ଗିକ ଦିଗ ଉପରେ ଆଲୋଚନା କରିଥିଲେ। କ୍ରେଡାଇ ଏବଂ ଗୃହକ୍ରେତା ସଂଘଙ୍କ ସଦସ୍ୟମାନେ ସିଡିଆର୍ ସେଲ୍‌ର ସଦସ୍ୟ ଭାବେ ଏହି କର୍ମଶାଳାରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଓରେରା ସଚିବ ମାନସୀ ମାନ୍ଧାତା ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଉପସଚିବ (ଅର୍ଥ) ପ୍ରଭାତ କୁମାର କୁଣ୍ଡୁର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଓଏସ୍‌ଡି ଲ୍ୟାଣ୍ଡ ଶୁଚିସ୍ମିତା ଦାଶ ପରିଚାଳନା କରିଥିଲେ।


## ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼
## OFFICE OF THE MUNICIPAL COUNCIL, TITILAGARH

(Deptt. of Housing & Urban Development, Govt. of Odisha)
At/P.O./P.S.: Titilagarh, Dist.: Balangir - 767033
e-mail: titilagarhmunicipality@gmail.com, www.titilagarhmunicipality.in
Letter No. 3223 Date: 11.11.25

**ADVERTISEMENT FOR INVITING EXPRESSION OF INTEREST FOR 1 No. OF CANTEEN UNDER MISSION SHAKTI HAAT**

No. C-1445: Interested WSHGs/SHG Federation having the willingness and aptitude for the activity/scheme titled **1 No. of Canteen under Mission Shakti Haat** are invited to submit their proposal through only postal service before the concerned Executive Officer, Titilagarh Municipality in the mentioned below format within 7 (Seven) office working days of this advertisement i.e. by 19.11.2025 before 5.30 P.M.

Sd./- Executive Officer
Titilagarh Municipality
OIPR-

## OFFICE OF THE CDO-cum-EO ZILLA PARISHAD, GANJAM, CHATRAPUR

No. CAD-2284: Sealed tenders are invited from eligible and authorized approved IOCL vendors for the supply of various non-fuel items to DSMS, Ganjam. The firm must possess valid documents such as the authorization certificate, up-to-date ITR, etc.
Tender documents can be obtained from the office of DSMS, Ganjam or downloaded from the website **www.ganjam.nic.in**.
The last date for receipt of tender papers is 25.11.2025 at 2.00 P.M. The tenders will be opened on the same day, i.e. 25.11.2025 at 3.00 P.M. in the Office of the CDM-cum-EO, Zilla Parishad, Ganjam.

Sd./- CDO-cum-EO
Zilla Parishad, Ganjam
OIPR-

## OFFICE OF THE SUPERINTENDENT, DHARANIDHAR MEDICAL COLLEGE & HOSPITAL, KEONJHAR-758001

Email:supdtgmckeonjhar@gmail.com
Advt.No.4908/DDMC&H, Keonjhar Date:13.11.2025

**TENDER CALL NOTICE**

No.E-506: Sealed tenders are hereby invited from the intending manufacturers or their authorised stockiest/Distributors for supply of Stationary & Printing Materials (Contingency) items to Dharanidhara Medical College & Hospital, Keonjhar. The eligible bidders may submit their tender papers on or before 08.12.2025 by 5.00 PM through Registered Post/ Speed Post/ Courier only to the undersigned. The Technical Bid documents will be opened on 09.12.2025 at 12.30 P.M. Those who will qualify in the Technical Bid, the date of opening, Financial Bids will be intimated later on. The details in this connection are available in the district website: www.kendujhar.odisha.gov.in and College website: http://gmchkeonjhar.odisha.gov.in. The authority will not be responsible for any postal delay. The undersigned reserves the right to reject or cancelled any or all the tender without assigning any reason thereof.

Sd./- Superintendent
Dharanidhara Medical College & Hospital, Keonjhar
OIPR-

## GOVERNMENT OF ODISHA
## OFFICE OF THE SUPERINTENDING ENGINEER-CUM-DEPUTY ELECTRICAL INSPECTOR,KANDHAMAL & BOUDH

ଓଡ଼ିଶା ସରକାର
Email Id: deikandhamal-od@od.gov.in, Ph/Fax-0680-2291017
At-Gajapati Nagar, 1st line, Berhampur, Dist:Ganjam, Pin-760010
No.AA-36

**CORRIGENDUM**

**Ref:** Tender Notice No. **01/2025-26**, published on **10.11.2025**
**Subject:** Hiring of Office Building on Rent Basis
With reference to the Quotation Call Notice for Hiring Office Building on Rent Basis (No.AA-34), published in the newspaper the following correction may be read in place of the next printed earlier.
**For:** "Phulbani Municipality Corporation area"
**Read As:** "Phulbani Municipality area and area around 3 km radius of it."
All other terms and conditions remain unchaged.

Sd./-Superintending Engineer-cum-Deputy Electrical Inspector,
Kandhamal & Boudh
OIPR-

## OFFICE OF THE DIVISIONAL FOREST OFFICER KALAHANDI NORTH DIVISION

Near Old Govt. Bus Stand, Bhawanipatna, Kalahandi,Odisha-766001
E-mail ID:dfo.kalahandinorth@odisha.gov.in, Phone No.06670-230526
Bid Identification No.BC-DFOKLDN-01/2025-26
No.MM-274

**NOTICE INVITING TENDER**

| Sl. No. | Name of the Work | Building Works as per DTCN available in the website www.tenderodisha.gov.in |
|---|---|---|
| 1 | Estimated Cost | Rs.17,17,324/- |
| 2 | No. of Works | 1 no of Forest Guard Quarter |
| 3 | Period & time of completion | 3 (Three) Calendar Months |
| 4 | Date & Time of availability of the bid document in the portal | 12.11.2025 to 25.11.2025 (Upto 5.00 PM) online bidding |
| 5 | Last Date/Time for receipt of bids in the portal | Upto 5.00 P.M. of 25.11.2025 |
| 6 | Date & Time of bid opening | 11.00 AM on 26.11.2025 |
| 7 | Name & Address of the Officer Inviting Bid | Divisional Forest Officer, Kalahandi North Division, At-Bhawanipatna, Dist-Kalahandi, PIN-766001 |

Others can be seen from Detailed Notice Inviting Tenders available in website:- www.tenderodisha.gov.in.
Corrigendum if any shall only be published.

Sd./- Divisional Forest Officer
Kalahandi North Division
OIPR-

## OFFICE OF THE NOTIFIED AREA COUNCIL,KODALA

Odisha, Pin-761032, e-Mail: nackodala@gmail.com
Lt.No.3169/Dev/2025 Dated:14.11.2025

**e-NOTICE**
**BID IDENTIFICATION No. KOD-NAC-13/2025-26**

No.C-1471: The Executive Officer, NAC, Kodala on behalf of Governor of Odisha invites for consultancy or bidders of eligible class registered with the State Govt and bidders of equivalent grade/class registered with central Govt/MES/Railways according to norm of e-procurement system in online mode for the work as per DTCN.

1. Name of the Work : Request for Proposal (RFP)
2. Number of Work : 01 Nos.
3. Estimated Cost : As per DTCN
4. Period of Completion : As per DTCN
5. Date and Time of avilability of Bid document in the Portal : From 10.00 AM of Dt.15.11.2025 to 5.00 PM of Dt.28.11.2025
6. Last date and time for receipt of Bid in the Portal : 5.00 PM of Dt.28.11.2025
7. The bid received online shall be opened on 11.00 AM of dtd.02.12.2025
8. Name and address of the Officer Inviting Bid : Executive Officer, NAC Kodala

Further details can be seen from the Procurement Portal: www.tendersorissa.gov.in

Sd./- Executive Officer
Kodala NAC
OIPR-

## OFFICE OF THE MUNICIPAL COUNCIL, BELPAHAR

No.C-1437
**"e" PROCUREMENT NOTICE**
BID REFERENCE NO. EO/BPHM/04/25-26
BID IDENTIFICATION NO. 2025_ORULB_121067
TENDER CALL NOTICE NO.2012 DT.10.11.2025

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in

| | | |
|---|---|---|
| Name of the Work | : | Individual Civil Constructiom works |
| No of Works | : | 16 Nos. |
| Bid Value | : | As per DTCN |
| Period of Completion | : | As per DTCN |
| Date & Time of availability of the bid documents in the portal | : | From dt.13.11.2025 at 10.00 A.M. to dt.24.11.2025 up to 5.00 P.M. |
| Bids received online shall be opened on | : | 11.00 A.M. onwards on dt.25.11.2025 |
| Name & address of the officer Inviting Bid | : | Executive Officer, Belpahar Municipality |

Further the details can be seen from the procurement portal : **www.tendersorissa.gov.in**, If any addendum/corrigendum/cancellation of tender shall be published in the above website only.

Sd./- Executive Officer,
Belpahar Municipality
OIPR-

## O/O CHIEF DISTRICT MEDICAL & PUBLIC HEALTH OFFICER DISTRICT PROGRAMME MANAGEMENT UNIT NATIONAL HEALTH MISSION, NABARANGPUR

e-mail : dhionab@gmail.com(06858-222057)
Tender No : 10859 Date : 12.11.2025

**No.E-508** : Sealed tenders are invited from registered, reputed and experienced Agencies /Firms/ Individuals for **"selection of Transporter for transportation of sanitary Napkins from Block storage point to designated schools, under ZSS NHM Nabarangpur"**. Bidders may send their complete bid in double cover system (Technical & Financial) separate envelopes only. Combined bids will not be considered. Category of supply must be superscribed in the top of the Bid envelope and addressing clearly to the CDM&PHO, Nabarangpur.Tender documents is to be downloaded from the District website https://nabarangpur.odisha.gov.in/.**Last date for receipt of Tender documents is 02.12.2025 by 5.00 PM only through Speed post/Regd Post/Courier only** and the bids,so received will be opened on 03.12.2025 at **11:00 AM** in the mini conference Hall of CDM&PHO office, Nabarangpur. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.

Sd./- CDM & PHO cum District Mission Director, NHM, Nabarangpur
OIPR-

## ZILLA SWASTHYA SAMITI, GAJAPATI

(Department of Health & FW, Govt. of Odisha)
Advt. No. 8841/DPMUGJP Date: 12.11.2025

**NOTICE**

**No.E-509** : In continuation to this office Advt. No. 8324 dated 18.10.2025 inviting applications for empanelment of yoga instructor for different health institutions of Gajapati district, whose last date has already been elapsed In view of the approval of the Chief Electoral Officer, Odisha vide Letter No. EC-CON-COE-0078-2025 dated 01.11.2025, the Authority has been pleased to extend the last date for submission of application till 05.00 PM of 26.11.2025. All the candidates who had already applied earlier for the post of Yoga Instructor in response to the aforesaid advertisement are need not to apply. Interested candidates fulfilling the eligibility criteria for the posts can apply to Chief District Medical & Public Health Officer, At/Po-Paralakhemundi, Gajapati, 761200. Visit the district website www.gajapati.odisha.gov.in regularly for all updates
All other terms and conditions remain unaltered.

Sd./- CDM & PHO-cum-District Mission Director, Gajapati
OIPR-

## OFFICE OF THE DIRECTOR, TEXT BOOK PRODUCTION & MARKETING, BHUBANESWAR - I

No. n-193 E-mail- directortbpmodisha@gmail.com, Tel.: 0674-2380871
No. 7176/TBPM Date: 12.11.25

**E-Tender Notice**

| | | |
|---|---|---|
| 1. | Description of Tenders | National tender for Transportation of Nationalized Text Books & Allied Books from Truck Owners/Transport Agencies/Transport Contractors having registered Agent Licence for N.T. Books & Allied Books to different district headquarter/blocks all over Odisha for the Academic Session 2026-27 |
| 2. | Date & time of availability of Bid documents in portal: | |
| | Start date for applying Bids Online | Dt.14.11.2025 |
| | Last date for applying Bids on | Dt.05.12.2025 (05.00 P.M.) |
| | Opening of the Technical Bids | Dt.06.12.2025 |
| 3. | Name & address of the O.I.T. | O/o. the Director, Text Book Production & Marketing, Bhubaneswar - 753001 |

Further details regarding downloading of Bid documents, Online participation can be seen from the e-procurement portal **http://tendersodisha.gov.in**.

Sd./- Director
Text Book Production & Marketing, Bhubaneswar
OIPR:

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, SAMBALPUR

1st Corrigendum to Tender Online-SBPR-08 of 2025-26

No.O-1461: The following changes have been made in respect of the Bid Identification No. Tender Online SBPR-08 of 2025-26 due to unavoidable reasons.
1. Date and Time have been changed as given below

**DATE & TIME**

| Sl.No. | Description | Schedule | Re-Schedule |
|---|---|---|---|
| 1 | Last date of availability of bid documents in the portal for bidding | 04.11.2025 11 AM to 17.11.2025 upto 5.00 PM | 19.11.2025 11 AM to 28.11.2025 upto 5.00 PM |
| 2 | Date & Time of opening of Bid | At 11.00 AM of 18.11.2025 | At 11.00 AM of 29.11.2025 |

All other terms and conditions of remain unchanged.
OIPR- Sd./- Superintending Engineer, Rural Works Division, Sambalpur

## TRIBAL DEVELOPMENT CO-OPERATIVE CORPORATION OF ORISSA LTD (TDCCOL)

Tel. 0674-2542475 / 2542617, Fax - 2544828,
Email : admin@tdccorissa.org, Website : www.tdccodisha.org
Letter no.2958/TDCCOL, Date : 14.11.2025

**Tender Call Notice for Designing, Manufacturing & supply of Thematic occasion-specific customized corrugated Gift hamper boxes**

**No.CAD-2312** : TDCCOL invites Sealed Tender(s) from only registered experienced & eligible Vendors/ manufacturers/ authorized suppliers for Designing, Manufacturing & supply of Thematic occasion-specific customized corrugated Gift hamper boxes. The Tender must be accompanied with creative photos/ pictures of the proposed occasion specific thematic gift hamper box. The details of the Tender call notice can be downloaded from www.tdccorissa.org. The bidder(s) should quote their basic rate, taxes, for designing, manufacturing & supply at TDCCOL central godown, HO, Bhubaneswar. The last date for acceptance of Tender is up to **5:00 pm on dated- 10.12.2025**. The tender paper with all documents sealed cover will be received at the office of the Managing Director, Tribal Development Cooperative Corporation of Odisha Limited, Rupali Square, Bhoi Nagar, Bhubaneswar-751022 only on speed post/ Registered Post. No tender paper will be received on courier/ personal means/ By hand/ Special messenger. The undersigned reserves the right to accept or reject any or all Tenders without assigning any reason thereof.

OIPR- Sd./- Managing Director

## STATE HIGHWAYS AUTHORITY OF JHARKHAND
## Government of Jharkhand

**e-procurement Notice inviting BID**

Ref No: SHAJ/Tech /Chitra/ECL Road/2024/884 Date: 13.11.2025

1. State Highways Authority of Jharkhand, Ranchi invites BID for **"Construction of Chitra East OCP under SP Mines area ECL Road (on Deposit basis) (Total Length-1.30 Km.)."** The approximate cost of the work is Rs. 7.56 crore (Approx).
2. The interested bidders who have experience in execution of similar works and required technical & financial strength may obtain Bid document from e-tendering portal www.jharkhandtenders.gov.in from **18.11.2025 (15:00 hrs) to 09.12.2025 (15:00 hrs).**
The complete BID Application shall be submitted online by **09.12.2025 (upto 15:00 hrs)** on e-tendering portal www.jharkhandtenders.gov.in. All the details regarding this BID will be available on the above mentioned website.
3. The contractors are required to submit non-refundable **Tender Fee** of Rs. 50,000/- (Rs. Fifty thousand only) & **Bid Security (EMD)** of Rs. 7.56 Lakh (Rs. Seven Lakh Fifty Six Thousand) only. Tender fees and Earnest money Deposit(EMD) shall be deposited online as per **Information Technology & E-Governance Department order no 120 dated 03.10.2023.** The undersigned will open the received bid online on **10.12.2025** at **15:30 hrs.**
4. ***No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.***

Sd/-
Member (Technical)
State Highways Authority of Jharkhand, Ranchi
Deen Dayal Nagar
(Near Office of Executive Engineer, NH Division, Ranchi)
Booty Road, Ranchi-834008. Ph.: 0651-2361306,
E-mail: membertechnical.shaj3@gmail.com

PR 366023 State Highway Authority of Jharkhand(25-26).D

## झारखण्ड सरकार, पेयजल एवं स्वच्छता विभाग

**ई-प्रोक्योरमेन्ट सूचना अति अल्पकालिन (प्रथम आमंत्रण)**

ई–निविदा सूचना संख्या – (धनबाद) 08/2025–26 तिथि – 13.11.2025

| | | |
|---|---|---|
| 1 | वेबसाइट पर निविदा प्रकाशन की तिथि | 18-11-2025 समय 02.00 बजे अपराहन् तक |
| 2 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 02-12-2025 समय 04.00 बजे अपराहन् तक |
| 3 | सरकार के सचिव, सूचना प्रौद्योगिकी एवं ई–गवर्नेस, झारखंड मंत्रालय के ज्ञापांक–120 दिनांक–03.10.2023 के आलोक में विपत्र का मूल्य एवं अग्रधन का राशि ऑनलाईन जमा करने का अंतिम तिथि एवं समय | 02-12-2025 समय 04.00 बजे अपराहन् तक |
| 4 | तकनीकी बिड खोलने की तिथि एवं समय | 03-12-2025 समय 04:00 बजे अपराहन् |
| 5 | तकनीकी बिड खोलने का स्थान | अधीक्षण अभियंता का कार्यालय पेयजल एवं स्वचछता यांत्रिक अंचल, दुमका। |
| 6 | निविदा आमंत्रित करने वाले पदाधिकारी का नाम/पदनाम :- | ई0 मयंक कुमार भगत, कार्यपालक अभियंता, पेयजल एवं स्वचछता यांत्रिक प्रमंडल, धनबाद। |
| 7 | निविदा आमंत्रित करने वाले कार्यालय का टेलिफोन नं0 | 0326-2308988 |
| 8 | ई– प्रोक्यूरमेन्ट सेल का हेल्प लाईन सं0 | 0651-480345 |

| | कार्य का नाम | प्राक्कलित राशि (रू0 में) | अग्रधन की राशि (रू0 में) | परिमाण विपत्र का मूल्य (रू0 में) | कार्य पूर्ण करने की अवधि |
|---|---|---|---|---|---|
| 1 | Supply, Installation, Testing and Commissioning of 2 sets of 30 HP HSC C/F backwash pump sets & 40w semi integrated solar street light at W.T.P. pumping plant Jamadova of Dhanbad Urban Water Supply Scheme (JnNURM) under D.W & S mechanical Division, Dhanbad | 29,14,189.00 | 58,500.00 | 5,000.00 | 05 माह |

नोट – केवल ई निविदा ही स्वीकार किये जायेंगे।
उपरोक्त किसी तिथि को अवकाश घोषित होने पर अगले कार्य दिवस की तिथि को माना जायेगा।
ऐसे संवेदक जिन्हें पेयजल एवं स्वच्छता विभाग झारखण्ड सरकार का निबंधन प्राप्त नहीं है वे भी निविदा में भाग ले सकते है बशर्ते कि वैसे सफल निविदादाता को एकरारनामा के पूर्व पेयजल एवं स्वच्छता विभाग,झारखण्ड, में निबंधन पत्र प्राप्त कर लेना होगा। निविदा की सूचना तथा नियम शर्तें की जानकारी प्रमंडलीय तथा अंचल कार्यालय से प्राप्त की जा सकती है। निविदा की जानकारी के लिए वेवसाईट http://jharkhandtender.gov.in पर देखा जा सकता है।

कार्यपालक अभियंता
पेयजल एवं स्वचछता यांत्रिक प्रमंडल, धनबाद
PR 366118 Drinking Water and Sanitation (25-26)_D

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................



ଆୟାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାଜସ୍ଥାନରେ ଜାଡେଜା, ସିଏସ୍‌କେରେ ସାମସନ

## ଆଇପିଏଲ୍ ରିଟେନଶନ

**ମୁମ୍ବାଇ, ୧୫।୧୧**

ଆସନ୍ତା ଡିସେମ୍ବର ୧୬ ତାରିଖରେ ଆବୁଧାବିଠାରେ ହେବାକୁ ଥିବା ମିନି ଅକ୍ସନ ପୂର୍ବରୁ ଆଇପିଏଲର ସମସ୍ତ ୧୦ ଫ୍ରାଞ୍ଚାଇଜ ସେମାନଙ୍କ ରିଟେନ ଓ ରିଲିଜ୍ ଖେଳାଳିଙ୍କ ତାଲିକା ଶନିବାର ପ୍ରକାଶ କରିଛନ୍ତି। ଅକ୍ସନ ଆଗରୁ ଟ୍ରେଡ ଜରିଆରେ ସଞ୍ଜୁ ସାମସନ ଚେନ୍ନାଇ ସୁପର କିଙ୍ଗ୍ସ, ରବୀନ୍ଦ୍ର ଜାଡେଜା ଓ ସାମ କୁରାନ ରାଜସ୍ଥାନ ରୟାଲ୍ସ, ମହମ୍ମଦ ଶାମି ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ, ନୀତୀଶ ରାଣା ଦିଲ୍ଲୀ କ୍ୟାପିଟାଲ୍ସ, ଶାର୍ଦ୍ଦୁଲ ଠାକୁର ଓ ଶେର୍ଫାନେ ରଦରଫୋର୍ଡ ମୁମ୍ବାଇ ଇଣ୍ଡିଆନ୍ସରେ ଯୋଗ ଦେଇଛନ୍ତି। ଅନ୍ୟପକ୍ଷରେ ଆନ୍ଦ୍ରେ ରସେଲ, ଗ୍ଲେନ ମ୍ୟାକ୍ସୱେଲ, କ୍ୱିଣ୍ଟନ ଡି କକ୍, ଭେଙ୍କଟେଶ ଆୟାର, ମହିଶ ଥିକ୍ଷଣା, ୱାନିନ୍ଦୁ ହାସାରଙ୍ଗା, ମାଥିଶା ପାଥିରାନା, ଡେଭନ କନୱେ, ଡେଭିଡ୍ ମିଲର, ଫାଫ ଡୁ ପ୍ଲେସିସ, ଜେକ ଫ୍ରେଜର-ମ୍ୟାକଗର୍କ, ଲିଆମ ଲିଭିଂଷ୍ଟୋନ, ଆଡାମ ଜାମ୍ପା ଆଦି ଷ୍ଟାର ଖେଳାଳିଙ୍କୁ ବିଭିନ୍ନ ଫ୍ରାଞ୍ଚାଇଜ ରିଲିଜ କରିଛନ୍ତି।

କେକେଆର ଅଜିଙ୍କ୍ୟ ରାହାନେ, ଅଙ୍ଗକ୍ରିଶ ରଘୁବଂଶୀ, ହର୍ଷିତ ରାଣା, ମନୀଷ ପାଣ୍ଡେ, ରମନଦୀପ ସିଂ, ରିଙ୍କୁ ସିଂ, ରୋବମାନ ପାୱେଲ, ସୁନୀଲ ନାରିନ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ରିଟେନ କରିଛି। ସନରାଇଜର୍ସ ହାଇଦ୍ରାବାଦ ଫ୍ରାଞ୍ଚାଇଜ ଅଭିଷେକ ଶର୍ମା, ଅନିକେତ ବର୍ମା, ବ୍ରାଇଡନ କାର୍ସ, ହର୍ଷଲ ପଟେଲ, ହେନରିକ୍ କ୍ଲାସେନ, ଇଶାନ କିଶାନ, ଜୟଦେବ ଉନାଡକଟ, କାମିଣ୍ଡୁ ମେଣ୍ଡିସ, ନୀତୀଶ କୁମାର ରେଡ୍ଡୀ, ପ୍ୟାଟ କମିନ୍ସ, ଟ୍ରାଭିସ ହେଡ୍‌ଙ୍କୁ ରିଟେନ କରିଛି। ୫ ଥର ଚାମ୍ପିୟନ ମୁମ୍ବାଇ, କର୍ବିନ ବୋଶ୍ଚ, ଦୀପକ ଚହର, ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ ବୁମରା, ମୟଙ୍କ ମାର୍କଣ୍ଡେ, ମିଚେଲ ସାଣ୍ଟନର, ରୋହିତ ଶର୍ମା, ରିଆନ ରିକଲଟନ, ଶାର୍ଦ୍ଦୁଳ ଠାକୁର, ଶେର୍ଫାନେ ରଦରଫୋର୍ଡ, ସୂର୍ଯ୍ୟକୁମାର ଯାଦବ, ତିଲକ ବର୍ମା, ଟ୍ରେଣ୍ଟ ବୋଲ୍ଟ, ୱିଲ ଜ୍ୟାକ୍ସଙ୍କୁ ରଖିଛି। ଗତ ସଂସ୍କରଣର ଚାମ୍ପିୟନ ବେଙ୍ଗାଲୁରୁ ଅଭିନନ୍ଦନ ସିଂ, ଭୁବନେଶ୍ୱର କୁମାର, ଦେବଦତ୍ତ ପାଡିକଲ, ଜ୍ୟାକବ ବେଥେଲ, ଜୀତେଶ ଶର୍ମା, ଜୋଶ ହାଜେଲଉଡ୍, କ୍ରୁନାଲ ପାଣ୍ଡ୍ୟା, ରୋମାରିଓ ଶେଫର୍ଡ, ଟିମ ଡେଭିଡ୍, ବିରାଟ କୋହଲିଙ୍କୁ ରିଟେନ କରିଛି। ସେହିଭଳି ଦିଲ୍ଲୀ ଅଭିଷେକ ପୋରେଲ, ଆଶୁତୋଷ ଶର୍ମା, ଅକ୍ଷର ପଟେଲ, ଦୁଶମନ୍ଥା ଚମିରା, କରୁନ ନାୟର, ଲୋକେଶ ରହୁଲ, କୁଲଦୀପ ଯାଦବ, ମାଧବ ତିୱାରୀ, ମିଚେଲ ଷ୍ଟାର୍କ, ମୁକେଶ କୁମାର, ନୀତୀଶ ରାଣା, ଟି ନଟରାଜନ, ଟ୍ରିଷ୍ଟାନ ଷ୍ଟବ୍ସ, ବିପ୍ରଜ ନିଗମ। ରାଜସ୍ଥାନ ଦଳ ଧ୍ରୁବ ଜୁରେଲ, ଜୋଫ୍ରା ଆର୍ଚ୍ଚର, କ୍ୱେନା ମାଫାକା, ଲୁଆନ ଡ୍ରେ ପ୍ରେଟୋରିଅସ, ନାନ୍ଦ୍ରେ ବର୍ଗର, ରବୀନ୍ଦ୍ର ଜାଡେଜା, ରିୟାନ ପରାଗ, ସାମ କୁରାନ, ସନ୍ଦୀପ ଶର୍ମା, ଶିମରନ ହେଟମାୟର, ଶୁଭମ ଦୁବେ, ତୁଷାର ଦେଶପାଣ୍ଡେ, ବୈଭବ ସୂର୍ଯ୍ୟବଂଶୀ, ଜୟସ୍ୱୀ ଜୟସ୍ୱାଲଙ୍କୁ ରିଟେନ କରିଛି। ସେହିଭଳି ପଞ୍ଜାବ ପେସର ଅର୍ଶଦୀପ ସିଂ, ଆଜମାତୁଲା ଓମାରଜାଇ, ଲୋକି ଫର୍ଗୁସନ, ମାର୍କସ ଷ୍ଟୋଇନିସ, ମିଚେଲ ଓୱେନ, ପ୍ରଭସିମରନ ସିଂ, ପ୍ରିୟାଂଶ ଆର୍ଯ୍ୟା, ଶଶାଙ୍କ ସିଂ, ଶ୍ରେୟସ ଆୟାର, ଯୁଜବେନ୍ଦ୍ର ଚହଲଙ୍କୁ ରିଟେନ କରିଛି। ଚେନ୍ନାଇ ଦଳ ଅଂଶୁଲ କାମ୍ବୋଜ, ଗୁରଜପନୀତ ସିଂ, ମହେନ୍ଦ୍ର ସିଂ ଧୋନୀ, ସଞ୍ଜୁ ସାମସନ, ଋତୁରାଜ ଗାଏକ୍ୱାଡ, ଶିବମ ଦୁବେ, ଖଲିଲ ଅହମଦ, ଆୟୁଶ ମହାତ୍ରେ, ଡେୱାଲ୍ଡ ବ୍ରେଭିସ, ଉର୍ଭିଲ ପଟେଲଙ୍କୁ ରଖିଛି। ଲକ୍ଷ୍ନୌ ଅବଦୁଲ ସମଦ, ଏଡେନ ମାରକ୍ରାମ, ଅର୍ଜୁନ ତେନ୍ଦୁଲକର, ଅର୍ଶିନ କୁଲକର୍ନୀ, ଆଭେଶ ଖାନ, ଆୟୁଷ ବଦୋନୀ, ଦିଗଭେଶ ରାଠୀ, ମାଥ୍ୟୁ ବ୍ରିଜକେ, ମହମ୍ମଦ ଶାମି, ମିଚଲ ମାର୍ଶ, ନିକୋଲାସ ପୁରାନ, ରିଷଭ ପନ୍ତଙ୍କୁ ରଖିଥିବା ବେଳେ ଗୁଜରାଟ ଈଶାନ୍ତ ଶର୍ମା, ଜୋସ ବଟଲର, କାଗିସୋ ରାବାଡା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ବି ସାଇ କିଶୋର, ରାହୁଲ ତେୱାଟିଆ, ସାଇ ସୁଦର୍ଶନ, ଶାହରୁଖ ଖାନ, ଶୁବମନ ଗିଲ, ୱାଶିଂଟନ ସୁନ୍ଦରଙ୍କୁ ରିଟେନ କରିଛି।




D-2585


# ୧୦ ରାଉଣ୍ଡ ଶେଷସୁଦ୍ଧା ଗାର୍ଡିଆନ୍ସ ଅଗ୍ରଣୀ



## ଆଇକନିକ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍

**ଭୁବନେଶ୍ୱର, ୧୫।୧୧ (ତପନ ସ୍ୱାଇଁ)**

ଆଇକନିକ୍ ସ୍ପୋର୍ଟ୍ସ ଫାଉଣ୍ଡେଶନ (ଆଇଏସ୍‌ଏଫ୍) ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ)ର ମିଳିତ ଆନୁକୂଲ୍ୟରେ ଏଠାରେ ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ (ଆଇଓସିପିଏଲ୍)-୨୦୨୫ର ୬ ରାଉଣ୍ଡ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଛି। ପ୍ରଥମ ଦିବସରେ ୪ ରାଉଣ୍ଡ ମ୍ୟାଚ ହୋଇଥିଲା। ମୋଟ ୧୦ ରାଉଣ୍ଡ ମ୍ୟାଚ ଶେଷରେ ଗୋଲକୋଣ୍ଡା ଗାର୍ଡିଆନ୍ସ ୭ ବିଜୟ, ୨ ଡ୍ର, ୧ ପରାଜୟ ସହ ୧୬ ପଏଣ୍ଟ ପାଇ ଅଗ୍ରଣୀଲାଭ କରିଛି। ବାରବାଟୀ ବ୍ୟାଟଲର୍ସ ୭ ବିଜୟ, ୧ ଡ୍ର ଓ ୨ ପରାଜୟ, ଭିକ୍ଟୋରିଆ ଭିକ୍ଟର୍ସ ୭ ବିଜୟ, ୧ ଡ୍ର ଓ ୨ ପରାଜୟ, ରାଜଧାନୀ ଚ୍ୟାଲେଞ୍ଜର୍ସ ୫ ବିଜୟ, ୩ ଡ୍ର, ୨ ପରାଜୟ, ଅମ୍ବର ଆଭେଞ୍ଜର୍ସ ୪ ବିଜୟ, ୫ ଡ୍ର ୧ ପରାଜୟ, ଚୋଲା ଚାମ୍ପିୟନ୍ସ ୫ ବିଜୟ, ୨ ଡ୍ର, ୩ ପରାଜୟ, କଳିଙ୍ଗ ୱାରିୟର୍ସ ୬ ବିଜୟ, ୪ ପରାଜୟ, ମହାନଦୀ ଫାଲକନ ୪ ବିଜୟ, ୧ ଡ୍ର, ୫ ପରାଜୟ, ନାଳନ୍ଦା ନାଇଟ୍ସ ୨ ବିଜୟ, ୧ ଡ୍ର, ୭ ପରାଜୟ, ସାଞ୍ଚି ଷ୍ଟ୍ରାଟେଜିଷ୍ଟ୍ସ ୨ ବିଜୟ, ୮ ପରାଜୟ, କୋଣାର୍କ କିଙ୍ଗ୍ସ ୧ ବିଜୟ, ୨ ଡ୍ର, ୭ ପରାଜୟ, ଏବଂ ଏଲୋରା ଇଲାଇଟ୍ସ ୨ ଡ୍ର ଓ ୮ ପରାଜୟ ସହ ପଛକୁପଛ ରହିଛନ୍ତି। ଲିଗ୍‌ର ଅବଶିଷ୍ଟ ଗୋଟିଏ ରାଉଣ୍ଡ ରବିବାର ଅନୁଷ୍ଠିତ ହେବା ସହ ପ୍ରତିଯୋଗିତା ଉଦ୍‌ଯାପିତ ହେବ। ପ୍ରତିଯୋଗିତାରେ ୨ ଗ୍ରାଣ୍ଡମାଷ୍ଟର, ୧୪ ଅନ୍ତର୍ଜାତୀୟ ମାଷ୍ଟର, ୩ ମହିଳା ଅନ୍ତର୍ଜାତୀୟ ମାଷ୍ଟର, ୮ ଫିଡେ ମାଷ୍ଟର, ୩ ମହିଳା ଫିଡେ ମାଷ୍ଟର, ୬ କ୍ୟାଣ୍ଡିଡେଟ୍ ମାଷ୍ଟର ଓ ଜଣେ ମହିଳା କ୍ୟାଣ୍ଡିଡେଟ୍ ମାଷ୍ଟରଙ୍କ ସହ ୩୭ଜଣ ଫିଡେ ଟାଇଟଲଧାରୀଙ୍କୁ ମିଶାଇ ମୋଟ ୯୬ ଖେଳାଳି ଅଂଶଗ୍ରହଣ କରିଛନ୍ତି।

# ଆର୍ଟିଷ୍ଟିକ୍ ଜିମ୍‌ନାଷ୍ଟିକ୍ସରେ ଏଚ୍‌ପିସିର ସଫଳତା

**ଭୁବନେଶ୍ୱର, ୧୫।୧୧ (ବିଜୟ ରଣା)**

ଓଡ଼ିଶାରେ ଅବସ୍ଥିତ ଆର୍ସେଲରମିତ୍ତଲ ନିପନ ଷ୍ଟିଲ୍ ଇଣ୍ଡିଆ ହାଇପର୍ଫମାନ୍ସ ସେଣ୍ଟରରେ ତାଲିମ ନେଉଥିବା ଆଥଲେଟ୍‌ମାନେ ନିକଟରେ ଉତ୍ତରପ୍ରଦେଶର ପ୍ରୟାଗରାଜ ଠାରେ ଅନୁଷ୍ଠିତ ସବ୍‌ଜୁନିୟର ଆର୍ଟିଷ୍ଟିକ୍ ଜାତୀୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ଯୁବ ବ୍ୟକ୍ତିଗତ ଇଭେଣ୍ଟରେ ୨ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଏହାଛଡ଼ା ୧୨ବର୍ଷରୁ କମ୍ ଟିମ୍ କାଟେଗୋରୀରେ ସେମାନେ ଏକ ବ୍ରୋଞ୍ଜ ପଦକ ଆଣିଛନ୍ତି। ଚାମ୍ପିୟନଶିପ୍‌ରେ ଓଡ଼ିଶା ଆର୍ସେଲରମିତ୍ତଲ ନିପନ ଷ୍ଟିଲ୍ ଇଣ୍ଡିଆ ହାଇପର୍ଫମାନ୍ସ ସେଣ୍ଟରରୁ ୧୦ ଏବଂ ପୁରୀ ଗ୍ରାସ୍‌ରୁଟ୍ ସେଣ୍ଟରରୁ ଜଣେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୨ ବର୍ଷରୁ କମ୍ ବ୍ୟକ୍ତିଗତ ବିଭାଗରେ ସାୟନ ଛାଟୋଇ ଉଭୟ ଫ୍ଲୋର୍ ଏକ୍ସରସାଇଜ୍ ଓ ଷ୍ଟିଲ୍ ରିଙ୍ଗ୍ସରେ ରୌପ୍ୟ ଜିତିଥିବାବେଳେ ଅଭୟ କୁମାର ଦାସ ୧୪ବର୍ଷରୁ କମ୍ ଫ୍ଲୋର ଏକ୍ସରସାଇଜ୍‌ରେ ଏକ ବ୍ରୋଞ୍ଜ ପାଇଥିଲେ। ସେହିପରି ୧୨ବର୍ଷରୁ କମ୍ ଟିମ୍ ଇଭେଣ୍ଟରେ ଓଡ଼ିଶା ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲା। ଏଥିରେ ଓମ୍ ଶ୍ରୀ ରୁଦ୍ର ନାରାୟଣ ସାହୁ ଓ ସାୟନ ଛାଟୋଇଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଏହି ପରିପ୍ରେକ୍ଷୀରେ ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆର ମୁଖ୍ୟ ସିଏସ୍‌ଆର୍ ଡ. ବିକାଶ ଯାଦଭେନ୍ଦୁ କହିଛନ୍ତି ଶୃଙ୍ଖଳା, ଦଳଗତ ପ୍ରଚେଷ୍ଟା ଓ ଦୃଢ଼ ଆତ୍ମବିଶ୍ୱାସ ଯୋଗୁ ଏହା ସମ୍ଭବ ହୋଇପାରିଛି। ଭବିଷ୍ୟତରେ ଏହି ଯୁବ ଆଥଲେଟମାନଙ୍କଠାରୁ ଆହୁରି ଅନେକ ସଫଳତା ଆଶା କରାଯାଉଛି।



ପଦକ ହାସଲ କରିଥିବା ଆର୍ସେଲରମିତ୍ତଲ ନିପନ ଷ୍ଟିଲ୍ ଇଣ୍ଡିଆ ଏଚ୍‌ପିସି ଜିମ୍ନାଷ୍ଟ।

# ଆନ୍ତଃ ସ୍କୁଲ ଚେସ୍ ସିଲେକ୍ସନ ଟ୍ରାଏଲ

**ଭୁବନେଶ୍ୱର, ୧୫।୧୧ (ବିଜୟ ରଣା)**

ଆସନ୍ତା ୬୯ତମ ଜାତୀୟ ସ୍କୁଲ ଗେମ୍ସ ୨୦୨୫-୨୬ ପାଇଁ ସିଏଚ୍‌ସିଇ ଆନ୍ତଃ ସ୍କୁଲ ଚେସ୍ (ବାଳକ) ପାଇଁ ସିଲେକ୍ସ ଟ୍ରାଏଲ ଶନିବାର ସଫଳତାର ସହିତ ବିଶ୍ୱନାଥନ ଆନନ୍ଦ ଇଣ୍ଟରନ୍ୟାଶନାଲ ଚେସ୍ ହଲ୍ (କିଟ୍ ୟୁନିଭର୍ସିଟି)ରେ ଅନୁଷ୍ଠିତ ହୋଇଯାଇଛି। କାଉନ୍‌ସିଲ ଅଫ୍ ହାୟର ସେକେଣ୍ଡାରୀ ଏଜୁକେଶନ, ଓଡ଼ିଶା, ଭୁବନେଶ୍ୱର ଅଧୀନରେ ରାଜ୍ୟର ବହୁ ହାଇସ୍କୁଲର ଆଗ୍ରହୀ ଚେସ୍ ଖେଳାଳିମାନେ ଏଥିରେ ଭାଗ ନେଇଥିଲେ। ସିଲେକ୍ସନ ଟ୍ରାଏଲ୍‌ରେ କିସ୍‌ର ଚତୁର ମୁର୍ମୁ (୪.୫ ପଏଣ୍ଟ) ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଆନନ୍ଦପୁର ହାଇସ୍କୁଲର ଉଦୟ ପରିଡ଼ା (୪ପଏଣ୍ଟ) ଦ୍ୱିତୀୟ ଏବଂ କିସ୍‌ର ଦାସା ଟୁଡୁ (୩.୫ ପଏଣ୍ଟ) ତୃତୀୟ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ କିସ୍ କ୍ରୀଡ଼ା ଯୁଗ୍ମ ନିର୍ଦ୍ଦେଶକ ରୁଦ୍ରକେଶ ଜେନା, ଆର୍.ଏନ୍ ଜିଓ ହାଇସ୍କୁଲର ପିଇଟି ଧର୍ମେନ୍ଦ୍ର ମହାନ୍ତି ଏବଂ ରାମଚଣ୍ଡି ହାଇସ୍କୁଲ ପିଇଟି ପ୍ରମୋଦ ବଳିୟାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରିକେଟ, ଫୁଟ୍‌ବଲ, ଭଲିବଲ ପ୍ରତିଯୋଗିତା ଆରମ୍ଭ

**ଭୁବନେଶ୍ୱର, ୧୫।୧୧ (ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥଅଲଟିକ୍ ଆସୋସିଏଶନ ଆନୁକୂଲ୍ୟରେ କ୍ରିକେଟ, ଫୁଟବଲ ଓ ଭଲିବଲ ପ୍ରତିଯୋଗିତା ରବିବାର ଆରମ୍ଭ ହୋଇଛି। ଟାଉନ୍ କ୍ଲବ ପଡ଼ିଆରେ ଭୁବନେଶ୍ୱର ଆନ୍ତଃ ବିଦ୍ୟାଳୟ କ୍ରିକେଟ ଲିଗ୍‌କୁ କ୍ଲବର ସଭାପତି ସୁରେଶ କୁମାର ରାଉତରାୟ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚରେ ଜେଣ୍ଟ ଜାଭିୟର ୪୯ ରନରେ ଓଡିଏମ୍‌କୁ ପରାସ୍ତ କରିଛି। ପାରାମାଉଣ୍ଟ ପଡ଼ିଆରେ ଡିଏମ୍ ପବ୍ଲିକ ସ୍କୁଲ ଓ ଲୋୟଲା ସ୍କୁଲ ମ୍ୟାଚକୁ ପାରାମାଉଣ୍ଟ କ୍ଲବ ସଭାପତି ପ୍ରତାପ ଜେନା ଓ କ୍ରିକେଟ ସମ୍ପାଦକ ଅଶୋକ ପାତ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ଲୋୟଲା ସ୍କୁଲ ବିଜୟୀ ହୋଇଥିଲା। ପୋଖରୀପୁଟ ପଡ଼ିଆରେ ବିଧାୟକ ବାବୁ ସିଂ କେଦାରଗୌରୀ ସେଣ୍ଟ ଜାଭିୟର ସ୍କୁଲ ଓ ବ୍ରିଜୱେଲ ଗ୍ଲୋବାଲ ସ୍କୁଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଶୁଭାରମ୍ଭ କରିଥିଲେ। ବ୍ରିଜୱେଲ ଗ୍ଲୋବାଲ ସ୍କୁଲ ବିଜୟୀ ହୋଇଥିଲା। ବି.ବି. କ୍ରିକେଟ ଏକାଡେମୀ ପଡ଼ିଆରେ ଭାଗ୍ୟଧର ଜଗଦେବ ଓଡିଏମ୍ ଗ୍ଲୋବାଲ ସ୍କୁଲ ଓ ୟୁନିଟ-୪ ଭେଙ୍କଟେଶ୍ୱର ସ୍କୁଲ ମ୍ୟାଚକୁ ଆରମ୍ଭ କରିଥିଲେ। ଭେଙ୍କଟେଶ୍ୱର ସ୍କୁଲ ବିଜୟୀ ହୋଇଥିଲା।

ୟୁନିଟ-୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟବଲ ଲିଗ୍ ଆୟୋଜକ ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଓ ଫୁଟବଲ ସମ୍ପାଦକ ଦିଲୀପ ଦାସଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିବସରେ ନୀତା ଫୁଟବଲ ଏକାଡେମୀ ୨-୦ରେ ଓଡିଏମ୍ ଗ୍ଲୋବାଲକୁ ହରାଇଥିଲା। ବିଜୟୀ ଦଳର କୃଷ୍ଣ ନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ କିସ୍ ୪-୦ରେ କଳିଙ୍ଗ ସ୍ପୋର୍ଟିଂକୁ ପରାସ୍ତ କରିଛି। ବିଜୟୀ ଦଳର ବିଶ୍ୱନାଥ ସୋରେନ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ।

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆନ୍ତଃବିଦ୍ୟାଳୟ ଭଲିବଲ ଲିଗ୍ ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି ଏବଂ ଓଡ଼ିଶା ଭଲିବଲ ସଂଘ ସମ୍ପାଦକ ଗଗନେନ୍ଦୁ ଦାଶ ଉଦ୍‌ଘାଟନ କରିଛନ୍ତି। ରବିବାର ପ୍ରତିଯୋଗିତାର ସେମିଫାଇନାଲ ଓ ଫାଇନାଲ ଅନୁଷ୍ଠିତ ହେବ।



କୃଷ୍ଣ ନାୟକଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

# ପ୍ରଥମ ଆଶେସ ଟେଷ୍ଟ ଖେଳିବେନି ହାଜେଲଉଡ୍

**ପର୍ଥ, ୧୫।୧୧ (ଏପି)**

ହାମ୍‌ଷ୍ଟ୍ରିଙ୍ଗ ଇଞ୍ଜୁରୀ ପାଇଁ ଅଷ୍ଟ୍ରେଲିଆ ଫାଷ୍ଟ ବୋଲର ଜୋସ୍ ହାଜେଲ୍‌ଉଡ୍ ଆସନ୍ତା ଶୁକ୍ରବାର ପର୍ଥଠାରେ ଆରମ୍ଭ ହେବାକୁଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଆଶେସ ଟେଷ୍ଟରେ ଖେଳିବେନି। ପ୍ରାଥମିକ ସ୍କାନ ପରେ ଆଘାତ ଗୁରୁତର ନୁହେଁ ବୋଲି କୁହାଯାଇଥିଲା। ମାତ୍ର ପରେ ଏକ ସ୍କାନ ଦ୍ୱାରା ଜଣାପଡ଼ିଥିଲା ଯେ, ସେ ଯନ୍ତ୍ରଣାରୁ ସମ୍ପୂର୍ଣ୍ଣ ମୁକ୍ତ ନୁହଁନ୍ତି। ପ୍ୟାଟ କମିନ୍ସଙ୍କ ପରେ ପର୍ଥ ଟେଷ୍ଟ ନ ଖେଳିବାରେ ସେ ଦ୍ୱିତୀୟ ଖେଳାଳି। ଆଶେସ ଓପନରରେ ଅଷ୍ଟ୍ରେଲିଆର ଫାଷ୍ଟ ବୋଲିଂ ଆକ୍ରମଣ ଉପରେ ଏହା ବହୁତ ପ୍ରଭାବ ପକାଇବ। ଫଳତଃ ବ୍ରେଣ୍ଡନ ଡଗେଟ୍‌ଙ୍କ ପାଇଁ ଏକ ଆଶେସ ଟେଷ୍ଟ ପଦାର୍ପଣର ସୁଯୋଗ ଦେଖା ଦେଇଛି। ବୁଧବାର ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଏକ ଶିଫିଲ୍ଡ ଶିଲ୍ଡ ଘରୋଇ ପ୍ରଥମ ଶ୍ରେଣୀ ମ୍ୟାଚ ଖେଳୁଥିବା ବେଳେ ହାଜେଲଉଡ୍ ଯନ୍ତ୍ରଣା ଅନୁଭବ କରିଥିଲେ। ହାଜେଲଉଡ୍ ବିମାନ ଯୋଗେ ସାଥୀ ଖେଳାଳିମାନଙ୍କ ସହ ପର୍ଥ ନ ଯାଇ ଘରେ ବିଶ୍ରାମ ନେବେ।


# Classified Everyday

**0674-2580101, 9692975378**



REAL ESTATE

**SALE**

Plot Area 25000 sft Near Rasulgada Square Bhubaneswar. 8480204021. D-2581

LIG House (136, 137, 138, 139) for sale at Sector- 3, Niladri Vihar, Near- Pani Tanki, Bhubaneswar, Contact- 9437229575. D-2575

Gharabari bounded plot 2400 sqft for sale Adjacent to Meera's Courtyard, near kuranga football field 200mtrs from Niali- Nakhara, SH Cuttack Sadar. Contact- 9937012712. D-2574

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/Duplex ଅଛି- 8327785834. D-06

**Khordha Municipality** ଏରିଆରେ ୨ଏକର ଜାଗା ପିଚୁ ରାସ୍ତାକୁ ଲାଗି ବିକ୍ରିହେବ। -7008634668 ଧ-୦୮

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ପ୍ଲଟ ବିକ୍ରି ହେବ- 9178660666. ଧ-୨୫୫୫

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ପ୍ଲଟ୍ 6,75,000/ରେ ବିକ୍ରିହେବ- 9776974912. D- 10

**Apartment sale near Sum Hospital, Bhubaneswar @4500/- Sqft. - 9777433701.** D-09

ONE COMMERCIAL cm, RESIDENTIAL PLOT 2400 Sqft., NH- 316 ROAD SIDE, 10 km from Phulanakhara, 15 Km from Bhubaneswar. COST 55 LAKHS, in place of 65 lakhs. Pl. contact me immediately who can purchase within 15 days 7809525452. D-210

ସ୍ତିତିବାନ ପ୍ଲଟ୍ ଧଉଳି, ବାଳକାଟି ବଜାର, ଗୁଡ଼ିଆ ପୋଖରି ପାଖରେ ମିଳୁଛି- 8249776268. ଧ-୬୭୩୦୪

**Email** ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



Healthcare

The massage felt totally professional! & comfortable at all times- 7978109255. D-211

**AFFIDAVIT**

By virtue of an affidavit sworn before Notary Public, dated 14th Nov 2025, I, Chabita Praska, Address Village- Timajhola, P.O.- Champi, Dist.- Koraput, Odisha, 765013, declare that I have changed my name from Chhabi Praska to Chabita Praska. Henceforth, I shall be known as Chabita Praska for all purposes.
Chabita Praska
D-2582

By virtue of an affidavit sworn before EXECUTIVE MAGISTRATE, BARGAON, dated- 14.11.2025, I, SUDAMA CHANDRA SA, Address: Vill.- Baibai, P.O.- Tudalaga, P.S.- Bargaon, District- Sundargarh, PIN- 770016, (Odisha) declare that I have changed my name from SUDAMA SA to SUDAMA CHANDRA SA. Henceforth, I shall be known as SUDAMA CHANDRA SA for all purpose.
SUDAMA CHANDRA SA
D-2570

I, Ranka Barik alias Krupasindhu Barik(48), S/o.- Krushna Barik, At: Jashipur, P.O.- Kuda, P.S.- Bansada, Dist.- Bhadrak, I have an LIC Policy bearing No. 585403631 where in my name is Krupasindhu Barik, By this affidavit I declare that Ranka Barik & Krupasindhu Barik is same and one person.
D-2571

By virtue of an affidavit sworn before the Notary Public, Titilagarh, Dtd.- 15.11.2025, Court Fees No.- 590, I, Sumit Kumar Bhoi, S/o.- Chandulal Bhoi, R/o.- Village- Kuanrgaon, P.O.- Kuanrgaon, P.S.- Saintala, Dist.- Balangir (Odisha), PIN- 767032 declare that now I have changed my name from Sumita Bhoi to Sumit Kumar Bhoi. Henceforth, I shall be known as Sumit Kumar Bhoi for all purposes.
Sumit Kumar Bhoi
D-2583

I, Mohammad Raziudin, S/o.- Late Mohammad Yaqueenudin, Resident of Magurgadia, P.O.- Keonjhargarh, P.S.- Town, Dist.- Keonjhar, Odisha declare by this affidavit No.- 231/25, Dtd.- 10.11.2025 that now onwards I shall be known as MOHAMMED RAZIUDDIN for all future purposes. D-2584

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଇନୋଭାରେ କପ୍ ଉଦ୍‌ଘାଟିତ



ଇଡ୍‌କୋର ଅଭିଜିତ ବାରିକ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୧୫।୧୧ (ତପନ ସ୍ୱାଇଁ)**

ଇନୋଭାରେ କପ୍ ଟି୨୦ କର୍ପୋରେଟ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ସୋଆ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ଇନୋଭାରେ ସହ ପ୍ରତିଷ୍ଠାତା ମୋହର ମନୋହର ମିଶ୍ର, ଇନୋଭାରେ କ୍ରିକେଟ କାଉନ୍ସିଲ (ଆଇସିସି) ସଭାପତି ସରୋଜା ପାଢ଼ୀ ଓ କାଉନ୍ସିଲ ସଦସ୍ୟ ହିମାଂଶୁ ପତି ଉପସ୍ଥିତ ରହି ପ୍ରତିଯୋଗିତାର ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦିବସରେ ସୋଆ ଷ୍ଟାଡିୟମରେ ୨ଟି ଓ ଇଡ୍‌କୋ ଷ୍ଟାଡିୟମରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଇଡ୍‌କୋ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଇସିସି ୧୩ ରନରେ କିଟ୍‌କୁ ପରାସ୍ତ କରିଛି। ଇସିସିର ପ୍ରକାଶ ସାହୁ ପ୍ଲେୟର ଅଫ୍ ଦି ମ୍ୟାଚ ଓ କିଟ୍‌ର ଦୁର୍ଗାଚରଣ ଇମ୍ପାକ୍ଟ ପ୍ଲେୟର ବିବେଚିତ ହୋଇଛନ୍ତି। ଦ୍ୱିତୀୟ ମ୍ୟାଚରେ ଷ୍ଟାର୍ଟଅପ୍ ଏକାଦଶ ୬ ଉଇକେଟରେ ରୟାଲ ରେଞ୍ଜର୍ସକୁ ହରାଇଛି। ବିଜୟୀ ଦଳର ଜୀତେନ୍ଦ୍ର ଦାସ ଶ୍ରେଷ୍ଠ ଖେଳାଳି ଓ ସୌମ୍ୟକାନ୍ତ ବିଶ୍ୱାଳ ଇମ୍ପାକ୍ଟ ପ୍ଲେୟର ପୁରସ୍କାର ପାଇଛନ୍ତି। ସୋଆରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଇଡ୍‌କୋ ୩୪ ରନରେ ଆକ୍ସେଞ୍ଚରକୁ ପରାସ୍ତ କରିଛି। ଇଡ୍‌କୋର ଅଭିଜିତ ବାରିକ ଶ୍ରେଷ୍ଠ ଖେଳାଳି ଓ ସିଦ୍ଧାନ୍ତ ରାୟ ପ୍ରଭାବୀ ଖେଳାଳି ବିବେଚିତ ହୋଇଛନ୍ତି। ଦ୍ୱିତୀୟ ମ୍ୟାଚରେ ଲୟର୍ସ ୫ ଉଇକେଟରେ ଆରସିସିକୁ ହରାଇଛି। ଲୟର୍ସର ତପନ ବାରିକ ପ୍ଲେୟର ଅଫ୍ ଦି ମ୍ୟାଚ ଏବଂ ଆରସିସିର ଅନୁଭବ ଖଟୁଆ ଇମ୍ପାକ୍ଟ ପ୍ଲେୟର ହୋଇଛନ୍ତି।

# ଭାରତୀୟ ଫୁଟ୍‌ବଲ ଦଳରେ ଅଷ୍ଟ୍ରେଲିଆ ଜନ୍ମିତ ୱିଲିଅମ୍ସ

**ନୂଆଦିଲ୍ଲୀ, ୧୫।୧୧ (ପି.ଟି.)**

ଆସନ୍ତା ୧୮ ତାରିଖରେ ଢାକାଠାରେ ବାଂଲାଦେଶ ବିପକ୍ଷରେ ହେବାକୁ ଥିବା ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାୟର ଅନ୍ତିମ ରାଉଣ୍ଡ ଗ୍ରୁପ୍ ସି' ମ୍ୟାଚ୍ ଲାଗି ଶନିବାର ୨୩ ଜଣିଆ ଭାରତୀୟ ଫୁଟବଲ ଦଳ ଘୋଷଣା କରାଯାଇଛି। ନିକଟରେ ଭାରତୀୟ ପାସପୋର୍ଟ ହାସଲ କରିଥିବା ଅଷ୍ଟ୍ରେଲିଆରେ ଜନ୍ମିତ ଫରୱାର୍ଡ ରିଆନ ୱିଲିଅମ୍ସ ଦଳରେ ସ୍ଥାନ ପାଇଛନ୍ତି। ତେବେ ସେ ମ୍ୟାଚ୍‌ରେ ଖେଳିବେ କି ନାହିଁ, ତାହା ଫୁଟବଲ ଅଷ୍ଟ୍ରେଲିଆ (ଏଫ୍‌ଏ)ର ନୋ-ଅବ୍‌ଜେକ୍‌ଶନ ସାର୍ଟିଫିକେଟ ଉପରେ ନିର୍ଭର କରେ। ତାଙ୍କୁ ଭାରତ ପାଇଁ ଖେଳିବା ପାଇଁ ଏଫ୍‌ଏ, ଫିଫା ଓ ଏଏଫ୍‌ସିଠାରୁ ନୋ-ଅବ୍‌ଜେକ୍‌ଶନ ସାର୍ଟିଫିକେଟ ନେବାକୁପଡ଼ିବ।

# ଖୁସି ଦାନ



**ସାଙ୍ଗସାଥୀ, ବନ୍ଧୁବାନ୍ଧବ ଅବା କେହି ପରିଚିତ ଦେଖା ହୋଇଗଲେ ମୁହଁରୁ ପ୍ରଥମ ପ୍ରଶ୍ନ ଆସେ କେମିତି ଅଛନ୍ତି, ଆଉ ଉତ୍ତରରେ ଭଲ ଅଛି, ଖୁସିରେ ଅଛି ଶୁଣିବା ପରେ ଖୁସି ଲାଗେ । ହେଲେ ଏବେ ଯେମିତି ଏହି ଉତ୍ତରଟି ବଦଳି ଯାଇଛି । କାରଣ ଏବେ ଅଧିକାଂଶଙ୍କ ପାଟିରୁ ଏହା ବଦଳରେ ଶୁଣିବାକୁ ମିଳୁଛି ବହୁତ ଟେନ୍‌ଶନ୍‌ରେ ଅଛି । ତେବେ ଅଧିକାଂଶ ବିଶେଷ କରି ଯୁବପିଢ଼ି ଟେନ୍‌ଶନ୍‌ରେ ରହିବା ପଛରେ ଅନେକ କାରଣ ରହିଛି । ଯାହାକି ଉଭୟ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଉପରେ ମଧ ନକାରାତ୍ମକ ପ୍ରଭାବ ପକାଉଛି । ତେଣୁ ସୁସ୍ଥ ରହିବାକୁ ହେଲେ ନିଜକୁ ଟେନ୍‌ଶନ୍ ଫ୍ରି ଓ ଖୁସିରେ ରଖିବା ନିହାତି ଆବଶ୍ୟକ...**

ବର୍ତ୍ତମାନ ଅନେକ ଯୁବପିଢ଼ି ପାଠପଢ଼ା, ଜବ୍, ପ୍ରେମ ବ୍ୟାପାର, ଆର୍ଥିକ, ପାରିବାରିକ କିମ୍ବା ଅନ୍ୟ କୌଣସି କାରଣକୁ ନେଇ ଟେନ୍‌ଶନ୍‌ରେ ରହୁଥିବା ଦେଖିବାକୁ ମିଳୁଛି । ଏହି ଟେନ୍‌ଶନ୍ ବା ମାନସିକ ଅସୁସ୍ଥତା ମଣିଷକୁ ଶାରୀରିକ ସୁସ୍ଥତା ଭିତରେ ବି ଏକ ପ୍ରକାରର ଅଚଳ ଅବସ୍ଥାରେ ପହଞ୍ଚାଇଦିଏ । କାରଣ କେବଳ ଶାରୀରିକ ନୁହେଁ ବରଂ ମାନସିକ ସ୍ତରରେ ସୁସ୍ଥ ରହିବା ଆଜିର ସମୟରେ ସବୁଠୁ ବଡ଼ ବରଦାନ । ତେଣୁ ନିଜକୁ ଟେନ୍‌ଶନ୍ ଫ୍ରି ଓ ଖୁସିରେ ରଖିବା ଲାଗି କେଉଁସବୁ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ ଜାଣିରଖନ୍ତୁ ଟିପ୍ସ...

**ଖୋଲାଖୋଲି କଥା ହୁଅନ୍ତୁ:** କେହି କେହି ପାଠପଢ଼ା, ଜବ୍ କିମ୍ବା ପ୍ରେମରେ ବିଫଳ ହେବା ଭଳି କେତେକ କଥାକୁ କାହା ଆଗେ କହି ନ ପାରି ମନରେ ଚାପି ରଖନ୍ତି । ଏହି ଟେନ୍‌ଶନ୍ ଧୀରେ ଧୀରେ ଡିପ୍ରେଶନ୍ ଭଳି ଗଭୀର ମାନସିକ ସମସ୍ୟାରେ ପରିଣତ ହୋଇଥାଏ । ଏହା କେତେକଙ୍କ କ୍ଷେତ୍ରରେ ମାନସିକ ସନ୍ତୁଳନ ହରାଇବା ଏମିତିକି ଆତ୍ମହତ୍ୟାର ମୁଖ୍ୟ କାରଣ ସାଜିଥାଏ । ତେଣୁ ସର୍ବପ୍ରଥମେ କୌଣସି କଥାକୁ ନେଇ ମାନସିକ ଚାପରେ ଥିଲେ ଏହାକୁ ଭିତରେ ଚାପି ନ ରଖି ପରିବାର ସଦସ୍ୟ କିମ୍ବା ବିଶ୍ୱସ୍ତ ବନ୍ଧୁଙ୍କ ସହ ଆଲୋଚନା କରନ୍ତୁ । ହୁଏତ, ଏହାଦ୍ୱାରା ଅନ୍ୟମାନଙ୍କଠାରୁ କିଛି ଭଲ ପରାମର୍ଶ ପାଇ ଆପଣଙ୍କ ସମସ୍ୟାର ସମାଧାନ ହୋଇପାରିବ । ଫଳରେ ଆପଣଙ୍କ ମନ ହାଲୁକା ହୋଇଯିବ ଏବଂ ଖୁସି ଅନୁଭବ କରିପାରିବେ । ଆବଶ୍ୟକ ସ୍ଥଳେ ମନସ୍ତତ୍ତ୍ୱବିତ୍ କିମ୍ବା କାଉନ୍‌ସିଲରଙ୍କ ପରାମର୍ଶ ନେଇପାରିବେ ।





**ବଦଳାନ୍ତୁ ଜୀବନଶୈଳୀ:** ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀ ଅର୍ଥାତ୍ ଅସନ୍ତୁଳିତ ଖାଦ୍ୟ, ଠିକ୍ ସମୟରେ ଏବଂ ପର୍ଯ୍ୟାପ୍ତ ମାତ୍ରାରେ ନ ଶୋଇବା ଆଦି ଅନେକ କାରଣ ଯୁବପିଢ଼ିଙ୍କଠାରେ ମାନସିକ ସମସ୍ୟା ସୃଷ୍ଟି କରୁଛି । ତେଣୁ ସର୍ବପ୍ରଥମେ ମନକୁ ଖୁସି ରଖିବା ଲାଗି ଜୀବନଶୈଳୀ ଉପରେ ଗୁରୁତ୍ୱ ଦିଅନ୍ତୁ । ଅର୍ଥାତ୍ ସୁଷମ ଖାଦ୍ୟ ଖାଇବା ସହ ପ୍ରତିଦିନ ଠିକ୍ ସମୟରେ ନିଦ୍ରା ଯାଆନ୍ତୁ । କାରଣ ମସ୍ତିଷ୍କକୁ ବିଶ୍ରାମ ଦେବା ହିଁ ମାନସିକ ସୁସ୍ଥତା ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ।

**କମାନ୍ତୁ ଇ-ଗ୍ୟାଜେଟ୍ ଟାଇମ୍:** ମୋବାଇଲ୍ ଫୋନ୍, କମ୍ପ୍ୟୁଟର, ଲାପ୍‌ଟପ୍ ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ଗେଜେଟ୍‌ର ବହୁଳ ବ୍ୟବହାର ଅଧିକାଂଶ ଯୁବପିଢ଼ିଙ୍କଠାରେ ଏକ ଆଡିକ୍ସନରେ ପରିଣତ ହୋଇଯାଇଛି । କେହି କେହି ସୋସିଆଲ୍ ମିଡିଆରେ ମଧ ବହୁତ ସମୟ ବିତାଉଛନ୍ତି, ଏମିତିକି କିଛି ସମୟ ଏଥିରୁ ସେମାନଙ୍କୁ ନିବୃତ୍ତ ରଖାଗଲେ ସେମାନେ ବିଚଳିତ ହୋଇପଡୁଛନ୍ତି । ଏହାଦ୍ୱାରା ସେମାନେ ଏକାକୀ ରହିବା ପସନ୍ଦ କରୁଛନ୍ତି ଏବଂ ପରିବାର, ସାଙ୍ଗସାଥୀଙ୍କଠାରୁ ସମ୍ପୂର୍ଣ୍ଣ ଦୂରେଇ ଯାଉଛନ୍ତି । ଫଳରେ କେତେକଙ୍କଠାରେ ଏହା ପରବର୍ତ୍ତୀ ସମୟରେ ନିଦ୍ରାହୀନତାଠାରୁ ଆରମ୍ଭ କରି ଏକଲାପଣ, ଡିପ୍ରେଶନ୍ ଭଳି ବିଭିନ୍ନ ମାନସିକ ସମସ୍ୟା ଉପୁଜାଉଛି । ତେଣୁ ମାନସିକ ସୁସ୍ଥତା ଲାଗି ଦୈନିକ କିଛି ସମୟ ଡିଜିଟାଲ୍ ଡିଟକ୍ସ ବା ଇ-ଗେଜେଟ୍‌ଠାରୁ ଦୂରେଇ ରହି ପରିବାର ସଦସ୍ୟ ଏବଂ ସାଙ୍ଗସାଥୀଙ୍କ ସହ କ୍ୱାଲିଟି ଟାଇମ୍ ବିତାନ୍ତୁ । ଏହା ଆପଣଙ୍କୁ ସର୍ବଦା ଖୁସି ରଖିବାରେ ସାହାଯ୍ୟ କରିବ ।

**ଜରୁରୀ ଏଣ୍ଟରଟେନ୍‌ମେଣ୍ଟ:** ଚିକିତ୍ସା ବିଜ୍ଞାନରେ ଟେନ୍‌ଶନ୍, ଡିପ୍ରେଶନ୍ ଆଦି ଦୂର କରିବା ଲାଗି ସଙ୍ଗୀତର ସାହାଯ୍ୟ ନିଆଯାଇଥାଏ । ଏଥିପାଇଁ ଏହାକୁ ମ୍ୟୁଜିକ୍‌ଥେରାପି ବୋଲି କୁହାଯାଇଥାଏ । ତେଣୁ ମ୍ୟୁଜିକ୍ ଶୁଣିବା ମେଣ୍ଟାଲ୍ ରିଲାକ୍ସେଶନ୍ ଲାଗି ସବୁଠୁ ବେଷ୍ଟ ମାଧ୍ୟମ । ସଙ୍ଗୀତରେ ଏଭଳି ଯାଦୁକରି ଶକ୍ତି ରହିଛି, ଯାହାକି ମଣିଷକୁ ମାନସିକ ଶାନ୍ତି ଦେବା ସହ ଶାରୀରିକ ସ୍ଫୂର୍ତ୍ତି ଯୋଗାଇଥାଏ । ତେଣୁ କୌଣସି ମାନସିକ ଚାପରେ ଥିଲେ ମଧ ଷ୍ଟ୍ରେସ୍ ଫ୍ରି ରହିବା ଲାଗି ମ୍ୟୁଜିକ୍ ଶୁଣି ମନକୁ ଖୁସି କରିପାରିବେ । ଏହା ବ୍ୟତୀତ କମେଡି ଭିଡିଓ, ମୋଟିଭେଶନାଲ୍ ସ୍କିଟ୍ ଭିଡିଓ ଆଦି ଦେଖିପାରିବେ । କେବେ ସମୟ ବାହାର କରି ପରିବର ସଦସ୍ୟ କିମ୍ବା ସାଙ୍ଗସାଥୀଙ୍କ ସହ ମୁଭି ଦେଖିବାକୁ ଗଲେ ବି ଟେନ୍‌ଶନ୍ ଫ୍ରି ହୋଇପାରିବେ । କାରଣ ଏଣ୍ଟରଟେନ୍‌ମେଣ୍ଟ ମଣିଷକୁ ଟେନ୍‌ଶନ୍ ଫ୍ରି ରଖିବା ଲାଗି ବହୁତ ଜରୁରୀ ।

**ହବି ଉପରେ ଧ୍ୟାନ ଦିଅନ୍ତୁ:** ଲେଖାଲେଖି, ପେଣ୍ଟିଂ, ଡାନ୍ସିଂ, କୁକିଙ୍ଗ୍, ଗାର୍ଡେନିଂ, ସିଲେଇ କରିବା ଭଳି ବିଭିନ୍ନ କ୍ଷେତ୍ରରେ ଅନେକଙ୍କର ରୁଚି ଥାଏ । ଟେନ୍‌ଶନ୍‌ରେ ଥିବା ବେଳେ ନିଜକୁ ଏହି ସମସ୍ୟାରୁ ଦୂରେଇବା ଲାଗି ଏହି ହବି ସବୁଠୁ ବେଶି କାମରେ ଆସିଥାଏ । କାରଣ ଏହାକୁ କରିବା ଦ୍ୱାରା ଯେଉଁ କାରଣରୁ ମନ ଭାରାକ୍ରାନ୍ତ ଥାଏ ସେଥିରୁ ଧ୍ୟାନ ଦୂରେଇ ଯାଇଥାଏ । ଫଳରେ ଏହି ହବି ମନକୁ ସ୍ଥିର ଏବଂ ସକାରାତ୍ମକ ରଖିବାରେ ବେଶ୍ ସାହାଯ୍ୟ କରିଥାଏ, ଯାହାକି ଅପରପକ୍ଷେ ମାନସିକ ଶାନ୍ତି ଦେବା ସହ ଷ୍ଟ୍ରେସ୍ ଫ୍ରି ମଧ ରଖିଥାଏ ।

**ମୁଡ୍ ଫ୍ରେଶ୍ ରଖେ ଟ୍ରାଭେଲିଂ:** କେବେକେବେ କାର୍ଯ୍ୟବ୍ୟସ୍ତତା କିମ୍ବା ଅନ୍ୟ କାରଣରୁ ଯୁବପିଢି ଟେନ୍‌ଶନ୍‌ର ଶିକାର ହୁଅନ୍ତି । ଏମିତିରେ କିଛି ସମୟ ବାହାରେ ବୁଲାବୁଲି କରିବା ଦ୍ୱାରା ମୁଡ୍ ଫ୍ରେଶ୍ ହୋଇଯାଏ । ଚିକିତ୍ସା ବିଜ୍ଞାନରେ ଏହାକୁ ମଧ ଏକ ଥେରାପି ଭଳି ବ୍ୟବହାର କରାଯାଇଥାଏ । ତେଣୁ କାର୍ଯ୍ୟବ୍ୟସ୍ତତା ମଧ୍ୟରେ କିଛି ସମୟ ବାହାର କରି ପରିବାର କିମ୍ବା ସାଙ୍ଗସାଥୀଙ୍କ ସହ ବୁଲିବାକୁ ଯାଆନ୍ତୁ ଦେଖିବେ ଟେନ୍‌ଶନ୍ ଫ୍ରି ରହିବେ ।

**ଟେନ୍‌ଶନ୍ ଫ୍ରି ରଖିବ ଯୋଗ:** ଟେନ୍‌ଶନ୍ କିମ୍ବା ଅବସାଦରେ ଥିଲେ ଏହାକୁ ଦୂର କରିବା ଲାଗି ସବୁଠୁ ଭଲ ଉପାୟ ହେଉଛି ଯୋଗ ଏବଂ ବ୍ୟାୟାମ । ତେଣୁ ଯେତେ କାମ ଥାଉନା କାହିଁକି କିଛି ସମୟ ନିଜ ପାଇଁ ବାହାର କରନ୍ତୁ । ଆଉ ଏହି ସମୟରେ ୱାକିଂ, ଏକ୍ସରସାଇଜ୍, ଯୋଗ, ପ୍ରାଣାୟାମ ଆଦି କରନ୍ତୁ । ଦେଖିବେ ଏହା ଆପଣଙ୍କୁ ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ଫିଟ୍ ରଖିବାରେ ସାହାଯ୍ୟ କରିବ । ମାନସିକ ସ୍ଥିରତା ଓ ଟେନ୍‌ଶନ୍ ଫ୍ରି ହେବା ଲାଗି ସକାଳୁ ଉଠି ଧ୍ୟାନ କରିବା ବେଶ୍ ଲାଭଦାୟକ ।





## ଆଗାମୀ ଆଶା

### ଏ ସପ୍ତାହର ପ୍ରଶ୍ନ ?

୧– ହସ୍ତିନାପୁର ୱାଇଲ୍ଡଲାଇଫ୍ ସାଙ୍କ୍‌ଚୁଆରି ............ ରାଜ୍ୟରେ ଅବସ୍ଥିତ ?
୨– ଦି ମଡେଲ୍ ୟୁଥ୍ ଗ୍ରାମ ସଭା ........... ମନ୍ତ୍ରଣାଳୟଗୁଡିକର ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଛି ?
୩– ଆଭାର ଅନ୍‌ଲାଇନ୍ ଷ୍ଟୋର ...... ପ୍ଲାଟ୍‌ଫର୍ମରେ ଶୁଭାରମ୍ଭ କରାଯାଇଛି ?
୪– ସ୍କ୍ରବ୍ ଟାଇଫସ୍ ରୋଗ ........... ବ୍ୟାକ୍ଟେରିଆ ଯୋଗୁ ହୋଇଥାଏ ?
୫– ହିଣ୍ଡନ୍ ନଦୀ ............ ନଦୀର ଉପନଦୀ ?

### ଗତ ଥରର ଉତ୍ତର

୧ ନାଗାଲାଣ୍ଡ
୨ ଇଟାଲୀ
୩ ସାଉଥ୍ କୋରିଆ
୪ ଅକ୍ଟୋବର ୩୧
୫ ଅରୁଣାଚଳ ପ୍ରଦେଶ

### ଉତ୍ତରଦାତା



କିଶୋର ଚନ୍ଦ୍ର ପାଣି, ଭୁବନେଶ୍ୱର



ପ୍ରଭଞ୍ଜନ ପଲାଇ, କଟକ



ଶିବାଶିଷ ବେହେରା, ଭୁବନେଶ୍ୱର

### ଟପ୍ ଟେନ୍ ୧୦

**ପୃଥିବୀର ସବୁଠୁ ସୁନ୍ଦରୀ ଅଭିନେତ୍ରୀ –୨୦୨୫**



୧ . ମାର୍ଗଟ୍ ରବୀ........ ଅଷ୍ଟ୍ରେଲିଆ
୨. ଶାଇଲିନ୍ ଉଡ୍‌ଲୀ........ ଆମେରିକା
୩. ଦିଲ୍‌ରାବା ଦିଲ୍‌ମୁରାଟ୍ ........ ଚାଇନା
୪. ନ୍ୟାନ୍ସୀ ମ୍ୟାକ୍‌ଡୋନୀ........ ସାଉଥ୍ କୋରିଆ
୫. କ୍ରୀତି ସାନନ୍ ........ ଭାରତ
୬. ହାନିଆ ଆମିର ........ ପାକିସ୍ତାନ
୭. ଜୁଲିଆ ବଟର୍ସ ........ ଆମେରିକା
୮. ମ୍ୟାକିନ୍ନା ଗ୍ରେସ୍ ........ ଆମେରିକା
୯. କ୍ଲୋଇ ଗ୍ରେସ୍ ମୋରେଜ୍ ........ ଆମେରିକା
୧୦. ଆରିଏଲ୍ ୱିଣ୍ଟର ........ ଆମେରିକା

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ । **ଇ-ମେଲ୍ ଠିକଣା:** dharitriagamiasha@gmail.com

## ଜାଣନ୍ତୁ ଦୁନିଆ

# ସାବୁନ୍‌ର ଇତିହାସ

**ହାତ ଧୋଇବାଠୁ ଆରମ୍ଭ କରି ଗାଧୋଇବା, ଲୁଗା ଓ ବାସନ ସଫା କରିବା ପର୍ଯ୍ୟନ୍ତ ସବୁ କାର୍ଯ୍ୟ ପାଇଁ ଭିନ୍ନ ଭିନ୍ନ ପ୍ରକାରର ସାବୁନ୍‌ର ବ୍ୟବହାର କରାଯାଇଥାଏ। ହେଲେ କେବେ ଭାବିଛନ୍ତି ଏହି ସାବୁନ୍ ସର୍ବ ପ୍ରଥମେ କେବେ ଏବଂ କ'ଣ ପାଇଁ ତିଆରି ହୋଇଥିଲା। ଜାଣନ୍ତୁ ସାବୁନ୍‌ର ଇତିହାସ...**

❖ସର୍ବପ୍ରଥମେ ଖ୍ରୀଷ୍ଟପୂର୍ବ ୨୮୦୦ ରେ ବେବିଲୋନୀୟନମାନେ କାଠର ପାଉଁଶ ଏବଂ ପଶୁଙ୍କ ଚର୍ବିକୁ ମିଶାଇ ଏହାକୁ ସିଝାଇବା ପରେ ସାବୁନ୍ ପ୍ରସ୍ତୁତ କରିଥିଲେ । ଏହାକୁ ମୁଖ୍ୟତଃ ଲୁଗାସଫା କରିବା ଲାଗି ବ୍ୟବହାର କରାଯାଉଥିଲା । ତେଣୁ ଟେକ୍ସଟାଇଲ୍ ଇଣ୍ଡଷ୍ଟ୍ରୀଗୁଡିକରେ ଏହାକୁ ମୁଖ୍ୟତଃ ବ୍ୟବହାର କରାଯାଉଥିଲା ।

❖ଖ୍ରୀଷ୍ଟପୂର୍ବ ୧୫୫୦ରେ ମିଶରୀୟମାନେ ଆନିମଲ୍ ଏବଂ ଭେଜିଟେବଲ୍ ଅଏଲ୍‌କୁ ଆଲ୍‌କାଲାଇନ୍ ସଲ୍ଟ ସହ ମିଶାଇ ଆଲର୍ଜି ଭଳି ତ୍ୱଚା ସମ୍ବନ୍ଧିତ ସମସ୍ୟା ଦୂର କରିବା ଲାଗି ସାବୁନ୍ ପ୍ରସ୍ତୁତ କରିଥିଲେ ।

❖ସେହିପରି ଖ୍ରୀଷ୍ଟପୂର୍ବ ୬୦୦ରେ ଫୋଏନିସିଆନ୍‌ମାନେ ଉଦ୍ଭିଦର ପାଉଁଶ ଏବଂ ପ୍ରାଣୀର ଚର୍ବିକୁ ମିଶାଇ ସାବୁନ୍ ପ୍ରସ୍ତୁତ କରୁଥିଲେ ଯାହାକୁ ସାଇପୋ ବୋଲି କହୁଥିଲେ । ସେହି ଶବ୍ଦରୁ ଏହାର ନାମ ସୋପ୍ ଉଦ୍ଭୃତ ହୋଇଛି ।

❖କୁହାଯାଏ ରୋମାନ ସଭ୍ୟତା ସମୟରେ ରୋମାନ ଚିକିତ୍ସକ ଗ୍ୟାଲେନ୍ ୨ୟ ଶତାବ୍ଦୀରେ ବ୍ୟକ୍ତିଗତ ସ୍ୱଚ୍ଛତା ପାଇଁ ବିଶେଷ କରି ପ୍ଲେଗ୍ ଭଳି ରୋଗରୁ ସୁରକ୍ଷା ପାଇଁ ସାବୁନ ବ୍ୟବହାର ଆରମ୍ଭ କରିଥିଲେ । ୧୮ ଏବଂ ୧୯ ଶତାବ୍ଦୀ ବେଳକୁ ୟୁରୋପର ଇସ୍‌ଲାମ୍ ସମ୍ପ୍ରଦାୟର ଲୋକମାନଙ୍କ ମଧ୍ୟରେ ସାବୁନ ବ୍ୟବହାର ବହୁମାତ୍ରାରେ ବୃଦ୍ଧିପାଇଲା, ଏମିତିକି ଅନେକ ସାବୁନ୍ ପ୍ରସ୍ତୁତି କାରଖାନା ମଧ ଖୋଲିଗଲା ।

❖ପରେ ଲିଭର ବ୍ରଦର୍ସର ସନ୍‌ଲାଇଟ୍ ସୋପ୍ ଭଳି ବ୍ରାଣ୍ଡ ଆରମ୍ଭ ହେବା ପରେ ସାବୁନ ବ୍ୟବହାର ଘରେ ଘରେ ବଢିବାରେ ଲାଗିଲା ।

❖୨୦ ଶତାବ୍ଦୀରେ ସିନ୍ଥେଟିକ୍ ଡିଟରଜେଣ୍ଟ ଉଦ୍ଭାବନ ପରେ ଏହା ପାରମ୍ପରିକ ସାବୁନ୍ ଅପେକ୍ଷା ସହଜରେ ଏବଂ କମ୍ ଖର୍ଚ୍ଚରେ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ହୋଇପାରିଲା ।

❖କ୍ରମଶଃ ସାବୁନ୍ ପ୍ରସ୍ତୁତିରେ ପରିବର୍ତ୍ତନ ଆସିଲା । ଏହାକୁ ଟ୍ୟାଲୋ ଭଳି ଆନିମଲ୍ ଫ୍ୟାଟ୍ କିମ୍ବା ଅଲିଭ୍ ଅଏଲ୍, କୋକୋନଟ୍ ଅଏଲ୍ ଭଳି ପ୍ଲାଣ୍ଟ ବେସ୍‌ଡ ଅଏଲ୍ ସହ ସୋଡିଅମ୍ ହାଇଡ୍ରୋକ୍ସାଇଡ୍ ଭଳି ଆଲ୍‌କାଲି ମିଶାଇ ପ୍ରସ୍ତୁତ କରାଗଲା ।

❖୧୮୯୮ରେ ଜନ୍ ପି. ମର୍ଫିଙ୍କ କମ୍ପାନୀ ପକ୍ଷରୁ ପ୍ରଥମ ଥର ପାଇଁ ଲିକ୍ୱିଡ୍ ସୋପ୍ ପ୍ରସ୍ତୁତ କରାଯାଇଥିଲା । ହେଲେ ୧୯୩୦ ପରେ ଏହା ଅଧିକ ମାତ୍ରାରେ ବ୍ୟବହାର କରାଗଲା ।




## ଯୁବ ପ୍ରତିଭା

# ଚିତ୍ରକଳା ହେଉଛି ସମାଜ ପାଇଁ ଦର୍ପଣ ସଦୃଶ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ୍ ସଂସାରଫଳ ଗ୍ରାମର ମା' ସରୋଜିନୀ ଏବଂ ବାପା ଶ୍ରୀଧର ଦାସଙ୍କ ବଡ଼ ପୁଅ ଶ୍ରୀକାନ୍ତ ଦାସ । ନିଜ ରାଜ୍ୟ ବ୍ୟତୀତ ଦିଲ୍ଲୀ, ଆସାମ, ମେଘାଳୟ ସମେତ ଭାରତର ବିଭିନ୍ନ ସ୍ଥାନରେ ଆୟୋଜିତ ଜାତୀୟ ଓ ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ଭାଗ ନେଇ ଜଣେ ଚିତ୍ରଶିଳ୍ପୀ ଭାବେ ସେ ନିଜର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇ ପାରିଛନ୍ତି ।

ପିଲାଟି ଦିନରୁ ଗାଁ, ପୋଖରୀ, ବିଲ ବାଡି, ଧାନ କ୍ଷେତ, ଗଛଲତା, ଦିଗନ୍ତବିସ୍ତାରୀ ନୀଳ ଆକାଶରେ ଉଡିଯାଉଥିବା ରଙ୍ଗ ବେରଙ୍ଗ ପକ୍ଷୀଙ୍କ ଦୃଶ୍ୟ ତାଙ୍କୁ ଆନମନା କରୁଥିଲା । ଏହାକୁ ସେ କାଗଜରେ ଆଙ୍କିବାକୁ ଚେଷ୍ଟା କରଥିଲେ, ଆଉ ଭବିଷ୍ୟତରେ ଜଣେ ଚିତ୍ରକର ହେବାକୁ ସ୍ୱପ୍ନ ଦେଖୁଥିଲେ । କଳା ପ୍ରତି ଆଗ୍ରହ ଥିବାରୁ ସେ ମାଟ୍ରିକ ପଢ଼ିବା ପରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ବିଭୂତି କାନୁନ୍‌ଗୋ ଆର୍ଟ ଆଣ୍ଡ କ୍ରାଫ୍ଟ ମହାବିଦ୍ୟାଳୟରେ ସ୍ନାତକ ପଢ଼ା ସମାପ୍ତ କଲେ । ସେବେଠୁ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି । ପିଲାବେଳୁ ଜଣେ ଚିତ୍ରଶିଳ୍ପୀ ହେବା ସ୍ୱପ୍ନ ତାଙ୍କର ଏବେ ସାକାର ହୋଇଛି । ସେ ବିଭିନ୍ନ ସ୍ଥାନରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀରେ ଭାଗ ନେଇ ପୁରସ୍କୃତ ଓ ପ୍ରଶଂସିତ ହୋଇଛନ୍ତି । ବର୍ତ୍ତମାନ ସେ ସ୍କୁଲ୍, କଲେଜ୍ ଏବଂ ବିଭିନ୍ନ ସ୍ଥାନରେ ଆୟୋଜିତ ସୁରଭି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ବିଚାରକ ଭାବେ ଯୋଗ ଦେଉଛନ୍ତି । ବିଶ୍ୱ ପ୍ରସିଦ୍ଧ କୁମ୍ଭୀର ଅଭୟାରଣ୍ୟ ଭିତରକନିକା ଏବଂ ଗହୀରମଥାର ୫୦ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀରେ ଭାଗନେଇଥିଲେ । ଭିତରକନିକାର ହେନ୍ତାଳ ବଣ, ଏଠାରେ ଥିବା ଆର୍ଦ୍ରଭୂମିକୁ ଆସୁଥିବା ବିଦେଶାଗତ ରଙ୍ଗ ବେରଙ୍ଗ ପକ୍ଷୀ, ବିଶ୍ୱର ସର୍ବବୃହତ୍ତମ ବଉଳାକୁମ୍ଭୀର ସହାବସ୍ଥାନ, ଗହୀରମଥାକୁ ଆସୁଥିବା ଅଲିଭ ରିଡ୍‌ଲେ କଇଁଛଙ୍କ ଜୀନଶୈଳୀ ଉପରେ ନିଜ ରଙ୍ଗ ତୂଳୀରେ ଚିତ୍ର ଆଙ୍କି ରାଜନଗର ବନବିଭାଗ ପକ୍ଷରୁ ପୁରସ୍କୃତ ହୋଇଛନ୍ତି । ଭିତରକନିକା ଜାତୀୟ ଉଦ୍ୟାନ ପରିସରରେ ଜାତୀୟସ୍ତରୀୟ ଆର୍ଦ୍ରଭୂମି ଦିବସ ପାଳନ ଅବସରରେ ଶ୍ରୀକାନ୍ତଙ୍କର କଳାକୃତିକୁ ସମ୍ମାନ ଜଣାଇ ଭାରତ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ସଚିବ ଡ. ଅନୁ ମଲ୍ଲିକ ତାଙ୍କୁ ପୁରସ୍କୃତ କରିଥିଲେ । ଏହା ବ୍ୟତୀତ ତାଙ୍କୁ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରକୃତି ବନ୍ଧୁ ପୁରସ୍କାର, ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ୨୦୦୭ରେ ରାଜ୍ୟ ପୁରସ୍କାର, ୨୦୧୪ରେ ଆସାମ ଓ ମେଘାଳୟ ସରକାରଙ୍କ ପକ୍ଷରୁ ଜାତୀୟ ପୁରସ୍କାର ସହିତ ଅନେକ ପୁରସ୍କାର ମିଳିଛି । ଶ୍ରୀକାନ୍ତ କୁହନ୍ତି, ମହାପ୍ରଭୁଙ୍କ ରଥଯାତ୍ରା ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଚିତ୍ରକଳା ଶିବିରରେ ଅଂଶଗ୍ରହଣ କରି ଦାରୁବ୍ରହ୍ମଙ୍କ ଚିତ୍ର ଆଙ୍କି ପୁରସ୍କୃତ ହେବା ମୋ ପାଇଁ ସୌଭାଗ୍ୟର କଥା । ମୋ ମତରେ ଚିତ୍ରକଳା ହେଉଛି ସମାଜ ପାଇଁ ଦର୍ପଣ ସଦୃଶ । ଏହାକୁ ନେଇ ପ୍ରକୃତି ଓ ପରିବେଶର ସୁରକ୍ଷା ପାଇଁ ଜନସାଧାରଣଙ୍କୁ ସଚେତନ କରାଇବା ସହଜ । ତେଣୁ ଆଗାମୀ ଯୁବପିଢ଼ି ଏଥିପାଇଁ ଆଗଭର ହେବା ଉଚିତ ।





**– ଭାସ୍କର ରାଉତରାୟ**

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ